

ରୀତାବ୍ରତଙ୍କ ନିକଟରେ ମମତା ଫିକା
ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 72 ଭାଗ ୩୪ | ସଂଖ୍ୟା ୭୨ | Wednesday 3 June 2026 | Page 8 Rs. 5.00 | ଭୁବନେଶ୍ୱର ବୁଧବାର, ୩ ଜୁନ୍ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଚଳିତ ଶିକ୍ଷାବର୍ଷରୁ ବୈଷୟିକ ପାଠ୍ୟକ୍ରମରେ ବର୍ଦ୍ଧିତ ସଂରକ୍ଷଣ

# ପଛୁଆ ବର୍ଗଙ୍କୁ ନ୍ୟାୟ ଦେଲେ ମୋହନ

**ମେଡିକାଲ, ଇଞ୍ଜିନିୟରିଂରେ ଏସସି, ଏସଟିଙ୍କୁ ଦୁଇ ଗୁଣା ସଂରକ୍ଷଣ**

**ପ୍ରଥମ ଥର ପାଇଁ ଏସଇବିସିଙ୍କୁ ମିଳିବ ୧୧.୨୫ ପ୍ରତିଶତ ସଂରକ୍ଷଣ**

**ଗତ ଏପ୍ରିଲ ୪ କ୍ୟାବିନେଟ ବୈଠକରେ ହୋଇଥିଲା ନିଷ୍ପତ୍ତି**

**ଏସସି,ଏସଟି, ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ସ୍ମାରକପତ୍ର ଜାରି**

ଭୁବନେଶ୍ୱର, ୨।୬(ସଂଚାର ବ୍ୟୁରୋ)ଃ ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରୁ ଇଞ୍ଜିନିୟରିଂ ଓ ମେଡିକାଲ୍ ଆଦି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତି କାର୍ଯ୍ୟକାରୀ ହେବ। ଆଜି ଏ ସମ୍ପର୍କରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ବିଧିବଦ୍ଧ ମେମୋରାଣ୍ଡମ୍ ବା ସ୍ମାରକ ପ୍ରକାଶ ପାଇଛି।

ଗତ ଏପ୍ରିଲ୍ ୪ ତାରିଖରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା ଏବଂ କ୍ୟାବିନେଟ୍‌ର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ଏହାର ତୁରନ୍ତ କାର୍ଯ୍ୟାନ୍ୱୟନ ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଶିକ୍ଷା କ୍ଷେତ୍ରରେ



ନ୍ୟାୟ ପ୍ରଦାନ ପାଇଁ ପୂର୍ବରୁ ଅନେକ ଉଦ୍ୟମ ଓ ସଂଘର୍ଷ ହୋଇଥିଲେ ମଧ୍ୟ ଏହା ସଫଳ ହୋଇନଥିଲା। ନୂଆ ସରକାର ଆସିବା ପରେ ମାତ୍ର ୨ ବର୍ଷ ଭିତରେ ସରକାର ସେମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ସଫଳ ହୋଇଛନ୍ତି। ଓଡିଶାରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୨୨.୮୫ ପ୍ରତିଶତ, ଅନୁସୂଚିତ ଜାତିଙ୍କ ସଂଖ୍ୟା ୧୭.୧୩ ପ୍ରତିଶତ। ଶିକ୍ଷାଗତ ଓ ସାମାଜିକ ପଛୁଆ ବର୍ଗଙ୍କ ସଂଖ୍ୟା ଜଣାନଥିଲେ ମଧ୍ୟ ଏହା ଯଥେଷ୍ଟ ଅଧିକ। ନିଯୁକ୍ତି ଏବଂ ବିଏ, ବିକମ, ବିଏସସି ଭଳି ସାଧାରଣ ଉଚ୍ଚଶିକ୍ଷାରେ ଏହି ସବୁ ବର୍ଗର ପିଲାମାନଙ୍କ ପାଇଁ ସମାନୁପାତିକ ସଂରକ୍ଷଣ ରହିଛି। ଏଥିରେ ଅନୁସୂଚିତ ଜନଜାତିଙ୍କ ପାଇଁ ୨୨.୫୦ ପ୍ରତିଶତ, ଅନୁସୂଚିତ ଜାତି ପିଲାଙ୍କ ପାଇଁ ୧୬.୨୫ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ୧୧.୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ତେବେ, ଇଞ୍ଜିନିୟରିଂ ଓ ମେଡିକାଲ ପରି ବୈଷୟିକ ଶିକ୍ଷାରେ ଅନୁସୂଚିତ ଜନଜାତିଙ୍କ ପାଇଁ ମାତ୍ର ୧୨ ପ୍ରତିଶତ, ଅନୁସୂଚିତ ଜାତି ପିଲାଙ୍କ ପାଇଁ ୮ ପ୍ରତିଶତ ଏବଂ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ନଥିଲା।

ଯଦି ଶିକ୍ଷାରେ ସଂରକ୍ଷଣ ବ୍ୟବସ୍ଥା ନରହୁଛି, ବା କମ୍ ରହୁଛି, ତେବେ ନିଯୁକ୍ତି କ୍ଷେତ୍ରରେ ➪ପୃଷ୍ଠା-୬

### ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି

# ଯୋଗଦେବେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ



**୨୦ରେ ରାଇରଙ୍ଗପୁରରେ ସାଧାରଣ ସଭା**


**ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ**

ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ)ଃ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମାନ୍ୟବର ରାଷ୍ଟ୍ରପତି ଓ ମାନ୍ୟବର ପ୍ରଧାନମନ୍ତ୍ରୀ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ସଭାରେ ଯୋଗଦେଉଥିବା ସାଧାରଣ ଲୋକଙ୍କ ପାଇଁ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେହେତୁ ➪ପୃଷ୍ଠା-୬

## ପୁଣି ବଢ଼ିଲା ବସ୍ ଭଡ଼ା

ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ)ଃ ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ସହ ତାଳ ଦେଇ ବଢୁଛି ବସ ଭଡ଼ା। ଡିଜେଲ ଦର ବଢ଼ିବା ପରେ ଘରୋଇ ବସ ମାଲିକ ସଂଘ ଭଡ଼ା ବଢାଇବାକୁ ୧୦ ତାରିଖ ପର୍ଯ୍ୟନ୍ତ ସରକାରଙ୍କୁ ଅଲଟିମେଟମ ଦେଇଥିଲେ। ତେବେ ତା ପୂର୍ବରୁ ସରକାର ଭଡା ବଢାଇଛନ୍ତି। ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିମି ପିଛା ୨ ପଇସା ବଢ଼ିଲା। ସାଧାରଣ ବସ୍ ଭଡ଼ା କିମି ପିଛା ୯୦ ପଇସାରୁ ୯୨ ପଇସାକୁ ବୃଦ୍ଧି ହୋଇଛି। ସେହିପରି ଏକ୍ସପ୍ରେସ୍ ବସ୍ ଭଡ଼ା କିମି ପିଛା ୯୪ ପଇସାରୁ ୯୬ ପଇସାକୁ ବୃଦ୍ଧି ହୋଇଛି। ଡିଲକ୍ସ ଓ ଏସି ଡିଲକ୍ସ ବସ ଭଡା ୪ ପଇସା ବଢ଼ିଛି। ଡିଲକ୍ସ ବସ ଭଡ଼ା କିଲୋମିଟର ମିଛି ୧୩୧ ପଇସାରୁ ୧୩୫ ପଇସାକୁ ବୃଦ୍ଧି ହୋଇଛି। ଏସି ଡିଲକ୍ସ ବସ୍ ଭଡ଼ା ୧ଟଙ୍କା ୫୯ପଇସାରୁ ବଢ଼ି ୧ଟଙ୍କା ୬୩ ପଇସା ହୋଇଛି। ସୁପର ଡିଲକ୍ସ ବସ ଭଡ଼ା ୬ ପଇସା ବଢ଼ି ୨ଟଙ୍କା ୪୭ ପଇସାରୁ ୨ଟଙ୍କା ୫୩ ପଇସା ହୋଇଛି। ତେଲ ଦର ବୃଦ୍ଧିକୁ ଦୃଷ୍ଟିରେ ରଖି ଦ୍ୱିତୀୟ ଥର ପାଇଁ ରାଜ୍ୟରେ ବସ୍ ଭଡ଼ା ବଢ଼ାଇଛନ୍ତି ସରକାର। ଦୁଇଦିନ ତଳେ ଭଡ଼ା ବୃଦ୍ଧି ପାଇଁ ଦାବି କରିଥିଲେ ଘରୋଇ ବସ୍ ମାଲିକ ସଂଘ। ଭଡ଼ା ବୃଦ୍ଧି ନକଲେ ୧୧ରୁ ବସ ବନ୍ଦ କରିବାକୁ ଚେତାବନୀ ଦେଇଥିଲେ। ତୈଳ ଦର ବୃଦ୍ଧି ପାଇବା ପରେ ହିଁ ୨୪ ଘଣ୍ଟା ଭିତରେ ରାଜ୍ୟରେ ଘରୋଇ ବସ୍ ଭଡ଼ା ବୃଦ୍ଧି ପାଇଥିଲା। ଏବେ ପୁଣି ଆଉ ଥରେ ବୃଦ୍ଧି ପାଇବା ପରେ ଯାତ୍ରୀଙ୍କ ପକେଟକୁ ଝଟକା ଲାଗିବ।

## ଦୁଇ ବସ୍ ମୁହାଁମୁହିଁ ଧକ୍କା, ୭ ଜୀବନ୍ତ ଦଗ୍ଧ



ଗାନ୍ଧୀନଗର, ୨।୬ଃ ଗୁଜୁରାଟର ସୁରତ ଜିଲ୍ଲା ବାରଡୋଲି ନିକଟରେ ଦୁଇଟି ବସ୍ ମୁହାଁମୁହିଁ ଧକ୍କା ହେବାରୁ ବସ୍‌ରେ ନିଆଁ ଲାଗି ୭ ଜଣଙ୍କ ମୃତ୍ୟୁ ହୋଇଛି। ତେବେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ଦୁର୍ଘଟଣା ପାଇଁ ଦୁଃଖ ପ୍ରକାଶ କରିଛନ୍ତି। ଗୁଜୁରାଟ ରାଜ୍ୟ ପରିବହନ ବିଭାଗର ଏକ ବସ୍ ମହାରାଷ୍ଟ୍ର ରାଜ୍ୟ ପରିବହନ ବସ୍ ସହିତ ମୁହାଁମୁହିଁ ଧକ୍କା ହୋଇଛି। ପ୍ରଭାବ ଏତେ ➪ପୃଷ୍ଠା-୬

# ୨୧ ଜିଲ୍ଲାରେ କାଳବୈଶାଖୀ ବର୍ଷା



**କେନ୍ଦୁଝର, ମୟୂରଭଞ୍ଜକୁ ଅରେଞ୍ଜ ଆଲର୍ଟ**

**ଅତିଷ୍ଠ କରୁଛି ଦିନର ତାତି**

ଭୁବନେଶ୍ୱର, ୨।୬(ସଂଚାର ବ୍ୟୁରୋ)ଃ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ମୌସୁମୀ କେରଳ ଛୁଇଁବାକୁ ନେଇ ପଦ୍ମ ଘୁଞ୍ଚିଯିବା ଅବସ୍ଥା ସୃଷ୍ଟିହୋଇଛି। ଦିନବେଳା ପ୍ରବଳ ତାତି ଅନୁଭୂତ ହେଉଛି। ପୂର୍ବାହ୍ନ ୧୧ଟା ସୁଦ୍ଧା ଲୋକମାନେ ଘର ଭିତରେ ରହିବାକୁ ପସନ୍ଦ କରୁଛନ୍ତି। ତେବେ ଅହରାହ୍ନ ବେଳକୁ ସ୍ଥିତି ବଦଳି ଯାଉଛି। ଭୟଙ୍କର କାଳବୈଶାଖୀ ମାଡ଼ିଆସୁଛି। ଆଉ ନିମିଷକ ମଧ୍ୟରେ ପରିସ୍ଥିତି ଉଜାଡ଼ି ଦେଇଯାଉଛି। ତା'ପରେ ଯଥା ପୂର୍ବଂ ତଥା ପରଂ। ଗରମରୁ ତ୍ରାହି ମିଳିବା ତ ଦୂରର କଥା କାଳବୈଶାଖୀ ଜନିତ ବିଦ୍ୟୁତକାଟ୍ ଜନଜୀବନକୁ ବ୍ୟତିବ୍ୟସ୍ତ କରିପକାଉଛି। ରାଜ୍ୟରେ ଏହି ପରିସ୍ଥିତି ଆହୁରି କିଛିଦିନ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ବୁଧବାର ପାଇଁ ପଶ୍ଚିମ ଓଡ଼ିଶାର ଅନେକ ଜିଲ୍ଲାକୁ ହିଟ ୱେଭ୍ ଆଲର୍ଟ ଜାରି ହୋଇଛି। ସୁନ୍ଦରଗଡ଼, ଝାରସୁଗୁଡା, ସମ୍ବଲପୁର, ଅନୁଗୁଳ, ଢେଙ୍କାନାଳ, ବରଗଡ଼, ➪ପୃଷ୍ଠା-୬

### ସିବିଏସଇ ମାମଲାରେ ସରକାରଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ

# ବିଦା ହେଲେ ଅଧ୍ୟକ୍ଷ ଓ ସଚିବ



**ତଦନ୍ତ ପାଇଁ ଗଠନ ହେଲା କମିଟି**

ନୂଆଦିଲ୍ଲୀ ୨।୬ଃ ସିବିଏସଇ ଦ୍ୱାଦଶ ଫଳାଫଳ ପରେ ଛାତ୍ରମାନଙ୍କ ଉତ୍ତର ଖାତାରେ ହେରଫେର ଏବଂ ମାର୍କ ହ୍ରାସକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ, କେନ୍ଦ୍ର ସରକାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ସିବିଏସଇର ଅଧ୍ୟକ୍ଷ ଏବଂ ସଚିବଙ୍କୁ ବଦଳି କରିଛି। ଏହା ସହିତ ସିବିଏସଇର ଅନ୍-ସ୍କ୍ରିନ୍ ମାର୍କିଂ (ଓଏସଏମ) ସେବା କ୍ରୟ ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଛି। ବରିଷ୍ଠ ଆଇଏଏସ୍ ଅଧିକାରୀ ପ୍ରଶାନ୍ତ ସୀତାରାମ ଲୋଖଣ୍ଡେଙ୍କୁ ସିବିଏସଇର ନୂଆ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି। ସେହିଭଳି ବରିଷ୍ଠ ପ୍ରଶାସନିକ ଅଧିକାରୀ ବରୁଣ ଭରଦ୍ୱାଜଙ୍କୁ ବୋର୍ଡର ନୂଆ ସଚିବ ଦାୟିତ୍ୱ ମିଳିଛି। ସିବିଏସଇ ଅଧ୍ୟକ୍ଷ ଭାବେ ରାହୁଲ ସିଂହ ବୋର୍ଡର ସମସ୍ତ କାର୍ଯ୍ୟ ଏବଂ ପରୀକ୍ଷା ସଂସ୍କାରର ଦାୟିତ୍ୱ ତୁଲାଉଥିଲେ। ସିବିଏସଇ ସଚିବ ଭାବରେ ହିମାଂଶୁ ଗୁପ୍ତା ପ୍ରଶାସନ, ଅର୍ଥ ଏବଂ ଆଫିଲିଏସନ ବିଭାଗର ଦାୟିତ୍ୱ ସମ୍ଭାଳୁଥିଲେ। ସରକାରୀ ସୂତ୍ର ଅନୁଯାୟୀ, ଏହି ପଦକ୍ଷେପ ସିବିଏସଇ ଉତ୍ତରପତ୍ର ମୂଲ୍ୟାଙ୍କନ ପ୍ରକ୍ରିୟା ଏବଂ ଫଳାଫଳ ପରବର୍ତ୍ତୀ ସେବା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଥିବା ଏକ ବିବାଦ ପରେ ନିଆଯାଇଛି। ଛାତ୍ର, ଅଭିଭାବକ ଏବଂ ଶିକ୍ଷକଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖାଦେଇଥିଲା। ଏସ. ରାଧା ଚୌହାନଙ୍କ ଅଧ୍ୟକ୍ଷତାରେ ଏହି ଘଟଣାର ତଦନ୍ତ ପାଇଁ ସରକାର ଜଣିକିଆ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଛନ୍ତି। ଏହି କମିଟି ଓଏସଏମ ସେବା ପାଇଁ କ୍ରୟ ପ୍ରକ୍ରିୟାର ବିସ୍ତୃତ ତଦନ୍ତ କରିବ ଏବଂ ଖୁବ୍ ଶୀଘ୍ର ସରକାରଙ୍କୁ ➪ପୃଷ୍ଠା-୬

### ଓଡ଼ିଶା ବନ୍ୟପ୍ରାଣୀ ସଂରକ୍ଷଣର ଗୌରବମୟ ଅଧ୍ୟାୟ

# ମା' ହେଲା ଜିନ୍ନତ



**୪ ଛୁଆଙ୍କୁ ଦେଇଛି ଜନ୍ମ**

ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ)ଃ ଶିମିଳିପାଳ ଅଭୟାରଣ୍ୟରେ ପୁଣି ଆନନ୍ଦର ପରିବେଶ ସୃଷ୍ଟି ହୋଇଛି। ବାଘୁଣୀ ଜିନ୍ନତ ମାଆ ହୋଇଛି। ମେ' ୨୮ ତାରିଖରେ ସେ ୪ଟି ଛୁଆକୁ ଜନ୍ମ ଦେଇଛି, ଯାହା ବନ୍ୟଜୀବ ପ୍ରେମୀ ଓ ବନ ବିଭାଗ ପାଇଁ ଏକ ବଡ଼ ସଫଳତା ଭାବେ ଗଣାଯାଉଛି। ସୂଚନା ଅନୁସାରେ, ବାଘୁଣୀ ଜିନ୍ନତକୁ ୨୦୨୪ ନଭେମ୍ବର ମାସରେ ମହାରାଷ୍ଟ୍ରର ତଡ଼ବା- ଅନ୍ଧାରି ଅଭୟାରଣ୍ୟରୁ ଆଣି ଶିମିଳିପାଳରେ ଛଡ଼ାଯାଇଥିଲା। ସେଠାରୁ ତା'ର ଗତିବିଧି ଉପରେ ବନ ବିଭାଗ ନିରନ୍ତର ନଜର ରଖୁଥିଲା। ଏବେ ସେ ସଫଳତାର ସହିତ ମାଆ ହେବା ପରେ ଶିମିଳିପାଳର ବାଘ ସଂରକ୍ଷଣ ଯୋଜନାକୁ ନୂଆ ଆଶା ମିଳିଛି। ବନ ବିଭାଗ ଅଧିକାରୀମାନେ ଏହି ଘଟଣାକୁ ଏକ ଐତିହାସିକ ସଫଳତା ଭାବେ ଦେଖୁଛନ୍ତି। ଜିନ୍ନତ ଏବଂ ତା'ର ୪ ଛୁଆଙ୍କ ସୁରକ୍ଷା ପାଇଁ ବିଶେଷ ସୁରକ୍ଷା ବ୍ୟବସ୍ଥା ନିଆଯାଇଛି। ➪ପୃଷ୍ଠା-୬

# ରୁଦ୍ରମ୍-୨ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



ନୂଆଦିଲ୍ଲୀ, ୨।୬ଃ ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ବାୟୁସେନା ପକ୍ଷରୁ ମଙ୍ଗଳବାର ଚାନ୍ଦିପୁରର ସ୍ଥିତ ସମନ୍ୱିତ ପରୀକ୍ଷା କେନ୍ଦ୍ରରୁ ଆକାଶରୁ ଭୂପୃଷ୍ଠ ଲକ୍ଷ୍ୟଭେଦ କରିପାରୁଥିବା କ୍ଷେପଣାସ୍ତ୍ର 'ରୁଦ୍ରମ୍-୨' ର ସଫଳ ପରୀକ୍ଷା କରାଯାଇଛି। ସମସ୍ତ ଉପ-ପ୍ରଣାଳୀର ସାମର୍ଥ୍ୟ ପ୍ରତିଷ୍ଠା କରୁଥିବା କଠିନ ଗତିପଥ ସହିତ ଅତ୍ୟଧିକ ମୁକ୍ତ ପରିସ୍ଥିତିରେ ପରୀକ୍ଷଣ କରାଯାଇଥିଲା। ନିକ୍ଷେପ ହେବା ପରେ କ୍ଷେପଣାସ୍ତ୍ର ଏକ ପୂର୍ବନିର୍ଦ୍ଧାରିତ ଲକ୍ଷ୍ୟ ଆଡ଼କୁ ସଠିକ୍ ଭାବେ ଗତି କରିଥିବା ଡିଆରଡିଓ କହିଛି। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପରୀକ୍ଷାଗାର, ଉଚ୍ଚ ଶକ୍ତି ସାମଗ୍ରୀ ଗବେଷଣା ପରୀକ୍ଷାଗାର, ଅସ୍ତ୍ରଶସ୍ତ୍ର ଗବେଷଣା ଏବଂ ବିକାଶ ପ୍ରତିଷ୍ଠାନ ଏବଂ ଆଇଟିଆର୍ ଭଳି ଅନ୍ୟ ସହଯୋଗୀ ପରୀକ୍ଷାଗାରମାନଙ୍କ ସହଯୋଗରେ ରୁଦ୍ରମ୍-୨କୁ ହାଇଦ୍ରାବାଦର ଗବେଷଣା କେନ୍ଦ୍ର ଇମାରତ୍ ଦ୍ୱାରା ନୋଡାଲ ଡିଆରଡିଓ ପରୀକ୍ଷାଗାର ସହଯୋଗରେ ସ୍ୱଦେଶୀ ଭାବେ ବିକଶିତ କରାଯାଇଛି। ଡେଭଲପମେଣ୍ଟ ପ୍ରଡକ୍ସନ୍ ପାର୍ଟନର୍ସ (ଡିସିପିପି) ସହିତ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍, ରିଜିଓନାଲ ସେଣ୍ଟର ଫର୍ ମିଲିଟାରୀ ଏୟାରୱର୍ଦିନେସ, ମିସାଇଲ୍ ସିଷ୍ଟମ୍ କ୍ୱାଲିଟି ଆସ୍ୟୁରାନ୍ସ ଏଜେନ୍ସି ➪ପୃଷ୍ଠା-୬


# ସାଂସଦଙ୍କୁ ପାଠ ପଢାଇଲେ କର୍ମୀ



**ଅପରାଜିତାଙ୍କ ବିବୃତିକୁ ନେଇ ବିଜେପିରେ ଝଡ଼**

ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ)ଃ ବିଜେପି ସାଂସଦ ଅପରାଜିତା ଷଡଙ୍ଗୀଙ୍କ ଏକ ରାଜନୈତିକ ବିବୃତିକୁ ନେଇ ଏବେ ଖୋଦ ତାଙ୍କରି ଦଳ ମଧ୍ୟରୁ ବିରୋଧର ସ୍ୱର ଉଠୁଛି। ସାଂସଦ କେଉଁ ଆଧାରରେ କହିଛନ୍ତି ଯେ, ଗତ ୨୦୨୪ ସାଧାରଣ ନିର୍ବାଚନମଣ୍ଡଳୀରେ ମଧ୍ୟ-ଭୁବନେଶ୍ୱର କ୍ଷେତ୍ରରେ ଦଳ ଦୁର୍ବଳ ହୋଇଛି, ସେନେଇ ସୋସିଆଲ ମିଡିଆରେ ଟ୍ରୋଲ ହେଉଛନ୍ତି ଅପରାଜିତା। ଏଥିସହିତ ଅପରାଜିତାଙ୍କୁ ଗତ ନିର୍ବାଚନର ହିସାବ ଦେଇ କର୍ମୀଙ୍କୁ ତାଙ୍କୁ ଗଣିତ ପଢାଇଛନ୍ତି। ଗତ ସାଧାରଣ ନିର୍ବାଚନରେ ଭୁବନେଶ୍ୱର ଲୋକସଭା ଆସନ ଅନ୍ତର୍ଗତ ୭ଟି ବିଧାନସଭା କ୍ଷେତ୍ର ମଧ୍ୟରୁ ସବୁଠି ବିଜେପିର ସଂଗଠନ ମଜବୁତ ଥିବା ବେଳେ ମଧ୍ୟ-ଭୁବନେଶ୍ୱରରେ ଦଳ ଟିକେ ଦୁର୍ବଳ ରହିଛି ଓ ଏହାକୁ ସୁଧାରିବାକୁ ଚେଷ୍ଟା କରାଯିବ ବୋଲି ନିକଟରେ ସାଂସଦ ➪ପୃଷ୍ଠା-୬

# ବିଜେଡିକୁ ପୁଣି ଗୋଡ଼ାଇଲାଣି ଧର୍ମେନ୍ଦ୍ର ଭୂତ




**ବିଳମ୍ବରେ ମନେ ପଡିଲା ପ୍ରଶ୍ନପତ୍ର କଥା**

**ବିରୋଧୀଙ୍କ ସ୍ୱରରେ ମିଶାଇଲା ସ୍ୱର**

ଭୁବନେଶ୍ୱର, ୨।୬(ସଂଚାର ବ୍ୟୁରୋଃରାଜ୍ୟ ବିଜେଡିକୁ ପୁଣିଥରେ ଧର୍ମେନ୍ଦ୍ର ଭୂତ ଗୋଡାଇବା ଆରମ୍ଭ କରିଛି। ସେଥିପାଇଁ ବିଳମ୍ବରେ ହେଲେ ବି ଆଜି ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି କରାଯାଇଛି। ତେବେ ଉଭୟ କେନ୍ଦ୍ର ଓ ରାଜ୍ୟରେ ମନ୍ତ୍ରୀମଣ୍ଡଳ ଚର୍ଚ୍ଚା ଜୋର ଧରିଥିବାବେଳେ ବିଜେଡିର ଏଭଳି ଆଭିମୁଖ୍ୟ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ସୁପ୍ରିମକୋର୍ଟ ନିଜର ରାୟ ଦେଇଥିବାବେଳେ ଏଭଳି ଅନିୟମିତତାକୁ ରୋକିବାପାଇଁ ପ୍ରଶ୍ନପତ୍ରକୁ କଡା ସୁରକ୍ଷା ବଳରେ ଭାରତୀୟ ବାୟୁସେନା ବିମାନରେ ପରିବହନ କରାଯିବ ବୋଲି କୁହାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦପ୍ତର ଏହି ଘଟଣାରେ ହସ୍ତକ୍ଷେପ କରିଛି। ଏହି ମାମଲାରେ ଏକାଧିକ ବ୍ୟକ୍ତି ଗିରଫ ହୋଇଥିବାବେଳେ ସିବିଆଇ ତାହାର ତଦନ୍ତ ଜାରି ରଖିଛି। ଖୋଦ୍ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏହା ଉପରେ ଏକାଧିକ ସ୍ପଷ୍ଟୀକରଣ ଦେଇ ସାରିଛନ୍ତି।

ତେବେ ହଠାତ୍ ବିଜେଡି ସାମ୍ବାଦିକ ସମ୍ମିଳନୀ କରି ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି କରିବା ଏବେ ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ରାଜ୍ୟରେ ଧର୍ମେନ୍ଦ୍ରଙ୍କ ବିରୋଧିମାନେ ସିଧାସଳଖ ନହେଲେ ବି ସୋସିଆଲ ମିଡିଆରେ ତାଙ୍କୁ ବଦନାମ କରିବା ସହିତ ତାଙ୍କ ଇସ୍ତଫା ଦାବି ଚଳାଇଛନ୍ତି ନିର୍ଦ୍ଦିଷ୍ଟ କିଛି ଗୋଷ୍ଠୀ। ଏହାକୁ ନେଇ ରାଜ୍ୟ ରାଜନୀତି ସରଗରମ ଥିବାବେଳେ ଏହା ଭିତରକୁ ହଠାତ୍ ବିଜେଡି କୁଦା ମାରିଛି। ସବୁଠାରୁ ବଡ କଥା ହେଉଛି ସାମ୍ବାଦିକ ସମ୍ମିଳନୀରେ ବିଜେଡି କେବଳ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି କରିଥିବାବେଳେ ଅନ୍ୟ କାହାରି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିନାହାଁ। ଏପରିକି ➪ପୃଷ୍ଠା-୬


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

### ଗୌରାଙ୍ଗ ଅପହରଣ ଆକ୍ରମଣ ଘଟଣା

## ଏସ୍‌ପି ଓ ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ



ଆଳି,୨।୬ (ସଂଚାର ବ୍ୟୁରୋ): ଆଳି ଥାନା ଅନ୍ତର୍ଗତ ମହାଦେଇ ପାଟଣା ଗ୍ରାମର ଅରୁଣ ସେଠୀଙ୍କ ପୁଅ ଗୌରାଙ୍ଗ ସେଠୀଙ୍କୁ କିଛି ବ୍ୟକ୍ତି ହାତ ଗୋଡ଼ ବାନ୍ଧି ମାଡ଼ ମାରି ଅପହରଣ କରିବା ଘଟଣାରେ ଏସପି ଓ ସାଇଣ୍ଟିଫିକ୍ ଟିମ୍ ୩ଟି ସ୍ଥାନରେ ତଦନ୍ତ ଆରମ୍ଭ କରିଛନ୍ତି । ଛଅଦିନ ବିତି ଯାଇଥିବା ପରେ ମଧ୍ୟ ପୋଲିସ ହାତ ଖାଲି ରହିଛି।ନା ଆକ୍ରମଣ କରିଥିବା ଯୁବକଙ୍କୁ ଗିରଫ କରିଛି ନା ଗୌରାଙ୍ଗଙ୍କୁ ଉଦ୍ଧାର କରିପାରିଛି।ସବୁଠୁ ବଡ଼ କଥା ହେଲା ଗୌରାଙ୍ଗ କିପରି ରହିଛନ୍ତି ଯାହାକି ପରିବାର ଚିନ୍ତା ବଢ଼ାଇଛି। ଏହି ଘଟଣା ପରେ ଗୌରାଙ୍ଗଙ୍କ ହାତ ଗୋଡ଼ ବାନ୍ଧି ୬ ଜଣରୁ ଉର୍ଦ୍ଧ ବ୍ୟକ୍ତି ନିସୁକ ମାଡ଼ ମାରି ଥିବା ଭିଡ଼ିଓ ଭାଇରାଲ ହେଉଛି। ପୋଲିସ ଅନ୍ଧାରରେ ବାଡ଼ି ବୁଲାଉଥିବା ଅଭିଯୋଗ ହୋଉଛି। ଅନ୍ୟପଟେ ଜଗତସିଂହପୁର ଏସପି ଅଙ୍କିତ ବର୍ମା କେନ୍ଦ୍ରାପଡ଼ା ଦାୟିତ୍ୱରେ ଥିବାବେଳେ କହିଛନ୍ତି ଆକ୍ରମଣ କାରି ଚିହ୍ନଟ ହୋଇ ସାରିଛନ୍ତି ଖୁବଶୀଘ୍ର ଗିରଫ ହେବେ।

# କେନ୍ଦ୍ରାପଡ଼ା କେନାଲ ପାର୍ଶ୍ୱରେ ବଢୁଛି ଜବରଦଖଲ

### ପ୍ରଶାସନର ନିରବତାକୁ ନେଇ ପ୍ରଶ୍ନ



କେନ୍ଦ୍ରାପଡ଼ା,୨।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସହର ଦେଇ ଯାଇଥିବା କେନାଲ ରାସ୍ତା କଡ଼ରେ ଦିନକୁ ଦିନ ଜବରଦଖଲ ବଢ଼ିଚାଲିଥିବା ଅଭିଯୋଗ ହେଉଛି। କେନାଲ ଜମି ଉପରେ ବହୁ ସ୍ଥାନରେ କୋଠାଘର ଓ ଆଜବେଷ୍ଟ ଛାଉଣୀ ଘର ନିର୍ମାଣ ହୋଇଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ଦୃଶ୍ୟମାନ ପଦକ୍ଷେପ ନିଆଯାଇନଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କେନାଲ ପାର୍ଶ୍ୱରେ ବର୍ଷ ବର୍ଷ ଧରି ଅନେକ ବେଆଇନ ନିର୍ମାଣ ଗଢ଼ିଉଠିଛି। ସେହିପରି ଗୋବରୀ କୂଳ ଅଞ୍ଚଳରେ ମଧ୍ୟ ଅନେକ ଅବୈଧ ଅଟ୍ଟାଳିକା ନିର୍ମାଣ ହୋଇଥିବା ଅଭିଯୋଗ ହେଉଛି। ଏସବୁ ନିର୍ମାଣ କିପରି ପ୍ରଶାସନର ଦୃଷ୍ଟି ଆଢ଼ରେ ରହିଗଲା, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ, ଗ୍ରାମାଞ୍ଚଳରେ ସାଧାରଣ ଲୋକଙ୍କ ଛୋଟ ଛୋଟ ଜବରଦଖଲ ମାମଲାରେ ତହସିଲ ପ୍ରଶାସନ ଓ ପୋଲିସ ମିଳିତ ଭାବେ ତୁରନ୍ତ ଉଚ୍ଛେଦ କାର୍ଯ୍ୟ କରୁଥିବା ବେଳେ ସହରରେ ଥିବା ବଡ଼ ବଡ଼ ବେଆଇନ ନିର୍ମାଣ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ସ୍ଥାନୀୟ ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ଜିଲ୍ଲାପାଳ ଓ ତହସିଲଦାରଙ୍କ ହସ୍ତକ୍ଷେପ ଲୋଡ଼ିବା ସହ କେନାଲ ଓ ନଦୀ କୂଳରେ ହୋଇଥିବା ସମସ୍ତ ଜବରଦଖଲର ସର୍ଭେ କରି ଦୋଷୀଙ୍କ ବିରୋଧରେ ନିରପେକ୍ଷ ଭାବେ କଠୋର ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ସରକାରୀ ଜମି ଓ ଜଳସମ୍ପଦର ସୁରକ୍ଷା ପାଇଁ କେବଳ ଘୋଷଣା ନୁହେଁ, ବରଂ ଭୂମିସ୍ତରରେ ସମାନ ଭାବେ ଆଇନର ପ୍ରୟୋଗ ଆବଶ୍ୟକ ବୋଲି ସାଧାରଣ ମହଲରେ ମତ ପ୍ରକାଶ ପାଉଛି। ଜବରଦଖଲକାରୀ ସାଧାରଣ ଲୋକ ହୁଅନ୍ତୁ କି ପ୍ରଭାବଶାଳୀ ବ୍ୟକ୍ତି, ଆଇନ ସମସ୍ତଙ୍କ ପାଇଁ ସମାନ ରହିବା ଉଚିତ। ତେଣୁ କେନାଲ ଓ ନଦୀକୂଳରେ ହୋଇଥିବା ସମସ୍ତ ବେଆଇନ ନିର୍ମାଣର ତଦନ୍ତ କରି ନିରପେକ୍ଷ ଭାବେ କାର୍ଯ୍ୟାନୁଷ୍ଠାନ ନେବାକୁ ଜନସାଧାରଣ ଦାବି କରିଛନ୍ତି।

## ଗଛରୁ ଯୁବକଙ୍କ ହାତବନ୍ଧା ମୃତଦେହ ଉଦ୍ଧାର

### ହତ୍ୟା କରାଯାଇଥିବା ପତ୍ନୀଙ୍କ ଅଭିଯୋଗ

କେନ୍ଦ୍ରାପଡ଼ା,୨।୬(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ କଜଳା ଗ୍ରାମରେ ଥିବା ଏକ ଗଛରୁ ଜଣେ ଯୁବକଙ୍କ ହାତବନ୍ଧା ଅବସ୍ଥାରେ ମୃତଦେହ ପୋଲିସ ଉଦ୍ଧାର କରିଛି । ମୃତ ଯୁବକ ହେଉଛନ୍ତି ବିକାଶ ମହାନ୍ତି । ସେ ଜଣେ ଡ୍ରାଇଭର ଥିଲେ । ବିକାଶଙ୍କ ପତ୍ନୀ ବର୍ଷା ଅଭିଯୋଗ କରୁଛନ୍ତି ଯେ ତାଙ୍କ ସ୍ୱାମୀକୁ କିଏ ହତ୍ୟା କରି ଗଛରେ ଟାଙ୍ଗି ଦେଇଛି । ତାଙ୍କ ସ୍ୱାମୀଙ୍କର ଜଣେ ଯୁବକଙ୍କ ସହ ପୂର୍ବରୁ ଶତ୍ରୁତା ଥିଲା । ଏହାକୁ ନେଇ ମାଡପିଟ ଘଟଣା ମଧ୍ୟ ଘଟିଥିଲା । ଏପରିକି ଏହି ମାଡପିଟ ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଥିଲା । ତାଙ୍କ ସ୍ୱାମୀ କିଛିଦିନ ପାଇଁ ଜେଲ ଯାଇଥିଲେ । ହେଲେ ଜେଲରୁ ଫେରିବା ପରେ ତାଙ୍କୁ ହତ୍ୟା କରିବା ପାଇଁ ବିପକ୍ଷ ଗୋଷ୍ଠୀ ଯୋଜନା କରୁଥିଲା । 'ତାଙ୍କ ସ୍ୱାମୀଙ୍କୁ କିଏ ମାରି ଦେଇଛି' ବୋଲି ପତ୍ନୀ ଗଣମାଧ୍ୟମକୁ କହିଛନ୍ତି । ଯିଏ ମୋ ଧନକୁ ମାରିଛି ମୁଁ ତାକୁ ଛାଡିବି ନାହିଁ । ମୁଁ ମୋ ସ୍ୱାମୀ ହତ୍ୟାର ପ୍ରତିଶୋଧ ନେବି ବୋଲି ପତ୍ନୀ ବର୍ଷା କହିଛନ୍ତି । ଖବର ପାଇ କେନ୍ଦ୍ରାପଡା ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ଏନେଇ ପୋଲିସ ଥାନା କେଶ ନମ୍ବର -୧୬/୨୦୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଶବ ବ୍ୟବଚ୍ଛେଦ ପରେ ପରିବାରକୁ ମୃତକ ବିକାଶଙ୍କ ଶବ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି ।ଅନ୍ୟ ପକ୍ଷରେ ମୃତ ବିକାଶଙ୍କ ପିତା ଆଲୋକ ମହାନ୍ତି ତାଙ୍କ ପୁଅ ବିକାଶ ଆତ୍ମହତ୍ୟା କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିବା ଥାନାଧିକାରୀ ପଦ୍ମାଳୟା ପ୍ରଧାନ ସୂଚନା ଦେଇଛନ୍ତି ।

## ବାଲିଆପାଳ ବ୍ଲକରେ ଧରାପଡ଼ିଲେ ନକଲି ଶିକ୍ଷକ

ବାଲିଆପାଳ,୨।୬(ସଂଚାର ବ୍ୟୁରୋ): ଜିଲ୍ଲା ଶିକ୍ଷା ଅଧିକାରୀ ବାଲେଶ୍ୱର ଜିଲ୍ଲାରେ ୭ ଜଣ ନକଲି ଶିକ୍ଷକଙ୍କ ଦରମା ବନ୍ଦ କରିବା ସହିତ ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବ୍ୟବସ୍ଥା କରିଛନ୍ତି। ତେବେ ଏହି ୭ ଜଣ ନକଲି ଶିକ୍ଷକଙ୍କ ମଧ୍ୟରୁ ବାଲିଆପାଳ ବ୍ଲକ ଅନ୍ତର୍ଗତ ରତାଇ ପଞ୍ଚାୟତ ସ୍ଥିତ ପୁରୋଷୋତ୍ତମ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକ ଥିବା ଜଣାପଡ଼ିଛି। ଶିକ୍ଷକ ଜଣକ ହେଉଛନ୍ତି ଦିଲ୍ଲିପ କୁମାର ଦାସ। ସେ ୨୦୧୬ ମସିହାରେ ନିଯୁକ୍ତି ପାଇଥିଲେ।ସେ ବୁନ୍ଦେଲାଲଖଣ୍ଡ ବିଶ୍ୱବିଦ୍ୟାଳୟରୁ ବିଏଡ ପାଶ କରିଥିବା ସାର୍ଟିଫିକେଟ ଦେଇ ନିଯୁକ୍ତି ପାଇଥିଲେ। ଯାହା ଚଞ୍ଚକତା ପୂର୍ଣ୍ଣ ସାର୍ଟିଫିକେଟ ବୋଲି ଜଣାପଡ଼ିବା ପରେ ତାଙ୍କର ଦରମା ଚଳିତ ମାସ ଠାରୁ ବନ୍ଦ କରିବା ସହିତ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ତେବେ ବାଲିଆପାଳ ବ୍ଲକରେ ଏକାଧିକ ନକଲି ଶିକ୍ଷକ ଥିବା ବିଶ୍ୱସ୍ଥ ସୂତ୍ରରୁ ଜଣାପଡ଼ିଛି।ଜାଲ ସାର୍ଟିଫିକେଟ ଏବଂ ଜାଲ ଭିନ୍ନକ୍ଷମ ସାର୍ଟିଫିକେଟ ଦେଇ ବହୁ ଶିକ୍ଷକ ଚାକିରି କରିଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

## ପାଣିକୋଇଲିଠାରେ କଟକ ବସ୍ ଷ୍ଟପେଜ୍ ବିଶ୍ରାମ ଗୃହରେ ପଡ଼ିଲା ପାଲ

କୋରେଇ,୨।୬ (ସଂଚାର ବ୍ୟୁରୋ): ପାଣିକୋଇଲି ହାଇସ୍କୁଲ ନିକଟରେ ଥିବା କଟକ ବସ୍‌ଗାଡି ଷ୍ଟପରେ ଖରାବର୍ଷାରୁ ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଏକ ଅସ୍ଥାୟୀ ବିଶ୍ରାମ ଗୃହ ନିର୍ମାଣ କରାଯାଇଥିଲା। ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନେ ଖରାବର୍ଷା ହେଲେ ସେଠାରେ ଆଶ୍ରୟ ନେଉଥିଲେ। ଏହା ପରେ ଯାତ୍ରୀ ଆଶ୍ରୟ ସ୍ଥଳୀର ସ୍ଥାୟୀ ନିର୍ମାଣ ଓ ଏହାର ରକ୍ଷାବେକ୍ଷଣ ହେଲା ନାହିଁ। ବର୍ଷା ସମୟରେ ପାଣିକୋଇଲିର କାର୍ଯ୍ୟରତ ସାମ୍ବାଦିକମାନେ ଏହା ଉପରେ ଏକ ପାଲ ପକାଇଥିଲେ। ଏହି ଅସ୍ଥାୟୀ ବିଶ୍ରାମ ଗୃହଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିଲେ ବି ଯାତ୍ରୀମାନେ ଆଶ୍ରୟ ନେଉଥିଲେ। ପାଣିକୋଇଲିର କାର୍ଯ୍ୟରତ ସାମ୍ବାଦିକ ଓ ସମାଜସେବୀମାନେ ଏକତ୍ରିତ ହୋଇ



ଏହି ଅସ୍ଥାୟୀ ବିଶ୍ରାମ ଗୃହରେ ପାଲ ପକାଇଥିଲେ। ପାଣିକୋଇଲି ସରପଂଚ ସମ୍ମାନୀୟା ପଦ୍ମାବତୀ ପଣ୍ଡା'ଙ୍କ ସହାୟତାରେ ରାଜପଥ ପେଟ୍ରୋଙ୍ଗି ଅଧିକାରୀ ଅଶୋକ ବଳ, ସାମ୍ବାଦିକ ସୁବାସ ଧଳ, ପ୍ରଦୀପ ମାଝୀ, ଅଶୋକ କୁମାର ଦାସ, ତୁଷାର ବେଉରା, ହରେକୃଷ୍ଣ ପଣ୍ଡା, ଉପେନ୍ଦ୍ର ପାତ୍ର, ସୌର ପ୍ରତାପ ରାୟ, ସୂର୍ଯ୍ୟମଣି ପଣ୍ଡା, ନାଏବ ସରପଂଚ ଦେବେନ୍ଦ୍ର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର



ମାର୍ଶାଘାଇ,୨।୬(ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ବଚ୍ଛରାଇ ପଂଚାୟତ ପେଣ୍ଠ ଗ୍ରାମରେ ପ୍ରତିଷ୍ଠା ହୋଇଥିବା ସାଇ ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ସୋମବାର କଳସ ଶୋଭାଯାତ୍ରା କରାଯିବା ସହିତ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପେଣ୍ଠ ଶ୍ରଦ୍ଧାସାଇ ଟ୍ରଷ୍ଟ ସଭାପତି ସଞ୍ଜୟ କୁମାର ସ୍ୱାଇଁ,ସମ୍ପାଦକ ପ୍ରଦୀପ ପରିଡା, ଭ୍ରମରବର ସ୍ୱାଇଁ, ଧୀରେନ୍ଦ୍ର ମୁଦୁଲି, ସଞ୍ଜୟ ବେହେରା, ଭଞ୍ଜକିଶୋର ବେହେରା, ଖଗେଶ୍ୱର ମହାନ୍ତିଙ୍କ ସମେତ ପେଣ୍ଠ ଗ୍ରାମବାସୀ ସହଯୋଗ କରିଥିଲେ।

ଏହି ଅବସରରେ ମଙ୍ଗଳବାର ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ପେଣ୍ଠ ଜନଶକ୍ତି ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। କଟକ ଅର୍ବାନ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ରଞ୍ଜନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ୧୫୫ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ମାଗଣା ଔଷଧ ବଣ୍ଟନ କରାଯାଇଥିଲା ଏବଂ ଚକ୍ଷୁ ପରୀକ୍ଷା କରାଯାଇ ଚଷମା ପ୍ରଦାନ କରାଯାଇଥିଲା। ଡାକ୍ତର ଶଶାଙ୍କ ଶେଖର ସେଠୀ, ଡାକ୍ତର ନିରଞ୍ଜନ ସାମନ୍ତରାୟ ସ୍ୱାସ୍ଥ୍ୟସେବା ପରୀକ୍ଷା ଓ ପରାମର୍ଶ ଦେଇଥିଲେ ।

### ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ପୁରିଲା ବର୍ଷେ, ପାଳନ କଲାନି ଶିକ୍ଷା ବିଭାଗ

## ଅବସର ପରେ ନିଜ ପ୍ରାପ୍ୟରୁ ବଞ୍ଚିତ ଶିକ୍ଷକ

### ପ୍ରଧାନମନ୍ତ୍ରୀଙ୍କ ନିକଟରେ ମଧ୍ୟ କରିଥିଲେ ଅଭିଯୋଗ

କେନ୍ଦ୍ରାପଡ଼ା,୨।୬ (ସଂଚାର ବ୍ୟୁରୋ): ସରକାରୀ ଚାକିରିରୁ ଅବସର ନେଲେ ହେଲେ ଆଜି ପର୍ଯ୍ୟନ୍ତ ସରକାର ଶୁଣିଲେନି ଜଣେ ପ୍ରଧାନ ଶିକ୍ଷକଙ୍କ ଦୁଃଖ । ପ୍ରଥମେ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟରୁ ସଚିବ ପରେ ମୁଖ୍ୟମନ୍ତ୍ରୀ ଶେଷରେ ନିରାଶ ହେଲା ପରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ନିଜର ଅଭିଯୋଗ ଜଣାଇଥିଲେ। ଏଭଳି ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ୍ ଅନ୍ତର୍ଗତ କୁଆଁରପାଳ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରେଶ ଚନ୍ଦ୍ର ଲେଙ୍କାଙ୍କ ପାଖରେ ଦେଖିବାକୁ ମିଳିଛି । ତାଙ୍କର ସେବା ପୁସ୍ତିକାକୁ ନିୟମିତ କରାଯାଉ ନ ଥିବା ଅଭିଯୋଗ ହେଉଛି।

ଗତ ୨୦୨୫ ଜୁନ ମାସ ସେ ଚାକିରିରୁ ଅବସର ନେଇଛନ୍ତି | କିନ୍ତୁ ସେବା ପୁସ୍ତିକାକୁ ୨୦୧୫ ମସିହାରୁ ନିୟମିତ କରାଯାଇ ନାହିଁ। ଏହାକୁ ଉଦ୍ଦେଶ୍ୟମୂଳକ ଭାବେ ତ୍ରୁଟିପୂର୍ଣ୍ଣ କରାଯାଇଛି ବୋଲି ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ପୂର୍ବରୁ ଜିଲ୍ଲାପାଳଙ୍କୁ ମଧ୍ୟ ଏ ସଂକ୍ରାନ୍ତରେ ଲିଖିତ ଭାବେ ଜଣାଇଛନ୍ତି । ସେ କହିଛନ୍ତି ମାର୍ଶାଘାଇ ବ୍ଲକ୍ ଶିକ୍ଷାଧିକାରୀ କୌଣସି ପଦକ୍ଷେପ ନ ନେବାରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମାତ୍ର କିଛି ସୁଫଳ ମିଳିଲା ନାହିଁ। ଫଳରେ ବାଧ୍ୟହୋଇ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ ଦାଖଲ କରିଥିଲେ | ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଏଥିପ୍ରତି ବିଭାଗୀୟ ମନ୍ତ୍ରୀଙ୍କୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଜିଲ୍ଲା ଶିକ୍ଷା ବିଭାଗ ସେହି ସମୟରେ କର୍ଣ୍ଣପାତ କରିନଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଏକ ବର୍ଷରୁ ଉର୍ଦ୍ଧ୍ୱ ବିତିଥିଲେ ସୁଦ୍ଧା ଶିକ୍ଷା ବିଭାଗ ମାନୁନାହିଁ ବୋଲି ସେ ଦୁଃଖର ସହିତ କହିଛନ୍ତି। ଯାହା ଫଳରେ ଶେଷରେ ନିରାଶ ହୋଇ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଚିଠି ମାଧ୍ୟମରେ ଅଭିଯୋଗ କରିଥିଲେ। ସେବା ପୁସ୍ତିକା ନିୟମିତ କରାଯାଉ ନ ଥିବାରୁ ତାଙ୍କୁ ବର୍ଦ୍ଧିତ ହାରରେ ୧୦ ବର୍ଷ ହେବ ଦରମା ଆକାରରେ ମିଳିନାହିଁ । ଅବସର ନେବା ପୂର୍ବରୁ ସେବା ପୁସ୍ତିକା ନିୟମିତ କରାନଯିବାରୁ ସେ ପେନ୍‌ସନ୍ ପାଇବାରୁ ବଞ୍ଚିତ ହୋଇଛନ୍ତି |

ଗୋଟିଏ ପଟେ ଅବସର ନେବା ଦିନ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ଓ ଅନ୍ୟ ଆନୁସଂଗିକ ପ୍ରାପ୍ୟ କର୍ମଚାରୀଙ୍କୁ ଦେବା କ୍ଷେତ୍ରରେ ବିଭାଗ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ବିଭାଗ ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ଥିବା ଦାବି କରୁଛି | ଅନ୍ୟପଟେ ପ୍ରଧାନଶିକ୍ଷକ ଶ୍ରୀ ଲେଙ୍କାଙ୍କ କ୍ଷେତ୍ରରେ ସେବା ପୁସ୍ତିକାକୁ ଠିକ୍ କରା ନ ଯିବା ପରିତାପର ବିଷୟ ବୋଲି ସାଧାରଣରେ ମତପ୍ରକାଶ ପାଇଛି | ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ପାଇଁ ଶ୍ରୀ ଲେଙ୍କା ଅନୁରୋଧ କରିଛନ୍ତି।

### ମାଳିକାକୁ ନେଇ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ

## ନେମାଳ ପୀଠରେ କ୍ଷମା ପ୍ରାର୍ଥନା କଲେ ପ୍ରବଚକ



ନିଶ୍ଚିନ୍ତକୋଇଲି,୨।୬(ସଂଚାର ବ୍ୟୁରୋ): ମାଳିକାର ଭବିଷ୍ୟତବାଣୀକୁ ନେଇ ଏକ ଘରୋଇ ବୈଦ୍ୟୁତିକ ଗଣମାଧ୍ୟମ ଚ୍ୟାନେଲରେ ପ୍ରବଚକ ପ୍ରମୋଦ କୁମାର ପୃଷ୍ଟି ଏକ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରିଥିବାରୁ ଆଜି ପୀଠକୁ ଆସି କ୍ଷମା ପ୍ରର୍ଥନା କରିଛନ୍ତି।

ସୂଚନାଯୋଗ୍ୟ ଗତ ମେ ୨୬ ତାରିଖଠାରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପି ଅନ୍ଧାର ଘୋଟିବ ବୋଲି ରାଜ୍ୟବାସୀଙ୍କୁ ସେ ସିଧାସଳ ଭାବେ ତାଙ୍କ ପ୍ରବଚନରେ କହିଥିଲେ । ଯାହାକୁ ନେଇ ସାରା ରାଜ୍ୟରେ ପ୍ରଚାର ପ୍ରସାର ହେବାରୁ ଲୋକମାନଙ୍କ ମଧ୍ୟରେ ଭୟର ଦାତାବରଣ ଖେଳିଯାଇଥିଲା। ଏପରିକି ଗାଁ ଗହଳିରେ ବହୁ ଲୋକମାନେ ଲଣ୍ଠନ, ମହମବତୀ ଜାଳି ଅତ୍ୟାବଶ୍ୟକ ଜିନିଷ କିଣି ଘରେ ରଖିବାକୁ ଲାଗିଥିଲେ । ହେଲେ କୌଣସି ଘଟଣା ଘଟିନଥିବାରୁ ପ୍ରବଚକଙ୍କ ତଥ୍ୟ ଭୁଲ ବୋଲି ପ୍ରମାଣିତ ହୋଇଥୁଲା । ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ରଚିତ ମାଳିକାକୁ ଭଲ ଭାବରେ ନ ବୁଝି ଏଭଳି ଭାବେ ଭିତ୍ତିହିନ ତଥ୍ୟ ଚ୍ୟାନେଲ ମାଧ୍ୟମରେ ଲୋକମାନଙ୍କୁ ବିଭା କର ତଥ୍ୟ ଦେଇ ଅଚ୍ୟୁତପ୍ରେମୀଙ୍କ ମନରେ କୁଠାରଘାତ କରିଥିବାରୁ ନେମାଳ ତଥା ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଉକ୍ତ ଘଟଣା ସଂପର୍କରେ ଅଚ୍ୟୁତ ସେନା ଓ ମହାପୁରୁଷ ଅଚ୍ୟୁତାନନ୍ଦ ଇନଫରମେସନ ଆଣ୍ଡ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଏହାର ପ୍ରତିବାଦ କରାଯାଇଥିବା ବେଳେ ଆଜି ସଂପୃକ୍ତ ପ୍ରବଚକ ଭୁଲ ସ୍ୱିକାର କରିବା ସହିତ ପୀଠରେ ପହ କ୍ଷମା ପ୍ରର୍ଥନା କରିଥିଲେ। ଆଗାମି ଦିନରେ ଏଭଳି ଭୁଲ ତଥ୍ୟ ପ୍ରବଚନ ମାଧ୍ୟମରେ ପୁନା ସୂଚନା ଦେଇଥିବା ବେଳେ ପୀଠ ପକ୍ଷରୁ ଚେତାବନୀ ଦିଆଯାଉଛି।

## ଘର ଆଗରେ ଘର କରି ବାଟ ବନ୍ଦ ଉଦ୍ୟମ



ଡେରାବିଶ,୨।୬ (ସଂଚାର ବ୍ୟୁରୋ): ଡେରାବିଶ ଥାନା ଅନ୍ତର୍ଗତ ଏଣ୍ଡର ଗ୍ରାମରେ ଜନୈକ ବ୍ୟକ୍ତିଙ୍କ ବାସଗୃହ ସମ୍ମୁଖରେ ତାଙ୍କର ଅନ୍ୟ ଜଣେ ଅଂଶୀଦାର ଗୃହ ନିର୍ମାଣ ନିମନ୍ତେ ଉଦ୍ୟମ କରୁଥିବା ନେଇ ଅଭିଯୋଗ ହୋଇଛି। ସୂଚନାରୁ ପ୍ରକାଶ ଗ୍ରାମର ଗୁରୁଚରଣ ସେଠୀ ତାଙ୍କ ପୈତୃକ ସମ୍ପତିରେ ଏକ ପକ୍କା ଗୃହ କରି ବସବସ କରୁଛନ୍ତି। ଏବେ ତାଙ୍କର ଅଂଶୀଦାର ତାଙ୍କ ଘର ସମ୍ମୁଖରେ ଘର ନିର୍ମାଣ କରିବା ପାଇଁ ବାଲି ଗୋଡ଼ି ଇତ୍ୟାଦି ନିର୍ମାଣ ସାମଗ୍ରୀ ଗଦା କରିଛନ୍ତି। ଏହି ସ୍ଥାନରେ ତାଙ୍କର ଅଂଶୀଦାର ଗୃହ ନିର୍ମାଣ କଲେ ଗୁରୁଚରଣ ସମ୍ପୂର୍ଣ୍ଣ ଗୃହବନ୍ଦୀ ହେବା ସହିତ ଆଦୌ ଘରୁ ପଦାକୁ ବାହାରି ପାରିବେ ନାହିଁ। ଏ ସମ୍ପର୍କରେ ଗୁରୁଚରଣ ଡେରାବିଶ ଥାନା ପୋଲିସ୍, ଡେରାବିଶ ତହସିଲଦାର ଓ ମାନ୍ୟବର ଅଦାଲତଙ୍କର ଆଶ୍ରୟ ମଧ୍ୟ ନେଇଥିବା ଜଣାଯାଇଛି। ତେବେ ଏ ସମ୍ପର୍କରେ ମାମଲା ଅଦାଲତରେ ବିଚାରଧିନ ଥିବା ଘର ସମ୍ମୁଖରେ ନିର୍ମାଣ ସାମଗ୍ରୀ ଗଦା କରିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ସତ୍ୟପ୍ରିୟ ସାମଲ ଜିଲ୍ଲା କଂଗ୍ରେସ ସଙ୍ଗଠନ ଉପସଭାପତି



କେନ୍ଦ୍ରପଡ଼ା,୨।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ କମିଟିର ସାଂଗଠନିକ ଉପସଭାପତି ଭାବରେ ବରିଷ୍ଠ କଂଗ୍ରେସ ଯୁବନେତା ସତ୍ୟପ୍ରିୟ ସାମଲଙ୍କୁ ନିଯୁକ୍ତି ଦିଆଯାଇଛି । ସେ କଂଗ୍ରେସର ସମସ୍ତ ସାଙ୍ଗଠନିକ କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି` ଏଥି ପାଇଁ ଶ୍ରୀସାମଲ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ପ୍ରଦେଶ କଂଗ୍ରେସ କମିଟିର ସଂଗଠିନିକ ଉପସଭାପତି ସନ୍ତୋଷ ସିଂ ସାଲୁଜା, ପ୍ରଦେଶ କଂଗ୍ରେସ କମିଟି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ ଓ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଡଃ ଦେବସ୍ମିତା ଶର୍ମାଙ୍କ ସମେତ ଜିଲ୍ଲା ସମସ୍ତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଆନ୍ତରିକ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି ।

## ଲୁଟ୍ ମାମଲାରେ ଜେଲ ଗଲେ ୪ ଅଭିଯୁକ୍ତ




ବାଲିଅନ୍ତା,୨।୬ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ପୁଲିସ ଲୁଟ ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ସାଗର ଭୋଇ, ରଞ୍ଜିତ କୁମାର ଭୋଇ, ମଦନ ଗୁପ୍ତା ଏବଂ ସୁବଳ ପ୍ରଧାନ । ସମସ୍ତଙ୍କ ଜାମିନି ଖାରଜ ହୋଇଯିବାରୁ ଝାରପଡା ହାଜତକୁ ପଠାଇ ଦିଆଯାଇଛି । ସାଗର ଏବଂ ରଞ୍ଜିତ ଗତ ସପ୍ତାହରେ ଏକ ଟେଲିଫୋନ ସଂସ୍ଥାର ଏସି ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀମାନ ଚୋରି କରି ସ୍ଥାନୀୟ ଅଞ୍ଚଳର ୨ କବାଡିଆ ଦୋକାନୀ ମଦନ ଏବଂ ସୁବଳଙ୍କୁ ବିକ୍ରି କରିଥିଲେ । ଏ ସଂକ୍ରାନ୍ତରେ ସଂସ୍ଥାର ଅଧିକାରୀ ଜଗନ୍ନାଥ ପଣ୍ଡା ଅଭିଯୋଗ କରିଥିଲେ । ବାଲିଅନ୍ତା ଥାନା ପୁଲିସ ସ୍ଥାନୀୟ ଅଞ୍ଚଳରେ ଭିନ୍ନ ଭିନ୍ନ ସ୍ଥାନାରେ ଚଢ଼ଉ କରି ସେମାନଙ୍କୁ ଗିରଫ କରିଥିଲା ।

## ଲୋକଙ୍କ କାମରେ ଆସୁନି ସେଲିବ୍ରେସନ ମଣ୍ଡପ




ଯାଜପୁର ରୋଡ଼,୨।୬(ସଂଚାର ବ୍ୟୁରୋ): ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଭିଆଇପି ରୋଡରେ ଲକ୍ଷ ଲକ୍ଷ ଟଙ୍କାର ଖର୍ଚ୍ଚରେ 'କେ. ଏନ.ଡି.ଏ' ପକ୍ଷରୁ ଏଠାରେ ଏକ ସେଲିବରସନ ମଣ୍ଡପ ନିର୍ମାଣ ହୋଇଥିଲା । ତେବେ ଏହି ସେଲିବରସନ ମଣ୍ଡପଟିରେ ପୂର୍ବରୁ ଏଠାରେ ଜନସାଧାରଣ ମାନଙ୍କର ବିବାହ ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଭିନ୍ନ ବୈଠକ ଅନୁଷ୍ଠିତ ହୋଉଥିଲା। ଏବେ ଏଠାରେ ଉକ୍ତ କାର୍ଯ୍ୟକ୍ରମ ଗୁଡିକ ଆଉ ହେବାର ଦେଖିବାକୁ ମିଳୁନାହିଁକି ଲୋକଙ୍କ କାମରେ ଏହି ମଣ୍ଡପଟି ଆଉ ଆସୁନାହିଁ ଦେଖିବାକୁ ମିଳିଛି। ଫଳରେ ମଣ୍ଡପଟି ପୁରା ଏବେ ଅପରିଷ୍କାର ଅବାସ୍ତାରେ ପଡିଥିବା ନେଇ ଦେଖିବାକୁ ମିଳୁଛି। ଫଳରେ ଏହି ମଣ୍ଡପର ସୌନ୍ଦର୍ଯ୍ୟକରଣ ନଷ୍ଟ ହେବାକୁ ବସିଲାଣି। ତେଣୁ ବ୍ୟାସନଗର ପୌରପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଶୀତଳ ଭଣ୍ଡାରରେ ନଦୀ ସଂସ୍କାର ଓ ସୁଉଚ୍ଚ ବନ୍ଧ ନିର୍ମାଣ

### ଗତବର୍ଷ ୬ ଥର ବନ୍ୟା ଆସି ଉଜାଡ଼ିଥିଲା ଚାଷବାସ



ବାଲିଆପାଳ,୨।୬(ସଂଚାର ବ୍ୟୁରୋ): ଉତ୍ତର ବାଲେଶ୍ୱର ଜୀବନରେଖା ସୁବର୍ଣ୍ଣରେଖା ନଦୀ ଏବେ ୪ଟି ବ୍ଲକର ଦୁଇ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଅଭିଶାପ ପାଲଟିଛି। ଜିଲ୍ଲାର ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକର ନଦୀକୂଳିଆ ଲୋକ ପ୍ରତିବର୍ଷ ବନ୍ୟା ମୃତ୍ୟୁବରଣ କରିଥିଲେ। ପରବର୍ତ୍ତୀ ସମୟରେ ଅନେକ ବିପନ୍ନଙ୍କୁ ଉଦ୍ଧାର କରାଯାଇ ବାଲିଆପାଳ ବ୍ଲକର ବାସୁଦେବପୁର ଠାରେ ସରକାର ଥଇଥାନ କରିଥିଲେ। ପ୍ରତିବର୍ଷ ବନ୍ୟା ସମୟରେ ଜଳେଶ୍ୱର ବ୍ଲକର ବାଇଗଣବାଡ଼ିଆ, ଝାଡ଼ପିମ୍ପଳ, ଗଡସାହି ବାଲିଆପାଳ, ରାୟାଁ ରାମଚନ୍ଦ୍ରପୁର ବନ୍ୟା ଆସିଲେ ଜୀବନ ଜୀବିକା ହରାଇଛନ୍ତି। ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ ହେଉ ନଥିବାବେଳେ ସୁଉଚ୍ଚ ନଦୀବନ୍ଧ ନିର୍ମାଣ ହେଉନି।

ଗତବର୍ଷ ୬ ଥର ବନ୍ୟା ଆସିବାରୁ ଲୋକେ ସର୍ବସ୍ୱ ହରାଇଥିଲେ। ଚାଷ, ବାସ ଉଜୁଡ଼ି ଯାଇଥିବା ବେଳେ ଲୋକେ ଦୁଇ ମାସ କାଳ ଜଳବନ୍ଦୀ ହୋଇ ରହିଥିଲେ। ରିଲିଫ୍ ଚୁଡ଼ା, ଗୁଡ଼ ବଞ୍ଚିବାର ରାହା ପାଲଟିଥିବା ବେଳେ ସ୍ଥାନୀୟ ପ୍ରତିକାର ଅଞ୍ଚଳବାସୀ ଦାବି ବୋଲି ଅଞ୍ଚଳବାସୀ ଏବେ ସ୍ୱର ଉଠାଇଛନ୍ତି।

ସୂଚନାଯୋଗ୍ୟ, ୧୯୮୪ ମସିହା ପ୍ରଳୟଙ୍କରୀ ବନ୍ୟାରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଛୋଟଖାନପୁର ଗାଁ ସମ୍ପୂର୍ଣ୍ଣ ଭାସିଯାଇଥିଲା। ୧୫ ଜଣ ଲୋକ ମୃତ୍ୟୁବରଣ କରିଥିଲାବେଳେ ଏକାଧିକ ଗାଈଗୋରୁ ପାଇକସିଦା, ମହମ୍ମଦ ନଗର ପାଟଣା ପ୍ରଭୃତି ୭ଟି ପଞ୍ଚାୟତର ୫୦ ହଜାର ଲୋକ ପ୍ରଭାବିତ ହେଉଛନ୍ତି। ସେହିପରି ବସ୍ତା ବ୍ଲକର ଭେଲୋରା, ସନ୍ତୋଷପୁର, ରଘୁନାଥପୁର, ପାଉଁଶକୁଲି, କରୁଆ, କାଦରାୟାଁ ଓ ଚୁରମରା ପ୍ରଭୃତି ପଞ୍ଚାୟତର ୬୦ ହଜାର ଲୋକ କ୍ଷତିଗ୍ରସ୍ତ ହେଉଛନ୍ତି। ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ବାଲିଆପାଳ ବ୍ଲକର ଅସ୍ତି ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା, କୁମ୍ଭାରୀ, ଘଣ୍ଟୁଆ, ଦେଭୋଗ ଓ ଶ୍ରୀରାମପୁର ପଞ୍ଚାୟତର ୭୦ ହଜାରରୁ ଉର୍ଦ୍ଧ ଲୋକ। ସେହିପରି ଭୋଗରାଇ ବ୍ଲକର ଆରୁହାବୃନ୍ଦି-୧, ଖରିଦିପିପଳ, ନାଚିନ୍ଦା, କୁଶୁଡ଼ା, ଗବଗାଁ, ପୁଟୀଣା, କଚୁଆଡି, ଦାରୁହା, କୁଳିଦା, ମହାଗବ, ଗୁଣସାର୍ଥା, କୁମ୍ଭୀରଗଡ଼ି, ଜୟରାମପୁର ପ୍ରଭୃତି ୧୩ଟି ପଞ୍ଚାୟତର ୪୦ ହଜାରରୁ ଉର୍ଦ୍ଧ ଲୋକ ପ୍ରଭାବିତ ହେଉଛନ୍ତି।

ଏହି ସବୁ ଅଞ୍ଚଳରେ ୫୦ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଧାନ, ପନିପରିବା ଓନଳିତା ଚାଷ ଉଜୁଡ଼ି ଯାଉଛି। ବନ୍ୟା ସମୟରେ ନେତା ମନ୍ତ୍ରୀ ଆକାଶ ମାର୍ଗରେ କିମ୍ବା ଡଙ୍ଗାରେ ବନ୍ୟାଞ୍ଚଳ ବୁଲି ଆସି ନାନା ପ୍ରତିଶ୍ରୁତି ଦେଉଛନ୍ତି। ମାତ୍ର କାର୍ଯ୍ୟକାରୀ ହେଉନି। ସୁବର୍ଷରେଖା ସଂସ୍କାର ଯୋଜନା ଶୀତଳ ଭଣ୍ଡାରେ ପଡ଼ି ରହିଯାଉଛି। ସେହିପରି ଉଚ୍ଚ ନଦୀବନ୍ଧ ନିର୍ମାଣ ହେଉନାହିଁ ।

ପୂର୍ବରୁ ବିଜେଡି ସରକାର ଥିବାରୁ କେନ୍ଦ୍ର ଉପରେ ଦୋଷ ଲଦି ରାଜ୍ୟ ସରକାର ଖସି ଯାଉଥିଲେ। ଏବେ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଥିବାରୁ ବନ୍ୟାଞ୍ଚଳବାସୀ ଅବସ୍ଥା ସୁଧୁରିବ ବୋଲି ଆଶାକରିଥିଲେ । ମାତ୍ର ସରକାରକୁ ୨ ବର୍ଷ ପୂରି ୩ ଚାଲିବ କୌଣସି ବି କାମ ଆଗେଇଲା ନାହିଁ।

ଲୋକେ କିନ୍ତୁ ଏବେ ସ୍ଥାୟୀ ପ୍ରତିକାର ଲାଗି ସ୍ୱର ଶାଣିତ କରିଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ଯନ୍ତ୍ରୀ କହିଛନ୍ତି ଉଚ୍ଚା ନଦୀ ବନ୍ଧ ନିର୍ମାଣ ଯୋଜନା ସରକାରଙ୍କ ବିଚାରଧୀନ ରହିଛି। ତେବେ ଭବିଷ୍ୟତ ଚିନ୍ତାରେ ଥିବା ନଦୀ କୂଳିଆ ଲୋକ ଅସହାୟତା ପ୍ରକାଶ କରି ମା' ସୁବର୍ଣ୍ଣରେଖା ତୁ ଆମ ପାଇଁ ଅଭିଶାପ ନହୋଇ ଆଶୀର୍ବାଦ ହୋଇଯାଆ ଆମ ଜୀବନରେଖା ପାଲଟିଯାଆ ବୋଲି କହୁଛନ୍ତି।

### ଜିସି କଲେଜରେ ନିଯୁକ୍ତି ରହସ୍ୟ

## ୧୭ ଜଣଙ୍କ ଚାକିରି ବୈଧ, କିନ୍ତୁ ନିଯୁକ୍ତିର ମୂଳ ରିଜୋଲୁସନ କେଉଁଠି ?

ଯାଜପୁର ଟାଉନ, ୨।୬ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ (ଜିସି କଲେଜ)ରେ ନିଯୁକ୍ତି ପ୍ରକ୍ରିୟାକୁ ନେଇ ଗୁରୁତର ପ୍ରଶ୍ନ ଉଠିଛି। ୧୯୯୯ ମହାବାତ୍ୟାକୁ ଆଳ କରି କଲେଜର ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ସମ୍ପର୍କିତ ଦସ୍ତାବିଜ ନଷ୍ଟ ହୋଇଥିବା ଦାବି କରାଯାଉଥିବା ବେଳେ, ସେହି କାଗଜପତ୍ର ବିନା ୧୭ ଜଣ ଅଧ୍ୟାପକ ଓ କର୍ମଚାରୀ କିପରି ସରକାରୀ ଭାବେ ଭେରିଫିକେସନ କରାଇ ଚାକିରି ବୈଧ କରିନେଲେ, ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

୨୦୦୯ ମସିହାରେ ତତ୍କାଳୀନ ଅଧ୍ୟକ୍ଷ ଦେବେନ୍ଦ୍ରନାଥ ସାମଲ ଉଚ୍ଚଶିକ୍ଷା ବିଭାଗକୁ ଦାଖଲ କରିଥିବା ସତ୍ୟପାଠରେ ମହାବାତ୍ୟାରେ ଲରୋଲ୍, ଟିଆର୍, ରିଜୋଲୁସନ ବହି ଓ ବିଭିନ୍ନ ନିଯୁକ୍ତି ସମ୍ପର୍କିତ ରେକର୍ଡ ନଷ୍ଟ ହୋଇଥିବା ଉଲ୍ଲେଖ କରିଥିଲେ। କିନ୍ତୁ ସବୁଠୁ ବଡ଼ ପ୍ରଶ୍ନ ହେଉଛି— ଯେତେବେଳେ ନିଯୁକ୍ତିର ମୂଳ ରେକର୍ଡ ନଥିଲା, ସେତେବେଳେ ୧୭ ଜଣ କର୍ମଚାରୀ କେଉଁ ଆଧାରରେ ଭେରିଫିକେସନ ପାଇଁ ଦଲିଲ ଦାଖଲ କଲେ ?

ସୂତ୍ର ଅନୁଯାୟୀ, ଭେରିଫିକେସନ ପରେ ସଂପୃକ୍ତ ୧୭ ଜଣଙ୍କ ନିଯୁକ୍ତିକୁ ବ୍ଲକ୍ ଗ୍ରାଣ୍ଟ ଅଧୀନରେ ବୈଧତା ମିଳିଥିଲା ଏବଂ ସେମାନେ ସରକାରୀ ବେତନ ମଧ୍ୟ ପାଇଥିଲେ। ଯଦି ରିଜୋଲୁସନ ବହି ଓ ନିଯୁକ୍ତି ରେକର୍ଡ ନଷ୍ଟ ହୋଇଯାଇଥିଲା, ତେବେ ଭେରିଫିକେସନ ବେଳେ ଉପସ୍ଥାପିତ ହୋଇଥିବା କାଗଜପତ୍ର କେଉଁଠୁ ଆସିଲା ? ଏବଂ ସେହି ଦସ୍ତାବିଜଗୁଡ଼ିକ ବର୍ତ୍ତମାନ କେଉଁଠି ଅଛି ? ଅଭିଯୋଗ ହେଉଛି, କେତେକ କ୍ଷେତ୍ରରେ ପ୍ରକୃତ ନିଯୁକ୍ତି ତାରିଖଠାରୁ ବହୁ ପରେ କାଗଜପତ୍ର ପ୍ରସ୍ତୁତ କରାଯାଇଥିବାର ସୂଚନା ମିଳିଛି। ଏହା ନିଯୁକ୍ତି ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବେ ସରକାରଙ୍କ ଏଚ୍‌ଆର୍‌ଏମ୍‌ଏସ୍/ ହିମ୍ସ ପୋର୍ଟାଲରେ ସମସ୍ତ କର୍ମଚାରୀଙ୍କ ସୂଚନା ଅପଲୋଡ୍ କରିବା ବେଳେ ନିଯୁକ୍ତି ସମ୍ପର୍କିତ ରିଜୋଲୁସନ କପି ନମିଳିବାରୁ ସମସ୍ୟା ସୃଷ୍ଟି ହୋଇଛି। ଫଳରେ ବହୁ ବର୍ଷ ଧରି ଚାପି ରହିଥିବା ଏହି ପ୍ରସଙ୍ଗ ପୁଣି ଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆସିଛି।


# ବଢ଼ିଲା ଶିଶୁଙ୍କ ଦୈନିକ ଖାଇବା ଖର୍ଚ୍ଚ

**● ୮ରୁ ୧୮ ଟଙ୍କାକୁ ବୃଦ୍ଧି ● ଶିଶୁ ଜୀବନର ପ୍ରଥମ ୧୦୦୦ ଦିନର ଗୁରୁତ୍ୱ ଡିଜିଟାଲ ପୁସ୍ତକ ଉନ୍ମୋଚିତ**



ଭୁବନେଶ୍ୱର,୨।୬ (ସଂଚାର ବ୍ୟୁରୋ): ଆଜି ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶିଶୁ ଜୀବନର ପ୍ରଥମ ହଜାରେ ଦିନର ଗୁରୁତ୍ୱ ବୁଝାଉଥିବା ଏକ ସରଳ 'ଡିଜିଟାଲ ବହି'ର ଉନ୍ମୋଚନ କରିଛନ୍ତି। ଏହା ସହିତ ଅତିଶୟ କମ୍ ଓଜନ ଥିବା ଶିଶୁ ଏବଂ ଅଙ୍ଗନୱାଡ଼ି ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ସକାଳ ଜଳଖିଆ ବାବଦ ଖର୍ଚ୍ଚକୁ ସରକାରଙ୍କ ପକ୍ଷରୁ ବର୍ଦ୍ଧିତ କରିଛନ୍ତି। ଫଳରେ ୬ ମାସରୁ ୬ ବର୍ଷ ବୟସର ଅତିଶୟ କମ୍ ଓଜନ ଥିବା ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ପରିପୂରକ ପୁଷ୍ଟି ଖାଦ୍ୟର ଦୈନିକ ଖର୍ଚ୍ଚ ୮ ଟଙ୍କାରୁ ୧୨ ଟଙ୍କାକୁ ବୃଦ୍ଧି ପାଇଛି। ଏଥିସହିତ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଅଧୀନରେ ଅତିରିକ୍ତ ୬ ଟଙ୍କା ପ୍ରଦାନ କରାଯାଉଛି। ଫଳସ୍ୱରୂପ, ବର୍ତ୍ତମାନ ଏହି ଶିଶୁମାନଙ୍କୁ ପ୍ରତିଦିନ ସର୍ବମୋଟ ୧୮ ଟଙ୍କାର ଖାଦ୍ୟ ଯୋଗାଇ ଦିଆଯିବ। ରାଜ୍ୟର ପ୍ରାୟ ୩୫ ହଜାର ଅତିଶୟ କମ୍ ଓଜନର ଶିଶୁ ଏହି ସୁବିଧାର ସିଧାସଳଖ ଲାଭ ପାଇବେ ଏବଂ ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୧୦.୭ କୋଟି ଟଙ୍କାର ଅତିରିକ୍ତ ବ୍ୟୟଭାର ବହନ କରିବେ।

ଅନୁରୂପ ଭାବେ, ଅଙ୍ଗନୱାଡ଼ି କେନ୍ଦ୍ରର ପ୍ରାକ୍-ବିଦ୍ୟାଳୟ ଶିଶୁ (୩ ବର୍ଷରୁ ୬ ବର୍ଷ ବୟସ)ଙ୍କ ସକାଳ ଜଳଖିଆ ବାବଦକୁ ଦୈନିକ ଖର୍ଚ୍ଚ ୧.୨୪ ଟଙ୍କାକୁ ବୃଦ୍ଧି କରାଯାଇ ୩.୫୬ ଟଙ୍କା କରାଯାଇଛି। ଏଥିପାଇଁ ସରକାରଙ୍କୁ ବାର୍ଷିକ ପ୍ରାୟ ୧୨୬.୮୩ କୋଟି ଟଙ୍କା ଅତିରିକ୍ତ ବ୍ୟୟଭାର ବହନ କରିବାକୁ ପଡ଼ିବ। ଶିଶୁ ଜୀବନର ପ୍ରଥମ ହଜାରେ ଦିନର ଗୁରୁତ୍ୱ ବୁଝାଉଥିବା ସରଳ 'ଡିଜିଟାଲ ବହି' ଉନ୍ମୋଚନ କରିବା ସହ ଏହାକୁ ପ୍ରତ୍ୟେକ ମାତା-ପିତା ପଢ଼ିବାକୁ ଉପମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ଡ଼ଃ ମୃଣାଳିନୀ ଦରସ୍ୱାଲ, ନିର୍ଦ୍ଦେଶିକା ମୋନିସା ବାନାର୍ଜୀଙ୍କ ସମେତ ରାଜ୍ୟର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।



ଲୋକସେବା ଭବନରେ ଭାଷାବିତ୍ ତଥା ଲୋକସାହିତ୍ୟ ଗବେଷକ ପଦ୍ମଶ୍ରୀ ଡଃ ମହେନ୍ଦ୍ର କୁମାର ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରୁଛନ୍ତି

## ● ହାତୀ ମାରି ପୋତିଦେବା ଘଟଣା

# ହିନ୍ଦୋଳ ଫରେଷ୍ଟର ନିଲମ୍ବିତ

ଢେଙ୍କାନାଳ,୨।୬(ସଂଚାର ବ୍ୟୁରୋ): ହିନ୍ଦୋଳରେ ଫାର୍ମ ହାଉସରେ ହାତୀ ମାରି ପୋତିଦେବା ଘଟଣାରେ ହିନ୍ଦୋଳ ଫରେଷ୍ଟର ଦୀପ୍ତିରଞ୍ଜନ ଆଚାର୍ଯ୍ୟଙ୍କୁ ନିଲମ୍ବିତ କରିଛି ବନବିଭାଗ। ସେହିଭଳି ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀଙ୍କୁ ଅନୁଗୁଳ ଆରସିସିଏଫ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ହିନ୍ଦୋଳ ହାତୀ ମାରି ପୋତିବା ଘଟଣାରେ ଫାର୍ମ ମାଲିକଙ୍କ ଜାମିନ ନାମଞ୍ଜୁର ହେବା ପରେ ବନ ବିଭାଗ ଦୋଷୀମାନଙ୍କୁ ହିନ୍ଦୋଳ ବିଚାର ବିଭାଗୀୟ କାରାଗାରକୁ ପଠାଯାଇଛି। ଫାର୍ମ ମାଲିକ ପ୍ରମୋଦ ରାଜ, ଜେସିବି ଚାଳକ ସୁଧୀର ଭୁତିଆ, ଫାର୍ମ ଜଗୁଆଳୀ ରାଜୀବ ଚୌଧୁରୀଙ୍କୁ ବିଚାର ବିଭାଗୀୟ କାରାଗାରକୁ ପଠାଇ ଦିଆଯାଇଛି। ଏହାସହ ସମ୍ପୃକ୍ତ ଫାର୍ମ ହାଉସକୁ ସିଲ୍ କରିବା ସହ ଫାର୍ମ ହାଉସରେ ହାତୀ ପୋତିବା ପାଇଁ ବ୍ୟବହୃତ ଜେସିବି ମେସିନକୁ ନରସିଂହପୁର ଅଞ୍ଚଳରୁ ଜବତ କରିବା ସହ ଦୁଇଟି ବାଇକ ଜବତ କରିଛି ହିନ୍ଦୋଳ ବନବିଭାଗ। ଏହି ଘଟଣାରେ ଅଧିକ ଲୋକଙ୍କ ସମ୍ପୃକ୍ତି ଥିବା ବନ ବିଭାଗ ସୂଚନା ପାଇଛି। ଫାର୍ମରେ ହାତୀ ଫସଲ ନଷ୍ଟ କରୁଥିବାରୁ ଫାର୍ମ ଚାରିପାଖରେ ସୋଲାର ତାର ବାଡ଼ ଲାଗିଥିଲା। ଫାର୍ମ ମାଲିକ ରାତିରେ ସୋଲାର କାଟି ବିଦ୍ୟୁତ ସଂଯୋଗ କରିଥିଲେ। ଫଳରେ ଗୋଟିକିଆ ମାଖନା ହାତୀଟି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲା। ଫାର୍ମ ମାଲିକ ହାତୀକୁ ମାଟି ଖୋଳି ସେହି ଫାର୍ମ ଭିତରେ ପୋତିଦେଇଥିଲେ। କିନ୍ତୁ ବନବିଭାଗ ଗୁଇନ୍ଦା ସୂତ୍ରରୁ ଖବର ପାଇଁ ଫାର୍ମରୁ ମାଟି ଖୋଳି ହାତୀର ଶବ ଉଦ୍ଧାର କରିଥିଲା।

## ସୌମ୍ୟ ହତ୍ୟାକାଣ୍ଡ ଘଟଣାରେ ଆଉ ଜଣେ ଗିରଫ



କଟକ,୨।୬(ସଂଚାର ବ୍ୟୁରୋ): ସୌମ୍ୟ ହତ୍ୟାକାଣ୍ଡ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ପ୍ରଦୀପ ମଙ୍ଗରାଜ ଓରଫ ଦୀପୁକୁ କ୍ରାଇମବ୍ରାଞ୍ଚ ପୁଲିସ ଢେଙ୍କାନାଳରୁ ଗିରଫ କରିଛି। କ୍ରାଇମବ୍ରାଞ୍ଚ ଆଇଜି ସାର୍ଥକ ଷଡ଼ଙ୍ଗୀଙ୍କ ଅନୁଯାୟୀ, ଘଟଣାସ୍ଥଳର ଭିଡିଓ ଫୁଟେଜ୍‌କୁ ଯାଞ୍ଚ ଓ ଆନାଲିସିସ୍ କରିବା ପରେ ଅଭିଯୁକ୍ତ ପ୍ରଦୀପ ମଙ୍ଗରାଜକୁ ଚିହ୍ନଟ କରାଯାଇଥିଲା। ଗିରଫ ଅଭିଯୁକ୍ତ ପ୍ରଦୀପ ମଙ୍ଗରାଜ ବାଲିଅନ୍ତା ଥାନା ଅନ୍ତର୍ଗତ ବେଣୁପୁର ବାସିନ୍ଦା। କ୍ରାଇମବ୍ରାଞ୍ଚ ତାକୁ ଢେଙ୍କାନାଳରୁ କାବୁ କରିଛି। ଭିଡ଼ହତ୍ୟା ମାମଲାରେ ବର୍ତ୍ତମାନ ସୁଦ୍ଧା ସର୍ବମୋଟ ୧୮ ଜଣଙ୍କୁ ଗିରଫ କରାଯାଇଛି।

## ରକ୍ତଦାନ ଶିବିର, ୭୫ ୟୁନିଟ ରକ୍ତ ସଂଗ୍ରହ

କଟକ,୨।୬ (ସଂଚାର ବ୍ୟୁରୋ): ଟେଟ୍ରାହେଡ୍ରେନ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଛି। କଟକ ଜିଲ୍ଲାର ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ କନ୍ହେଇପୁର ପଞ୍ଚାୟତର ଭଗତପୁର କଲ୍ୟାଣ ମଣ୍ଡପରେ ଆୟୋଜିତ ରକ୍ତଦାନ ଶିବିରରେ ମୋଟ ୭୫ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ପଞ୍ଚାୟତର ବହୁ ମହିଳା ଓ ପୁରୁଷ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଛନ୍ତି। ଏହି ଅବସରରେ ଦୀନବନ୍ଧୁ ନାଥ, ହିମାଂଶୁ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ,୧।୬ (ସଂଚାର ବ୍ୟୁରୋ):ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ମଙ୍ଗଳବାର କଣ୍ଟାପଡା ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୫୩ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୪୯ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨ଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ପୁଲିସ ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟୁତ୍, ସ୍ୱାସ୍ଥ୍ୟ, ଶିକ୍ଷା ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜୀକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଜୁନ ୮ ତାରିଖରେ ନରସିଂହପୁର ବ୍ଲକ୍‌ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

# ଜାପାନରେ ଭାରତକୁ ପ୍ରତିନିଧିତ୍ୱ କଲେ ରାଜ୍ୟର ୪ ଛାତ୍ରଛାତ୍ରୀ



ଭୁବନେଶ୍ୱର,୨।୬ (ସଂଚାର ବ୍ୟୁରୋ): ଜାପାନ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏଜେନ୍ସି (ଜେଏସଟି) ଦ୍ୱାରା ଆୟୋଜିତ 'ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମ ୨୦୨୬' ରେ ରାଜ୍ୟର ୪ ଜଣ ମେଧାବୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ସେମାନେ ହେଉଛନ୍ତି, ବିଜେବିର ବିଷ୍ଣୁ ପ୍ରସାଦ ଜେନା, କୋରାପୁଟ୍‌ର ଶୁଭମ୍ ନାଏକ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ ଓ ଆଦ୍ୟାଶା ପଣ୍ଡା। ଏହି ଚାରିଜଣ ଛାତ୍ରଛାତ୍ରୀ ଏକ ଦଶ ଦିନିଆ ଗସ୍ତରେ ଭାରତର ପ୍ରତିନିଧିତ୍ୱ କରି ଫେରିଛନ୍ତି। ଜାପାନ ଗସ୍ତ ଅବସରରେ ଛାତ୍ରଛାତ୍ରୀମାନେ ଜାପାନର ପ୍ରସିଦ୍ଧ ସହର ତୁସୁକୁବା ଏବଂ ଆସାକୁସା ଭ୍ରମଣ କରିବା ସହ 'ଶିବାଉରା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି' ଏବଂ 'କାଶିୱା ଜୁନିୟର ଆଣ୍ଡ ସିନିୟର ହାଇସ୍କୁଲ'ରେ ଆୟୋଜିତ ବିଭିନ୍ନ ଶୈକ୍ଷିକ ଏବଂ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏଥିସହିତ ସେମାନେ ଜାପାନର ନୋବେଲ ବିଜେତାଙ୍କ ବକ୍ତବ୍ୟ ଶୁଣିବା ସହ ଜାପାନର ସମୃଦ୍ଧ ସଂସ୍କୃତି ଓ ଆଧୁନିକ ବୈଜ୍ଞାନିକ ପ୍ରଗତିକୁ ଅତି ନିକଟରୁ ଅନୁଭବ କରିଛନ୍ତି। ସୂଚନାଯୋଗ୍ୟ ଯେ, 'ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମ' ହେଉଛି ଏକ ସ୍ୱତନ୍ତ୍ର ଆନ୍ତର୍ଜାତୀୟ କାର୍ଯ୍ୟକ୍ରମ, ଯେଉଁଥିରେ ଜାପାନ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏଜେନ୍ସି ପକ୍ଷରୁ ଏସୀୟ ଦେଶଗୁଡ଼ିକର ମେଧାବୀ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପ୍ରାୟ ଏକ ସପ୍ତାହ ପାଇଁ ଜାପାନ ଆମନ୍ତ୍ରଣ କରାଯାଇଥାଏ।

# ପୋଥିବିଜ୍ଞାନ କର୍ମଶାଳା ଉଦ୍‌ଘାଟିତ



ଭୁବନେଶ୍ୱର,୨।୬(ସଂଚାର ବ୍ୟୁରୋ): କୌଣସି ଜାତିର ପରିଚୟ କେବଳ ତାହାର ଭୂଖଣ୍ଡ, ରାଜନୈତିକ ଇତିହାସ କିମ୍ବା ଅର୍ଥନୈତିକ ସମୃଦ୍ଧିରେ ନୁହେଁ; ବରଂ ତାହାର ସଂରକ୍ଷିତ ଜ୍ଞାନ, ସ୍ମୃତି ଓ ସାଂସ୍କୃତିକ ଉତ୍ତରାଧିକାରରେ ନିହିତ। ସେହି ଉତ୍ତରାଧିକାରର ସବୁଠାରୁ ପ୍ରାମାଣିକ ଓ ଜୀବନ୍ତ ଦଲିଲ ହେଉଛି ପୋଥି ଓ ପାଣ୍ଡୁଲିପି। ପୋଥି ସଂରକ୍ଷଣ, ଅଧ୍ୟୟନ ଓ ଗବେଷଣା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ପୋଥିବିଜ୍ଞାନ ସମ୍ବନ୍ଧୀୟ କର୍ମଶାଳା ଉଦଘାଟନ କରି ବିଶିଷ୍ଟ ପୋଥିବିଜ୍ଞାନୀ ତଥା ଜାତୀୟ ପାଣ୍ଡୁଲିପି ମିଶନର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମତବ୍ୟକ୍ତ କରିଛନ୍ତି।

ଓଡ଼ିଶା ଭର୍ଚୁଆଲ ଏକାଡେମୀ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଅଧ୍ୟକ୍ଷତା କରି ଏକାଡେମୀର ସଚିବ ପ୍ରଦୀପ କୁମାର ରାଉତ ପାଣ୍ଡୁଲିପି ସମ୍ପଦର ସନ୍ଧାନ, ସର୍ବେକ୍ଷଣ, ସଂରକ୍ଷଣ ତଥା ପ୍ରକାଶନ ଓ ଗବେଷଣାର ପ୍ରସାର ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ। ରାଜଧାନୀ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ବିଭୂତି ଭୂଷଣ ମହାପାତ୍ର ପାଣ୍ଡୁଲିପି ବିଜ୍ଞାନ, ଲିପିବିଜ୍ଞାନ ଭଳି ବିଷୟଗୁଡ଼ିକୁ ଏହି କର୍ମଶାଳାରେ ସାମିଲ କରାଯାଇଛି ବୋଲି କହିଥିଲେ। ଓଡ଼ିଶା ଭର୍ଚୁଆଲ ଏକାଡେମୀ ପକ୍ଷରୁ ବରିଷ୍ଠ ପ୍ରବନ୍ଧକ ସ୍ମୃତିରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଦେବାନନ୍ଦ ଭଞ୍ଜ, ଶ୍ରୀନିବାସ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜୋନାଲ ସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ର ଶୁଭାରମ୍ଭ

ଭୁବନେଶ୍ୱର,୨।୬ (ସଂଚାର ବ୍ୟୁରୋ): ବିଦ୍ୟାଳୟ ସ୍ତରରେ ପିଲାମାନଙ୍କର କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ସହ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ଜୋନାଲ ସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ ହୋଇଛି। କ୍ରୀଡା ଓ ଯୁବସେବା ବିଭାଗ ଓ ଓଡିଶା ଫୁଟବଲ ସଂଘ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ଉକ୍ତ ପ୍ରତିଯୋଗିତାରେ ଉଭୟ ବାଳକ ଓ ବାଳିକା ବିଭାଗରେ ଫୁଟବଲ ଓ ଭଲିବଲ ପ୍ରତିଯୋଗିତା ହେବ। ଭୁବନେଶ୍ୱର ଜୋନ ଅଧୀନରେ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର,କଟକ, ଭୁବନେଶ୍ୱରକୁ ନେଇ ଏହି ଜୋନ ସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେଉଛି। ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ୟୁନିଟ୍-୧ ସ୍ଥିତ ଫୁଟବଲ୍ ଏକାଡେମୀ ପରିସରରେ ଫୁଟବଲ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି । ସେହିଭଳି ଆସନ୍ତା ୫ ତାରିଖରୁ କିଟ ପରିସରରେ ଭଲିବଲ ମ୍ୟାଚ ଆୟୋଜନ କରାଯିବ। ବିଦ୍ୟାଳୟ ସ୍ତରରେ ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ଅନ୍ୱେଷଣପୂର୍ବକ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ପ୍ରକାରର ଆୟୋଜନ କରାଯାଇଛି।

**ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଏବଂ ପିଏମ୍ ଗତିଶକ୍ତି ପୋର୍ଟାଲ ସମୀକ୍ଷା**


# ଗୁଣାତ୍ମକ ଓ ସମୟ ସୀମା ମଧ୍ୟରେ କାର୍ଯ୍ୟକାରିତାକୁ ଗୁରୁତ୍ୱ



ଭୁବନେଶ୍ୱର,୨।୬ (ସଂଚାର ବ୍ୟୁରୋ): ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗତିଶକ୍ତି ପୋର୍ଟାଲର ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ ରାଜ୍ୟରେ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟକାରିତା ନେଇ ଆଜି ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପିଏମ୍ ଗତିଶକ୍ତି ପୋର୍ଟାଲର ସର୍ବାଧିକ ଉପଯୋଗ କରି ପ୍ରକଳ୍ପଗୁଡ଼ିକର ଗୁଣାତ୍ମକ ତଥା ସମୟ ଅବଧି ମଧରେ କାର୍ଯ୍ୟାନ୍ୱୟନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ତଥା ରାଜ୍ୟର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଅନୁମୋଦନ ପ୍ରକ୍ରିୟାକୁ ଅଧିକ ସରଳ ଓ ଦ୍ରୁତତର କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଥଲେ ଯେ, ଭିତ୍ତିଭୂମି ନିର୍ମାଣ ଦିଗରେ ପିଏମ୍ ଗତିଶକ୍ତି ପୋର୍ଟାଲ ଆଗାମୀ ଦିନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି। ତେଣୁ ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା, ଆଧୁନିକ ରାସ୍ତା, ସେତୁ ଓ କୋଠାବାଡି ଆଦି ନିର୍ମାଣ କ୍ଷେତ୍ରରେ ଏହି ପୋର୍ଟାଲର ଯୁଗାନ୍ତକାରୀ ସାବ୍ୟସ୍ତ ହେବ । ବୈଠକରେ ରାଜ୍ୟରେ କାର୍ଯ୍ୟକାରି ହେବାକୁ ଥିବା ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ, ସଡ଼କ ସରଂଚନା, ବହୁମୁଖୀ ସଂଯୋଗ ବ୍ୟବସ୍ଥାର ବିକାଶ ଏବଂ ପିଏମ୍ ଗତିଶକ୍ତି ପୋର୍ଟାଲ ମାଧ୍ୟମରେ ପ୍ରକଳ୍ପଗୁଡ଼ିକର ଉନ୍ନତ ଯୋଜନା ପ୍ରସ୍ତୁତି ଓ ସମନ୍ୱିତ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

ଏହା ସହିତ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗାମୀ ଓଡ଼ିଶା ଗସ୍ତ ଅବସରରେ ନୂତନ ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ ହେବାକୁ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା।

# ସହରୀ ଯୋଜନା କ୍ଷମତାର ସୁଦୃଢ଼ୀକରଣକୁ ଗୁରୁତ୍ୱ



ଭୁବନେଶ୍ୱର, ୨।୬ (ସଂଚାର ବ୍ୟୁରୋ): ଓଡ଼ିଶାର ଦ୍ରୁତ ବିକାଶଶୀଳ ସହରୀ ପରିଦୃଶ୍ୟକୁ ଦୃଷ୍ଟିରେ ରଖି ରାଜ୍ୟର ସହରୀ ଯୋଜନା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ 'ଇନଷ୍ଟିଚ୍ୟୁଟ୍ ଅଫ୍ ଟାଉନ୍ ପ୍ଲାନର୍ସ, ଇଣ୍ଡିଆ' (ଆଇଟିପିଆଇ) ଓଡ଼ିଶା ଶାଖା ପକ୍ଷରୁ ଏକ ବ୍ୟାପକ ରୂପରେଖ ପ୍ରସ୍ତୁତ କରାଯାଇଛି। ଏଥିରେ ବୃତ୍ତିଗତ ଟାଉନ୍ ପ୍ଲାନରମାନଙ୍କର ବଡ଼ ଆକାରରେ ନିଯୁକ୍ତି ଏବଂ ଆନୁଷ୍ଠାନିକ ସଂସ୍କାର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ପରାମର୍ଶ ବୈଠକରେ ଏହି ସୁପାରିଶଗୁଡ଼ିକୁ ଉପସ୍ଥାପନ କରାଯାଇଛି।

ଓଡ଼ିଶାର ସହରୀ ଭବିଷ୍ୟତ ପାଇଁ ନିଜର ଦୂରଦୃଷ୍ଟି ଉପସ୍ଥାପନ କରି ଆଇଟିପିଆଇ ଦର୍ଶାଇଛି ଯେ, ରାଜ୍ୟରେ ସହରୀକରଣ ହାର ନାଟକୀୟ ଭାବେ ବୃଦ୍ଧି ପାଇବାକୁ ଯାଉଛି। ୨୦୨୫ ମସିହାରେ ସହରୀ ଜନସଂଖ୍ୟା ପ୍ରାୟ ୧୭ ପ୍ରତିଶତ ଥିବାବେଳେ ୨୦୪୭ ସୁଦ୍ଧା ଏହା ପ୍ରାୟ ୬୦ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଓଡ଼ିଶା ନିଜର ସହରଗୁଡ଼ିକୁ ପ୍ରମୁଖ ଅର୍ଥନୈତିକ ଅଭିବୃଦ୍ଧି କେନ୍ଦ୍ରରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି, ଯାହା ରାଜ୍ୟର ସମୁଦାୟ ଘରୋଇ ଉତ୍ପାଦରେ ୬୦ ପ୍ରତିଶତରୁ ଅଧିକ ଯୋଗଦାନ କରିବ। ଏଭଳି ସ୍ଥିତିରେ ବୈଜ୍ଞାନିକ, ବୃତ୍ତିଗତ ଏବଂ ଭବିଷ୍ୟତମୁଖୀ ସହରୀ ଯୋଜନାକୁ ବିକାଶର ମୁଖ୍ୟ ସ୍ତମ୍ଭ କରାଯିବା ଉଚିତ ବୋଲି ସଂସ୍ଥା ଗୁରୁତ୍ୱ ଆରୋପ କରିଛି। ବିଭାଗୀୟ ମନ୍ତ୍ରୀ ଏହି ବିସ୍ତୃତ ଉପସ୍ଥାପନାକୁ ପ୍ରଶଂସା କରିବା ସହ ସମଗ୍ର ଓଡ଼ିଶାରେ ସ୍ଥାୟୀ, ସମାବେଶୀ ଏବଂ ସୁପରିଚାଳିତ ସହରୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ପାଇଁ ବୃତ୍ତିଗତ ଯୋଜନା କ୍ଷମତାର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ଭୁଶୁଡ଼ି ପଡିଛି ଶିକ୍ଷା ବ୍ୟବସ୍ଥା



ଭୁବନେଶ୍ୱର,୨।୬(ସଂଚାର ବ୍ୟୁରୋ): ବିଜେପି ସରକାରକୁ ଆସିବା ଦିନଠୁ ପ୍ରାୟ ସବୁ ପରୀକ୍ଷାରେ ପେପର ଲିକ୍ ହୋଇ ପରୀକ୍ଷା ବାତିଲ ହୋଇଛି। ଦେଶର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ିପଡ଼ିଛି ବିଗତ ୬ ବର୍ଷ ମଧ୍ୟରେ ଚାରିଥର ନିଟ୍ ପରୀକ୍ଷା ବାତିଲ୍ ହୋଇଛି ବୋଲି ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଓ ବିଜୁ ଜନତା ଦଳର ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି। ଶ୍ରୀମତୀ ଦେଓ କହିଛନ୍ତି ଯେ,୨୦୨୪ରେ ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଥମେ ଅସ୍ୱୀକାର କରିଥିବା ବେଳେ କିଛି ରାଜ୍ୟରେ ପେପର ଲିକ୍ ହୋଇଥିବା ପରେ ମାନିଥିଲେ। ଚଳିତ ବର୍ଷ ନିଟ୍, ସିବିଏସ୍‌ଇ, ସିୟୁଟି ପରୀକ୍ଷା ବିଭ୍ରାଟ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତକୁ ଅନିଶ୍ଚିତତା ଭିତରକୁ ଟାଣି ନେଇଛି। ପିଲାମାନେ ଆତ୍ମହତ୍ୟା କରୁଛନ୍ତି। ସୋସିଆଲ ମିଡିଆରେ ଯେଉଁ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ସମ୍ପର୍କରେ କଥା ଉଠୁଛି ସେହି ଟ୍ରଷ୍ଟ ସହ କେନ୍ଦ୍ରମନ୍ତ୍ରୀଙ୍କ ଧର୍ମପତ୍ନୀ ମୃଦୁଳା ପ୍ରଧାନଙ୍କ ନାମ ଜଡିତ ଥିବାରୁ ଜନସାଧାରଣଙ୍କ ମନରେ ସନ୍ଦେହ ଘନୀଭୂତ ହୋଇଛି। ବିଜୁ ନବୀନ ଇନ୍‌ସ୍ପିରେସନାଲ ଟ୍ରଷ୍ଟ ବିଷୟରେ ପ୍ରଶ୍ନ ଉଠିବା ବେଳେ ଆମେ ସ୍ପଷ୍ଟୀକରଣ ଦେଇଥିଲୁ। ସେହିପରି ଧର୍ମେନ୍ଦ୍ରବାବୁ ମଧ୍ୟ ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ସହ ତାଙ୍କର କିମ୍ବା ତାଙ୍କ ପରିବାରର କି ପ୍ରକାର ସମ୍ପର୍କ ରହିଛି ତାହା ସ୍ପଷ୍ଟ କରନ୍ତୁ।

# ହୋମିଓପାଥିକ ପାଠପଢ଼ା, ନାହାନ୍ତି ଶିକ୍ଷକ

ଭୁବନେଶ୍ୱର,୨।୬: ହୋମିଓପାଥିକ ଔଷଧ ଉପରେ ଲୋକଙ୍କ ଆସ୍ଥା ବଢୁଥିବାବେଳେ ହୋମିଓପାଥି ଡାକ୍ତରୀ ଛାତ୍ରଙ୍କୁ ପଢାଇବାକୁ କିନ୍ତୁ ଶିକ୍ଷକ ନାହାନ୍ତି। ଶିକ୍ଷକ ତ ଦୂରରକଥା ହୋମିଓପାଥିକ କଲେଜରେ ପ୍ରିନ୍ସିପାଲ ପଦବୀ ବି ପୂରଣ ହୋଇପାରୁ ନାହିଁ।

ହୋମିଓପାଥିକ ପାଠ ପଢିବାପାଇଁ ରାଜ୍ୟରେ ରହିଛି ୪ଟି ଶିକ୍ଷାନୁଷ୍ଠାନ। ଏଗୁଡିକ ହେଲା ଭୁବନେଶ୍ୱର ଠାରେ ଥିବା ଡକ୍ଟର ଅଭିନ ଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜ ଏବଂ ହସ୍ପିଟାଲ, ସମ୍ବଲପୁର ଠାରେ ଥିବା ଓଡିଶା ମେଡିକାଲ କଲେଜ ଅଫ୍ ହୋମିଓପାଥି ଆଣ୍ଡ ରିସର୍ଚ୍ଚ, ରାଉରକେଲାରେ ଥିବା ଉତ୍କଳମଣି ହୋମିଓପାଥିକ ମେଡିକାଲ କଲେଜ ଏବଂ ହସ୍ପିଟାଲ ଏବଂ ଗଞ୍ଜାମରେ ଥିବା ବିଜୁ ପଟ୍ଟନାୟକ ହୋମିଓପାଥିକ ମେଡିକାଲ କଲେଜ ଏବଂ ହସ୍ପିଟାଲ।

ଏହିସବୁ ଶିକ୍ଷାନୁଷ୍ଠାନରେ ଥିବା ସମସ୍ତ ପ୍ରିନ୍ସିପାଲ ଓ ପ୍ରଫେସର ପଦବୀ ଖାଲି ପଡ଼ିଛି। ପ୍ରତେକ ଅନୁଷ୍ଠାନରେ ଜଣେ କରି ପ୍ରିନ୍ସିପାଲ ପଦବୀ ଓ ୬ଟି କରି ପ୍ରଫେସର ପଦବୀ ରହିଛି। ସେହିଭଳି ୫୯ଟି ମଞ୍ଜୁରୀପ୍ରାପ୍ତ ରିଡର ପଦବୀରେ ଅଛନ୍ତି ମାତ୍ର ୧୦ ଜଣ। ୬୦ଟି ଅଧ୍ୟାପକ ପଦବୀରେ ୪୪ ଜଣ ଶିକ୍ଷାଦାନ କରୁଛନ୍ତି। ସେହିଭଳି ଅଣଶିକ୍ଷକ ପଦବୀରେ ମଧ୍ୟ କର୍ମଚାରୀ ସଙ୍କଟ। ମଞ୍ଜୁରୀପ୍ରାପ୍ତ ୧୦୫ଟି ପଦବୀରେ କାର୍ଯ୍ୟ କରୁଛନ୍ତି ୪୪ଜଣ।

ଉଭୟ ଅଧ୍ୟକ୍ଷ ଓ ପ୍ରଫେସର ପଦବୀ ସହିତ ଅନ୍ୟାନ୍ୟ ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ହୋମିଓପାଥିକ କଲେଜରେ ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହେଉଛି। ଏଠାରେ ନାମ ଲେଖାଉଥିବା ଛାତ୍ରଛାତ୍ରୀମାନେ କିଭଳି ପାଠ ପଢିବେ ଜାଣିପାରୁ ନାହାନ୍ତି। କେତେକ ସ୍ଥଳରେ ଠିକା ଅଧ୍ୟାପଙ୍କ ଜରିଆରେ କାମ ଚଳାଇ ନିଆଯାଉଛି।

ଅବସ୍ଥା ଏଭଳି ହୋଇଛି ଏଲୋପାଥିକ ଡାକ୍ତରମାନଙ୍କୁ ଏଠାରେ କିଛିଦିନ ପାଇଁ ଅସ୍ଥାୟୀଭାବେ ରଖାଯିବାର ନଜିର ରହିଛି। ଯେଉଁ ଏଲୋପାଥିକ ଡାକ୍ତରମାନଙ୍କ ରାଜଧାନୀରୁ ଅନ୍ୟତ୍ର ବଦଳି ହେଉଛି ସେମାନଙ୍କୁ ଅଭିନଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜର ଥଇଥାନ କରିଦିଆଯାଉଛି। ଏମାନେ ହୋମିଓପାଥିକ ମେଡିକାଲ କଲେଜରେ କି ପ୍ରକାର କାର୍ଯ୍ୟ କରୁଛନ୍ତି ତାହା ଅନେକଙ୍କୁ ଅଜଣା। ସେହିଭଳି ହୋମିଓପାଥିକ ମେଡିକାଲ କଲେଜରେ ଶିକ୍ଷକ ଓ କର୍ମଚାରୀ ଅଭାବରୁ ହୋମିଓପାଥିକ ଔଷଧ ପ୍ରସ୍ତୁତି ମଧ୍ୟ ଧିମେଇ ଯାଇଛି। ପୂର୍ବରୁ ଏଠାରୁ ପ୍ରସ୍ତୁତ ଔଷଧ (ମଦର ଟିଞ୍ଚର) ରାଜ୍ୟର ସମସ୍ତ ହୋମିଓପାଥିକ ଚିକିତ୍ସାଳୟକୁ ପଠାଯାଉଥିବାବେଳେ ଏବେ ତାହା ହୋଇପାରୁ ନାହିଁ।



ଏଲୋପାଥିକ ଔଷଧର ପାଶ୍ୱର୍ ପ୍ରତିକ୍ରିୟା ସହିତ ଦର ଢେର ଅଧିକ ରହୁଥିବାରୁ ସହର ଠାରୁ ଗାଁ ଗହଳ ପର୍ଯ୍ୟନ୍ତ ଲୋକମାନେ ହୋମିଓପାଥିକ ଔଷଧ ଉପରେ ଆସ୍ଥା ପ୍ରକଟ କରୁଥିବାବେଳେ ମେଡିକାଲ କଲେଜରେ ଶିକ୍ଷକ ସଙ୍କଟ ଯୋଗୁଁ ଆଗାମୀ ଦିନରେ କେଉଁମାନର ହୋମିଓପାଥିକ ଡାକ୍ତର ବାହାରିବେ ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। (ତଥ୍ୟ)

# ଜିଲ୍ଲାସ୍ତରୀୟ ବିଶ୍ୱ ଦୁଗ୍ଧ ଦିବସ ପାଳିତ



କଟକ,୧।୬(ସଂଚାର ବ୍ୟୁରୋ): ଜିଲ୍ଲାର ଅରିଲୋ ସ୍ଥିତ ଓମଫେଡ଼ ଡାଏରୀଠାରେ ମଙ୍ଗଳବାର ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଦ୍ୱାରା ବିଶ୍ୱ ଦୁଗ୍ଧ ଦିବସ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଉପସ୍ଥିତ ଗୋପାଳକ ଓ ଜନସାଧାରଣଙ୍କୁ ଉଦବୋଧନ ଦେଇ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ଦୁଗ୍ଧ ଉତ୍ପାଦନକୁ ଦୁଇଗୁଣ କରିବାର ଲକ୍ଷ୍ୟ ରଖି ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ନୂତନ ଭାବେ ଆରମ୍ଭ କରିଛନ୍ତି। ଏହି ଯୁଗାନ୍ତକାରୀ ଯୋଜନାରେ ଗାଈ ଓ ମଇଁଷି ପାଳନ ପାଇଁ ୭୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ଯୋଗାଇ ଦିଆଯାଉଛି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ବିଗତ ଦୁଇବର୍ଷରେ ୪ ଲକ୍ଷରୁ ଅଧିକ ଗୋପାଳକ ୩୨୬ କୋଟି ଟଙ୍କାର ଅନୁଦାନ ରାଶି ପାଇ ଉପକୃତ ହୋଇସାରିଲେଣି। ସେହିପରି, 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ଗୋ-ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସ୍ଥାୟୀ-ପୁଞ୍ଜି-ନିବେଶର ୪୦ରୁ ୫୦ ପ୍ରତିଶତ ଏବଂ ସର୍ବାଧିକ ଏକ କୋଟି ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଥିବା ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଓମଫେଡ଼ ସଭାପତି କିଶୋର ଚନ୍ଦ୍ର ପ୍ରଧାନୀ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଦୁଗ୍ଧ ଚାଷୀଙ୍କୁ କାର୍ଯ୍ୟାନ୍ୱୟନ ବଣ୍ଟନ କରାଯାଇଥିଲା।

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ବୁଧବାର ୩ ଜୁନ୍ ୨୦୨୬, ଭୁବନେଶ୍ୱର
Wednesday 3 June 2026, Bhubaneswar

# ଆତ୍ମରକ୍ଷା ନା ଆକ୍ରମଣାତ୍ମକ ନୀତି?

ମଧ୍ୟପ୍ରାଚ୍ୟର ଅସ୍ଥିରତା ଆଉ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ଇସ୍ରାଏଲ ଲେବାନନରେ ହିଜବୁଲ୍ଲା ବିରୋଧରେ ତୀବ୍ର ଆକ୍ରମଣ ଜାରି ରଖିଛି। ଏହାର ପୃଷ୍ଠଭୂମି ୨୦୨୩ ଅକ୍ଟୋବର ୭ ତାରିଖର ହାମାସ୍ ଆକ୍ରମଣ। ହିଜବୁଲ୍ଲା, ଯାହା ଇରାନର ପ୍ରମୁଖ ପ୍ରକ୍ସି ଶକ୍ତି, ହାମାସ୍‌କୁ ସମର୍ଥନ ଦେବା ପାଇଁ ଇସ୍ରାଏଲ ଉପରେ ରକେଟ୍ ବର୍ଷା ଆରମ୍ଭ କରିଥିଲା। ଏହା ଫଳରେ ଇସ୍ରାଏଲର ଉତ୍ତରୀୟ ଅଞ୍ଚଳରୁ ଲକ୍ଷାଧିକ ଲୋକ ବିସ୍ଥାପିତ ହୋଇଥିଲେ। ଇସ୍ରାଏଲର ଦୃଷ୍ଟିରେ ଏହା ଏକ ଅସ୍ତିତ୍ୱର ସଙ୍କଟ ଥିଲା।



ହିଜବୁଲ୍ଲା ୧୯୮୨ରେ ପ୍ରତିଷ୍ଠିତ ହୋଇଥିବା ଏକ ଶିଆ ମୁସଲିମ୍ ସଂଗଠନ। ଏହା ଇସ୍ରାଏଲର ଅସ୍ତିତ୍ୱକୁ ସ୍ୱୀକାର କରେ ନାହିଁ ଏବଂ ଇରାନର ଆର୍ଥିକ ଓ ସାମରିକ ସମର୍ଥନ ପାଏ। ଗତ ଦଶକ ଗୁଡ଼ିକରେ ହିଜବୁଲ୍ଲା ଲେବାନନର ଦକ୍ଷିଣାଞ୍ଚଳରେ ଏକ ଶକ୍ତିଶାଳୀ ସାମରିକ ଉପସ୍ଥିତି ଗଢ଼ି ତୁଲାଇଛି। ତାଙ୍କ ପାଖରେ ହଜାର ହଜାର ରକେଟ୍ ଓ ଡ୍ରୋନ୍ ଅଛି, ଯାହା ଇସ୍ରାଏଲର ସମଗ୍ର ଅଞ୍ଚଳକୁ ଲକ୍ଷ୍ୟ କରିପାରେ। ଇସ୍ରାଏଲ କହୁଛି ଯେ ହିଜବୁଲ୍ଲା ଲେବାନନର ରାଜ୍ୟ ସରକାରକୁ ଦୁର୍ବଳ କରି ନିଜର ସ୍ୱାର୍ଥ ପାଇଁ ବ୍ୟବହାର କରୁଛି। ଏହା ଲେବାନନର ସାର୍ବଭୌମତ୍ୱକୁ ମଧ୍ୟ ଚ୍ୟାଲେଞ୍ଜ କରୁଛି।

ଇସ୍ରାଏଲର ଆକ୍ରମଣର ମୂଳ କାରଣ ହେଉଛି ଆତ୍ମରକ୍ଷା। ୨୦୨୪ ସେପ୍ଟେମ୍ବରରେ ଇସ୍ରାଏଲ "ଅପରେସନ୍ ନର୍ଥର୍ନ ଆରୋଜ୍" ଆରମ୍ଭ କରିଥିଲା। ଲକ୍ଷ୍ୟ ଥିଲା ହିଜବୁଲ୍ଲାର ସାମରିକ କ୍ଷମତାକୁ ଧ୍ୱଂସ କରି ଉତ୍ତର ଇସ୍ରାଏଲର ନାଗରିକଙ୍କୁ ନିରାପଦରେ ଘରକୁ ଫେରାଇବା। ହିଜବୁଲ୍ଲା ନେତା ହାସାନ ନାସ୍ରାଲ୍ଲାଙ୍କ ମୃତ୍ୟୁ ପରେ ମଧ୍ୟ ଆକ୍ରମଣ ଜାରି ରହିଥିଲା। ଇସ୍ରାଏଲ କହୁଛି ଯେ ହିଜବୁଲ୍ଲା ସମ୍ପୂର୍ଣ୍ଣ ନିରସ୍ତ୍ର ନ ହେଲେ କୌଣସି ସ୍ଥାୟୀ ଶାନ୍ତି ସମ୍ଭବ ନୁହେଁ। ସେମାନେ ଲେବାନନର ଦକ୍ଷିଣାଞ୍ଚଳରେ ଏକ ସୁରକ୍ଷା ପେରିମିଟର ସୃଷ୍ଟି କରିବାକୁ ଚାହୁଁଛନ୍ତି, ଯାହା ୟୁଏନ୍ ରିଜୋଲ୍ୟୁସନ୍ ୧୭୦୧ ଅନୁଯାୟୀ ହେବା ଉଚିତ୍। କିନ୍ତୁ ଏହି ଆକ୍ରମଣର ଫଳ ଭୟଙ୍କର ହୋଇଛି। ଲେବାନନରେ ହଜାର ହଜାର ଲୋକ ମୃତ ହୋଇଛନ୍ତି, ଲକ୍ଷାଧିକ ଲୋକ ବିସ୍ଥାପିତ ହୋଇଛନ୍ତି ଏବଂ ଦେଶର ଅର୍ଥନୀତି ଭାଙ୍ଗି ପଡ଼ିଛି। ଆମ୍ନେସ୍ଟି ଇଣ୍ଟରନ୍ୟାସନାଲ୍ ପରି ସଂସ୍ଥାରେ ଉଭୟ ପକ୍ଷ ଯୁଦ୍ଧ ଅପରାଧର ଅଭିଯୋଗ କରିଛନ୍ତି। ହିଜବୁଲ୍ଲା ସମର୍ଥକମାନେ କହୁଛନ୍ତି ଯେ ଇସ୍ରାଏଲ ଲେବାନନର ସାର୍ବଭୌମତ୍ୱ ଉପରେ ଆକ୍ରମଣ କରୁଛି ଏବଂ ଶିଆ ସମ୍ପ୍ରଦାୟକୁ ଲକ୍ଷ୍ୟ କରୁଛି। ଇସ୍ରାଏଲ କହୁଛି ଯେ ହିଜବୁଲ୍ଲା ସାମରିକ ଲକ୍ଷ୍ୟଗୁଡ଼ିକୁ ବେସାମରିକ ଅଞ୍ଚଳରେ ଲୁଚାଇ ରଖୁଛି, ଯାହା ଫଳରେ ସାଧାରଣ ଲୋକ ପ୍ରଭାବିତ ହେଉଛନ୍ତି।

ଏହି ସଙ୍ଘର୍ଷର ଗଭୀର କାରଣ ହେଉଛି ଇରାନ-ଇସ୍ରାଏଲ ପ୍ରତିଦ୍ୱନ୍ଦ୍ୱିତା। ଇରାନ ହିଜବୁଲ୍ଲା, ହାମାସ୍ ଓ ଅନ୍ୟାନ୍ୟ ଗୋଷ୍ଠୀ ମାଧ୍ୟମରେ ଇସ୍ରାଏଲକୁ ଘେରି ରଖିବାକୁ ଚେଷ୍ଟା କରୁଛି। ଇସ୍ରାଏଲ ଏହାକୁ ନିଜର ଅସ୍ତିତ୍ୱ ଉପରେ ବିପଦ ବୋଲି ବିବେଚନା କରେ। ଏହା କେବଳ ଲେବାନନ ନୁହେଁ, ଗୋଟିଏ ବଡ଼ ଆଞ୍ଚଳିକ ଯୁଦ୍ଧର ଅଂଶ। ଯୁକ୍ତରାଷ୍ଟ୍ର ଆମେରିକା ଇସ୍ରାଏଲର ଆତ୍ମରକ୍ଷା ଅଧିକାରକୁ ସମର୍ଥନ କରୁଛି କିନ୍ତୁ ସେମାନେ ମଧ୍ୟ ସଂଯମ ପାଇଁ ଆହ୍ୱାନ ଦେଉଛନ୍ତି। ଟ୍ରମ୍ପ ପ୍ରଶାସନ ସମୟରେ ମଧ୍ୟ ଏହି ପ୍ରକ୍ରିୟା ଜାରି ରହିଛି।

ଲେବାନନର ଦୃଷ୍ଟିରେ ଏହା ଏକ ବିପର୍ଯ୍ୟୟ। ଦେଶ ଇତିମଧ୍ୟରେ ଅର୍ଥନୈତିକ ସଙ୍କଟ, ରାଜନୈତିକ ଅସ୍ଥିରତା ଏବଂ ଶରଣାର୍ଥୀ ସଙ୍କଟରେ ଜର୍ଜରିତ। ହିଜବୁଲ୍ଲାର ପ୍ରଭାବ ଲେବାନନର ରାଜ୍ୟ ପ୍ରତିଷ୍ଠାନକୁ ଦୁର୍ବଳ କରୁଛି। ଲେବାନନ ସରକାର ହିଜବୁଲ୍ଲାକୁ ନିରସ୍ତ୍ର କରିବାର ପ୍ରତିଶ୍ରୁତି ଦେଇଛି କିନ୍ତୁ ଏହା ବାସ୍ତବରେ କେତେ କାର୍ଯ୍ୟକାରୀ ହେବ ତାହା ସନ୍ଦେହଜନକ। ଏହି ସଙ୍ଘର୍ଷର ସମାଧାନ କେବଳ ସାମରିକ ନୁହେଁ, ରାଜନୈତିକ ଓ କୂଟନୀତିକ ହେବା ଉଚିତ୍। ୟୁଏନ୍ ରିଜୋଲ୍ୟୁସନ୍ ଅନୁଯାୟୀ ହିଜବୁଲ୍ଲା ଲିଟାନି ନଦୀର ଦକ୍ଷିଣରୁ ପଛକୁ ହଟିବା ଉଚିତ୍ ଏବଂ ଲେବାନନ ଆର୍ମୀ ସେହି ଅଞ୍ଚଳର ନିୟନ୍ତ୍ରଣ ନେବା ଉଚିତ୍। ଇସ୍ରାଏଲ ତାଙ୍କ ସୁରକ୍ଷା ପାଇଁ ନିଶ୍ଚିତତା ଚାହୁଁଛି। କିନ୍ତୁ ଅନ୍ତହୀନ ଯୁଦ୍ଧ କେବଳ ଦୁଇ ପକ୍ଷର କ୍ଷତି ବଢ଼ାଇବ।

ବିଶ୍ୱ ସମାଜକୁ ଏହି ସଙ୍ଘର୍ଷରେ ନିରପେକ୍ଷ ଭୂମିକା ଗ୍ରହଣ କରିବାକୁ ପଡ଼ିବ। ଶାନ୍ତି ଆଲୋଚନା ମାଧ୍ୟମରେ ହିଜବୁଲ୍ଲାର ନିରସ୍ତ୍ରୀକରଣ ଏବଂ ଲେବାନନର ସ୍ଥିରତା ନିଶ୍ଚିତ କରିବା ଆବଶ୍ୟକ। ଇସ୍ରାଏଲର ଆକ୍ରମଣ ତାଙ୍କ ଦୃଷ୍ଟିରେ ଆତ୍ମରକ୍ଷା, କିନ୍ତୁ ଏହା ଲେବାନନର ନିରୀହ ଜନତାଙ୍କ ପାଇଁ ବିପର୍ଯ୍ୟୟ ସାଜିଛି। ଦୁଇ ପକ୍ଷ ଯଦି ସଂଯମ ଦେଖାଉ ନାହାନ୍ତି ତେବେ ଏହି ଯୁଦ୍ଧ ଆହୁରି ବଢ଼ିବ ଏବଂ ଆଞ୍ଚଳିକ ସ୍ଥିରତାକୁ ବିପନ୍ନ କରିବ।

# ‘ମନୋଯୋଗ’ର ସଙ୍କଟ



**ମନସିଜ୍ ଦାସ**

ଆମେ, ଆମ ସହିତ ଯଦି କିଏ ଦ୍ରୁତ ଭାବରେ ଆତଯାତ ହେଉଛି ସେ ହେଉଛି ‘ମନ’। କହିବାକୁଗଲେ ଯେଉଁ ବସ୍ତୁଟି ଆମମାନଙ୍କୁ ଗୋଟିଏ ଅଲଗା ପୃଥିବୀଠାରୁ ଭିନ୍ନ କରିରଖିଛି ତାହା ହେଉଛି ଏ ମନ। ଏହା ଦୃଷ୍ଟିଗୋଚର ହୋଇନଥାଏ କିମ୍ବା ଏହା ସ୍ଥୂଳବସ୍ତୁ ନୁହେଁ। ବର୍ତ୍ତମାନ ସମୟକୁ ଟିକିଏ ଦେଖନ୍ତୁ। ବର୍ତ୍ତମାନର ସମୟରେ ଆମେ ଟଙ୍କା ଠାରୁ ଯଦି ଅଧିକ ଗୁରୁତ୍ୱ କାହାକୁ ଦେଉଛୁ ତାହା ହେଉଛି - ‘ମନ ଯୋଗ’। ଶାସ୍ତ୍ରରେ ଉଲ୍ଲେଖ ରହିଛି ମାନସ, ବୁଦ୍ଧି, ଚିତ୍ତ ଓ ଅହଂକାର ଏଗୁଡ଼ିକ କେବଳ ମନର ବିଭିନ୍ନ କାର୍ମିକ ରୂପ। କିନ୍ତୁ ଏ ସବୁ ପଛରେ ଆମ ମନ, ଆମ ସମୟ, ଆମ ଏକାଗ୍ରତା ଏବେ ସବୁକିଛି ବଜାରର ସାମଗ୍ରି ହୋଇ ଯାଇଛି।

ସକାଳ ହେଲେ, ନିଦ ଭାଙ୍ଗିବା ମାତ୍ରକେ ହାତଟି ଚାଲିଯାଉଛି ମୋବାଇଲକୁ। ମୋବାଇଲରେ କିଏ ହ୍ୱାଟସ ଆପ୍ କ’ଣ ପଠାଇଛି? ଫେସବୁକରେ କିଏ ସବୁ ନୂଆ ଫଟୋ ଅପଲୋଡ଼ କରିଛନ୍ତି, ଇନଷ୍ଟାଗ୍ରାମରେ କେଉଁ ଛୋଟ ଭିଡ଼ିଓ ଭଲ ଟ୍ରେଣ୍ଡିଂରେ ଚାଲିଛି ସେ ସବୁ ଦେଖିବା ପରେ ହିଁ ଆମର ଦିନ ଆରମ୍ଭ ହେଉଛି। ଆପଣ ସବୁ ଅବସ୍ଥାରେ, ଯୁଆଡ଼େ ବି ଘୁରି ଆସନ୍ତୁ ପ୍ରଥମେ ଚିନ୍ତା - ‘ଫଠୋ ଦେଲି କି?’ ଘରେ କାହାର ଜନ୍ମଦିନ ହେଉ ବା କୌଣସି ସେଲିବ୍ରେସନ୍, କେକ କଟା ଠାରୁ ସ୍ୱାଗତ କାର୍ଯ୍ୟକ୍ରମ ସବୁଥିରେ ଆଗ ମୋବାଇଲ ହିଁ ଖୋଜା ପଡୁଛି। ବର୍ଷା ପଡ଼ିଲେ ମନରେ ଆଉ କବିତା ଆସୁନି। ଆସୁଛି ଛବି ସହିତ ଦୁଇଟି ଶବ୍ଦ। ବର୍ତ୍ତମାନ ଆମେ ଏପରି ଏକ ଦୁନିଆରେ ଜୀବନ ଜୀଉଁଛୁ ଯେଉଁଠି ଅନୁଭବ କରିବା ଠାରୁ ଅଧିକ ‘ଦେଖାଇବାରେ ବ୍ୟସ୍ତ ହୋଇପଡ଼ିଛୁ’। ଦିନଥିଲା ଲୋକେ ଘଣ୍ଟା ଘଣ୍ଟା ଧରି ବହି ପତ୍ର ସବୁ ପଢୁଥିଲେ। ବହି, ପୋଥି ଏପରିକି ତାଳପତ୍ର ଲେଖନୀକୁ ଲୋକେ ଖୋଜିବା ପାଇଁ ଅନେକ ସମୟ ଦେଉଥିଲେ। ଏବେ ଏକ ମିନିଟର କିମ୍ବା ତିନି ମିନିଟର ଭିଡ଼ିଓ ମଧ୍ୟ ଲମ୍ବା ଲାଗୁଛି। ଗୋଟିଏ ଲମ୍ବା ଦେଖିଲା ବେଳକୁ ଆମ ଅଙ୍ଗୁଠି ଆପେ ଆପେ ତଳକୁ ଚାଲିଯାଉଛି। ସତେ ଯେପରି ମନେ ହେଉଛି ଆମ ମସ୍ତିଷ୍କ ଧୈର୍ଯ୍ୟ ହରାଇ ଦେଲାଣି।

କୃତ୍ରିମ ବୁଦ୍ଧିମତ୍ତା ଆସିବା ପରେ ଏହିସବୁ ଅଭ୍ୟାସ ବଢ଼ିଛି। ଆମେ ଆଉ ଖବର ପଢୁ ନାହୁଁ, କେବଳ କାହାର ଛୋଟ ଛୋଟ ସାରାଂଶ ଯାହା ପଢୁଛୁ। ଆମେ ଆଉ ପୂର୍ବପରି ଖୋଜ ଖବର କିଛି କରୁନୁ, ପୂର୍ବ ପ୍ରସ୍ତୁତ ତିଆରି ଉତ୍ତର ନେଉଛୁ। ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ ସୁବିଧା ଆମକୁ ସ୍ମାର୍ଟ କରିଦେଇଛି, ଶୀଘ୍ର କରିଛି କିନ୍ତୁ ଗଭୀର ଅନୁଭୂତି ଦେଇନାହିଁ। ଏଇଠି ଛୋଟିଆ ପ୍ରଶ୍ନଟେ ଉଠୁଛି ଯଦି ଆଜିର ପିଲାମାନେ ଛୋଟ ରାସ୍ତାରେ, ଅଳ୍ପ ପରିଶ୍ରମରେ, ହାତ ପାହାନ୍ତାରେ ସବୁକିଛି ପାଇଯିବେ ତେବେ ସେମାନେ କଷ୍ଟ, ଅଭ୍ୟାସ, ଅଧ୍ୟବସାୟ କେବେ ଶିକ୍ଷା ଲାଭ କରିବେ? ଯଦି ଗୋଟିଏ ବଟନ୍ ଦବାଇଲେ, ଟିକ ମାରିଲେ ତତ୍କାଳ ଉତ୍ତର ମିଳି ଯାଉଛି ତେବେ ଖୋଜିବାର ଆଗ୍ରହ କେମିତି ଆଉ ବଢ଼ିବ ନା ସୃଷ୍ଟି ହେବ? ଯଦି ସବୁକିଛି ସହଜ ମିଳିଯାଏ ତେବେ ଧୈର୍ଯ୍ୟ, ପରିଶ୍ରମ ଓ ଏକାଗ୍ରତା ଆଉ ସମ୍ଭାବନା ହିଁ ସୃଷ୍ଟି କରିବନାହିଁ।

ଜୀବନର ବଡ଼ ସଫଳତା ସବୁବେଳେ ଧୀରେ ଧୀରେ ଗଢ଼ି ଉଠେ। ଏହି ଯେମିତି ଆମେ ଆଜି ଯାହାକୁ ପ୍ରକାଣ୍ଡକାୟ ଗଛଟି ବୋଲି କହୁଛୁ ଏହା କ’ଣ ଗୋଟିଏ ଦିନରେ ବଡ଼ ହୋଇଥାଏ? ସେହିପରି ପୁସ୍ତକ ମଧ୍ୟ ଗୋଟିଏ ପୃଷ୍ଠାରେ ଶେଷ ହୋଇନଥାଏ। ସେହିପରି ଆମେମାନେ ଛୋଟ ଛୋଟ ଭିଡ଼ିଓ ଦେଖି ହାତରେ ଥିଠବା ମୋବାଇଲ ହେଉ ବା ଏଆଇ ବ୍ୟବସ୍ଥା ଏ ସବୁକୁ ନେଇ ସତରେ କ’ଣ ଆମେ ବଡ଼ ହୋଇପାରିବା। ବର୍ତ୍ତମାନ ବଡ଼ ବଡ଼ ନାମୀ ଦାମୀ କମ୍ପାନୀମାନେ ଆମ ଟଙ୍କା ପାଇଁ ନୁହେଁ ଆମ ‘ମନୋଯୋଗ’ ପାଇଁ ଲଢୁଛନ୍ତି। ସେମାନେ ଚାହୁଁଛନ୍ତି ଆମେ ଆଉ କିଛି ସମୟ ପର୍ଦ୍ଦା ଆଗରେ ରହିବାକୁ। କାରଣ ଆମ ଧ୍ୟାନ ଓ ଉଦଯୋଗ, ଅଧ୍ୟବସାୟ, ମେଧା, ଦକ୍ଷତା, ସାମର୍ଥ୍ୟ ହିଁ ସେମାନଙ୍କ ବ୍ୟବସାୟ। ଧୀରେ ଧୀରେ ଆମେ ଏମିତି ଏକ ସମାଜ ଭିତରକୁ ଆଗେଇ ଚାଲିଛୁ ଯେଉଁଠାରେ ସବୁକିଛି ଜାଣୁ କିନ୍ତୁ କିଛି ଗଭୀର ଭାବେ ବୁଝି ନଥାଉ, ସବୁ ଉପର ଠାଉରିଆ ପରି। ସୂଚନା ବଢୁଛି କିନ୍ତୁ ସେ ତୁଳନାରେ ଚିନ୍ତନ କମୁଛି। ସଂଯୋଗ ବଢୁଛି କିନ୍ତୁ ଆଲୋଚନା ହଜି ଯାଉଛି। ଆଜିର ଦୁନିଆରେ ସବୁଠାରୁ ଅମାପ ଶକ୍ତି ହେଉଛି ଗଭୀର ଚିନ୍ତନ, ସ୍ୱାଧ୍ୟାୟ ଓ ସାମର୍ଥ୍ୟକୁ ଭାବିବାର କ୍ଷମତା। ଗୋଟିଏ ପୁସ୍ତକକୁ ଶେଷ କରିବା ପାଇଁ କେତେ ଜଣଙ୍କ ପାଖରେ ଧୈର୍ଯ୍ୟ ଥାଏ? ବିନା ମୋବାଇଲରେ ଆମେ ସମୟ ଅତିବାହିତ କରିପାରୁଛେ କି? କାରଣ ସମୟ ଆସୁଛି ସବୁଠୁ ଦୁର୍ଲ୍ଲଭ କୁହାଯାଉଥିବା ଟଙ୍କା, ଧନ ସମ୍ପତ୍ତି, କ୍ଷମତା, ସବୁ କିଛି ମିଳି ହେବ। କିନ୍ତୁ ମନଯୋଗ ଏତେ ସହଜ ନୁହେଁ। ଦିନ ଆସିବ ଏହି ମନୋଯୋଗ ହିଁ ସବୁଠୁ ଦୁର୍ଲ୍ଲଭ ଓ ସବୁଠୁ ମୂଲ୍ୟବାନ ବୋଲି ପ୍ରତୀୟମାନ ହେବ।

**ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା**



# ଏଲ୍‌ପିଜିର ବିକଳ୍ପ ବାୟୋଗ୍ୟାସ୍



**ଡାକ୍ତର ରାଜକିଶୋର ପଣ୍ଡା**



ପୃଥିବୀର ବିଭିନ୍ନ ସ୍ଥାନରେ ଚାଲିଥିବା ଅଶାନ୍ତ ଭୂରାଜନୈତିକ ପରିସ୍ଥିତିର ପ୍ରଭାବ, ବର୍ତ୍ତମାନ ଶକ୍ତି ବଜାର ଉପରେ ପଡ଼ିଛି। ଷ୍ଟ୍ରେଟ୍ ଅଫ୍ ହୋରମୁଜ୍‌କୁ କିଛିକାଳ ଇରାନ ଅବରୋଧ କରି ରଖିଲା ପରେ ଏବେ ଆମେରିକା ମଧ୍ୟ ଏହି କାର୍ଯ୍ୟ କରୁଛି। ଖବର ମିଳିଛି ଯେ ଦୁଇପକ୍ଷ ମଧ୍ୟରେ ଶାନ୍ତି ଆଲୋଚନା ବିଫଳ ହୋଇଛି। ତେଣୁ ଏଲ୍.ପି.ଜି, ଅଶୋଧିତ ତୈଳ ଓ ତଦ୍‌ଜନିତ ସାମଗ୍ରୀର ପରିବହନରେ ବିଷମ ସମସ୍ୟା ଉପୁଜିଛି। ଆଗକୁ ମଧ୍ୟ ପରିସ୍ଥିତି ଅନିଶ୍ଚିତ। ଏଲ୍.ପି.ଜିର ସଙ୍କଟକୁ ନେଇ ସୃଷ୍ଟି ହୋଇଥିବା ଆଶଙ୍କା, ବର୍ତ୍ତମାନ ଗୋଟିଏ ପ୍ରଶ୍ନକୁ ଦେଶ ସମ୍ମୁଖରେ ଉତ୍‌ଥାପନ କରିଛି। ପ୍ରଶ୍ନଟି ହେଉଛି କି କ’ଣ ଭାରତ ଆଜିର ସମୟରେ, ନିଜର ଆବଶ୍ୟକ ହେଉଥିବା ଇନ୍ଧନର ଗୋଟିଏ ବୈକଳ୍ପିକ ସ୍ରୋତକୁ ମଜ୍‌ବୁତ କରିବା ଦରକାର କି? ପ୍ରକୃତରେ ଦେଖିଲେ ଭାରତ ପାଖରେ ଏଭଳି ଏକ ସମ୍ବଳ ଅଛି ଯାହାର ମୂଲ୍ୟ ଏପର୍ଯ୍ୟନ୍ତ ବହୁତ କମ୍‌ଲୋକ ବୁଝିଛନ୍ତି ଓ ଯାହାକୁ ସାଧାରଣତଃ ଅଳିଆ ବା ବର୍ଜ୍ୟ ଭାବି ପରିତ୍ୟାଗ କରି ଦିଆଯାଇଥାଏ। ଫୋପାଡ଼ି ଦିଆ ଯାଉଥିବା ଏହି ପଦାର୍ଥଟିକୁ ଭବିଷ୍ୟତରେ ଗ୍ୟାସ ଉତ୍ପାଦନର ଏକ ପ୍ରମୁଖ ସ୍ରୋତ ଭାବରେ ବ୍ୟବହାର କରାଯାଇ ପାରିବ। ଏହି ପଦାର୍ଥଟି ହେଉଛି ଜୈବିକ ଆବର୍ଜନା ବା ବର୍ଜ୍ୟ ଓ ଏଥିରୁ ଉତ୍ପନ୍ନ ହେଉଥିବା ଗ୍ୟାସ୍ ର ନାମ ହେଉଛି “ବାୟୋଗ୍ୟାସ୍ ବା ଜୈବ ଇନ୍ଧନ”। ତେବେ ଆଗକୁ ଯିବା ପୂର୍ବରୁ ଏହି “ବାୟୋଗ୍ୟାସ୍” କହିଲେ କ’ଣ ବୁଝାଏ, ତାହା ଉପରେ ଆଲୋକପାତ କରିବା। ବାୟୋଗ୍ୟାସ୍ ମୁଖ୍ୟତଃ ହାଇଡ୍ରୋକାର୍ବନ୍ ଗ୍ୟାସ୍ ଗୁଡ଼ିକର ମିଶ୍ରଣକୁ ବୁଝାଇଥାଏ, ଯେଉଁ ଗୁଡ଼ିକ କି ଦହନଶୀଳ ଓ ଦହନ ହେଲେ, ସେଥିରୁ ଶକ୍ତି ଓ ତାପ ନିର୍ଗତ ହୋଇଥାଏ। ବାୟୋଗ୍ୟାସ୍ ଗୋଟିଏ ଜୈବରସାୟନ ପ୍ରକ୍ରିୟା(ଈସକ୍ଟମଷରଙ୍ଗସମବକ୍ଷ ଚକ୍ସ୍ୱକ୍ଟମରସ୍ୱସ୍ୱ) ଦ୍ୱାରା ସୃଷ୍ଟି ହୋଇଥାଏ। ଯେଉଁଥିରେ ବ୍ୟାକ୍ଟେରିଆମାନେ ଜୈବିକ ବର୍ଜ୍ୟକୁ ବିଘଟନ କରି ଗ୍ୟାସ ଉତ୍ପନ୍ନ କରିଥାନ୍ତି। ଯେହେତୁ ଏହା ଗୋଟିଏ ଜୈବିକ (ଈସକ୍ଟକ୍ଷକ୍ଟଶସମବକ୍ଷ) ପ୍ରକ୍ରିୟା ଦ୍ୱାରା ଉତ୍ପନ ହେଉଛି ସେଥିପାଇଁ ଏହାକୁ ବାୟୋଗ୍ୟାସ୍ କୁହାଯାଉଛି। ଏହାର ମୁଖ୍ୟ ଉପାଦାନ ହେଉଛି ମିଥେନ(ଉଐ୪)। ଗୋଟିଏ ଉତ୍କୃଷ୍ଟ ଉଦାହରଣ ବାୟୋଗ୍ୟାସ୍‌ର ହେଉଛି “ଗୋବର ଗ୍ୟାସ୍ ପ୍ଲାଣ୍ଟ”। ଭାରତରେ ପ୍ରତିବର୍ଷ ପାଖାପାଖି ୬୨ ମିଲିଅନ୍ ଟନ୍ କଠିନ ବର୍ଜ୍ୟବସ୍ତୁ ନିର୍ଗତ ହେଉଅଛି, ଯେଉଁଥିରୁ ପାଖାପାଖି ଅଧା ହେଉଛି ଜୈବିକ। କୃଷିକ୍ଷେତ୍ରରୁ ବାହାରୁଥିବା ଫସଲର ଅବଶେଷ, ପଶୁଙ୍କ ମଳ(ଗୋବର ଆଦି), ସହରାଞ୍ଚଳର ଡ୍ରେନେଜ୍ ଜନିତ ବର୍ଜ୍ୟ ଓ ବିଭିନ୍ନ ଖାଦ୍ୟ ଜନିତ ବର୍ଜ୍ୟ ହେଉଛି ଜୈବିକ ବର୍ଜ୍ୟର ଅନ୍ତର୍ଭୁକ୍ତ। ଏହି ସବୁର ପ୍ରୟୋଗ ବାୟୋଗ୍ୟାସ୍ ଓ କମ୍ପ୍ରେସ୍‌ଡ୍ ବାୟୋଗ୍ୟାସ୍‌ର ଉତ୍ପାଦନ ସକାଶେ କରାଯାଇପାରିବ। ବାୟୋଗ୍ୟାସ୍, ଯେଉଁଥିରେ ୯୫ ପ୍ରତିଶତରୁ ଅଧିକ ମିଥେନ ଥାଏ ଓ ଏହା ଉପରେ ୨୫୦ ବାର୍ ଚାପ (ଚକ୍ସ୍ୱରସ୍ୱସ୍ୱଙ୍କକ୍ସ୍ୱର)ର ପ୍ରୟୋଗ କରାଯାଇଥାଏ, ତାହାକୁ କମ୍ପ୍ରେସଡ୍ ବାୟୋଗ୍ୟାସ୍ ବୋଲି କୁହାଯାଇଥାଏ। ସି.ଏନ୍.ଜି. ପରି ଏହାକୁ ଯାନବାହାନରେ ଇନ୍ଧନ ଭାବରେ ମଧ୍ୟ ବ୍ୟବହାର କରାଯାଇପାରିବ। ଏହା ଛଡ଼ା ବାୟୋଗ୍ୟାସ୍‌କୁ ଆମେ ଖାଦ୍ୟ ପ୍ରସ୍ତୁତି, ବିଦ୍ୟୁତ୍ ଉତ୍ପାଦନରେ ମଧ୍ୟ ବ୍ୟବହାର କରିପାରିବା। ଏହାକୁ ଧ୍ୟାନରେ ରଖି କେନ୍ଦ୍ର ସରକାର “ସଷ୍ଟେନେବୁଲ୍ ଅଲ୍‌ଟରନେଟିଭ୍ ଟୁୱାର୍ଡସ୍ ଆଫୋର୍ଡେବଲ୍ ଟ୍ରାନ୍ସ୍‌ପୋର୍ଟେସନ୍”(ଏସ୍.ଏ.ଟି.ଏ.ଟି) ନାମରେ ଏକ ଯୋଜନା ୨୦୧୮ ମସିହାରେ ଆରମ୍ଭ କରିଥିଲେ। ଏହି ଯୋଜନାର ଲକ୍ଷ୍ୟ ହେଉଛି, ଜୈବିକ ବର୍ଜ୍ୟରୁ ବାୟୋଗ୍ୟାସ୍‌ର ଉତ୍ପାଦନ ସକାଶେ ପ୍ଲାଣ୍ଟ ମାନ ସ୍ଥାପନ କରିବା ଓ ଗମନାଗମନ ତଥା ପରିବହନରେ ପେଟ୍ରୋଲ, ଡିଜେଲର ବ୍ୟବହାରକୁ କମ୍ କରି ସେଥିରେ ବାୟୋଗ୍ୟାସ୍‌ର ବ୍ୟବହାରକୁ ପ୍ରୋତ୍ସାହିତ କରିବା। ୨୦୨୫ ସୁଦ୍ଧା ଉପରୋକ୍ତ ଯୋଜନା ଅଧିନରେ ପାଖାପାଖି ଶହେଟି କମ୍ପ୍ରେସ୍‌ଡ ବାୟୋଗ୍ୟାସ ପ୍ଲାଣ୍ଟ କାର୍ଯ୍ୟ କରୁଛି ଓ ଆହୁରୀ ଅନେକ ଗୁଡ଼ିଏ ପ୍ଲାଣ୍ଟ ଇତି ମଧ୍ୟରେ ନିର୍ମାଣାଧୀନ ଅଛନ୍ତି। ଏହି ବ୍ୟବସ୍ଥାଟିକୁ ବିସ୍ତାର ରୂପ ଦେଲେ, କେବଳ ରୋଷେଇ କାର୍ଯ୍ୟ ନୁହେଁ ବରଂ କୃଷି, ନଗର ପରିଚାଳନା, ପରିବହନ ଓ ଔଦୌଗିକ ବ୍ୟବସ୍ଥାର ମଧ୍ୟ ସୁପରିଚାଳନା ହୋଇପାରନ୍ତା।

ଭାରତର ଗ୍ରାମାଞ୍ଚଳ ବିଶେଷତଃ କୃଷିକ୍ଷେତ୍ରକୁ ଦେଖିଲେ, ସେଠାରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟନ୍ ଫସଲର ଅବଶେଷ ଓ ଗୋବର ଆଦି ବାହାରୁଛି। ସେହିପରି ସହରାଞ୍ଚଳରୁ ପ୍ରତିବର୍ଷ ହାରାହାରି ଛଅ କୋଟି ଟନ୍ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି, ଯାହାର ଅଧାରୁ ଅଧିକ ହେଉଛି ଜୈବିକ। ଏହି ଜୈବିକ ବର୍ଜ୍ୟବସ୍ତୁକୁ ଅଦରକାରୀ ଭାବି ଫୋପାଡ଼ି ଦେବା ଫଳରେ ସେମାନେ କ୍ରମାଗତ ଭାବରେ ବିଭିନ୍ନ ସ୍ଥାନରେ ଜମା ରୁହନ୍ତି। ପରବର୍ତ୍ତୀ ସମୟରେ ସେଥିରୁ ମିଥେନ ନିର୍ଗତ ହୋଇ “ଗ୍ରୀନ୍ ହାଉସ୍” ପ୍ରଭାବକୁ ବୃଦ୍ଧି କରିବା ସହିତ ଜମା ଆବର୍ଜନା ଗୁଡ଼ିକ ଡେଙ୍ଗୁ ଓ ମ୍ୟାଲେରିଆର କାରଣ ମଧ୍ୟ ହୋଇଥାନ୍ତି। ତେଣୁ ସେଗୁଡ଼ିକରୁ ବାୟୋଗ୍ୟାସ୍ ର ଉତ୍ପାଦନ ପରିବେଶ ପାଇଁ ଅନୁକୂଳ ବୋଲି ଆମେ କହିପାରିବା। ଗ୍ରାମାଞ୍ଚଳରେ ଯଦି ସମବାୟ ଭିତ୍ତିରେ ପ୍ଲାଣ୍ଟ ସ୍ଥାପନ କରାଯାଏ, ତାହାହେଲେ ସେଠାକାର ବର୍ଜ୍ୟବସ୍ତୁରୁ ପ୍ରଚୁର ପରିମାଣରେ ବାୟୋଗ୍ୟାସ୍ ଉତ୍ପନ କରାଯାଇ ପାରିବ। ଗ୍ୟାସ୍ ବାହାରିଲା ପରେ ବାକି ଅଂଶକୁ ଖାଦ ରୂପରେ ଆମେ ପୁଣି କୃଷି କ୍ଷେତ୍ରରେ ବ୍ୟବହାର କରିପାରିବା। ଏହାଦ୍ୱାରା ଗୋଟିଏ ଚକ୍ର ବ୍ୟବସ୍ଥା (ଉଛମକ୍ଷର) ମଧ୍ୟ କାର୍ଯ୍ୟକାରୀ ହୋଇ ପାରିବ। ଚକ୍ରଟି ହେଉଛି ଏହିପରି, କୃଷିକ୍ଷେତ୍ରରୁ ଜୈବିକ ଆବର୍ଜନା, ପ୍ଲାଣ୍ଟକୁ ଯାଇ ସେଥିରୁ ବାୟୋଗ୍ୟାସ୍ ପ୍ରସ୍ତୁତ ହେବ ଓ ବାକି ଅଂଶ ଖାଦ ରୂପରେ ପୁଣି କୃଷି କାର୍ଯ୍ୟରେ ବ୍ୟବହୃତ ହେବ। ଏହା ନିରନ୍ତର ଭାବରେ ଚାଲୁ ରହିବ। ଗ୍ରାମାଞ୍ଚଳର ଲୋକମାନେ ମଧ୍ୟ ଏହାଦ୍ୱାରା ଆର୍ଠିଥକ ରୂପରେ ଲାଭବାନ ହୋଇପାରିବେ। ବର୍ତ୍ତମାନ ମହାରାଷ୍ଟ୍ର ଓ ପଞ୍ଜାବର କିଛି ସ୍ଥାନରେ କୃଷକ ନିଜର ଉତ୍ପାଦିତ ଫସଲର ଅବଶେଷ ଓ ଗୋବର ଆଦିକୁ ନେଇ ବାୟୋଗ୍ୟାସ୍ ପ୍ଲାଣ୍ଟକୁ ଯାଉଛନ୍ତି ଓ ବଦଳରେ ସେମାନଙ୍କୁ ପ୍ରାପ୍ୟ ମିଳୁଛି। ସହରମାନଙ୍କରେ ପୌରପାଳିକା ବା ନଗର ନିଗମ ଯଦି ହୋଟେଲ, ବଜାର ଓ ନାଗରିକ ଆବାସସ୍ଥଳୀ ମାନଙ୍କରୁ ବାହାରୁଥିବା ଜୈବିକ ବର୍ଜ୍ୟରୁ ବାୟୋଗ୍ୟାସ୍ ଉତ୍ପନ୍ନ କରନ୍ତେ, ତାହାହେଲେ ସହରାଞ୍ଚଳର ଆବର୍ଜନାର ପରିମାଣ କମିଯାନ୍ତା। ଏହା ସହିତ ସହର ଗୁଡ଼ିକ ପାଇଁ ଏକ ଇନ୍ଧନ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହୋଇ ପାରନ୍ତା। କଳକାରଖାନା ଏପରିକି ସୂତାକଳ, କାଗଜ କଳରୁ ପ୍ରଚୁର ପରିମାଣରେ ଜୈବିକ ବର୍ଜ୍ୟ ବାହାରି ପରିବେଶକୁ ପ୍ରଦୂଷିତ କରିଥାଏ। ଏ କ୍ଷେତ୍ରରେ ମଧ୍ୟ ବାୟୋଗ୍ୟାସ୍ ଉତ୍ପନ୍ନ କରାଯାଇ, ସମ୍ପୃକ୍ତ କାରଖାନାଗୁଡ଼ିକରେ ଇନ୍ଧନ ଭାବରେ ବ୍ୟବହାର କରାଯାଇପାରିବ ଓ ଏଲ୍.ପି.ଜି ଉପରୁ ନିର୍ଭରଶୀଳତା କମାଯାଇ ପାରିବ। ପରିସଂଖ୍ୟାନ ତଥ୍ୟ ଉପରେ ଆମେ ବର୍ତ୍ତମାନ ନଜର ପକାଇବା। ଇଣ୍ଟର ନ୍ୟାସ୍‌ନାଲ ଏନର୍ଜି ଏଜେନ୍ସି (ଓର୍‌ଇ) ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଭାରତରେ ଜୈବିକ ଇନ୍ଧନ (ଉଭୟ ତରଳ ଓ ବାଷ୍ପୀକୃତ) ର ବ୍ୟବହାର ୨୦୩୦ ସୁଦ୍ଧା ପଚାଶ ପ୍ରତିଶତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହାଦ୍ୱାରା ବାହାରୁ ତୈଳ ଆମଦାନୀ ହ୍ରାସ ପାଇବ। ୱାର୍ଲଡ ବାୟୋଗ୍ୟାସ୍ ଆସୋସିଏସନ୍ ଦର୍ଶାଉଛି ଯେ, ଭାରତର ଏହାର ଜୈବିକ ବର୍ଜ୍ୟକୁ ବିନିଯୋଗ କରି ବାର୍ଷିକ ପାଖାପାଖି ୬୨-୯୦ ମିଲିଅନ୍ ମେଟ୍ରିକ୍ ଟନ୍ ବାୟୋଗ୍ୟାସ୍ ଉତ୍ପାଦନ କରିପାରିବ, ଯାହାକି, ୨୦୨୪ରେ ଏହାର ପ୍ରାକୃତିକ ଗ୍ୟାସ୍ (ଘବସ୍ୱଙ୍ଗକ୍ସ୍ୱବକ୍ଷ ଏବସ୍ମ) ଚାହିଦାର ଏକଶହ କୋଡ଼ିଏ ପ୍ରତିଶତ। ୱାର୍ଲଡ୍ ବାୟୋଗ୍ୟାସ୍ ଆସୋସିଏସନ୍ ଏହା ମଧ୍ୟ ଦର୍ଶାଇଛି ଯେ ବର୍ତ୍ତମାନ ଭାରତରେ ପାଖାପାଖି ପାଞ୍ଚ ମିଲିୟନ୍ ବାୟୋଗ୍ୟାସ୍ ପ୍ଲାଣ୍ଟ କାର୍ଯ୍ୟ କରୁଛି। ଯାହାର ମୂଲ୍ୟ ୧.୬୪ ବିଲିୟନ୍ ଡଲାର। ୨୦୩୨ ସୁଦ୍ଧା ବାର୍ଷିକ ୧୦.୨ % ହାରରେ ବଢ଼ି ଏହା ୩.୪୯ ବିଲିଅନ୍ ଡଲାରରେ ପହଞ୍ଚିବ ବୋଲି ସଂସ୍ଥା ଆକଳନ କରିଛି।

ବର୍ତ୍ତମାନ ଭାରତର ରାଜ୍ୟମାନଙ୍କରେ ମହାରାଷ୍ଟ୍ର ବାୟୋଗ୍ୟାସ୍ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛି। ପରିଶେଷରେ ଏହା କହିବା ତରବରିଆ ହେବ ଯେ, ବାୟୋଗ୍ୟାସ୍ ତତ୍‌କ୍ଷଣାତ୍ ଭାରତର ସମସ୍ତ ଶକ୍ତି ଆବଶ୍ୟକତାକୁ ପୂରଣ କରିନେବ। ଦେଶରେ ଇନ୍ଧନ ଗ୍ୟାସ୍‌ର ଚାହିଦା ଅତ୍ୟନ୍ତ ବିଶାଳ କିନ୍ତୁ ଯଦି ଆମେ କୃଷି, ପରିବହନ, ସହରାଞ୍ଚଳ ପରିଚାଳନା ଓ ଔଦ୍ୟୋଗିକ କ୍ଷେତ୍ରରେ ଛୋଟ ଛୋଟ ପ୍ରୟାସ ବାୟୋଗ୍ୟାସ୍‌ର ଉତ୍ପାଦନ ଓ ବ୍ୟବହାର ସକାଶେ କରିବା, ଏହାର ପ୍ରଭାବ ନିଶ୍ଚିତ ଭାବରେ ସୃଷ୍ଟି ହେବ। ଏହାଦ୍ୱାରା ବାହ୍ୟ ଦେଶରୁ ଇନ୍ଧନ ଆମଦାନୀ କ୍ରମାଗତ ଭାବରେ ହ୍ରାସ ପାଇବା ସାଙ୍ଗକୁ ଇନ୍ଧନ ବ୍ୟବସ୍ଥାଟି ମଧ୍ୟ କେନ୍ଦ୍ରୀକୃତରୁ ବିକେନ୍ଦ୍ରୀକୃତ ହୋଇପାରନ୍ତା। ଆଜି ଭାରତର ଜୈବିକ ବର୍ଜ୍ୟର ଅଧିକାଂଶ ଭାଗ ଅବ୍ୟବହୃତ। ଫସଲ ଅବଶେଷକୁ ଜଳାଇ ଦିଆଯାଉଛି। ସହରର ଜୈବିକ ଆବର୍ଜନାକୁ ଡମ୍ପିଂୟାର୍ଡରେ ଫୋପାଡ଼ି ଦିଆଯାଉଛି। ଏଗୁଡ଼ିକର ସୁବିନିଯୋଗ କଲେ ଭାରତ ଏକ କ୍ଷୁଦ୍ର ସତ କିନ୍ତୁ ଚିରସ୍ଥାୟୀ ଇନ୍ଧନ ବ୍ୟବସ୍ଥା ନିଜ ପାଇଁ କରିପାରିବ।

**ମେଡିକାଲ ଅଫିସର**
**ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର**
**ମୋବାଇଲ୍:୮୧୪୪୦୪୨୯୯୭**

# କୃତ୍ରିମ ବୁଦ୍ଧିମତ୍ତା:ଆମ ଜୀବନରେ ସମ୍ଭାବନା ଓ ଆହ୍ୱାନ



**ସୁକାନ୍ତ ଛାଟୋଇ**

ମାନବ ଜାତିର ସମୃଦ୍ଧିରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି ବାସ୍ତବରେ ହେଉଛି ମେସିନଗୁଡ଼ିକ ଦ୍ୱାରା ମାନବୀୟ ବୁଦ୍ଧିରେ ଅନୁକରଣୀୟ। ଏହି ଅନୁକରଣର ସର୍ବୋଚ୍ଚ ଯନ୍ତ୍ରଟି ଏପରି ଏକ ବ୍ୟବସ୍ଥା ଯାହା ଆମେ ଯେମିତି ଭାବିଥାଉ, ଶିଖିଥାଉ, ଆଲୋଚନା, ବିଶ୍ଳେଷଣ ସମୀକ୍ଷା କରିପାରୁ ଏପରିକି ନିଷ୍ପତ୍ତି ମଧ୍ୟ ନେଇପାରୁ। ଏ ସବୁ କାମ ଏହି କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ସମ୍ଭବ ହେଉଛି। କୃତ୍ରିମବୁଦ୍ଧିମତ୍ତା ହେଉଛି ଏକ ପ୍ରଯୁକ୍ତି ଯାହା ମେସିନ ଗୁଡ଼ିକୁ ମାନବୀୟ ବୁଦ୍ଧି, ଚିନ୍ତନ ଓ ଶିକ୍ଷା ଶକ୍ତି ଦେଇଥାଏ। ଏହା ମାନବ ପରି ତଥ୍ୟ ବିଶ୍ଳେଷଣ କରି ଅନୁଭବରୁ ଶିଖି ନିଷ୍ପତ୍ତି ନେଇପାରେ।

କୃତ୍ରିମ ବୁଦ୍ଧିମତ୍ତା କମ୍ପ୍ୟୁଟର ବିଜ୍ଞାନର ଏକ ଶାଖା ରୂପେ ଆରମ୍ଭ ହୋଇଥିଲା। ଏହାର କାମ ଥିଲା ମେଶିନ ଗୁଡ଼ିକୁ ମଣିଷ ପରି ଆଚରଣ ବା ଚିନ୍ତା କରିବାର ତାଲିମ ଦେବା। ଏହା କମ୍ପ୍ୟୁଟର ଗୁଡ଼ିକକୁ ଅଭିଜ୍ଞତାରୁ ଶିଖିବା, ଆକୃତି ଚିହ୍ନିବା ଏବଂ ନିଷ୍ପତ୍ତି ନେବାର ଶକ୍ତି ପ୍ରଦାନ କରେ। ଯେତେବେଳେ ଆପଣ ରାସ୍ତା ଖୋଜିବା ପାଇଁ ଗୁଗୁଲ ମେପସ ବ୍ୟବହାର କରନ୍ତି ବା ସ୍ମାର୍ଟଫୋନ ଆପଣଙ୍କ ମୁହଁକୁ ଚିହ୍ନି ଅନଲକ ହୁଏ, କିମ୍ବା ଯେତେବେଳେ ନେଟଫ୍ଲିକ୍ସ ଆପଣଙ୍କ ପସନ୍ଦର ଚଳଚ୍ଚିତ୍ର ସୁପାରିଶ କରେ ଯେତେବେଳେ କୃତ୍ରିମ ବୁଦ୍ଧିମତ୍ତାଚୁପଚାପ ତାର କାମ କରୁଥାଏ। ଆମ ଅଜାଣତରେ ଆମର ଘର, ଫୋନ, ଅଫିସ ଏବଂ ଏପରିକି ଆମ କଳ୍ପନାରେ ମଧ୍ୟ କୃତ୍ରିମ ବୁଦ୍ଧିମତ୍ତା ପ୍ରବେଶ କରିସାରିଲାଣି।

ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତାର ବିକାଶ ଯଥେଷ୍ଟ କ୍ଷେତ୍ରରେ ବଢ଼ିଛି। ପରିବେଶ ଉପରେ ମଧ୍ୟ ଏହାର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି। ଏହାର ବ୍ୟବହାର ଏପରି ବ୍ୟବସ୍ଥିତ ଯାହାଦ୍ୱାରା ତାପଜ ବିଦ୍ୟୁତ ଉପରେ ନିର୍ଭର କରି ପରିବେଶ କ୍ଷେତ୍ରକୁ ଅଧିକ ବିକଶିତ କରିଥାଏ। ସୃଜନଶୀଳତା ହେଉଛି ମଣିଷର ସବୁଠାରୁ ଅନନ୍ୟ ଗୁଣ ମଧ୍ୟରୁ ଗୋଟିଏ। ଏହା ହେଉଛି ସ୍ଫୁଲିଙ୍ଗ, ଯାହା ଆମକୁ ଉଦ୍ଭାବନ, ଚିତ୍ର ଆଙ୍କିବା, ଗୀତ ଲେଖିବା ଏବଂ ନୂତନ ଉପାୟରେ ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରେ। ସୃଜନଶୀଳତା କେବଳ କଳାକାର କିମ୍ବା ଲେଖକଙ୍କ ମଧ୍ୟରେ ସୀମିତ ନୁହେଁ। ଜଣେ ଚାଷୀ ଯିଏ ଚାଷ କରିବାର ଏକ ଉତ୍ତମ ଉପାୟ ଖୋଜନ୍ତି, ଜଣେ ଶିକ୍ଷକ ଯିଏ ଶିକ୍ଷା ଦେବା ପାଇଁ ଏକ ମଜାଦାର ଉପାୟ ବାହାର କରନ୍ତି, କିମ୍ବା ଜଣେ ବୈଜ୍ଞାନିକ ଯିଏ ଏକ ନୂତନ ଔଷଧ ଆବିଷ୍କାର କରନ୍ତି ସମସ୍ତେ ନିଜର ସୃଜନଶୀଳତା ବ୍ୟବହାର କରନ୍ତି, ଯାହା କଳ୍ପନା, ଭାବନା ଏବଂ ଅଭିଜ୍ଞତାରୁ ଆସେ।


ବିଗତ ଅଳ୍ପ କିଛି ବର୍ଷ ମଧ୍ୟରେ ଏଆଇ ମାନବ ଜୀବନର ପ୍ରାୟ ସମସ୍ତ କ୍ଷେତ୍ରରେ ପ୍ରବେଶ କରିଛି ଏବଂ ଆର୍ଥିକଓ ସାମାଜିକ ପରିବର୍ତ୍ତନ ଆଣୁଛି। କୃଷି କ୍ଷେତ୍ରରେ ଏଆଇର ବ୍ୟବହାର ବ୍ୟାପକ ହେବାରେ ଲାଗିଛି। କୃଷି ଉତ୍ପାଦନ ଓ ପ୍ରଶାସନ କ୍ଷେତ୍ରରେ ଏଆଇ ଅନେକ ସହାୟତା କରିପାରୁଛି। ଡ୍ରୋନ ଓ ସେନସର ଦ୍ୱାରା ଫସଲର ଅବସ୍ଥା, ମାଟିର ଆର୍ଦ୍ରତା ଓ ଉର୍ବରତା ମାପ ଯାଇ ପାରୁଛି। ଉପଗ୍ରହ ତଥ୍ୟ ଓ ମେଶିନ ଲର୍ଣ୍ଣିଂ ମଡ଼େଲ ଦ୍ୱାରା ପାଣିପାଗ ଓ ଫସଲ ଉତ୍ପାଦନର ପୂର୍ବାନୁମାନ ସମ୍ଭବ ହୋଇଛି। ଏଆଇ ଆଧାରିତ ସ୍ମାର୍ଟ ଜଳ ସେଚନ ଓ କୀଟପତଙ୍ଗ ନିୟନ୍ତ୍ରଣ ପ୍ରଣାଳୀ ଚାଷୀଙ୍କୁ ବହୁ ପରିମାଣରେ ସାହାଯ୍ୟ କରୁଛି। ସେହିପରି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଦେଖିଲେ, ସ୍ୱାସ୍ଥ୍ୟ ସେବାରେ ଏଆଇର ଅବଦାନ ଅସାଧାରଣ। ରୋଗ ଚିହ୍ନଟରେ ଏଆଇ ଡାକ୍ତରମାନଙ୍କୁ ଅନେକ ମାତ୍ରାରେ ସହାୟତା କରୁଛି। ଯେପରି ଏକ୍ସରେ, ଏମଆରଆଇ ଓ ସିଟି ସ୍କାନରେ କ୍ୟାନସର କିମ୍ବା ଅନ୍ୟ ରୋଗ ଚିହ୍ନଟ ଏଆଇ ଦ୍ୱାରା ସହଜ ହୋଇଛି। ଏଥିସହିତ, ଏଆଇ ଦ୍ୱାରା ନୂଆ ଔଷଧ ଆବିଷ୍କାର ଓ ବ୍ୟକ୍ତିଗତ ଚିକିତ୍ସାରେ ଅଗ୍ରଗତି ହେଉଛି। ଭର୍ଚୁଆଲ ହେଲଥ ଆସିଷ୍ଟାଣ୍ଟ ଓ ଚାଟବଟ୍ ରୋଗୀମାନଙ୍କୁ ଅନେକ ସୁବିଧା ଯୋଗାଇ ଦେଉଛି। ଶିକ୍ଷା କ୍ଷେତ୍ର ମଧ୍ୟ ଏଥିରେ ପଛରେ ପଡ଼ିନାହିଁ। ଏଆଇର ସର୍ବାଧିକ ବ୍ୟବହାର ଶିକ୍ଷା କ୍ଷେତ୍ରରେ ହେଉଛି। ଉଭୟ ଛାତ୍ର ଓ ଶିକ୍ଷକ ଏଆଇରୁ ଅନେକ ମାତ୍ରାରେ ଲାଭବାନ ହୋଇପାରିଛନ୍ତି। ଭାଷା ଶିକ୍ଷା, ଅନଲାଇନ କୋର୍ସ ଓ ଶିକ୍ଷକ ସହାୟକରେ ଏଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଜଣେ ବିଶିଷ୍ଟ ବୈଜ୍ଞାନିକ ଷ୍ଟିପେନ ହକିମ୍ ଆଶଙ୍କା ପ୍ରକାଶ କରିଥିଲେ ଯେ ଏଆଇ ଅଧିକ ସମ୍ମୁନତ ହେଲେ ଏହା ବୁଦ୍ଧିମତ୍ତାରେ ମନୁଷ୍ୟକୁ ଅତିକ୍ରମ କରିଯାଇ ଶେଷରେ ମନୁଷ୍ୟକୁ ନିଜର ଦାସ କରିରଖିପାରେ। ବର୍ତ୍ତମାନର ସମୟକୁ ଦେଖିଲେ କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ଆଧିପତ୍ୟ ବିସ୍ତାର କରିବା ନିମିତ୍ତ ଏକ ଯୁଦ୍ଧର ସ୍ଥିତି ସୃଷ୍ଟି ହେବାକୁ ଯାଉଛି ଯାହାଦ୍ୱାରା ନୈତିକତା ଓ ସଠିକତାରେ କୃତ୍ରିମ ବୁଦ୍ଧିମତ୍ତାର ଏହି ବିରାଟ ସମ୍ଭାବନା ଅନ୍ଧାରକୁ ଚାଲିଯାଉ। ଆର୍ଥିକ ଓ ବ୍ୟାଙ୍କିଂ କ୍ଷେତ୍ରରେ ମଧ୍ୟ ଏଆଇର ବ୍ୟବହାରିତା ବଢୁଛି। ଆର୍ଥିକ କ୍ଷେତ୍ରରେ ଏଆଇର ମୁଖ୍ୟ ପ୍ରୟୋଗ ହେଉଛି ଠକେଇ ଚିହ୍ନଟ, ବିଶ୍ଳେଷଣ ଓ ଆର୍ଥିକ ଉପଦେଶ। ବ୍ୟାଙ୍କ ଓ ବୀମା ସଂସ୍ଥାଗୁଡ଼ିକ ଏଆଇ ଆଧାରିତ ଚାଟବଟ୍ ଦ୍ୱାରା ଗ୍ରାହକ ସେବା ଦେଉଛନ୍ତି। ଅଲଗୋରିଥମିକ ଟ୍ରେଡିଂ ଦ୍ୱାରା ଅଳ୍ପ ସମୟରେ ବଡ଼ ବ୍ୟବସାୟିକ ନିଷ୍ପତ୍ତି ନିଆଯାଉଛି। ଉତ୍ପାଦନ ଓ ଶିଳ୍ପ କ୍ଷେତ୍ରରେ ଏଆଇର ଆଧାରିତ ରୋବୋଟିକ୍ସ ଦ୍ୱାରା ଶିଳ୍ପ କାର୍ଯ୍ୟ ଦ୍ରୁତ ଓ ନିଖୁଣ ଭାବରେ ହୋଇପାରୁଛି। ଯଥାନୁସମୟ ମରାମତି କାର୍ଯ୍ୟ ପ୍ରଣାଳୀ ଦ୍ୱାରା ଯନ୍ତ୍ର ଭାଙ୍ଗିବା ପୂର୍ବରୁ ତାହାକୁ ଚିହ୍ନଟ କରି ମରାମତି କରାଯାଉ ପାରୁଛି। ଜଟିଳ ଯନ୍ତ୍ରପାତି ଗୁଡ଼ିକର ସଠିକ ସମସ୍ୟା ଚିହ୍ନଟ ଦ୍ୱାରା ମରାମତି କାର୍ଯ୍ୟ ସ୍ୱଳ୍ପ ସମୟରେ କରାଯାଇ ପାରୁଛି। ଏହା ଉତ୍ପାଦନ ଖର୍ଚ୍ଚ କମାଏ ଓ ଦକ୍ଷତା ବଢ଼ାଏ। ପରିବହନ ଓ ଲଜିଷ୍ଟିକ ଏଆଇ ଆଧାରିତ ସ୍ୱୟଂଚାଳିତ ଯାନ ଓ ସ୍ମାର୍ଟ ଟ୍ରାଫିକ ବ୍ୟବସ୍ଥାପନରେ ପରିବହନ ବ୍ୟବସ୍ଥା ଅନେକ ମାତ୍ରାରେ ସୁଧୁରୁଛି। ସଠିକ ରାସ୍ତା ଚିହ୍ନଟ ଏବଂ ଦ୍ରବ୍ୟ ହସ୍ତାନ୍ତରରୁ ପୂର୍ବାନୁମାନ ଦ୍ୱାରା ଲଜିଷ୍ଟିକ କ୍ଷେତ୍ରରେ ସମୟ ଓ ଅର୍ଥ ଉଭୟ ସଞ୍ଚୟ ହୋଇପାରୁଛି। ଶାସନ ଓ ପ୍ରଶାସନ ମଧ୍ୟ ଏଆଇ ଦ୍ୱାରା ନିୟନ୍ତ୍ରଣର ଅଧିକ ବିଧିବ୍ୟବସ୍ଥା ସବୁ ଆସୁଛି। ଏଆଇ ଦ୍ୱାରା ପ୍ରଶାସନ ଓ ସାର୍ବଜନୀକ ସେବା ଅଧିକ ପ୍ରଭାବଶାଳୀ ହୋଇପାରେ। ତଥ୍ୟ ବିଶ୍ଳେଷଣ ଦ୍ୱାରା ସରକାରୀ ଯୋଜନା, ଯୋଗାଯୋଗ ଓ ନୀତି ନିର୍ଦ୍ଧାରଣ ସୁଧାରିପାରେ।

ଏହା ନିଶ୍ଚିନ୍ତ କୃତ୍ରିମ ବଦ୍ଧିମତ୍ତା ନୂତନ ସୃଜନଶୀଳ ଯୁଗର ଦ୍ୱାର ଖୋଲି ଦେଇଛି। କୃତ୍ରିମ ବୁଦ୍ଧିମତ୍ତା ବିକଶିତ ହେବାସହ ସୃଜନଶୀଳତନା ବା ନବ ସୃଜନ ମଧ୍ୟ ବିକଶିତ ହେବା ଆସନ୍ତା କାଲିର କୃତ୍ରିମ ବୁଦ୍ଧିମତ୍ତା ଶକ୍ତିଶାଳୀ ହୋଇପାରେ କିନ୍ତୁ ଏହା ଜୀବନ୍ତ ନୁହେଁ। ଏମିତି ବି ହୋଇପାରେ ଶେଷରେ ମାନବ ସୃଜନଶୀଳତା ଏବଂ କୃତ୍ରିମ ବୁଦ୍ଧିମତ୍ତା ସହଭାଗିତା ଆମ ସମୟର ସବୁଠାରୁ ରୋମାଞ୍ଚକର କାହାଣୀ ଭିତରୁ ବି ହୋଇପାରେ ଗୋଟିଏ। ସୁତରାଂ କୃତ୍ରିମ ବୁଦ୍ଧିମତ୍ତାର ବ୍ୟାପକ ପ୍ରସାର ଆମ ସମାଜ, ଅର୍ଥନୀତି, ପରିଚାଳନା ବ୍ୟବସ୍ଥା, ଜୈନନ୍ଦିନଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିପାରିବ। ଏହା ପୂର୍ବରୁ ସମସ୍ତଙ୍କୁ ଡିଜିଟାଲ ସାକ୍ଷରତା ଅନ୍ତର୍ଭୁକ୍ତ କରିବା ଜରୁରୀ। କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ କ୍ଷେତ୍ରରେ ବ୍ୟକ୍ତିଗତ ଡାଟା ସୁରକ୍ଷା, ଗୋପନୀୟତା ରକ୍ଷା ଓ ନ୍ୟାୟ ସଙ୍ଗତ ପ୍ରକ୍ରିୟାକୁ ସୁନିଶ୍ଚିତ କରାଯିବା ଅବଶ୍ୟକ। କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ଦ୍ୱାରା ଆଗାମୀ ଦିନରେ ସୃଷ୍ଟି ହେବାକୁ ଥିବା ସଙ୍କଟକୁ ଦୂରଦୃଷ୍ଟି ଦ୍ୱାରା ଏବେଠୁ ନିରୂପଣ କରି ସମାଧାନ ଓ ପ୍ରତିକାର ନିମନ୍ତେ ନିରାକରଣ ପ୍ରଣାଳୀ ବିକାଶ କରାଯିବା ଉଚିତ। ଏ ଦାୟିତ୍ୱ ଆମ ସମସ୍ତଙ୍କର।

**ପୋପରଡ଼ା, ନୂଆବଜାର, କଟକ, ମୋବାଇଲ୍:୮୨୪୯୨୬୦୬୨୧**

### ବିମାନ ଇନ୍ଧନ ଉପରେ ରୁଷ୍ ଲଗାଇବ ପ୍ରତିବନ୍ଧକ

# ପ୍ରଭାବିତ ହେବ ବିଶ୍ୱ ଇନ୍ଧନ ଯୋଗାଣ




ମସ୍କୋ, ୨।୬: ଗ୍ଲୋବାଲ୍ ଏନର୍ଜି ମାର୍କେଟ୍ରୁ ଏକ ବଡ଼ ଖବର ସାମ୍ନାକୁ ଆସୁଛି। ପଶ୍ଚିମ ଏସିଆରେ ଜାରି ରହିଥିବା ଉତ୍ତେଜନା ମଧ୍ୟରେ ଏବେ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଧ୍ୟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ବିମାନ ଇନ୍ଧନ ରପ୍ତାନି ଉପରେ ଅସ୍ଥାୟୀ ପ୍ରତିବନ୍ଧକ ଲଗାଇବାକୁ ଘୋଷଣା କରିଛନ୍ତି। ରୁଷ ସରକାରଙ୍କ ଦ୍ୱାରା ଜାରି ବୟାନ ଅନୁଯାୟୀ, ଏହି କଟକଣା ଆସନ୍ତା ନଭେମ୍ବର ୩୦ ପର୍ଯ୍ୟନ୍ତ ଲାଗୁ ରହିବ।

ରୁଷ ବିଶ୍ୱର ସବୁଠାରୁ ବଡ଼ ବିଶୋଧିତ ପେଟ୍ରୋଲିୟମ ଉତ୍ପାଦ ରପ୍ତାନିକାରୀ ଦେଶଗୁଡ଼ିକ ମଧ୍ୟରେ ରହିଛି। ଏହା ସତ୍ତ୍ୱେ ଦୁଇଟି ମୁଖ୍ୟ କାରଣ ପାଇଁ ଏଭଳି କଠୋର ନିଷ୍ପତ୍ତି ନେବାକୁ ପଡ଼ିଛି। ପ୍ରଥମ ହେଉଛି, ୟୁକ୍ରେନର ଡ୍ରୋନ ଏବଂ ମିସାଇଲ ଆକ୍ରମଣ ଯୋଗୁଁ ରୁଷର ଅନେକ ବଡ଼ ବଡ଼ ତୈଳ ବିଶୋଧନାଗାର ଓ ପାଇପଲାଇନ ନେଟୱର୍କ ପ୍ରଭାବିତ ହୋଇଛି, ଯେଉଁଥିପାଇଁ ଇନ୍ଧନ ଉତ୍ପାଦନ କମିଯାଇଛି। ଦ୍ୱିତୀୟ କାରଣ ହେଉଛି, ଉତ୍ପାଦନ ହ୍ରାସ ପାଇବା ଏବଂ ପାଣିପାଗ ପରିବର୍ତ୍ତନ ଯୋଗୁଁ ରୁଷ ଭିତରେ ହିଁ ବିମାନ ଇନ୍ଧନର ଚାହିଦା ଦ୍ରୁତ ଗତିରେ ବଢ଼ିଛି। ତେଣୁ ସରକାର ନିଜର ଘରୋଇ ବିମାନ ଚଳାଚଳ ଏବଂ ସାମରିକ ଆବଶ୍ୟକତା ପାଇଁ ପର୍ଯ୍ୟାପ୍ତ ଇନ୍ଧନ ସଞ୍ଚୟ କରି ରଖିବାକୁ ପ୍ରାଥମିକତା ଦେଉଛନ୍ତି। ଚର୍ଚ୍ଚା ହେଉଛି ଯେ ମସ୍କୋ ଖୁବଶୀଘ୍ର ଡିଜେଲ ରପ୍ତାନି ଉପରେ ମଧ୍ୟ ଏଭଳି କଟକଣା ଲଗାଇପାରେ। ରୁଷର ଏହି ନିଷ୍ପତ୍ତି ଯୋଗୁଁ ସାରା ବିଶ୍ୱର ଇନ୍ଧନ ଯୋଗାଣ ଶୃଙ୍ଖଳା ପ୍ରଭାବିତ ହେବା ଆଗାମୀ ଦିନରେ ଆନ୍ତର୍ଜାତିକ ବଜାରରେ ବିମାନ ଇନ୍ଧନର ମୂଲ୍ୟ ବୃଦ୍ଧି ହେବାର ଆଶଙ୍କା ରହିଛି। ତେବେ, ରୁଷ ପ୍ରଶାସନ ସ୍ପଷ୍ଟ କରିଛି ଯେ ଯେଉଁ ଦେଶଗୁଡ଼ିକ ସହିତ ସେମାନଙ୍କର ପୂର୍ବରୁ ଚୁକ୍ତି ରହିଛି, ସେମାନଙ୍କୁ ଯୋଗାଣ ଜାରି ରହିବ।

ଭାରତ ବିଷୟରେ କହିବାକୁ ଗଲେ, ଏହାର ସିଧାସଳଖ ପ୍ରଭାବ କମ ରହିବ ବୋଲି ଆଶା କରାଯାଉଛି। ଭାରତ ନିଜର ଜେଟ୍ ଫ୍ୟୁଏଲ ଆବଶ୍ୟକତା ପାଇଁ ରୁଷ ଉପରେ ଅଧିକ ନିର୍ଭରଶୀଳ ନୁହେଁ। କିନ୍ତୁ, ଯଦି ଏହି ପ୍ରତିବନ୍ଧକ କାରଣରୁ ଆନ୍ତର୍ଜାତିକ ବଜାରରେ ବିମାନ ଇନ୍ଧନର ଦାମ ବଢ଼େ, ତେବେ ଭାରତୀୟ ଏୟାରଲାଇନ୍ସ କମ୍ପାନିଗୁଡ଼ିକର ପରିଚାଳନା ଖର୍ଚ୍ଚ ବଢ଼ିଯାଇପାରେ। ଏହାର ସିଧାସଳଖ ପ୍ରଭାବ ସ୍ୱରୂପ ଭାରତରେ ବିମାନ ଯାତ୍ରା ଭଡ଼ା ମଧ୍ୟ ମହଙ୍ଗା ହୋଇପାରେ।

## ହଷ୍ଟେଲ୍ରୁ ଛାତ୍ରୀଙ୍କ ଶବ ଉଦ୍ଧାର



ନିଟ୍ ପେପର ଲିକ୍

ପାଟନା, ୨।୬: ନିଟ୍ ପେପର ଲିକ୍ ମହାଘୋଟାଳାରେ ହତାଶ ହୋଇ ମଙ୍ଗଳବାର ସମସ୍ତିପୁରର ମେଧାବୀ ଛାତ୍ରୀ ଶ୍ରୁତି କୁମାରୀ ଆତ୍ମହତ୍ୟା କରିଛନ୍ତି। ବିହାର ପାଟନାସ୍ଥିତ ଏକ ହଷ୍ଟେଲ୍ ରୁମ୍ରୁ ଶ୍ରୁତି କୁମାରୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଯେଉଁ କୋଠରିରେ ସେ ଦିନରାତି ଏକ କରି ଡାକ୍ତର ହେବା ପାଇଁ ନିଟ୍ ପରୀକ୍ଷାରେ ସଫଳ ହେବା ପାଇଁ ପ୍ରସ୍ତୁତି କରୁଥିଲେ, ସେହି କୋଠରିରେ ହିଁ ସେ ଫାସୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଘଟଣାଟି ଘଟିଛି ପାଟନାର ପତ୍ରକାର ନଗର ଥାନା ଅନ୍ତର୍ଗତ ସଚିବାଳୟ କଲୋନୀର 'ରାଧେ କୃଷ୍ଣ ହଷ୍ଟେଲ'ରେ। ମଙ୍ଗଳବାର ସକାଳେ ଶ୍ରୁତିଙ୍କ ମୃତଦେହ ରୁମ୍ ଭିତରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ମୃତ ଶ୍ରୁତି ସମସ୍ତିପୁର ବାସିନ୍ଦା ହୋଇଥିବା ବେଳେ ସେ ୨୦୨୪ ମସିହାରୁ ଏହି ହଷ୍ଟେଲରେ ରହି ନିଟ୍ ପାଇଁ କୋଚିଂ ନେଉଥିଲେ। ହଷ୍ଟେଲ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ଗତକାଲି ରାତିରେ ଖାଇବା ପରେ ଶୋଇବାକୁ ଯାଇଥିଲେ, ହେଲେ ସକାଳର ଦୃଶ୍ୟ ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। ପ୍ରାୟ ୧୦ ଦିନ ପୂର୍ବରୁ ହିଁ ଶ୍ରୁତି ନିଜ ଗାଁରୁ ପାଟନା ଫେରିଥିଲେ। ପେପର ଲିକ୍ ଘଟଣା ପରଠାରୁ ସେ ପ୍ରବଳ ମାନସିକ ଚାପରେ ଥିଲେ। ସେ କହୁଥିଲେ ଯେ, ପରୀକ୍ଷାକୁ ନେଇ ତାଙ୍କ ବାପା-ମାଆ ତାଙ୍କ ଉପରେ ଅଭିମାନ କରିଛନ୍ତି ଓ ତାଙ୍କ ସହ ଠିକ୍ ଭାବେ କଥାବାର୍ତ୍ତା କରୁନାହାନ୍ତି। ଏହି ମାନସିକ ଅବସାଦ ଓ ଭବିଷ୍ୟତର ଚିନ୍ତା ଶ୍ରୁତିଙ୍କୁ ଭିତରୁ ଭାଙ୍ଗି ଦେଇଥିଲା, ଯାହା ପାଇଁ ସେ ଏଭଳି ଚରମ ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ଫରେନସିକ୍ ଟିମ୍ ପହଞ୍ଚି ସାଇଣ୍ଟିଫିକ୍ ତଦନ୍ତ ଶେଷ କରିଛି ଏବଂ ଶବକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ପୁଲିସ ଶ୍ରୁତିଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରିଛି, ପୋଷ୍ଟମର୍ଟମ ପରେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।

## ଗୁଳିକାଣ୍ଡ, ସନ୍ଦିଗ୍ଧଙ୍କ ସମେତ ୭ ମୃତ




ୱାଶିଂଟନ, ୨।୬: ଆମେରିକାରେ ଭୟଙ୍କର ଘଟଣା ଘଟିଛି । ଆୟୋୱାର ସହରର ଅନେକ ସ୍ଥାନରେ ଗୁଳିକାଣ୍ଡ ଘଟଣା ସମ୍ପର୍କରେ ରିପୋର୍ଟ ସାମ୍ନାକୁ ଆସିଛି। ଏହି ଘଟଣାଗୁଡ଼ିକ ସମ୍ପର୍କରେ, ପୋଲିସ କହିଛି ଯେ ସୋମବାର ସହରର ବିଭିନ୍ନ ସ୍ଥାନରେ ଘଟିଥିବା ସିରିଜ ଗୁଳିକାଣ୍ଡରେ ଅତି କମରେ ସାତ ଜଣ ଲୋକ ପ୍ରାଣ ହରାଇଛନ୍ତି।ଏହା ବିଶ୍ୱାସ କରାଯାଏ ଯେ ଏହି ଘଟଣାଗୁଡ଼ିକ ଏକ ଘରୋଇ ବିବାଦରୁ ସୃଷ୍ଟି ହୋଇଥିଲା। ରିପୋର୍ଟ ଅନୁଯାୟୀ, ଯେତେବେଳେ ପୋଲିସ ଅଧିକାରୀମାନେ ସନ୍ଦିଗ୍ଧ ବନ୍ଧୁକଧାରୀଙ୍କ ସାମ୍ନାସାମ୍ନି ହେଲେ ସେ ନିଜକୁ ଗୁଳି କଲେ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୋଲିସ ମୁଖ୍ୟଙ୍କ ଅନୁଯାୟୀ, ପ୍ରାୟ ୧୨ଟା ସମୟରେ ପୋଲିସ ଏକ କଲ୍ ଆସିଥିଲା। ପରବର୍ତ୍ତୀ ସମୟରେ, ଏକ ଘର ଭିତରେ ୪ ଜଣ ପୀଡିତଙ୍କ ମୃତଦେହ ମିଳିଥିଲା। ପୋଲିସ ସନ୍ଦିଗ୍ଧ ବ୍ୟକ୍ତିଙ୍କ ବୟସ ୫୨ ବର୍ଷ ବୋଲି ଚିହ୍ନଟ କରାଯାଇଛି। ପୋଲିସ ଅଧିକାରୀମାନେ ପହଞ୍ଚିବା ପୂର୍ବରୁ ସେ ଘରୁ ବାହାରି ଆସିଥିଲେ। ଅଧିକାରୀମାନେ ମିସିସିପି ନଦୀ ନିକଟର ଏକ ରାସ୍ତାରେ ଅଭିଯୁକ୍ତ ମ୍ୟାକଫାରଲ୍ୟାଣ୍ଡକୁ ଠାବ କରିଥିଲେ। ଅଧିକାରୀମାନେ ମ୍ୟାକଫାରଲ୍ୟାଣ୍ଡଙ୍କ ସହ କଥାବାର୍ତ୍ତା କରୁଥିବା ସମୟରେ, ସେ ନିଜକୁ ଗୁଳି କରିଥିଲେ। ଅଧିକାରୀ ଏବଂ ଇଏମଏସ କର୍ମଚାରୀମାନେ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ, କିନ୍ତୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।


## ନାବାଳିକାଙ୍କ ଆତ୍ମହତ୍ୟା ପଛରେ 'ଲଭ୍ ଜିହାଦ୍' ଅଭିଯୋଗ

ତେଲେଙ୍ଗାନା, ୨।୬: ତେଲେଙ୍ଗାନାର ନାରାୟଣପେଟ ସହରରେ ଜଣେ ୧୬ ବର୍ଷୀୟା ନାବାଳିକାର ମୃତ୍ୟୁକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାରେ 'ଲଭ୍ ଜିହାଦ୍' ଅଭିଯୋଗ ଆଣି ବ୍ୟାପକ ବିକ୍ଷୋଭ ସହ ବନ୍ଦ ଡାକରା ଦିଆଯାଇଛି। ପୋଲିସ ଏହି ମାମଲାରେ ଜଣେ ୧୮ ବର୍ଷୀୟ ଯୁବକକୁ ଗିରଫ କରି ତଦନ୍ତ ଚଳାଇଛି। ପୋଲିସ ଏହି ଘଟଣାରେ ଫସିଉଦ୍ଦିନ ନାମକ ଜଣେ ୧୮ ବର୍ଷୀୟ ଯୁବକକୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇଛି। ତାଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଏବଂ ଶିଶୁମାନଙ୍କୁ ଯୌନ ନିର୍ଯାତନାରୁ ସୁରକ୍ଷା ବା ପୋକ୍ସୋ ଆଇନ ଅଧୀନରେ ମାମଲା ରୁଜୁ କରାଯାଇଛି। ଗୁଜବ ପ୍ରଚାର ନକରିବାକୁ ଏବଂ ଆଇନଶୃଙ୍ଖଳା ବଜାୟ ରଖିବାରେ ସହଯୋଗ କରିବାକୁ ନାରାୟଣପେଟ ଥାନା ଅଧିକାରୀ ଭେଙ୍କଟେଶ୍ୱର୍ଲୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ନାବାଳିକାର ମୃତ୍ୟୁର ଉଚିତ୍ ତଦନ୍ତ ଦାବି କରି ବିଜେପି ଏବଂ ବିଶ୍ୱ ହିନ୍ଦୁ ପରିଷଦର କର୍ମୀମାନେ ନାରାୟଣପେଟରେ ବନ୍ଦ ପାଳନ କରିଛନ୍ତି। ଏହାଫଳରେ ସହରର ଅନେକ ଦୋକାନବଜାର ଓ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଛି। ମଙ୍ଗଳବାର ଦିନ ଆନ୍ଦୋଳନକାରୀମାନେ ବସ୍ ଚଳାଚଳ ବନ୍ଦ କରିବାକୁ ଚେଷ୍ଟା କରିବାରୁ ପୋଲିସ ହସ୍ତକ୍ଷେପ କରି ସେମାନଙ୍କ ମଧ୍ୟରୁ କିଛି ଜଣଙ୍କୁ ଅଟକ ରଖିଥିଲା। ସାମ୍ପ୍ରଦାୟିକ ଉତ୍ତେଜନାକୁ ରୋକିବା ପାଇଁ ସମସ୍ତ ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ବ୍ୟାପକ ସୁରକ୍ଷା କର୍ମୀ ମୁତୟନ କରାଯାଇଛି।

## କେରଳକୁ ମନ୍ଥର ହେବ ମୌସୁମୀର ଆଗମନ


ନୂଆଦିଲ୍ଲୀ, ୨।୬: ଏଥର ମୌସୁମୀ ବାୟୁ କେରଳମରେ ଦୁର୍ବଳ ରହିପାରେ। ଭାରତୀୟ ପାଣିପାଗ ବିଭାଗର ଗ୍ଲୋବାଲ ଫୋରକାଷ୍ଟ ସିଷ୍ଟମ ଅନୁଯାୟୀ ମୌସୁମୀ ପାଇଁ ଆବଶ୍ୟକୀୟ ଉଚ୍ଚସ୍ତରୀୟ ବାୟୁଚାପ ଜୁନ୍ ୫ ରୁ ୬ ପରେ ଦକ୍ଷିଣ ଭାରତରେ ପ୍ରବେଶ କରିବ। ତେବେ ଏହାର ପ୍ରଭାବ ପୂର୍ବପରି ମଜଭୁତ ନ ହୋଇ ମନ୍ଥର ରହିବ। ଧୀରେ ଧୀରେ ଏହା ପ୍ରଭାବଶାଳୀ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ପାଣିପାଗ ବିଭାଗ କହିଛି ଯେ ମୌସୁମୀ ଆଗାମୀ ଦୁଇ ଦିନ ମଧ୍ୟରେ ଭାରତରେ ପ୍ରବେଶ କରିବ। ଏହା କେରଳମ ଏବଂ ତାମିଲନାଡୁର କିଛି ଅଂଶ, ଲାକ୍ଷାଦ୍ୱୀପପୁଞ୍ଜ, ଆରବସାଗରର ଦକ୍ଷିଣ-ପଶ୍ଚିମ ଏବଂ ଦକ୍ଷିଣ-ପୂର୍ବ ଭାଗ, ସହ ବଙ୍ଗୋପସାଗରର ଦକ୍ଷିଣ-ପଶ୍ଚିମ, ପଶ୍ଚିମ-ମଧ୍ୟ, ପୂର୍ବ ମଧ୍ୟ ଓ ଉତ୍ତର-ପୂର୍ବ ଓ ଶେଷରେ ଦକ୍ଷିଣ-ପୂର୍ବ ଦେଇ ଗତି କରିବ ବୋଲି ଆଶା କରାଯାଉଛି। ଏହା ପୂର୍ବରୁ ପାଣିପାଗ ବିଭାଗ ମୌସୁମୀ ୨୬ ତାରିଖରେ ଆସିବ ବୋଲି ପୂର୍ବାନୁମାନ କରିଥିଲା। ହେଲେ ଏହି ପୂର୍ବାନୁମାନକୁ ବଦଳାଇ ମୌସୁମୀ ଜୁନ ୨-୪ ମଧ୍ୟରେ ଏହା କେରଳ ଛୁଇଁବ ବୋଲି ଆଶା କରାଯାଉଛି। ବର୍ତ୍ତମାନ ସକ୍ରିୟ ଥିବା ପଶ୍ଚିମା ଝଡ଼ ସମ୍ପୂର୍ଣ୍ଣ ଅପସରିଯିବା ପରେ ହିଁ ମୌସୁମୀ ବାୟୁ ଅଧିକ ସକ୍ରିୟ ହେବ। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିଝଡ଼ର ପ୍ରକ୍ରିୟା ଯୋଗୁ ମୌସୁମୀ ପବନର ଗତି ଦୁର୍ବଳ ହୋଇଯାଇଛି। କେରଳରେ ବର୍ଷା ଓ ମେଘାଚ୍ଛନ୍ନ ପାଗ ଠିକ୍ ଥିଲେ ମଧ୍ୟ ଆରବ ସାଗରରେ ଆବଶ୍ୟକୀୟ ପଶ୍ଚିମା ପବନର ବେଗ କମ ରହିଛି।

## ବେଦାନ୍ତ ଗ୍ରୁପ୍ ଉପରେ ଇଡି ଚଢ଼ାଉ



ନୂଆଦିଲ୍ଲୀ, ୨।୬: ଅନିଲ ଅଗ୍ରୱାଲଙ୍କ ବେଦାନ୍ତ ଗ୍ରୁପ୍ ଉପରେ ରେଡ୍ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ। ବେଦାନ୍ତ ଗ୍ରୁପ୍ ସହିତ ଜଡିତ ଅନେକ ସ୍ଥାନରେ ଇଡି ଦ୍ୱାରା ଏକ ତଲାସୀ ଅଭିଯାନ ବର୍ତ୍ତମାନ ଚାଲିଛି। ଇଡି ମୁଖ୍ୟାଳୟର ସୂତ୍ର ଅନୁଯାୟୀ, ବିଦେଶୀ ମୁଦ୍ରା ପରିଚାଳନା ଆଇନ (ଫେମା) ଉଲ୍ଲଂଘନ ସହିତ ଜଡିତ ଏକ ମାମଲାରେ ତଦନ୍ତ କରାଯାଉଛି। ଏହା ମନି ଲଣ୍ଡରିଂ ମାମଲା ନୁହେଁ। ବର୍ତ୍ତମାନ କେତେ ସ୍ଥାନ ଖୋଜା ଚାଲିଛି ସେ ସମ୍ପର୍କରେ ଆନୁଷ୍ଠାନିକ ସୂଚନା ଖୁବ୍ ଶୀଘ୍ର ପ୍ରଦାନ କରାଯିବ। ଯେତେବେଳେ ଜଣେ ବ୍ୟକ୍ତି କିମ୍ବା କମ୍ପାନୀ ବିଦେଶୀ ମୁଦ୍ରା କାରବାରରେ ଲିପ୍ତ ହେବା ସମୟରେ ବିଦେଶୀ ମୁଦ୍ରା ପରିଚାଳନା ଆଇନର ନିୟମାବଳୀ ଉଲ୍ଲଂଘନ କରନ୍ତି, ଏହାକୁ ଫେମା ମାମଲା କିମ୍ବା ଫେମା ଉଲ୍ଲଂଘନ ବୋଲି କୁହାଯାଏ। ଏପରି ମାମଲାଗୁଡ଼ିକ ମୁଖ୍ୟତଃ ବିଦେଶରେ ପାଣ୍ଠିର ଅବୈଧ ସ୍ଥାନାନ୍ତର, ବିଦେଶରେ ସମ୍ପତ୍ତିର ଅବୈଧ ଅଧିଗ୍ରହଣ, କିମ୍ବା ବିଦେଶୀ ନିବେଶକୁ ନିୟନ୍ତ୍ରଣ କରୁଥିବା ନିୟମାବଳୀର ପାଳନ ନ କରିବା ଭଳି ଘଟଣା ସହିତ ଜଡିତ।

## ହନିଟ୍ରାପ୍ ଗେମ୍ ଫେଲ୍କଲା +୯୨ କଣ୍ଟ୍ରି କୋଡ୍



ନୂଆଦିଲ୍ଲୀ, ୨।୬: ନିଜକୁ କାଶ୍ମୀରୀ କୁଡ଼ି କହି ଆଇଏସଆଇ ଏଜେଣ୍ଟ ବିଛାଇଥିଲେ ମାୟାଜାଲ। ହନିଟ୍ରାପ୍ ଗେମ୍ ଫେଲ୍ କରିଦେଲେ ଜାମ୍ମୁ କାଶ୍ମୀର ଯୁବକ। ଯେତେ ବ୍ଲାକମେଲ୍ କଲେ ବି ଦେଲେନି ସୁରକ୍ଷାବାହିନୀର ତଥ୍ୟ। ଜାମ୍ମୁ-କାଶ୍ମୀର ଡୋଡା ଜିଲ୍ଲାରେ ପାକିସ୍ତାନର ଗୁଇନ୍ଦା ଏଜେନ୍ସି ଆଇଏସଆଇର ଏକ ବଡ଼ ଷଡ଼ଯନ୍ତ୍ର ଫେଲ୍ ମାରିଛି। ଜଣେ ସ୍ଥାନୀୟ ଯୁବକଙ୍କୁ ଫସାଇ ସୁରକ୍ଷାବାହିନୀର ସମ୍ବେଦନଶୀଳ ତଥ୍ୟ ଓଗାଳିବା ଚେଷ୍ଟା ପଣ୍ଡ ହୋଇଛି। ଜମ୍ମୁର ଜଣେ ୩୫ ବର୍ଷୀୟ ଯୁବକ ଡିସେମ୍ବର ମାସରେ ଫେସବୁକରେ ତୁଷାରପାତ ବେଳର ଭିଡିଓ ପୋଷ୍ଟ କରିଥିଲେ। ଏହି ଭିଡିଓ ଦେଖି ଜଣେ ଯୁବତୀଙ୍କ ଆଇଡିରୁ କମେଣ୍ଟ ଆସିଥିଲା। ଏହାପରେ ଦୁହିଁଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହୋଇଥିଲା। ସେ ନିଜକୁ କାଶ୍ମୀରର ବୋଲି ପରିଚୟ ଦେଇଥିଲେ। ଫେସବୁକ୍ ରେ କିଛି ଦିନ ଯାଏଁ ଚାଟ୍ କରିବା ପରେ ଯୁବତୀ ଜଣଙ୍କ ହ୍ୱାଟସଆପ୍ ନମ୍ବର ମାଗିଥିଲେ। ଯୁବକ ଜଣଙ୍କ ତାଙ୍କୁ ନମ୍ବର ମଧ୍ୟ ଦେଇଥିଲେ। ହେଲେ +୯୨ କଣ୍ଟ୍ରି କୋଡ୍ ଥିବାରୁ ଯୁବକଙ୍କ ସନ୍ଦେହ ହୋଇଥିଲା। ଏହି ଆକାଉଣ୍ଟ ପାକିସ୍ତାନ ଦ୍ୱାରା ପରିଚାଳିତ ହେଉଥିବା ଜାଣିପାରିଥିଲେ। ଏହାପରେ ତାଙ୍କୁ ଲୋଭ ଦିଆଯାଇଥିଲା। ସୀମାରେ ସୁରକ୍ଷାବାହିନୀର ଫଟୋ ଭିଡିଓ ସେୟାର କରିବାକୁ କୁହାଯାଇଥିଲା। ଏହା ବଦଳରେ ଯୁବକ ଜଣଙ୍କ ମୋଟା ଅଙ୍କର ଟଙ୍କା ରୋଜଗାର କରିପାରିବେ ବୋଲି ଅଫର୍ ବି ଦେଇଥିଲେ। ହେଲେ ଯୁବକ ଜଣଙ୍କ ତାଙ୍କ କଥାରେ ରାଜି ହୋଇନଥିଲେ। ଉକ୍ତ ନମ୍ବରଟିକୁ ବ୍ଲକ୍ କରିଦେଇଥିଲେ। ଏହାପରେ ତାଙ୍କୁ ଅଲଗା ଅଲଗା ନମ୍ବରରୁ ମେସେଜ୍ କଲ୍ ମାଧ୍ୟମରେ ଧମକ ଚମକ ଆସିଥିଲା। ସୁରକ୍ଷାବାହିନୀର ରାଡାରରେ ଆସିବା ପୂର୍ବରୁ ଯୁବକ ଜଣଙ୍କ ପ୍ରାୟ ୧୨ଟି ନମ୍ବର ବ୍ଲକ୍ ସାରିଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ, ସେ ଦେଶବିରୋଧୀ କୌଣସି କାମ କରିନାହାନ୍ତି। ସୁରକ୍ଷାବାହିନୀର କୌଣସି ଗୁଇନ୍ଦା ତଥ୍ୟ ଶତ୍ରୁ ଦେଶ ହାତରେ ବିକି ନାହାନ୍ତି। ତେବେ ଏହା କେବଳ ଗୋଟିଏ ଘଟଣା ନୁହେଁ, ପାକିସ୍ତାନର ଆଇଏସଆଇ ଏଜେଣ୍ଟ ଏହିଭଳି ଭାବେ ଜାମ୍ମୁ କାଶ୍ମୀର ଯୁବକଙ୍କୁ ହନିଟ୍ରାପର ମାୟାଜାଲରେ ଫସାଇବାକୁ ଚେଷ୍ଟା କରୁଛନ୍ତି।

## ବିଶ୍ୱରେ ବଢୁଛି ଭାରତୀୟ ଯୁଦ୍ଧାସ୍ତ୍ରର ଚାହିଦା




ନୂଆଦିଲ୍ଲୀ, ୨।୬: ଅପରେସନ ସିନ୍ଦୂରରେ ବ୍ରହ୍ମୋସ ଓ ଆକାଶ ମିସାଇଲ, ଲୟଟରିଂ ମ୍ୟୁଟେସନ ଓ ନେତ୍ର ଭଳି ଭାରତୀୟ ଯୁଦ୍ଧାସ୍ତ୍ରର ସଫଳ ବ୍ୟବହାର ପରେ ବିଶ୍ୱରେ ଏହାର ଚାହିଦା ବଢ଼ିବାରେ ଲାଗିଛି। କେତେକ ଦେଶ ଭାରତରୁ ଏସବୁ ଯୁଦ୍ଧାସ୍ତ୍ର କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏପରିକି କିଛି ଦେଶ ସହିତ ୨୧ ହଜାର କୋଟି ଟଙ୍କାର ବୁଝାମଣା ମଧ୍ୟ ହୋଇସାରିଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ୨୦୨୫-୨୬ରେ ଭାରତୀୟ ପ୍ରତିରକ୍ଷା ସାମଗ୍ରୀର ରପ୍ତାନୀ ପରିମାଣ ୩୮,୪୨୪ କୋଟି ଟଙ୍କାରେ ପହଞ୍ଚି ଯାଇଛି। ଯାହା ଗତବର୍ଷ ଅର୍ଥାତ ୨୦୨୪-୨୫ ତୁଳନାରେ ୬୨ ପ୍ରତିଶତ ଅଧିକ। ବ୍ରହ୍ମୋସ ମିସାଇଲ ନେବା ପାଇଁ ଫିଲିପାଇନ୍ସ, ଭିଏତନାମ ଓ ଅନ୍ୟ ୨ଟି ଦେଶ ସହିତ ୧୨,୫୦୦ କୋଟି ଟଙ୍କାର ବୁଝାମଣା ହୋଇଛି। ସେଥିରେ ଫିଲିପାଇନ୍ସ ସହ ୩,୨୦୦ କୋଟି ଓ ଭିଏତନାମ ସହ ୫,୮୦୦ କୋଟି ଟଙ୍କା ସାମିଲ ଅଛି। ସେହିଭଳି ଇଣ୍ଡୋନେସିଆ ସହ ପ୍ରାୟ ୩,୬୦୦ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ କିଣାବିକା ଲାଗି ବୁଝାମଣା ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଆକାଶ ମିସାଇଲ ସିଷ୍ଟମ ନେବା ଲାଗି ଆର୍ମେନିଆ ୬,୧୦୦ କୋଟି ଟଙ୍କାର ବୁଝାମଣା କରିସାରିଛି। ଆର୍ମେନିଆକୁ ଏୟାର ଡିଫେନ୍ସ ମିସାଇଲ ଆକାଶ-୧ଏସ୍ ସିଷ୍ଟମ ପ୍ରଦାନ ଜାରି ରହିଛି। ଆଫ୍ରିକା ଓ ଦକ୍ଷିଣ ଆମେରିକା ଭଳି ଦେଶ ଏଥିରେ ମଧ୍ୟ ଆଗ୍ରହ ପ୍ରକାଶ କରିଛନ୍ତି। ସେହିଭଳି ଆକାଶ-ଏନ୍‌ଜିକୁ ନେଇ ନୂଆ କଥାବାର୍ତ୍ତା ଜାରି ରହିଛି। ପିନାକ ରକେଟ ପ୍ରଣାଳୀ ମଧ୍ୟ ଆର୍ମେନିଆକୁ ପ୍ରଦାନ କରାଯାଉଛି। ଫ୍ରାନ୍ସ ବି ଏହାକୁ ନେବା ଲାଗି ଚାହୁଁଛି। ନାଗାସ୍ତ୍ର-୧ ଏବଂ ସ୍କାଇ ଷ୍ଟ୍ରାଇକର ଭଳି ଲୟଟରିଂ ମ୍ୟୁନିସନର ଚାହିଦା ବିଦେଶରେ ବଢ଼ିଛି। ସାଇପ୍ରସ୍ ୨୦୨୬-୩୧ ମଧ୍ୟରେ ଏହି ଯୁଦ୍ଧାସ୍ତ୍ର କିଣିବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି। ଭାରତ ଏବେ ୧୦୦ରୁ ଅଧିକ ଦେଶକୁ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରୁଛି। ସେଥିରେ ଆମେରିକା, ଫ୍ରାନ୍ସ ଓ ଆର୍ମେନିଆ ଭଳି ପ୍ରମୁଖ ଦେଶ ସାମିଲ ଅଛନ୍ତି। ଆମେରିକା ହେଉଛି ଭାରତରୁ ସବୁଠାରୁ ବଡ ପ୍ରତିରକ୍ଷା ସାମଗ୍ରୀ କ୍ରେତା। ଆମେରିକାର ବୋଇଂ ଓ ଲକହିଡ୍ ମାର୍ଟିନ ଭଳି ବଡ କମ୍ପାନି ୨.୮ ଶହ କୋଟି ଡଲାରର ପ୍ରଣାଳୀ ଓ କଳପୁର୍ଜା ଭଳି ସାମଗ୍ରୀ ଭାରତରୁ ନେଉଛନ୍ତି। ଆର୍ମେନିଆ ଭଳି ଦେଶ ଭାରତର ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଥିବା ଯୁଦ୍ଧାସ୍ତ୍ର ନେବାକୁ ଆଗ୍ରହ ପ୍ରକାଶକରିଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି କି ଆଗାମୀ ୨୦୨୯-୩୦ ସୁଦ୍ଧା ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀର ପରିମାଣ ୫୦ ହଜାର କୋଟି ଟଙ୍କାରୁ ଅଧିକ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ୨୦୧୬-୧୭ରେ ରପ୍ତାନୀର ପରିମାଣ ଥିଲା ମାତ୍ର ୧,୫୨୨ କୋଟି ଟଙ୍କା। ଅର୍ଥାତ ୧୦ ବର୍ଷରୁ କମ୍ ସମୟ ଭିତରେ ଏହା ୨୫ ଗୁଣ ବଢ଼ିଛି। ଅପରେସନ ସିନ୍ଦୂର ପରେ ଭାରତୀୟ ଯୁଦ୍ଧାସ୍ତ୍ର ଉପରେ ବୈଶ୍ୱିକ ଧ୍ୟାନ ବଢ଼ିଛି।

## ରୀତାବ୍ରତ ବାନାର୍ଜୀଙ୍କ ନିକଟରେ ଫିକା ମମତା




କୋଲକାତା, ୨।୬: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟ ପରେ ତୃଣମୂଳ କଂଗ୍ରେସ ଭିତରେ ଆଭ୍ୟନ୍ତରୀଣ କନ୍ଦଳ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଏହା ଖୋଲାଖୋଲି ଭାବେ ସାମ୍ନାକୁ ଆସିଛି। ବଙ୍ଗଳା ବିଧାନସଭାରେ ବିରୋଧୀ ଦଳ ନେତାଙ୍କ ନିଯୁକ୍ତିକୁ ନେଇ ଏକ ନୂତନ ବିବାଦ ସୃଷ୍ଟି ହେଉଥିବା ପରି ମନେ ହେଉଛି।

ଖବର ଅନୁସାରେ, ଟିଏମସି ବିଧାୟକମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଗୋଷ୍ଠୀ ଏବେ ବିଧାନସଭାରେ ବିରୋଧୀ ଦଳ ନେତା ଭାବରେ ରୀତାବ୍ରତ ବାନାର୍ଜୀଙ୍କୁ ସମର୍ଥନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ଏକ ପଦକ୍ଷେପ ଯାହା ଦଳୀୟ ନେତୃତ୍ୱ ସାମ୍ନା କରୁଥିବା ଅସୁବିଧାକୁ ଆହୁରି ବଢ଼ାଇପାରେ। ତଥାପି ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗରେ ମମତା ବାନାର୍ଜୀ ପୂର୍ବରୁ ରୀତାବ୍ରତ ବାନାର୍ଜୀ ଏବଂ ସନ୍ଦିପନ ସାହା ଉଭୟଙ୍କୁ ଦଳରୁ ବହିଷ୍କାର କରିସାରିଛନ୍ତି। ଯଦି ସୂତ୍ରଗୁଡ଼ିକୁ ବିଶ୍ୱାସ କରାଯାଏ, ତେବେ ରୀତାବ୍ରତ ବାନାର୍ଜୀଙ୍କ ଶିବିରର ପ୍ରାୟ ୫୦ ଜଣ ବିଧାୟକ ମମତାଙ୍କ ହାତ ଛାଡ଼ିପାରନ୍ତି।

ଗତ କିଛି ଦିନ ଧରି କୋଲକାତାରେ ନିରନ୍ତର ବୈଠକ ଚାଲିଛି। ଅସନ୍ତୁଷ୍ଟ ବିଧାୟକମାନଙ୍କୁ ଶାନ୍ତ କରିବା ଏବଂ ମମତା ବାନାର୍ଜୀଙ୍କ ପ୍ରତି ସେମାନଙ୍କର ନିରନ୍ତର ଆନୁଗତ୍ୟ ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରାଯାଉଥିବା ଜଣାପଡ଼ିଛି। ତଥାପି ସୂତ୍ରରୁ ଜଣାପଡୁଛି ଯେ, ଅସନ୍ତୋଷ ବିଶେଷ ଭାବରେ ମୁଖ୍ୟମନ୍ତ୍ରୀ ଏବଂ ଟିଏମସି ସୁପ୍ରିମୋ ମମତା ବାନାର୍ଜୀଙ୍କ ବିରୁଦ୍ଧରେ ନୁହେଁ; ବରଂ ଅନେକ ବିଧାୟକ ଦଳର ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟଶୈଳୀରେ ଅସନ୍ତୁଷ୍ଟ। ଫଳସ୍ୱରୂପ, ଦଳ ଭିତରେ ଦୁଇଟି ପୃଥକ ଗୋଷ୍ଠୀର ଉଦୟ ହେବା ନେଇ କଳ୍ପନାଜଳ୍ପନା ତୀବ୍ର ହୋଇଛି।


ତୃଣମୂଳ କଂଗ୍ରେସ ଉପରେ ଉପୁଜିଥିବା ସଙ୍କଟ ଆହୁରି ଘନୀଭୂତ ହୋଇପାରେ।

## ଥୁରିଙ୍ଗିଆ ମନ୍ତ୍ରୀ-ରାଷ୍ଟ୍ରପତିଙ୍କୁ ଭେଟିଲେ ଜୟଶଙ୍କର



ନୂଆଦିଲ୍ଲୀ, ୨।୬: ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର ମଙ୍ଗଳବାର ନୂଆଦିଲ୍ଲୀରେ ଷ୍ଟେଟ୍ ଅଫ୍ ଥୁରିଙ୍ଗିଆର ମନ୍ତ୍ରୀ-ରାଷ୍ଟ୍ରପତି ମାରିଓ ଭୋଇଗଟ୍‌ଙ୍କୁ ତାଙ୍କ ପ୍ରତିନିଧିମଣ୍ଡଳ ସହିତ ସାକ୍ଷାତ କରିଛନ୍ତି। ଏହି ବୈଠକରେ ଭାରତ ଏବଂ ଜର୍ମାନୀ ମଧ୍ୟରେ ଉପ-ରାଷ୍ଟ୍ରୀୟ ତଥା ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଉପରେ ଆଲୋକପାତ କରାଯାଇଛି। ସୋସିଆଲ ମିଡିଆରେ ଏକ ପୋଷ୍ଟରେ ଜୟଶଙ୍କର ଭାରତ-ଜର୍ମାନୀ ଏବଂ ଭାରତ-ୟୁରୋପୀୟ ସଂଘ ସମ୍ପର୍କକୁ ବିସ୍ତାର କରିବା ପାଇଁ ପ୍ରକାଶିତ ଦୃଢ଼ ସମର୍ଥନକୁ ସ୍ୱାଗତ କରିଥିଲେ। ସେ ଉଲ୍ଲେଖ କରିଥିଲେ ଯେ, ଆଲୋଚନାରେ ଉଭୟ ପକ୍ଷ ମଧ୍ୟରେ ବ୍ୟବସାୟିକ ସୁଯୋଗ, ନିବେଶ ସମ୍ଭାବନା ଏବଂ ପ୍ରଯୁକ୍ତିବିଦ୍ୟା ସହଭାଗୀତା ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ସମ୍ପର୍କ ଜର୍ମାନୀ ଏବଂ ୟୁରୋପୀୟ ସଂଘ ସହିତ ବ୍ୟାପକ ରଣନୈତିକ ସମ୍ପର୍କ ସହିତ ଜର୍ମାନ ରାଜ୍ୟଗୁଡ଼ିକ ସହିତ ସମ୍ପର୍କକୁ ଗଭୀର କରିବା ଉପରେ ଭାରତର ବଢ଼ୁଥିବା ଧ୍ୟାନକୁ ପ୍ରତିଫଳିତ କରିବ। ଉଭୟ ପକ୍ଷ ନବସୃଜନ-ଚାଳିତ କ୍ଷେତ୍ର ଏବଂ ଆର୍ଥିକ ବିକାଶରେ ଆହୁରି ସହଯୋଗ ଅନୁସନ୍ଧାନ କରିବେ ବୋଲି ଆଶା କରାଯାଉଛି।

## ନେତାନ୍ୟାହୁଙ୍କୁ ପାଗଳ କହିଲେ ଟ୍ରମ୍ପ



ନ୍ୟୁୟର୍କ, ୨।୬: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ମଧ୍ୟରେ ସୋମବାର ଏକ ଫୋନ୍ କଲ୍ ସମୟରେ ଯୁକ୍ତିତର୍କ ଓ ତିକ୍ତତା ଦେଖିବାକୁ ମିଳିଛି। ଲେବାନନ୍‌ରେ ଇସ୍ରାଏଲର କ୍ରମାଗତ କାର୍ଯ୍ୟାନୁଷ୍ଠାନ ଏବଂ ସେଠାରେ ବ୍ୟାପକ କ୍ଷୟକ୍ଷତିକୁ ନେଇ ଟ୍ରମ୍ପ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଛନ୍ତି। ଟ୍ରମ୍ପ କାର୍ଯ୍ୟଭାର ଗ୍ରହଣ କରିବା ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ସବୁଠାରୁ ଜଟିଳ କଥାବାର୍ତ୍ତା ଥିଲା ବୋଲି ଜଣାପଡ଼ିଛି।

ଆମେରିକା ପ୍ରଶାସନର ସୂତ୍ର ଅନୁଯାୟୀ, ଟ୍ରମ୍ପ ନେତନ୍ୟାହୁଙ୍କୁ "ପାଗଳ" କହିବା ସହ ଅକୃତଜ୍ଞ ବୋଲି ଆରୋପ ଲଗାଇଛନ୍ତି। ଟ୍ରମ୍ପ ନେତନ୍ୟାହୁଙ୍କୁ କଡ଼ା ଭାଷାରେ କହିଛନ୍ତି, "ତୁମେ ସମ୍ପୂର୍ଣ୍ଣ ପାଗଳ ହୋଇଯାଇଛ। ଯଦି ମୁଁ ନଥାନ୍ତି, ତେବେ ତୁମେ ଆଜି ଜେଲ୍‌ରେ ଥାଆନ୍ତ। ଏହି ଆକ୍ରମଣ ଯୋଗୁଁ ଏବେ ବିଶ୍ୱର ସମସ୍ତେ ତୁମକୁ ଏବଂ ଇସ୍ରାଏଲକୁ ଘୃଣା କରୁଛନ୍ତି।" ଲେବାନନ୍‌ର ରାଜଧାନୀ ବିରୁଟ୍ ଉପରେ ବଡ଼ ଧରଣର ଏୟାରଷ୍ଟ୍ରାଇକ୍ କରିବା ପାଇଁ ଇସ୍ରାଏଲ ପ୍ରସ୍ତୁତ କରିଥିବା ଯୋଜନାକୁ ଟ୍ରମ୍ପ ସମ୍ପୂର୍ଣ୍ଣ ଭାବେ ରୋକି ଦେଇଛନ୍ତି। ଟ୍ରମ୍ପଙ୍କ ଏହି କଡ଼ା ଆଭିମୁଖ୍ୟ ଓ ହସ୍ତକ୍ଷେପ ପରେ ଇସ୍ରାଏଲ୍ ବର୍ତ୍ତମାନ ବେରୁଟ୍ ଉପରେ ହାମଲା କରିବାର ଯୋଜନାରୁ ଓହରି ଯାଇଛି। ଟ୍ରମ୍ପ ସ୍ୱୀକାର କରିଛନ୍ତି ଯେ ହିଜବୁଲ୍ଲା ଇସ୍ରାଏଲ ଉପରେ ରକେଟ୍ ମାଡ଼ କରୁଛି ଏବଂ ଇସ୍ରାଏଲର ନିଜକୁ ରକ୍ଷା କରିବାର ସମ୍ପୂର୍ଣ୍ଣ ଅଧିକାର ଅଛି। ମାତ୍ର ନେତନ୍ୟାହୁ ଆବଶ୍ୟକତାଠାରୁ ଢେର ଅଧିକ ଆକ୍ରମଣ କରୁଛନ୍ତି ବୋଲି ସେ କହିଛନ୍ତି। ବିଶେଷ କରି ଲେବାନନ୍‌ରେ ସାଧାରଣ ନାଗରିକଙ୍କ ମୃତ୍ୟୁ ଏବଂ କେବଳ ଜଣେ ହିଜବୁଲ୍ଲା କମାଣ୍ଡରକୁ ଟାର୍ଗେଟ୍ କରି ସମ୍ପୂର୍ଣ୍ଣ ଅଞ୍ଚଳ ଧ୍ୱଂସ କରିବା ନୀତିକୁ ଟ୍ରମ୍ପ ଦୃଢ଼ ବିରୋଧ କରିଛନ୍ତି।

# ଦୁର୍ବଳ ହେବ ପବନ, ଦୀର୍ଘ ହେବ ଗ୍ରୀଷ୍ମଋତୁ



ନୂଆଦିଲ୍ଲୀ, ୨।୬: ବଦଳୁଛି ଜଳବାୟୁ। ଗ୍ରୀଷ୍ମପ୍ରବାହରେ ଅସ୍ତବ୍ୟସ୍ତ ଲୋକେ। ଏବେ ଆସୁଛି ଆଉ ଏକ ବିପର୍ଯ୍ୟୟ। ତାଣ୍ଡବ ରଚିବ ଏଲ୍ ନିନୋ। ଆମେରିକାର ଜାତୀୟ ସମୁଦ୍ର ଏବଂ ବାୟୁମଣ୍ଡଳୀୟ ପ୍ରଶାସନର ପାଣିପାଗ ବିଜ୍ଞାନୀମାନେ ପୂର୍ବାନୁମାନ କରିଛନ୍ତି ଯେ, ଏଲ୍ ନିନୋ ଯୋଗୁଁ ଚଳିତ ବର୍ଷ ସ୍ୱାଭାବିକ ଠାରୁ କମ୍ ଆଟଲାଣ୍ଟିକ ଝଡ଼ ଶାନ୍ତ ରହିବ। ଏଲ ନିନୋ ଯୋଗୁଁ ସ୍ୱାଭାବିକ ଠାରୁ କମ୍ ହେବାର ସମ୍ଭାବନା ରହିଛି। ୫୫ ପ୍ରତିଶତ ଏବଂ ସ୍ୱାଭାବିକ ଠାରୁ ଅଧିକ କାର୍ଯ୍ୟକଳାପ ହେବାର ସମ୍ଭାବନା ୧୦ ପ୍ରତିଶତ ରହିଛି। ଆଟଲାଣ୍ଟିକ ଝଡ଼ ଋତୁ ଜୁନ୍ ଆରମ୍ଭରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ଚାଲିଥାଏ, ସେପ୍ଟେମ୍ବର ମଧ୍ୟଭାଗରେ ଝଡ଼ କାର୍ଯ୍ୟକଳାପ ଶୀର୍ଷରେ ପହଞ୍ଚିଥାଏ। ଏଲ୍ ନିନୋ ହେଉଛି କେନ୍ଦ୍ରୀୟ ଏବଂ ପୂର୍ବ ପ୍ରଶାନ୍ତ ମହାସାଗରରେ ସମୁଦ୍ର ପୃଷ୍ଠର ତାପମାତ୍ରାର ଏକ ପର୍ଯ୍ୟାୟକ୍ରମେ ଉଷ୍ମତା, ଯାହା ପରିଣାମ ସ୍ୱରୂପ, ବର୍ଷା ପ୍ରଣାଳୀକୁ ବାଧା ଦେଇଥାଏ ଏବଂ ବିଶ୍ୱର ଅନେକ ସ୍ଥାନରେ ବନ୍ୟା, ମରୁଡି ଏବଂ ଗରମକୁ ତୀବ୍ରତା ବୃଦ୍ଧି କରିପାରେ। ଏହି ପାଣିପାଗ ଘଟଣା ଏହାର ସକ୍ରିୟ ପର୍ଯ୍ୟାୟରେ ବିଶ୍ୱ ହାରାହାରି ତାପମାତ୍ରା ବୃଦ୍ଧି କରିବ। ଏଲ୍ ନିନୋ ସାଧାରଣତଃ ପ୍ରତି ୨ ରୁ ୭ ବର୍ଷରେ ଘଟିଥାଏ ଏବଂ ସାଧାରଣତଃ ୯ ରୁ ୧୨ ମାସ ପର୍ଯ୍ୟନ୍ତ ରହିଥାଏ। ଏହାର ବିପରୀତ ହେଉଛି ଲା ନିନା, ଯାହାର ଅର୍ଥ ହେଉଛି ପ୍ରଶାନ୍ତ ମହାସାଗର ସ୍ୱାଭାବିକ ଅପେକ୍ଷା ଥଣ୍ଡା। ଏଲ୍ ନିନୋ ସମୟରେ ପବନ ଦୁର୍ବଳ ହୁଏ କିମ୍ବା ଦିଗ ପରିବର୍ତ୍ତନ କରେ, ଯାହା ଫଳରେ ଉଷ୍ମ ପ୍ରଶାନ୍ତ ମହାସାଗରୀୟ ଜଳ ପୂର୍ବ ଦିଗରେ ଆମେରିକା ଉପକୂଳ ଆଡକୁ ପ୍ରବାହିତ ହୁଏ। ଏହା ଆଟଲାଣ୍ଟିକ ଘୂର୍ଣ୍ଣିବାତ୍ୟା କାର୍ଯ୍ୟକଳାପକୁ ହ୍ରାସ କରେ। ପ୍ରଶାନ୍ତ ମହାସାଗରୀୟ ଘୂର୍ଣ୍ଣିବାତ୍ୟା କାର୍ଯ୍ୟକଳାପକୁ ବୃଦ୍ଧି କରେ। ଯଦିଓ ଏଲ୍ ନିନୋ ପ୍ରଶାନ୍ତ ମହାସାଗରରୁ ଉତ୍ପନ୍ନ ହୁଏ, ଏହାର ପ୍ରଭାବ ସାରା ବିଶ୍ୱରେ ଅନୁଭୂତ ହୁଏ। ଭାରତ, ଅଷ୍ଟ୍ରେଲିଆ, ଦକ୍ଷିଣ ଏବଂ ମଧ୍ୟ ଆଫ୍ରିକା ଏବଂ ଆମାଜନ ବେସିନରେ ପ୍ରଚଣ୍ଡ ଗରମ ଏବଂ ଜଙ୍ଗଲ ନିଆଁ ଲାଗିବ। ଆମେରିକାର କିଛି ଅଂଶରେ, ବିଶେଷକରି ଦକ୍ଷିଣ ଭାଗରେ ପ୍ରବଳ ବର୍ଷା ଏବଂ ବନ୍ୟା ହୋଇପାରେ। ଉତ୍ତର ଆମେରିକାରେ ଅଧିକ ପ୍ରଚଣ୍ଡ ଗରମ ହୋଇପାରେ।

ଏଲ୍ ନିନୋର ସିଧାସଳଖ ପ୍ରଭାବ ଭାରତ ଉପରେ ପଡ଼ିବ। ଏହା ଗ୍ରୀଷ୍ମ ଋତୁକୁ ଅଧିକ ଦୀର୍ଘ କରିବ। ମୌସୁମୀ ବର୍ଷା ସ୍ୱାଭାବିକଠାରୁ କମ୍ ହୋଇପାରେ, ଯାହା ଫଳରେ ଫସଲ ଉତ୍ପାଦନ ହ୍ରାସ ପାଇବ ଏବଂ ଖାଦ୍ୟ ମୂଲ୍ୟ ବୃଦ୍ଧି ପାଇବ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଭାରତରେ ତାପମାତ୍ରା ପୂର୍ବରୁ ବୃଦ୍ଧି ପାଉଛି।

# ଭାରତର ଶକ୍ତି ଏହାର ବିବିଧତା ଓ ଏକତାରେ ରହିଛି: ରାଜ୍ୟପାଳ

## ତେଲେଙ୍ଗାନା, ଗୋଆ ଓ ସିକିମ୍ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨।୬ (ସଂଚାର ବ୍ୟୁରୋ): ଭାରତର ଶକ୍ତି ଏହାର ବିବିଧତା ଏବଂ ଏକତାରେ ରହିଛି। ଏଥିପାଇଁ ନାଗରିକଙ୍କ ମଧ୍ୟରେ ପାରସ୍ପରିକ ସମ୍ମାନ, ସଦ୍‌ଭାବ ଓ ସାମୂହିକ ପ୍ରଗତିର ମୂଲ୍ୟବୋଧକୁ ବଜାୟ ରଖିବାକୁ ମଙ୍ଗଳବାର ଲୋକଭବନର ନ୍ୟୁ ଅଭିଷେକ ହଲରେ ଆୟୋଜିତ ତେଲେଙ୍ଗାନା, ଗୋଆ ଏବଂ ସିକିମର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ସେ ତିନି ରାଜ୍ୟର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ଭିନ୍ନ ଇତିହାସ, ଭୌଗୋଳିକ ଅବସ୍ଥିତି ଏବଂ ସାଂସ୍କୃତିକ ପରମ୍ପରା ସତ୍ତ୍ୱେ ତେଲେଙ୍ଗାନା, ଗୋଆ ଓ



ସିକିମ ଦେଶର ଅଭିବୃଦ୍ଧି ଏବଂ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି ବୋଲି କହିଛନ୍ତି। 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଦୃଷ୍ଟିକୋଣ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ସାଂସ୍କୃତିକ ପ୍ରଶଂସା, ଭାବପ୍ରବଣ ସଂଯୋଗ ଏବଂ ପରସ୍ପର ମଧ୍ୟରେ ଉତ୍ତମ ସମ୍ପର୍କ ମାଧ୍ୟମରେ ଜାତୀୟ ସଂହତି ସୁଦୃଢ଼ ହୁଏ। ଓଡ଼ିଶା ଦୀର୍ଘକାଳ ଧରି ପ୍ରଭୁ ଜଗନ୍ନାଥଙ୍କ ଦର୍ଶନରେ ଅନୁପ୍ରାଣିତ ହୋଇ ସମାବେଶୀ ଓ ସାର୍ବଜନୀନ ଭାଇଚାରାର ଏକ ଆଲୋକପଥ ଭାବରେ ଠିଆ ହୋଇଛି। ଓଡ଼ିଶାକୁ ନିଜର ଦ୍ୱିତୀୟ ଘର କରିଥିବା ତେଲେଙ୍ଗାନା, ଗୋଆ ଏବଂ ସିକିମର ଲୋକମାନଙ୍କୁ ପ୍ରଶଂସା କରିବା ସହିତ ସେମାନଙ୍କ ଅବଦାନ ରାଜ୍ୟର ସାମାଜିକ ଓ ସାଂସ୍କୃତିକ ଜୀବନକୁ ଋଦ୍ଧିମନ୍ତ କରିବା ସହ ଅର୍ଥନୀତିକୁ ସମୃଦ୍ଧ କରିଛି ବୋଲି ରାଜ୍ୟପାଳ ଅବତାରଣା କରିଥିଲେ।

ଏହି ଅବସରରେ ତେଲେଙ୍ଗାନା ରାଜ୍ୟପାଳ ଶିବପ୍ରତାପ ଶୁକ୍ଳା, ଗୋଆ ରାଜ୍ୟପାଳ ପୁଷ୍ପପତି ଅଶୋକ ଗଜପତି ରାଜୁ ଏବଂ ସିକିମ ରାଜ୍ୟପାଳ ଓମ୍‌ପ୍ରକାଶ ମାଥୁରଙ୍କ ଅଡିଓ-ଭିଜୁଆଲ୍ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଉମା ନନ୍ଦୁରୀଙ୍କ ସମେତ ଓଡ଼ିଶାରେ ରହୁଥିବା ଏହି ତିନୋଟି ରାଜ୍ୟର ମୂଳ ବାସିନ୍ଦାମାନେ ଓଡିଶାରେ ରହିବାର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ରାଜ୍ୟପାଳଙ୍କ କମିଶନର-ତଥା-ଶାସନସଚିବ ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଇଟାଲୀରେ ୬.୧ ତୀବ୍ରତାର ଭୂକମ୍ପ

ରୋମ୍,୨।୬: ମଙ୍ଗଳବାର ସକାଳେ ଦକ୍ଷିଣ ଇଟାଲୀର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରବଳ ଭୂମିକମ୍ପ ଅନୁଭୂତ ହୋଇଥିଲା। ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର ଜିଓସାଇନ୍ସ ଅନୁଯାୟୀ, ରିକ୍ଟର ସ୍କେଲରେ ଭୂକମ୍ପର ତୀବ୍ରତା ୬.୧ ରେକର୍ଡ ଥିଲା। ଏପର୍ଯ୍ୟନ୍ତ କୌଣସି କ୍ଷୟକ୍ଷତିର ରିପୋର୍ଟ ମିଳିନାହିଁ। ଭୂମିକମ୍ପର କେନ୍ଦ୍ରସ୍ଥଳ ଭୂପୃଷ୍ଠର ଗଭୀରରେ ପ୍ରାୟ ୨୫୩ କିଲୋମିଟର ମପାଯାଇଛି। ଜର୍ମାନ ରିସର୍ଚ୍ଚ ସେଣ୍ଟର ଫର ଜିଓସାଇନ୍ସ କହିଛି ଯେ ଭୂମିକମ୍ପ ମଙ୍ଗଳବାର ସକାଳେ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ପ୍ରାୟ ୨୫୦ କିଲୋମିଟର ଗଭୀରରେ ଥିଲା। ଭୂମିକମ୍ପର କେନ୍ଦ୍ରସ୍ଥଳ ଦକ୍ଷିଣ କାଲାବ୍ରିଆ ଅଞ୍ଚଳର ଉପକୂଳ ନିକଟରେ ସମୁଦ୍ରରେ ଅବସ୍ଥିତ ଥିଲା। ସ୍ଥାନୀୟ ଗଣମାଧ୍ୟମକୁ ଉଦ୍ଧୃତ କରି ଜିନୁଆ ସମାଚାର ଏଜେନ୍ସି ରିପୋର୍ଟ କରିଛି ଯେ କାଲାବ୍ରିଆ, ସିସିଲି, କାମ୍ପାନିଆ ଏବଂ ପୁଗଲିଆ ସମେତ ଦକ୍ଷିଣ ଇଟାଲୀର ଅନେକ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପଛୁଆ ବର୍ଗଙ୍କୁ...

ସେମାନେ କିପରି ତାଙ୍କର ସଂରକ୍ଷଣ ଅନୁପାତିକ ନିଯୁକ୍ତି ପାଇପାରିବେ ବୋଲି ପ୍ରଶ୍ନ ଉଠୁଥିଲା। ରାଜ୍ୟ କ୍ୟାବିନେଟ୍‌ରେ ଏହି ନିଷ୍ପତ୍ତି ପରେ ଦୀର୍ଘ ସମୟ ପରେ, ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ, ଏହି ବର୍ଗର ପିଲାମାନଙ୍କୁ ନ୍ୟାୟ ମିଳିପାରିଛି। ଏହି ନିଷ୍ପତ୍ତି ଦ୍ୱାରା ବର୍ତ୍ତମାନ ଅନୁସୂଚିତ ଜନଜାତି ବର୍ଗ ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ହାର ୧୨ ପ୍ରତିଶତରୁ ୨୨.୫ ପ୍ରତିଶତକୁ ଏବଂ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ୮ ପ୍ରତିଶତରୁ ୧୬.୨୫ ପ୍ରତିଶତକୁ ବୃଦ୍ଧି ପାଉଛି। ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ପୂର୍ବରୁ କୌଣସି ସଂରକ୍ଷଣ ନଥିବା ବେଳେ, ବର୍ତ୍ତମାନ ଏହା ୧୧.୨୫ ପ୍ରତିଶତ ହୋଇଛି। ଏହାଦ୍ୱାରା ଏହି ସବୁ ବର୍ଗର ଛାତ୍ରଛାତ୍ରୀମାନେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ କଲେଜ ଓ ଶିକ୍ଷାନୁଷ୍ଠାନ, ଆଇଟିଆଇ ଏବଂ ପଲିଟେକ୍‌ନିକ୍ ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିଅରିଂ, ଟେକ୍ନୋଲୋଜି, ମ୍ୟାନେଜ୍‌ମେଣ୍ଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଣ୍ଟାଲ, ନର୍ସିଂ, ଫାର୍ମାସି, ଆନୁସଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣିଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲ୍ଚର ଆଣ୍ଡ ଆଲାଏଡ୍ ସାଇନ୍ସ, ଆର୍କିଟେକ୍‌ଚର୍, ପ୍ଲାନିଙ୍ଗ୍, ସିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ।

### ଦୁଇ ବସ୍...

ଭୟଙ୍କର ଥିଲା ଯେ ଗୁଜୁରାଟ ବସ୍ ନିୟନ୍ତ୍ରଣ ହରାଇ ରାସ୍ତାରେ ଓଲଟି ପଡ଼ିଥିଲା। ଦୁର୍ଘଟଣା ଘଟିବା ସମୟରେ ମହାରାଷ୍ଟ୍ର ଡିପୋ ବସ୍ ଧୂଳିଆରୁ ନବାପୁର ଦେଇ ସୁରତ ଯାଉଥିବା ସୂଚନା ମିଳିଛି। ଦୁର୍ଘଟଣାର ଖବର ପାଇ ଅଗ୍ନିଶମ ବାହିନୀ, ପୋଲିସ ଓ ପ୍ରଶାସନ ଦଳ ଘଟଣାସ୍ଥଳରେ ପହଞ୍ଚିବା ସହିତ ତୁରନ୍ତ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଆହତମାନଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ମୃତ ଦେହଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ବାର୍ଡୋଲି ପଠାଯାଇଛି।

### ବିଦା ହେଲେ...

ଏହାର ରିପୋର୍ଟ ପ୍ରଦାନ କରିବ। ସୂତ୍ରରୁ ଜଣାପଡିଛି ଯେ କମିଟି ନିର୍ଦ୍ଦିଷ୍ଟ ଭାବରେ ଯାଞ୍ଚ କରିବ ଯେ କେଉଁ ଆଧାରରେ କେଉଁ କମ୍ପାନୀକୁ ଚୁକ୍ତିନାମା ଦିଆଯାଇଥିଲା, ସମସ୍ତ ପ୍ରକ୍ରିୟା ସଠିକ୍ ଭାବରେ ପାଳନ କରାଯାଇଥିଲା କି ନାହିଁ ଏବଂ କୌଣସି ଅନିୟମିତତା ହୋଇଛି କି ନାହିଁ।

### ଯୋଗଦେବେ...

ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି ତେଣୁ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରକାଶ କରି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଅବସରରେ ଓଡିଶା ପାଇଁ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି ଯେ, ଆଶା କରୁଛୁ ମୟୂରଭଞ୍ଜକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଦ୍ୱାରା ଜିଲ୍ଲାର ବିକାଶ ହେବ। କୁସୁମୀ ବ୍ଲକ ସୁଳିଦୁମାରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଫରେଷ୍ଟ ମ୍ୟାନେଜମେଣ୍ଟର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ କହିଛନ୍ତି, ୧୯ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଇରଙ୍ଗପୁର ଆସିବେ। ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ରାଇରଙ୍ଗପୁର ଆସିବା ନେଇ ରାଷ୍ଟ୍ରପତି ଭବନରୁ ସୂଚନା ମିଳିଛି। ଏହି ଅବସରରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ବିଭିନ୍ନ ଯୋଜନାର ଶିଳାନ୍ୟାସ ଓ ଉଦ୍‌ଘାଟନ କରିପାରନ୍ତି । ସାଧାରଣ ସଭାକୁ ସମ୍ବୋଧନ କରିପାରନ୍ତି ।

### ୨୧ ଜିଲ୍ଲାରେ...

ସୋନପୁର, ବୌଦ୍ଧ, କନ୍ଧମାଳ, ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା ସମେତ ୨୧ ଜିଲ୍ଲାକୁ ପ୍ରବଳ ତାତି ହେବା ନେଇ ଆଲର୍ଟ ଜାରି ହୋଇଛି। ଏହି ସବୁ ଜିଲ୍ଲାରେ ତାତି ପାଖାପାଖି ୩୭ ଡିଗ୍ରୀ ଉପରେ ରହିପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ସେପଟେ କାଳବୈଶାଖୀ ନେଇ ମଧ୍ୟ ରାଜ୍ୟର ଅଧାରୁ ଅଧିକ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି। ଉପକୂଳର ସମସ୍ତ ଜିଲ୍ଲା ସମେତ ମଧ୍ୟ ଓଡ଼ିଶାର ଅଧିକାଂଶ ଜିଲ୍ଲାକୁ କାଳବୈଶାକୀ ଆଲର୍ଟ ଜାରି ହୋଇଛି। କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ବିଜୁଳି, ଘଡଘଡି ସହ ୫୦ରୁ ୬୦ କିମି ବେଗରେ ପବନ ବହିପାରେ। ସେହିଭଳି ୨୧ ଜିଲ୍ଲାକୁ କାଳବୈଶାଖୀ ବର୍ଷା ନେଇ ୟେଲୋ ଆଲର୍ଟ ଜାରି ହୋଇଛି।

### ରୁଦ୍ରମ୍-୨...

ଏବଂ ଅନ୍ୟାନ୍ୟ ଅନେକ ଶିଳ୍ପ ସଂସ୍ଥା ଏହି ଲକ୍ଷ୍ୟ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛନ୍ତି।

### ବିଜେଡିକୁ...

କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ ପଦୁଟିଏ କହିବାକୁ ସାହସ ଜୁଟାଇ ପାରିନାହିଁ। ଉଲ୍ଲେଖନୀୟ ଯେ, ସାଧାରଣ ନିର୍ବାଚନ ପୂର୍ବରୁ ଓ ପରେ ପରେ ବିଜେଡିକୁ ଧର୍ମେନ୍ଦ୍ର ଭୂତ ଗୋଡାଇଥିଲା। କାଳେ ଧର୍ମେନ୍ଦ୍ର ଓଡିଶାର ମୁଖ୍ୟମନ୍ତ୍ରୀ ହୋଇଯିବେ ସେଥିପାଇଁ ତାଙ୍କ ବାଟ ଓଗାଳିବାକୁ ବିଜେଡି ବିଭିନ୍ନ ସ୍ତରରେ ଉଦ୍ୟମ କରିଥିଲା। ହେଲେ କେନ୍ଦ୍ରୀୟ ବିଜେପିର ନିଷ୍ପତ୍ତିରେ ମୋହନ ଚରଣ ମାଝୀ ଓଡିଶାର ମୁଖ୍ୟମନ୍ତ୍ରୀ ହେବାପରେ ବିଜେଡି ତାହାର ଅଭିଯାନରେ ପୂର୍ଣ୍ଣଚ୍ଛେଦ ପକାଇଥିଲା। ଏବେ ପୁଣିଥରେ ଧର୍ମେନ୍ଦ୍ରଙ୍କୁ ବଦନାମ କରିବାପାଇଁ ଉଦ୍ୟମ ଆରମ୍ଭ କରିଛି ବିଜେଡି। ଯେଉଁସବୁ ଗୋଷ୍ଠି ଧର୍ମେନ୍ଦ୍ରଙ୍କୁ ବଦନାମ ପାଇଁ ଲାଗି ପଡିଛନ୍ତି ସେମାନଙ୍କ ସହିତ ଦଳ ହାତ ମିଳାଇଛି। ତେବେ ରାଜନୈତିକ ପର୍ଯ୍ୟବେକ୍ଷକମାନଙ୍କ କହିବାକଥା ଯେ, ନିକଟରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ବିଜେପିରେ ଯୋଗଦେବାକୁ ବିଜେଡି ସହଜରେ ଗ୍ରହଣ କରିପାରିନାହିଁ। ଧର୍ମେନ୍ଦ୍ର ଯୋଗୁଁ ଦେବାଶିଷ ବିଜେପିକୁ ଗଲେ ଓ ଆଗାମୀ ଦିନରେ ଆଉ କିଛି ସାଂସଦ ଏଭଳି କରିବେ ବୋଲି ଦଳ ବିଶ୍ୱାସ କରୁଛି। ତେଣୁ ବିଜେଡିର ଏକ ନମ୍ବର ଟାର୍ଗେଟରେ ଏବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରହିଛନ୍ତି। ବିଜେଡିର ଆଜି ସାମ୍ବାଦିକ ସମ୍ମିଳନୀକୁ ନେଇ ମଧ୍ୟ ଦଳୀୟ କର୍ମୀମାନେ ପ୍ରଶ୍ନ କରୁଛନ୍ତି। ପୁରୁଣା ମାମଲା ବିଶେଷକରି ସୁପ୍ରିମକୋର୍ଟ ତାଙ୍କର ନିଷ୍ପତ୍ତି ଶୁଣାଇବା ପରେ ବିଜେଡି କାହିଁକି ଏଭଳି ଆଭିମୁଖ୍ୟ ଗ୍ରହଣ କରୁଛି ବୋଲି ଆଲୋଚନା ଚଳାଇଛନ୍ତି।

### ମା' ହେଲା...

ସେପଟେ ଏହାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏକ୍ସରେ ଖୁସି ପ୍ରକାଶ କରି କହିଛନ୍ତି ଯେ, ଓଡ଼ିଶାର ପ୍ରାକୃତିକ ସମ୍ପଦ ଓ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଆଜି ଏକ ଗୌରବମୟ ଅଧ୍ୟାୟ ଯୋଡ଼ି ହୋଇଛି। ମହାରାଷ୍ଟ୍ରର ତଡବା-ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ସ୍ଥାନାନ୍ତରିତ ହୋଇଥିବା ବାଘୁଣୀ 'ଜିନତ' ଶିମିଳିପାଳର ଅନୁକୂଳ ପରିବେଶରେ ଚାରୋଟି ଶାବକଙ୍କୁ ଜନ୍ମ ଦେବା କେବଳ ରାଜ୍ୟରେ ବ୍ୟାଘ୍ର ସଂଖ୍ୟାରେ ବୃଦ୍ଧି ନୁହେଁ, ବରଂ ଜୈବ ବିବିଧତାର ସୁରକ୍ଷା ଓ ବନ୍ୟଜନ୍ତୁଙ୍କ ପାଇଁ ଏକ ନିରାପଦ ଓ ସୁଦୃଢ଼ ବାସସ୍ଥାନ ସୃଷ୍ଟି କରିବାରେ ଆମ ପ୍ରଶାସନିକ ଦୂରଦୃଷ୍ଟିର ପ୍ରକୃଷ୍ଟ ନିଦର୍ଶନ। ମା' ଓ ଶାବକମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ସେମାନଙ୍କ ଗତିବିଧି ଉପରେ କ୍ରମାଗତ ନଜର ରଖାଯାଇଛି। ଆମ ବନ କର୍ମଚାରୀଙ୍କ ନିଷ୍ଠାପର ତଦାରଖ ଓ କାର୍ଯ୍ୟକ୍ଷମ ସଂରକ୍ଷଣ ନୀତି ଯୋଗୁଁ ଆଜି ଓଡ଼ିଶା ବନ୍ୟପ୍ରାଣୀଙ୍କ ପାଇଁ ଏକ ସୁରକ୍ଷିତ ଆଶ୍ରୟସ୍ଥଳୀ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି।

### ସାଂସଦଙ୍କୁ...

କହିଥିଲେ। ଭୁବନେଶ୍ୱର ଲୋକସଭା କ୍ଷେତ୍ର ମଧ୍ୟରେ ଥିବା ସାତଟି ବିଧାନସଭା ଆସନ ମଧ୍ୟରୁ ଜୟଦେବ, ମଧ୍ୟ-ଭୁବନେଶ୍ୱର, ଉତ୍ତର-ଭୁବନେଶ୍ୱର, ଜଟଣୀ ଓ ବେଗୁନିଆ ଏହି ୫ ବିଧାନସଭା କ୍ଷେତ୍ର ବିଜେଡି ଦଖଲେ ଅଛି। ବିଜେପି କେବଳ ଏକାମ୍ର-ଭୁବନେଶ୍ୱର ଓ ଖୋର୍ଦ୍ଧା ଆସନ ପାଇଛି। ସେପଟେ ସାଂସଦ ପ୍ରାର୍ଥୀଙ୍କୁ ସାତଟି ଯାକ ବିଧାନସଭା କ୍ଷେତ୍ର ମଧ୍ୟରୁ ମଧ୍ୟ-ଭୁବନେଶ୍ୱରରୁ ସର୍ବାଧିକ ଲିଡ ଦିଆଯାଇଥିଲା। ଏ ସମ୍ପର୍କିତ ହିସାବ ଏବେ ସୋସିଆଲ ମିଡିଆରେ ମୋବାଇଲରୁ ମୋବାଇଲକୁ ବୁଲୁଛି। ସୋସିଆଲ ମଡିଆରେ ବିଜେଡି କର୍ମୀମାନେ ପକାଉଥିବା ହିସାବ କହୁଛି ଜୟଦେବ ନିର୍ବାଚନମଣ୍ଡଳୀରୁ ବିଜେପି ସାଂସଦ ପ୍ରାର୍ଥୀଙ୍କୁ ୮୭୭୮ ଖଣ୍ଡ କମ ଭୋଟ ମିଳିଥିଲା। ମଧ୍ୟ-ଭୁବନେଶ୍ୱର, ଉତ୍ତର-ଭୁବନେଶ୍ୱର, ଜଟଣୀ ଓ ବେଗୁନିଆରେ ବିଜେଡି ବିଧାୟକ ପ୍ରାର୍ଥୀ ଜିତିଥିଲେ ମଧ୍ୟ ବିଜେପିର ସାଂସଦ ପ୍ରାର୍ଥୀଙ୍କୁ ଅଧିକ ଭୋଟ ମିଳିଥିଲା। ସର୍ବାଧିକ ଭୋଟ ଲିଡ ମିଳିଥିଲା ମଧ୍ୟ-ଭୁବନେଶ୍ୱର ବିଧାନସଭା କ୍ଷେତ୍ରରୁ। ମଧ୍ୟ-ଭୁବନେଶ୍ୱର ଏକା ୧୧,୨୧୨ ଲିଡ ଦେଇଥିବା ବେଳେ ଉତ୍ତର-ଭୁବନେଶ୍ୱରରୁ ୯,୩୯୮, ଏକାମ୍ର-ଭୁବନେଶ୍ୱରରୁ ୭,୬୩୪, ଜଟଣୀରୁ ମାତ୍ର ୮୬୭ ଓ ବେଗୁନିଆରୁ ୫,୧୮୯ ଅଧିକ ଭୋଟ ସାଂସଦଙ୍କୁ ମିଳିଥିଲା। ବିଧାନସଭା କ୍ଷେତ୍ରରୁ ସାଂସଦ ପ୍ରାର୍ଥୀଙ୍କୁ ମିଳୁଥିବା ଲିଡ ଭୋଟରେ ବିଧାୟକ ପ୍ରାର୍ଥୀଙ୍କ ଅବଦାନ ଅଧିକ ରହିଥାଏ, ଏଥିରେ କୌଣସି ବିବାଦ ନାହିଁ। ତେଣୁ ମଧ୍ୟ-ଭୁବନେଶ୍ୱର କ୍ଷେତ୍ରରେ ବିଜେପି ଦୁର୍ବଳ ବୋଲି କେଉଁ ଆଧାରରେ ସାଂସଦ କହିଲେ ତାକୁ ନେଇ ବିଜେପି କର୍ମୀମାନେ ସାଂସଦଙ୍କୁ ପ୍ରଶ୍ନ କରୁଛନ୍ତି। କର୍ମୀ ଅଭିଯୋଗ କରୁଛନ୍ତି ଯେ, ସାଂସଦଙ୍କ ଏଭଳି ବିବାଦୀୟ ବୟାନ ସେମାନଙ୍କ ମନୋବଳକୁ ଦୁର୍ବଳ କରୁଛି ଆଉ ଦଳରେ କନ୍ଦଳ ଥିବା ସଙ୍କେତ ଦେଉଛି।

## କାଟୱାର ପୂର୍ବତନ ବିଧାୟକ ରବି ଗିରଫ

କୋଲକାତା,୨।୬(ସଂଚାର ବ୍ୟୁରୋ): କାଟୱାର ପୂର୍ବତନ ତୃଣମୂଳ ବିଧାୟକ ରବିନ୍ଦ୍ରନାଥ ଚାଟାର୍ଜୀ ଯିଏ ଅଞ୍ଚଳରେ 'ରବି ଦା' ଭାବରେ ପରିଚିତ ତାଙ୍କୁ ଗିରଫ ରଖାଯାଇଛି। ଛଅ ଥର ବିଧାୟକ ଥିବା ଏହି ବିଧାୟକଙ୍କୁ ମଙ୍ଗଳବାର, ଷ୍ଟେସନ ବଜାର ଅଞ୍ଚଳରେ ଥିବା ତୃଣମୂଳ ପାର୍ଟି କାର୍ଯ୍ୟାଳୟରୁ ଗିରଫ କରାଯାଇ ଥାନାକୁ ନିଆଯାଇଛି। ରବିନ୍ଦ୍ରନାଥ ଚଟ୍ଟୋପାଧ୍ୟାୟଙ୍କ ବିରୁଦ୍ଧରେ ବେଆଇନ ଭାବରେ ରିଲିଫ୍ ସାମଗ୍ରୀ ଗଚ୍ଛିତ କରିବାର ଅଭିଯୋଗ ଆସିଛି। ଅଭିଯୋଗ ହୋଇଛି ଯେ ଏହି ରିଲିଫ୍ ସାମଗ୍ରୀ ତୃଣମୂଳ ପାର୍ଟି କାର୍ଯ୍ୟାଳୟ ନିକଟରେ ଥିବା ଏକ କୋଠାରେ ଗଚ୍ଛିତ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଏହି ପ୍ରବୀଣ ନେତା ବର୍ତ୍ତମାନ ପୂର୍ବ ବର୍ଦ୍ଧମାନ ଜିଲ୍ଲା ତୃଣମୂଳ କଂଗ୍ରେସର ସଭାପତି ଭାବରେ କାର୍ଯ୍ୟ କରୁଛନ୍ତି। ସାମ୍ପ୍ରତିକ ରାଜନୈତିକ ପରିବର୍ତ୍ତନ ପରେ, ରାଜ୍ୟର ବିଭିନ୍ନ ସ୍ଥାନରେ ତୃଣମୂଳ ନେତା ଏବଂ କର୍ମୀମାନେ ବିରୋଧର ସମ୍ମୁଖୀନ ହେଉଛନ୍ତି। କାଟୱାରେ ସମାନ ଦୃଶ୍ୟ ଦେଖିବାକୁ ମିଳିଛି। ଏଦିନ, ସ୍ଥାନୀୟ ବାସିନ୍ଦା ପୂର୍ବତନ ବିଧାୟକ 'ରବି ଦା'ଙ୍କୁ ଘେରି ପ୍ରତିବାଦ କରିଥିଲେ। ତାଙ୍କ ଉପରେ ଅଣ୍ଡା ଫିଙ୍ଗାଯାଇଥିଲା। ଏହା ବ୍ୟତୀତ, ଅଭିଯୋଗ ଆସିଛି ଯେ ପ୍ରବୀଣ ନେତାଙ୍କୁ ହଇରାଣ କରାଯାଇଛି। ଦଳୀୟ କାର୍ଯ୍ୟାଳୟ ମଧ୍ୟ ଭଙ୍ଗାରୁଜା କରାଯାଇଛି। ଗତ ରବିବାର, ପୁଲିସ ବହୁ ନକଲି ବ୍ୟାଙ୍କ ଆକାଉଣ୍ଟ ଖୋଲି ୧୦୦ ଦିନର କାର୍ଯ୍ୟ ଯୋଜନା ପାଇଁ ଆବଣ୍ଟିତ ପାଣ୍ଠି ଆତ୍ମସାତ କରିବା ଅଭିଯୋଗରେ ପୂର୍ବ ବର୍ଦ୍ଧମାନ ଜିଲ୍ଲା ତୃଣମୂଳ କଂଗ୍ରେସର ସାଧାରଣ ସମ୍ପାଦକ ଦିଗନ୍ତ ପାଲ ଏବଂ ବିଶ୍ୱନାଥ ସାହାଙ୍କୁ ଗିରଫ କରିଥିଲା। ଦିଗନ୍ତ ପାଲ କାଟୱାର ପୂର୍ବତନ ବିଧାୟକ ରବିନ୍ଦ୍ରନାଥଙ୍କ ବ୍ୟକ୍ତିଗତ ସହାୟକ ଭାବରେ କାର୍ଯ୍ୟ କରିଥିଲେ। ଏକ ସମୟରେ, ବିଶ୍ୱନାଥ ଜଣେ ପୂର୍ବତନ ଶିକ୍ଷକଙ୍କୁ ପୂର୍ବତନ ବିଧାୟକଙ୍କ ଡାହାଣ ହାତ ବୋଲି ବିବେଚନା କରାଯାଉଥିଲା।

## ପାର୍ଟି ମାନେ ଆଇ-ପ୍ୟାକ୍, ବାରମ୍ବାର ଅଭିଯୋଗ ଜଣାଇଥିଲି: ରୀତାବ୍ରତ

କୋଲକାତା,୨।୬(ସଂଚାର ବ୍ୟୁରୋ): ବହିଷ୍କାର ପରେ ମୁହଁ ଖୋଲିଲେ ରୀତବ୍ରତ। ସେ ସ୍ପଷ୍ଟ ଭାବରେ ଅଭିଷେକ ବାନାର୍ଜୀଙ୍କ ନାମ ନ ନେଇ ତାଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ମମତା ବାନାର୍ଜୀ ମୋର ନେତା। ମମତା ବାନାର୍ଜୀଙ୍କ ଦଳ ତୃଣମୂଳକୁ ହାଇଜାକ୍ କରାଯାଇଛି। ସମ୍ପୂର୍ଣ୍ଣ ଦଳକୁ ଏକ କର୍ପୋରେଟ୍ ସଂସ୍ଥା ଦ୍ୱାରା ହାଇଜାକ୍ କରାଯାଇଛି। ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ସମୟରେ ଅଭିଷେକଙ୍କୁ କାହିଁକି 'ଚୋର ଚୋର' ସ୍ଲୋଗାନର ସମ୍ମୁଖୀନ ହେବାକୁ ପଡ଼ିଲା? ମୁଁ ପ୍ରଥମ ଦିନରୁ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉଠାଇ ଆସିଛି। ମୁଁ କାହା ପାଖକୁ ଯିବି? ପାର୍ଟି ମାନେ ଆଇ-ପ୍ୟାକ୍। ଦୁର୍ନୀତି ବିଷୟରେ ଆଇ-ପ୍ୟାକ୍‌କୁ ଅନେକ ଥର ଅବଗତ କରାଯାଇଥିଲା। ଉଲୁବେଡିଆ ପୌରସଭାର ଅଧ୍ୟକ୍ଷ ଏହି ଦୁର୍ନୀତିର ମୁଖ୍ୟ ଅଟନ୍ତି।

● ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରଠାରୁ ପଳାତକ

## ଗିରଫ ହେଲେ ଦୁଇ ତୃଣମୂଳ ସଭାପତି



କୋଲକାତା,୨।୬ (ସଂଚାର ବ୍ୟୁରୋ): ରାଜ୍ୟରେ ରାଜନୈତିକ ପରିବର୍ତ୍ତନ ପରେ, ବିଭିନ୍ନ ପୌରସଭାର ତୃଣମୂଳ କଂଗ୍ରେସ ନେତା, ମନ୍ତ୍ରୀ, ଜିଲ୍ଲା ପରିଷଦ ସଦସ୍ୟ ଏବଂ କାଉନସିଲରମାନଙ୍କୁ ଜଣଙ୍କ ପରେ ଜଣଙ୍କୁ ଗିରଫ କରାଯାଉଛି। ପୂର୍ବ ମେଦିନୀପୁର ମଧ୍ୟ ଏହି ଧାରାରୁ ମୁକ୍ତ ହୋଇନାହିଁ। ପୁଲିସ ଜାଲରେ ଏଥର ଭଗବାନପୁର-୨ ବ୍ଲକର ତୃଣମୂଳ ସଭାପତି ଉତ୍ତମ ମାଇତି ଓରଫ ଅରୁଣ ଏବଂ ସେହି ବ୍ଲକ ଅନ୍ତର୍ଗତ ଜୁଖିଆ ଅଞ୍ଚଳର ତୃଣମୂଳ ସଭାପତି ସନ୍ଦୀପ ଜାନା ଓରଫ ବାବୁ। ଉଭୟଙ୍କୁ ସୋମବାର ରାତିରେ ହଳଦିଆର ଭବାନୀପୁର ଥାନା ଅଞ୍ଚଳରୁ ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ଗିରଫ କରାଯାଇଛି। ତୃଣମୂଳ ବ୍ଲକ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିବା ସହିତ, ଉତ୍ତମ ଅର୍ଜୁନନଗର ଗ୍ରାମ ପଞ୍ଚାୟତର ପ୍ରଧାନ ମଧ୍ୟ। ଅନ୍ୟପକ୍ଷରେ, ସନ୍ଦୀପ ମୁଗବେଡିଆ ଗଙ୍ଗାଧର କଲେଜର ଜଣେ କର୍ମଚାରୀ। ଉଭୟ ବ୍ୟକ୍ତି ଭଗବାନପୁର ବିଧାନସଭା ନିର୍ବାଚନମଣ୍ଡଳୀର ପରାଜିତ ତୃଣମୂଳ ପ୍ରାର୍ଥୀ ମାନବ ପରୁଆଙ୍କ ଘନିଷ୍ଠ। ନିର୍ବାଚନ ଫଳାଫଳ ଘୋଷଣା ପରେ, ମାନବ ପରୁଆ ତାଙ୍କର ଅନେକ ଘନିଷ୍ଠଙ୍କ ସହିତ ଅଞ୍ଚଳ ଛାଡି ପଳାଇ ଯାଇଥିଲେ। ଉତ୍ତମ ଏବଂ ସନ୍ଦୀପ ମଧ୍ୟ ଆତ୍ମଗୋପନ କରିଥିଲେ। ସୋମବାର ରାତିରେ ଭୂପତିନଗର ଥାନାର ପୁଲିସ ସେମାନଙ୍କୁ ଗିରଫ କରିଥିଲା। ତଦନ୍ତକାରୀ ଅଧିକାରୀ ମୃଣ୍ମୟ କରଣ ମଙ୍ଗଳବାର କାନ୍ଥି ଏସିଜେଏମ କୋର୍ଟରେ ଗିରଫ ବ୍ୟକ୍ତିମାନଙ୍କୁ ହାଜର କରି ୧୦ ଦିନିଆ ପୁଲିସ ହେପାଜତ ରିମାଣ୍ଡ ଆବେଦନ କରିଥିଲେ।

# ଚକରେ ବନ୍ଧ ଓ ଅଖ ମେଣ୍ଢି ସରିଲା

## ୩ ରଥ ଉପରକୁ ଉଠିବ ଦଣ୍ଡା

ପୁରୀ,୨।୬ (ସଂଚାର ବ୍ୟୁରୋ): ନେତ୍ରୋତ୍ସବରେ ସିଂହଦ୍ୱାରକୁ ଗଡ଼ିବ ନିର୍ମାଣକାରୀଙ୍କ ଦ୍ୱାରା ପ୍ରସ୍ତୁତ ରଥ। ସିଂହଦ୍ୱାରଠାରେ ରଥ ରହିବା ସ୍ଥଳୀକୁ ଚାହିଁ ଦିଗ ନିର୍ଣ୍ଣୟ କରାଯାଇ ସୋମବାର ଚକ ଅଖ ଥାକ ହୋଇଛି। ଦଣ୍ଡା ଫ୍ରେମ୍‌ରୁ ମାପ ଆସି ବତା ସାହାଯ୍ୟରେ ମାପଚୁପ ହୋଇ ଚକ ଓ ଅଖ ଥୟ ହୋଇଛି। ପରେ ଚକରେ ବନ୍ଧ ଓ ଅଖ ମେଣ୍ଢି ସନ୍ଧ୍ୟା ସୁଦ୍ଧା ବିଶ୍ୱକର୍ମା ଓ ଭୋଇ ସେବକ ମିଶି ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଚାଳିରେ ପୋଲ ଗୟଳ କାର୍ଯ୍ୟ ଓ ରୂପକାରଙ୍କ ମୂର୍ତ୍ତି ଖୋଦେଇ କାର୍ଯ୍ୟ ଜାରି ରହିଛି। ୩୬ ବର୍ଷ ହେଲା ରଥ ନିର୍ମାଣ କରୁଥିବା ବଡ଼ବାଡ଼ର ଦକ୍ଷ ବିଶ୍ୱକର୍ମା ଶତ୍ରୁଘ୍ନ ମହାରଣା କୁହନ୍ତି,



ସିଂହଦ୍ୱାରଠାରେ ତିନି ରଥର ଭିନ୍ନ ଭିନ୍ନ ରହିବା ସ୍ଥାନକୁ ଚାହିଁ ରଥ ପ୍ରସ୍ତୁତ ସ୍ଥଳିର ଆଗପଛରେ ଖୁଣ୍ଟ ପୋତାଯାଇ ଦଉଡ଼ି ବନ୍ଧାଗଲା। ଦଉଡ଼ି ଦିଗକୁ ଚାହିଁ ପ୍ରଥମ ନାହାକା ଅଖ ଓ ଚକ ସ୍ଥିର ହେଲା। ପୂର୍ବରୁ ପ୍ରସ୍ତୁତ ଦଣ୍ଡା ଫ୍ରେମରୁ ବତା ସାହାଯ୍ୟରେ ମାପ ଆସି ସମସ୍ତ ଚକ ଅଖର ପ୍ରକୃତ ସ୍ଥାନ ଧାର୍ଯ୍ୟ ହେଲା। ନାହାକା ଚକ ଅଖ ପାଖକୁ ପଡ଼ିନାହାକା, ପାଖକୁ ବଡ଼ଉଛୁଳା ଓ ତା'ପାଖକୁ ସାନଉଛୁଳା ଚକ ସ୍ଥିର ହେଲା। ଧାର୍ଯ୍ୟ ସ୍ଥିତିରୁ ଚକ ନଗଡ଼ିବା ପାଇଁ ଚକର ଉଭୟ ପଟେ ବନ୍ଧ (ବର ଡାଳ) ଦିଆଗଲା। ସେହିପରି ଅଖକୁ ବଳ ଯୋଗାଇବାକୁ ତଳେ ଦିଆଗଲା ମେଣ୍ଢି (ଧଉରା ଗଣ୍ଡି)। ରଥ ନିର୍ମାଣ ଅବସରରେ ବହୁ ନିର୍ମାଣକାରୀ ରଥରେ ଚଢ଼ିବା ସହ ଓଜନିଆ କାଠ ଖଣ୍ଡ ମାନ ଉପରକୁ ଯିବ। ସବୁର ଭାରା ରହିବ ଅଖ ଉପରେ। ନେତ୍ରୋତ୍ସବ ଦିନ ମେଣ୍ଢି ଓ ବନ୍ଧ କାଢ଼ି ରଥତ୍ରୟ ଟଣାହୋଇ ସିଂହଦ୍ୱାର ନିକଟରେ ପହଞ୍ଚିବ। କରତି ସେବକ ଗୟଳ ଚିରଟ ଓ ଓଝା ସେବକମାନେ ଲୌହ ସାମଗ୍ରୀ ତିଆରୁଛନ୍ତି। ଆଜି ବରିଷ୍ଠ ଅଧିକାରୀମାନେ ରଥଖଳା ପରିଦର୍ଶନ କରି ରଥ ନିର୍ମାଣ ନେଇ ଆଲୋଚନା କରିଥିବା ନିର୍ମାଣକାରୀ କୁହନ୍ତି।

## ଇଭି କିଣିବାକୁ ନିର୍ଦ୍ଦେଶାବଳୀ | ଜଣେ ଅଫିସରଙ୍କୁ ଗୋଟିଏ ଗାଡ଼ି ନୀତି



ଭୁବନେଶ୍ୱର,୨।୬ (ସଂଚାର ବ୍ୟୁରୋ): ସାରା ବିଶ୍ୱରେ ତୈଳ ସଙ୍କଟ ଭିତରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବୈଦ୍ୟୁତିକ ଗାଡି ବ୍ୟବହାରକୁ ପ୍ରୋତ୍ସାହିତ କରୁଛନ୍ତି। ନିକଟରେ ରାଜ୍ୟ ସରକାର ସବୁ ସରକାରୀ କାର୍ଯ୍ୟାଳୟରେ ପେଟ୍ରୋଲ ଓ ଡିଜେଲ ଗାଡିର ବ୍ୟବହାର କମାଇ ଇଭି ଗାଡିର ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜୁନ ପହିଲାରୁ ଯଦି କୌଣସି ବିଭାଗର ଗାଡି କିଣିବାର ଆବଶ୍ୟକତା ପଡେ ତେବେ ଇଭି ଗାଡି ହିଁ କିଣାଯିବ ବୋଲି କୁହାଯାଇଥିଲା। ଏନେଇ ଆଜି ଅର୍ଥ ବିଭାଗ ପକ୍ଷରୁ ଇଭି ଗାଡି କ୍ରୟ ପାଇଁ ନିର୍ଦ୍ଦେଶାବଳୀ ଜାରି ହୋଇଛି। ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ହାଇକୋର୍ଟ ମୁଖ୍ୟ ବିଚାରପତି ଓ ମନ୍ତ୍ରୀମାନେ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ଇଭି ଗାଡି କିଣିପାରିବେ। ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ସଚିବଙ୍କ ପାଇଁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଇଭି ଗାଡି କିଣାଯିବ। ଜିଲ୍ଲା ଜଜ୍, ଜିଲ୍ଲାପାଳ ଓ ଏସପିମାନେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଇଭି ଗାଡି କିଣିପାରିବେ। ତେବେ ବର୍ତ୍ତମାନର ଗାଡିର ଲାଇଫ ଶେଷ ହେବା ପରେ ହିଁ ନୂଆ ଇଭି ଗାଡି କିଣି ହେବ। ଇଭି ଗାଡି କିଣିବା ପୂର୍ବରୁ ଅର୍ଥବିଭାଗର ଅନୁମତି ବାଧ୍ୟତାମୂଳକ। କେବଳ ଟାଟା, ମହିନ୍ଦ୍ରା ଓ ମାରୁତି କମ୍ପାନୀର ଇଭି ଗାଡି ହିଁ କିଣାଯିବ। ଜଣେ ଅଧିକାରୀଙ୍କୁ ଗୋଟିଏ ଗାଡି ନୀତିକୁ କଡାକଡି ପାଳନ କରିବାକୁ ନିର୍ଦ୍ଦେଶାବଳୀରେ କୁହାଯାଇଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା

ଜୟପୁର, ୨।୬ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଏବଂ ଉପଖଣ୍ଡ ମାନ୍ୟତା ଦାବି ନେଇ ଅଞ୍ଚଳବାସୀ ମଙ୍ଗଳବାର ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ବୈପାରୀଗୁଡା ସୁରକ୍ଷା ମଞ୍ଚ ପକ୍ଷରୁ ମେଡିକାଲ ସାମ୍ନାରେ ସକାଳ ୯ରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଗଣଧାରଣା ଆୟୋଜନ କରାଯାଇଥିଲା। ବୈପାରୀଗୁଡା ବ୍ଲକର କୋଡ଼ିଏଟି ପଞ୍ଚାୟତ ସମେତ କୁନ୍ଦୁରା ବ୍ଲକର ପାଞ୍ଚଟି ପଞ୍ଚାୟତ, ଲମତାପୁଟ ଓ ମାଥିଲି ବ୍ଲକର କିଛି ପଞ୍ଚାୟତ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଏଠାରେ ଆବଶ୍ୟକ ଡାକ୍ତର ପଦବୀ ପୂରଣ ହେଉନାହିଁ କି ବିଶେଷଜ୍ଞ ଡାକ୍ତର ଆସୁନାହାନ୍ତି। ଏକ୍ସରେ ମେଶିନ ଅଛି, କିନ୍ତୁ ବ୍ୟବହାର ହେଉନାହିଁ। ଇସିଜି ସୁବିଧା ନାହିଁ। ଶବ ବାହକ ଗାଡି ନାହିଁ। ଷ୍ଟାଫ୍ ନର୍ସ, ଫିଲ୍ଡ ଷ୍ଟାଫ୍, ଆବଶ୍ୟକ ଡାକ୍ତରଙ୍କର ଅଭାବ ରହିଛି। ଏସବୁ ସମସ୍ୟାର ସମାଧାନ ସହ ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦାବି କରାଯାଇଛି।

## ଗ୍ୟାସ୍ ଗାଡ଼ି ଅଟକାଇଲେ ଉପଭୋକ୍ତା

ଭଦ୍ରକ, ୨।୬ (ସଂଚାର ବ୍ୟୁରୋ): ହାଟଡିହି ବ୍ଲକ ବିଦ୍ୟାଧରପୁର ଅଞ୍ଚଳର ଇଣ୍ଡେନ ଗ୍ୟାସ ବିତରକ ବନ୍ତ ବ୍ଲକ ଆଗରପଡ଼ା ଅଞ୍ଚଳର ଉପଭୋକ୍ତାଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ସୋମବାର ଉପଭୋକ୍ତାମାନେ ଗ୍ୟାସ ବିତରଣ ଗାଡିକୁ ଅଟକାଇ ଥାନାରେ ଜିମା ଦେଇଥିଲେ। ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି ଯେ ସଂସ୍ଥାରେ ମାଲିକ ବହୁ ସମୟରେ ସେମାନଙ୍କୁ ଗ୍ୟାସ୍ ନଦେଇ ହଇରାଣ କରି ଆସୁଛନ୍ତି। ପାଖାପାଖି ୮ଶହ ଉପଭୋକ୍ତାଙ୍କ ଖାତା ଆଗରପଡ଼ାକୁ ପରିବର୍ତ୍ତନ କରୁନାହାନ୍ତି। ଫଳରେ ପ୍ରତ୍ୟେକ ମାସ ନିର୍ଦ୍ଦିଷ୍ଟ ସମୟରେ ଗ୍ୟାସ ନପାଇ ଉପଭୋକ୍ତାମାନେ ନାନାଦି ହଇରାଣ ହେଉଛନ୍ତି। ପୂର୍ବରୁ ଆଗରପଡ଼ାରେ ଗ୍ୟାସ ଏଜେନ୍ସି ନଥିବାରୁ ବିଦ୍ୟାଧରପୁରରେ ଥିବା ଗ୍ୟାସ ଏଜେନ୍ସିରେ ଉପଭୋକ୍ତାମାନେ ସଂଯୋଗ ନେଇଥିଲେ। ଏବେ ବଦଳାଇବାକୁ ଅନ୍‌ଲାଇନ ଆବେଦନ କରିଥିଲେ ମଧ୍ୟ ବିଦ୍ୟାଧରପୁର ଏଜେନ୍ସି କାହାକୁ ଏନଓସି ଦେଉ ନାହାନ୍ତି।

## ନିଜ ଟଙ୍କାରେ କୁଲର ଦାନ କଲେ ବିଧାୟିକା




ବାରିପଦା, ୨।୬ (ସଂଚାର ବ୍ୟୁରୋ): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଓ ଅଂଶୁଘାତର ପ୍ରକୋପ ଜାରି ରହିଥିବା ବେଳେ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ଆଶ୍ୱସ୍ତି ଦେବା ପାଇଁ ଆଗେଇ ଆସିଛନ୍ତି ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ। ସେ ନିଜସ୍ୱ ଦରମା ପାଣ୍ଠିରୁ ବାରିପଦା ସ୍ଥିତ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ୧୦ଟି ଜମ୍ବୋ କୁଲର୍ ଦାନ କରିଛନ୍ତି। ଏଥି ସହିତ ନିଜ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର ୩ଟି ସିଏଚସିକୁ ୧୦ଟି ଜମ୍ବୋ କୁଲର୍ ଅର୍ଥାତ ସର୍ବମୋଟ ମୋଟ ୨୦ଟି ଜମ୍ବୋ କୁଲର ଦାନ କରିଛନ୍ତି। ମେଡିକାଲର ସେଣ୍ଟ୍ରାଲ୍ ଏସି ବ୍ୟବସ୍ଥା ନଥିବାରୁ ଏହି ପ୍ରବଳ ଗରମରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଅନୁରୋଧ କ୍ରମେ ବିଧାୟିକା ନିଜର ମହାନତା ଦେଖାଇ ତୁରନ୍ତ ଏହି କୁଲର୍‌ଗୁଡ଼ିକୁ ଯୋଗାଇ ଦେଇଛନ୍ତି। ଏହି ସମସ୍ତ କୁଲର୍‌କୁ ହସ୍ପିଟାଲର ଏମ୍‌ସିଏଚ୍ ବିଲ୍ଡିଂ ଏବଂ ମେଡିସିନ୍ ୱାର୍ଡରେ ଲଗାଯିବ, ଯାହାଦ୍ୱାରା ରୋଗୀମାନେ ଅସ୍ତବ୍ୟସ୍ତ ଗରମରୁ ରକ୍ଷା ପାଇପାରିବେ।

## ଘୁଞ୍ଚିଲା ଏନସିଇଆରଟି କମନ ଏଣ୍ଟ୍ରାନ୍ସ ଟେଷ୍ଟ

ନୂଆଦିଲ୍ଲୀ, ୨।୬: ଏନସିଇଆରଟି କମନ ଏଣ୍ଟ୍ରାନ୍ସ ପରୀକ୍ଷା (ସିଇଇ-୨୦୨୬) ଦେବାକୁ ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ବଡ଼ ଖବର। ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରବେଶିକା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଆଞ୍ଚଳିକ ଶିକ୍ଷା ସଂସ୍ଥାନ (ଆରଆଇଇ) ଭୁବନେଶ୍ୱର ପକ୍ଷରୁ ଏନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ସୂଚନା ଅନୁସାରେ, ପୂର୍ବରୁ ଜୁନ୍ ୨୮ ତାରିଖରେ ହେବାକୁ ଥିବା ଏହି ପରୀକ୍ଷା ଏବେ ଆଗାମୀ ଜୁଲାଇ ୩ ତାରିଖରେ ଅନୁଷ୍ଠିତ ହେବ।




ଚଳିତ ବର୍ଷ ପରୀକ୍ଷା ପଦ୍ଧତିରେ ମଧ୍ୟ ସରକାର ଏକ ବଡ଼ ପରିବର୍ତ୍ତନ କରିଛନ୍ତି। ଏଣିକି ଆଉ ପାରମ୍ପାରିକ ଓଏମ୍‌ଆର୍ ସିଟ୍ ମାଧ୍ୟମରେ ପରୀକ୍ଷା ହେବ ନାହିଁ। ଏହା ବଦଳରେ ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା ବା ସିବିଟି ମୋଡ୍‌ରେ ପରୀକ୍ଷାର୍ଥୀମାନେ ପରୀକ୍ଷା ଦେବେ। ପରୀକ୍ଷା ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଏବଂ ଡିଜିଟାଲ୍ କରିବା ପାଇଁ ଏହି ନୂଆ ନିୟମ ଲାଗୁ କରାଯାଇଛି।

ତାରିଖ ଘୁଞ୍ଚିବା ଫଳରେ ବିଭିନ୍ନ ଶିକ୍ଷା ସଂସ୍ଥାନରେ ବିଏଡ୍, ଏମଏଡ୍ ଏବଂ ସମନ୍ୱିତ ବିଏଡ୍-ଏମଏଡ୍ ଭଳି ପାଠ୍ୟକ୍ରମରେ ନାମ ଲେଖାଇବାକୁ ପ୍ରସ୍ତୁତ ହେଉଥିବା ହଜାର ହଜାର ପରୀକ୍ଷାର୍ଥୀଙ୍କୁ ପ୍ରସ୍ତୁତି ପାଇଁ ଆଉ କିଛି ଅଧିକ ସମୟ ମିଳିଯାଇଛି। ପରୀକ୍ଷା ସମ୍ବନ୍ଧୀୟ ଅଧିକ ସୂଚନା ଏବଂ ଆଡମିଟ୍ କାର୍ଡ ଡାଉନଲୋଡ୍ କରିବା ପାଇଁ ଛାତ୍ରଛାତ୍ରୀମାନେ ଏନସିଇଆରଟିର ଅଫିସିଆଲ୍ ୱେବସାଇଟ୍ ନିୟମିତ ଚେକ୍ କରିବାକୁ ଆଞ୍ଚଳିକ ଶିକ୍ଷା ସଂସ୍ଥାନ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ନିର୍ବାଚନ ଫଳ ପ୍ରକାଶ ପରେ ପ୍ରଥମ ଥର ରାଜରାସ୍ତାକୁ ଓହ୍ଲାଇଲେ ମମତା

କୋଲକାତା, ୨।୬(ସଂଚାର ବ୍ୟୁରୋ): ବିଧାନସଭା ନିର୍ବାଚନରେ ପରାଜୟର ଗୋଟିଏ ମାସ ମଧ୍ୟରେ, ତୃଣମୂଳ କଂଗ୍ରେସ ଭିତରେ ଅସନ୍ତୁଷ୍ଟ ବିଧାୟକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପକ୍ଷରେ, ଦଳ ବିଭାଜନ ହେବାର ଆଶଙ୍କା କ୍ରମଶଃ ତୀବ୍ର ହେଉଛି। ଏହି ପୃଷ୍ଠଭୂମିରେ, ତୃଣମୂଳ ସୁପ୍ରିମୋ ମମତା ବାନାର୍ଜୀ ମଙ୍ଗଳବାର ରାସ୍ତାକୁ ଓହ୍ଲାଇଥିଲେ। ସେ ଧର୍ମତଲାର 'ୱାଇ-ଚ୍ୟାନେଲ'ରେ ଏକ ଧାରଣା ପ୍ରଦର୍ଶନ କରିଥିଲେ। ଦୀର୍ଘ ସମୟ ବିଳମ୍ବ ଏବଂ ବିଚାର-



ବିମର୍ଶ ପରେ ପୁଲିସ ଏହି ପ୍ରତିବାଦ ପାଇଁ ଅନୁମତି ଦେଇଥିଲା। ତୃଣମୂଳ ସୁପ୍ରିମୋ ଏଦିନ ଅପରାହ୍ନ ପ୍ରାୟ ୨ଟା ବେଳେ କାଳିଘାଟସ୍ଥିତ ତାଙ୍କ ବାସଭବନରୁ ବାହାରିଥିଲେ। ତାଙ୍କ ସହିତ ବିଧାୟକ କୁନାଲ ଘୋଷ ଏବଂ ମଦନ ମିତ୍ର, ସାଂସଦ କଲ୍ୟାଣ ବାନାର୍ଜୀ ମଧ୍ୟ ଥିଲେ। ଧର୍ମତଲାରେ, ସେ ସମ୍ବିଧାନର ଏକ କପି ରଖି ଏବଂ ଡକ୍ଟର ବି.ଆର. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଆନୁଷ୍ଠାନିକ ଭାବରେ ତାଙ୍କର 'ନୂତନ ଯୁଦ୍ଧ' ଆରମ୍ଭ କରିଥିଲେ। ତା'ପରେ ସେ ଗାନ୍ଧୀ ପ୍ରତିମୂର୍ତ୍ତି ନିକଟକୁ ଯାଇଥିଲେ। ଜାତିର ପିତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ, ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇ-ଚ୍ୟାନେଲରେ ଧାରଣାସ୍ଥଳରେ ପହଞ୍ଚିଥିଲେ। ତାଙ୍କ ଆଗମନ ପୂର୍ବରୁ, ଦୁଇ ଜଣ ପ୍ରବୀଣ ବିଧାୟକ ଶୋଭନଦେବ ଚଟ୍ଟୋପାଧ୍ୟାୟ ଏବଂ ଅଶୋକ ଦେବ, ରାଜ୍ୟସଭା ସାଂସଦ ଡେରେକ୍ ଓ'ବ୍ରାଏନ୍ ସହିତ ପ୍ରତିବାଦ ସ୍ଥଳରେ ପହଞ୍ଚି ସାରିଥିଲେ। ପୂର୍ବତନ ମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ମଧ୍ୟ ପହଞ୍ଚିଥିଲେ। ଏହା ସହିତ, ନୟନା ବାନାର୍ଜୀ, ଡୋଲା ସେନ୍ ଏବଂ ବୈଶ୍ୱାନର ଚଟ୍ଟୋପାଧ୍ୟାୟଙ୍କୁ ମମତାଙ୍କ ଧାରଣାସ୍ଥଳରେ ଦେଖିବାକୁ ମିଳିଥିଲା। ତେବେ, ଦଳର ଅଧିକାଂଶ ସାଂସଦ ଏବଂ ବିଧାୟକ ଏଦିନର କାର୍ଯ୍ୟକ୍ରମରେ ଉପସ୍ଥିତ ନଥିଲେ ବୋଲି ଜାଣିବାକୁ ମିଳିଛି।

## ସର୍ପାଘାତରେ ନାବାଳିକା ମୃତ

ବାରିପଦା,୨।୬ (ସଂଚାର ବ୍ୟୁରୋ): ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜାତଳା ବ୍ଲକର ଯୋଡ଼ା ପୋଖରୀ ଗ୍ରାମର ଜନୈକ ନାବାଳିକା ସର୍ପାଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯୋଡ଼ାପୋଖରୀ ଗ୍ରାମର ଦିବା ଟୁଡୁର ୩ ଜଣ ନାବାଳିକା ଝିଅ ସୋମବାର ରାତିରେ ଖାଇ ପିଇ ସାଙ୍ଗ ହୋଇ ଖଟରେ ଶୋଇଥିଲେ । ତଳେ ମା, ଖୁଡି ଏବଂ ଅନ୍ୟମାନେ ଶୋଇଥିଲେ। ହଠାତ୍ ମଧ୍ୟ ରାତ୍ରରେ ଏକ ବିଷାକ୍ତ ଚିତି ସାପ ଖଟ ଉପରେ ଚଢ଼ି ମଝିଆ ଝିଅ ବର୍ଷା ଟୁଡୁ(୧୧) ଦେହରେ ଗୋଡେଇ ହୋଇ କାମୁଡି ଥିଲା। ପିଲାଟି ଚିତ୍କାର କରି ବିଛଣାରୁ ଉଠିଥିଲା । ପରିବାର ଲୋକେ ଝିଅର ଚିତ୍କାର ଶୁଣି ଉଠି ଦେଖନ୍ତି ତ ସାପଟି ବିଛଣାରେ ଅଛି । ସଙ୍ଗେ ସଙ୍ଗେ ଚିତିଟିକୁ କୌଶଳରେ ଧରିଥିଲେ । ଝିଅଟିକୁ ରାଇରଙ୍ଗପୁର ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି । ମୃତ ନାବାଳିକା ବଡକୁଲେଇବିରା ଆଶ୍ରମର ଚତୁର୍ଥ ଶ୍ରେଣୀର ଛାତ୍ରୀ ଥିଲେ।

## ବିଦ୍ୟୁତ୍ ଆଘାତରେ ଦୋକାନୀ ମୃତ

ନୀଳଗିରି,୨।୬ (ସଂଚାର ବ୍ୟୁରୋ): ନିଜ ଦୋକାନକୁ ସଂଯୋଗ କରାଯାଇଥିବା ସର୍ଭିସତାରକୁ ସଜାଡିବାକୁ ଯାଇ ୧୧କେଭି ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ଜୀବନ ଯିବାପରେ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ବରହମପୁର ଥାନା ଅନ୍ତର୍ଗତ କେସିପୁର ପଞ୍ଚାୟତ ଅଧୀନସ୍ଥ ହାତୀକୁଟ ବେହେରାସାହି ଗ୍ରାମର ରୋହିତାସ ବେହେରାଙ୍କ ପୁଅ କୃତିବାସ ବେହେରା (୪୫) ସ୍ଥାନୀୟ ଯମୁନା ଛକରେ ଏକ ରେଡିମେଟ ଦୋକାନକରି ପରିବାର ପ୍ରତିପୋଷଣ କରନ୍ତି। ଆଜି ସକାଳ ପ୍ରାୟ ସାଢ଼େ ଆଠଟା ସମୟରେ ନିଜଡ୍ରେସ୍ ଦୋକାନକୁ ସଂଯୋଗ କରି ଥିବା ସର୍ଭିସ୍ ତାରଟି ଓହଳି ପଡିଥିବାରୁ ଏକ ବାଉଁଶ ସାହାଯ୍ୟରେ ଉପରକୁ ଟେକିବା ସମୟରେ ହଠାତ୍ ଉପରେ ଯାଇଥିବା ୧୧କେଭି ତାର ସଂସ୍ପର୍ଶରେ ଆସିଥିଲା। ଫଳରେ କୃତିବାସଙ୍କୁ କରେଣ୍ଟ ଲାଗିବାରୁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ତାଙ୍କୁ ଉଦଳା ହସ୍ପିଟାଲ୍ ନିଆଯାଇଥିବା ବେଳେ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମରଶରୀରକୁ ଉକ୍ତ ଡାକ୍ତରଖାନାରେ ଶବବ୍ୟବଚ୍ଛେଦ କରାଗଲାପରେ ପରିବାର ଲୋକଙ୍କୁ ଶବହସ୍ତାନ୍ତର କରାଯାଇଥିଲା। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ଦେଖିବାକୁ ମିଳିଥିଲା।

## ଭତ୍ତା ପାଣ୍ଠିରୁ ୧୨.୩୦ ଲକ୍ଷ ହେରଫେର ଅଭିଯୋଗରେ ପିଇଓ ଗିରଫ



ହିଞ୍ଜିଳିକାଟୁ,୨।୬ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ବ୍ଲକ ଦାରୁଭଦ୍ରା ଗ୍ରାମ ପଞ୍ଚାୟତର ଭତ୍ତା ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସିଥିବା ପାଣ୍ଠିରୁ ପ୍ରାୟ ୧୨ ଲକ୍ଷ ୩୦ ହଜାର ଟଙ୍କା ହେରଫେର ଅଭିଯୋଗରେ ପଞ୍ଚାୟତ ଏକଜିକ୍ୟୁଟିଭ ଅଫିସର (ପିଇଓ) ତ୍ରିଲୋଚନ ନାୟକ ଗିରଫ ହୋଇଛନ୍ତି ।ବୃଦ୍ଧା ବୃଦ୍ଧଙ୍କ ଟଙ୍କା ହଡପ ଅଭିଯୋଗ ପରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ହେବା ସର୍ତ୍ତେ ପିଇଓ ଖାତିର କରିନଥିଲେ । ଏନେଇ ହିଞ୍ଜିଳି ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀ ଜିଲ୍ଲାପାଳଙ୍କୁ ଜଣାଇଥିବା ବେଳେ ଥାନାରେ ହେରଫେର ଅଭିଯୋଗ କରିଥିଲେ । ପରେ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରି ଆଜିପଞ୍ଚାୟତ ଏକଜିକ୍ୟୁଟିଭ ଅଫିସର (ପିଇଓ) ତ୍ରିଲୋଚନ ନାୟକ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ପିଇଓଙ୍କୁ ଚାକିରିରୁ ନିଲମ୍ବନ ଆଦେଶ କରିଛନ୍ତି ଜିଲ୍ଲା ପ୍ରଶାସନ ।ଘଟଣା ପରେ ସମଗ୍ର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି ।

## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର



ଖୋର୍ଦ୍ଧା,୨।୬ (ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜ ଏବଂ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଆରକ୍ଷୀ ଅଧିକ୍ଷକ ପାରମାଣିକସ୍ମିତ୍ ପୁରୁଷୋତ୍ତମ ଦାସଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀତପା ମିଶ୍ର, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୮୫ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୭୩ ଗୋଟି ବ୍ୟକ୍ତିଗତ ଓ ୧୨ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଥିଲା। ଜିଲ୍ଲାପାଳ ଅଭିଯୋଗ ଶିବିରରେ ୧୪ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଜିଲ୍ଲାପାଳ କୁମାଣ୍ଡୋଳା ଗ୍ରାମ ପଞ୍ଚାୟତର ମଞ୍ଜୁ ବେହେରାଙ୍କୁ କର୍କଟ ରୋଗ ଚିକିତ୍ସା ନିମନ୍ତେ ୧୫ ହଜାର ଏବଂ ଗୁରୁଜଙ୍ଗା ଗ୍ରାମ ପଞ୍ଚାୟତ, ଖୋର୍ଦ୍ଧା ବ୍ଲକର ଛବି ଦାସଙ୍କୁ ଆତ୍ମ ନିଯୁକ୍ତି ନିମନ୍ତେ ୧୫ ହଜାର କୁ ନେଇ ମୋଟ ୩୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରିଥିଲେ ।

### ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବ୍ଲକ୍ ପ୍ରଶାସନର ଫୁ'

# ମିଳିଲାନି ବାସନ୍ତୀଙ୍କୁ ଆବାସ ଯୋଜନାରେ ଘର



### ଚିରା ପଲିଥିନ ତଳେ ୪ ପ୍ରାଣୀ କୁଟୁମ୍ବ

ଗୋପ,୨।୬ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବି ଖାତିର କଲାନି ଗୋପ ବ୍ଲକ ପ୍ରଶାସନ। ଖୋଦ୍ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମିଳିଲାନି ଆବାସ ଗୃହ। ଆଜି ବି ଚିରା ପଲିଥିନ ତଳେ ଦିନ କାଟୁଛି ୪ ପ୍ରାଣୀ କୁଟୁମ୍ବ। ଏଭଳି ଏକ ଅଭାବନୀୟ ତଥା ଦୟନୀୟ ଚିତ୍ର ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର ପଞ୍ଚାୟତର ବେଣୀପୁର ଗ୍ରାମରେ।

ବେଣୀପୁର ଗ୍ରାମର ୯ ନମ୍ବର ୱାର୍ଡର ବାସନ୍ତୀ ରାୟ, ତାଙ୍କ ସ୍ୱାମୀ ଏବଂ ୧୦ ବର୍ଷର ଝିଅ ଓ ୮ ବର୍ଷର ପୁଅଙ୍କୁ ଧରି ଦୀର୍ଘ ବର୍ଷ ହେଲା ଏକ ଭଙ୍ଗା କୁଡିଆରେ ରହିଆସୁଛନ୍ତି। ଦିନରେ ଖରା, ରାତିରେ ତାରା ଦେଖାଯାଉଥିବା ଏହି ଉଜୁଡ଼ା କୁଡିଆ ହିଁ ସେମାନଙ୍କ ସମ୍ବଳ। ଶୀତ, ବର୍ଷା, କାକର ସହ ରାତି ହେଲେ ସାପ-ବେଙ୍ଗର ଭୟ। ଆବାସ ଖଣ୍ଡିଏ ପାଇଁ ବାସନ୍ତୀ ସରପଞ୍ଚ, ବିଡିଓଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ କେହି ଶୁଣିନଥିଲେ। ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଗୁରୁତର ସହ ନେଇଥିଲେ। ବାସନ୍ତୀଙ୍କୁ ଅନ୍ତ୍ୟୋଦୟ ଆବାସ ଯୋଜନାରେ ସାମିଲ କରିବାକୁ ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ ବିଡିଓ ଛବିରାଣୀ ସାହୁଙ୍କ ତଦନ୍ତ ପରେ ବାସନ୍ତୀଙ୍କ ନାମ ରେଜିଷ୍ଟ୍ରେସନ ମଧ୍ୟ ହୋଇଥିଲା ଓ ଓଟିପି ମଗାଯାଇଥିଲା। ମାତ୍ର ଗତ ଫେବୃଆରୀ ମାସରେ ବିଡିଓଙ୍କ ବଦଳି ପରେ ସବୁକିଛି ବଦଳିଗଲା।

ଗତ ପଞ୍ଚାୟତରାଜ ଦିବସରେ ଗୋପ ବ୍ଲକର ୧୪୦ ଜଣ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଗଲା। ଗଣେଶ୍ୱରପୁର ପଞ୍ଚାୟତର ୧୬ ଜଣଙ୍କୁ ଏହି ତାଲିକାରେ ଘର ମିଳିଲା, ହେଲେ ସବୁ ପ୍ରକ୍ରିୟା ଶେଷ ହୋଇଥିଲେ ବି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର କରି ବାସନ୍ତୀଙ୍କୁ ଏହି ତାଲିକାରୁ ବାଦ୍ ଦିଆଗଲା।

ଏହି ବଣ୍ଟନରେ ବ୍ୟାପକ ଅନିୟମିତତା ଏବଂ ପାତରଅନ୍ତର ହୋଇଥିବା ନେଇ ସ୍ଥାନୀୟ ସରପଞ୍ଚ ଉପେନ୍ଦ୍ର କାନୁନଗୋ, ମହେଶ୍ୱର ସ୍ୱାଇଁ ଏବଂ ଦୁର୍ନୀତି ନିବାରଣ ମଞ୍ଚର ଆବାହକ ଗଙ୍ଗାଧର ପାଇକରାୟ ପ୍ରମୁଖ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

ଏବେ ପ୍ରଶ୍ନ ଉଠୁଛି, ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଏଡ଼ାଇ ଯିବା ପଛରେ ବ୍ଲକ୍ ପ୍ରଶାସନର କେଉଁ ଅଧିକାରୀଙ୍କ ହାତ ରହିଛି। କେବେ ମିଳିବ ବାସନ୍ତୀଙ୍କୁ ନ୍ୟାୟ ତାହା ଦେଖିବାକୁ ବାକି ରହିଲା।

### ବୋରିଗୁମ୍ମାରେ ସୁରକ୍ଷା ବ୍ୟବସ୍ଥା ଢିଲା, ରାତି ପାଟ୍ରୋଲିଂରେ ଅବହେଳା

# ବଢୁଛି ଚୋରି, ପୁଲିସ ନିଷ୍କ୍ରିୟ

ବୋରିଗୁମ୍ମା,୨।୬ (ସଂଚାର ବ୍ୟୁରୋ): ବର୍ତ୍ତମାନ ଦିନକୁ ଦିନ ଦୁର୍ବୃତ୍ତଙ୍କ ପାଦୁର୍ଭାବ ବଢିଥିବା ବେଳେ ବି. ସିଂହପୁର ପୁଲିସର ରାତ୍ରି ପେଟ୍ରୋଲିଂର ଅବହେଳା ଆଇନ ଶୃଙ୍ଖଳା ବ୍ୟପର୍ଯ୍ୟସ୍ତ ହୋଇପଡିଛି। ଯାହାର ସୁଯୋଗ ନେଇ ଲୁଟେରାଙ୍କ ଟାର୍ଗେଟ ମନ୍ଦିର, ଦେବତା ଠାକୁର କିଛି ମାନୁ ନାହାଁନ୍ତି। ସିଧା ଆସୁଛନ୍ତି, କଳାକନା ବୁଲାଇ ଚମ୍ପଟ ମାରୁଛନ୍ତି ଏବଂ ଲୁଟେରାଙ୍କ ପାଦୁର୍ଭାବ ଅଞ୍ଚଳରେ ଅତିମାତ୍ରାରେ ବୃଦ୍ଧି ପାଉଛି। ଯାହା ଫଳରେ ପୁଲିସ ସୁରକ୍ଷା ବ୍ୟବସ୍ଥାକୁ ନେଇ ଏବେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବୋରିଗୁମ୍ମା ବ୍ଲକ ବିସିଂହପୁର ଥାନା ଅଞ୍ଚଳରେ ସୂଚନା ମୁତାବକ ଗତ ସୋମବାର ବିଳମ୍ବିତ ରାତିରେ ୩ଟି ବିଭିନ୍ନ ମନ୍ଦିରରୁ ସିରିଜ ଚୋରି ହୋଇଛି। ମନ୍ଦିର ଚୋରି ଘଟଣା ଗୋଟିଏ ଦିନର ନୁହେଁ, କିଛି ମାସତଳେ ଦୁର୍ବୃତ୍ତମାନେ କୁମୁଲିର ନବନିର୍ମିତ ଜଗନ୍ନାଥ ମନ୍ଦିରରେ କଳାକନା ବୁଲାଇ ଠାକୁରଙ୍କ ଅଳଙ୍କାର ଲୁଟି ନେଇଥିଲେ। ୧୮ ତାରିଖରେ ପୁଲିସ ୩ ଜଣଙ୍କୁ ଧରିବାରେ ସଫଳ ହୋଇଥିଲା। ଏହି ଘଟଣା ସପ୍ତାହ ନପୂରୁଣୁ ପୁଣି ଥରେ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଲୁଟେରାଙ୍କ ଦୌରାତ୍ମ୍ୟ ଆରମ୍ଭ କରିଥିବା ବେଳେ ଲୁଟତରାଜ ମଧ୍ୟ ବଢିଚାଲିଛି । ରାତି ପାହିଲେ ଚୋରି, ଲୁଟ ଓ ଛିନତାଇ ଘଟଣା ଶୁଣିବାକୁ ମିଳୁଛି। ହୁଣ୍ଡୀ ଭାଙ୍ଗିବାଠାରୁ ଆରମ୍ଭ କରି ଠାକୁରଙ୍କ ଅଳଙ୍କାର ପର୍ଯ୍ୟନ୍ତ ଲୁଟିଆ ଦଳ ଯୋଜନା ବଦ୍ଧ ଭାବେ ମନ୍ଦିରରେ କଳକନା ବୁଲାଉଛନ୍ତି। ମାତ୍ର ଅଧିକାଂଶ ମନ୍ଦିର ଚୋରି ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସମ୍ପର୍କରେ ପୁଲିସ ଟେର ମଧ୍ୟ ପାଉନି। ମନ୍ଦିରରୁ ଏଭଳି ଲୁଟ ଘଟଣା କେବଳ ଆର୍ଥିକ କ୍ଷତି ନୁହେଁ ଶ୍ରଦ୍ଧାଳୁଙ୍କ ଧାର୍ମିକ ଭାବନାକୁ ଶକ୍ତ ଆଘାତ ଦେଉଛି ଏହାକୁ ରୋକିବା ପାଇଁ ମନ୍ଦିର କମିଟି ପକ୍ଷରୁ ଆଧୁନିକ ସୁରକ୍ଷା ବ୍ୟବସ୍ଥା କଡାକଡି କରିବା ସହ ପୁଲିସ ପ୍ରଶାସନ ପକ୍ଷରୁ ରାତ୍ରି କାଳୀନ ପେଟ୍ରୋଲିଂ ବ୍ୟବସ୍ଥା କଡାକଡି ଗ୍ରହଣ କରିବା ଜରୁରୀ ହୋଇପଡିଛି ।

ରାଜ୍ୟ ପୁଲିସ ପ୍ରଶାସନ ତରଫରୁ ଥାନା ଗୁଡ଼ିକୁ ପାଟ୍ରୋଲିଂ ପାଇଁ ଦୁଇ ଚକିଆ ଯାନ ସହ ଚାରି ଚକିଆ ଯାନ ଦିଆହୋଇଥିଲେ ମଧ୍ୟ ରାତ୍ରି ଅନ୍ଧକାରରେ ପୁଲିସର ପେଟ୍ରୋଲିଂ ହେଉନଥିବାରୁ ଯାହାର ସୁଯୋଗ ନେଉଛନ୍ତି ଲୁଟେରା। ଏ ନେଇ ପୁଲିସ କଡା ସୁରକ୍ଷା ବନ୍ଦୋବସ୍ତ କରିବା ଓ ଲୁଟେରା ଗ୍ୟାଙ୍ଗର ଫର୍ଦାଫାସ ପାଇଁ ସାଧାରଣରେ ଦାବୀ ହୋଇଛି ।

# ପୁଣି ଦବିଲା ବୈତରଣୀ ବ୍ରିଜ୍

### ଭୟ ଭିତରେ ଯାତ୍ରା କରୁଛନ୍ତି ଲୋକେ

### ଦୁର୍ବଳ ସେତୁରେ ଚାଲୁଛି ଭାରିଯାନ



ଆନନ୍ଦପୁର,୨।୬ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁରର ଜୀବନରେଖା ଭାବେ ପରିଚିତ ବୈତରଣୀ ସେତୁକୁ ନେଇ ପୁଣି ଥରେ ବଢ଼ିଛି ଚିନ୍ତା। ସେତୁର ଏକ ପାର୍ଶ୍ୱ ଦବି ଯାଇଥିବା ନେଇ ପ୍ରାଥମିକ ସୂଚନା ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ପରିବେଶ ସୃଷ୍ଟି ହୋଇଛି। ପ୍ରତିଦିନ ହଜାର ହଜାର ଲୋକ ଓ ଶତାଧିକ ଯାନବାହନ ଏହି ସେତୁ ଉପରେ ନିର୍ଭର କରୁଥିବା ବେଳେ ଏଭଳି ଘଟଣା ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଦୀର୍ଘଦିନ ଧରି ଭାରିଯାନ ଚଳାଚଳ ଯୋଗୁଁ ସେତୁ ଉପରେ ଚାପ ବଢ଼ୁଛି। ଫଳରେ ବାରମ୍ବାର ସେତୁର କିଛି ଅଂଶ ଦବୁଥିବା ଦେଖିବାକୁ ମିଳୁଛି। ତେବେ ସମସ୍ୟାର ସ୍ଥାୟୀ ସମାଧାନ କରିବା ପରିବର୍ତ୍ତେ ବିଭାଗ ପକ୍ଷରୁ କେବଳ ବାଲି ବସ୍ତା ପକାଇ ମରାମତି ନାମରେ କାମ ସାରି ଦିଆଯାଉଥିଛି। ଅନ୍ୟପଟେ ସେତୁର ଦୁର୍ବଳ ଅବସ୍ଥା ସତ୍ତ୍ୱେ ଭାରିଯାନ ଚଳାଚଳ ଉପରେ କୌଣସି କଟକଣା ଲାଗୁ କରାଯାଇ ନାହିଁ। ଏହା ଆଗାମୀ ଦିନରେ ଏକ ବଡ଼ ଦୁର୍ଘଟଣାର କାରଣ ହୋଇପାରେ ବୋଲି ଆଶଙ୍କା ପ୍ରକାଶ କରୁଛନ୍ତି।

### ଡ୍ରାଇଭିଂ ଟେଷ୍ଟିଂ କେନ୍ଦ୍ରରେ ଅବ୍ୟବସ୍ଥା

# ଖରାରେ ହନ୍ତସନ୍ତ ଆବେଦନକାରୀ

### ବିଳମ୍ବରେ ଖୋଲୁଛି ଫାଟକ

### ଏମଭିଆଇଙ୍କ କାର୍ଯ୍ୟଶୈଳୀକୁ ନେଇ ଉଠିଲା ପ୍ରଶ୍ନ



କୋରାପୁଟ,୨।୬ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ଲାଣ୍ଡିଗୁଡ଼ା ସ୍ଥିତ ଡ୍ରାଇଭିଂ ଟେଷ୍ଟିଂ କେନ୍ଦ୍ରରେ ଦିନକୁ ଦିନ ଅବ୍ୟବସ୍ଥା ବଢୁଥିବା ନେଇ ଆବେଦନକାରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଡ୍ରାଇଭିଂ ଲାଇସେନ୍ସ ପାଇଁ ଟେଷ୍ଟ ଦେବାକୁ ଆସୁଥିବା ଶତାଧିକ ଆବେଦନକାରୀ ତହତହ ଖରାରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିବା ବେଳେ, କେନ୍ଦ୍ରର ଫାଟକ ବିଳମ୍ବରେ ଖୋଲାଯାଉଥିବା ଏବଂ ଦାୟିତ୍ୱରେ ଥିବା ଏମଭିଆଇ ନିର୍ଦ୍ଧାରିତ ସମୟରେ ନ ପହଞ୍ଚୁଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଡ୍ରାଇଭିଂ ଟେଷ୍ଟ ପାଇଁ ଆବେଦନକାରୀଙ୍କୁ ସକାଳ ୯.୩୦ରୁ ପ୍ରାୟ ୧୨ଟା ପର୍ଯ୍ୟନ୍ତ ସମୟ ଦିଆଯାଉଥିବା ବେଳେ ସୋମବାର ସକାଳ ୧୦.୩୦ଟା ପର୍ଯ୍ୟନ୍ତ ମଧ୍ୟ ଟେଷ୍ଟିଂ କେନ୍ଦ୍ରର ଫାଟକ ଖୋଲାଯାଇ ନଥିଲା। ଏପରିକି ଦାୟିତ୍ୱରେ ଥିବା ଏମଭିଆଇ ମଧ୍ୟ କେନ୍ଦ୍ରରେ ପହଞ୍ଚି ନଥିବା ଅଭିଯୋଗ ହୋଇଛି। କିଛି ଆବେଦନକାରୀ ପରିବହନ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ସମ୍ପୃକ୍ତ ଅଧିକାରୀ ପହଞ୍ଚିଥିବା ଜଣାପଡ଼ିଛି। ଆବେଦନକାରୀଙ୍କ କହିବା ଅନୁଯାୟୀ, ଏହା କୌଣସି ଗୋଟିଏ ଦିନର ସମସ୍ୟା ନୁହେଁ। ପ୍ରାୟ ପ୍ରତିଦିନ ଏଭଳି ବିଳମ୍ବ ହେଉଥିବାରୁ ଲକ୍ଷ୍ମୀପୁର, କୋଟପାଡ଼, ପଟାଙ୍ଗି, ବୋରିଗୁମ୍ମା, ବନ୍ଧୁଗାଁ ଭଳି ଦୂରଦୂରାନ୍ତ ଅଞ୍ଚଳରୁ ଆସୁଥିବା ଲୋକେ ନାହିଁନଥିବା ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ, ଡ୍ରାଇଭିଂ ଟେଷ୍ଟ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଟ୍ରାକରେ ସଠିକ୍ ଭାବେ ଗାଡ଼ି ଚଳାଇଥିଲେ ମଧ୍ୟ ବିଭିନ୍ନ କାରଣ ଦର୍ଶାଇ ଅନେକ ଆବେଦନକାରୀଙ୍କୁ ଫେଲ୍ କରାଯାଉଥିବା ଅଭିଯୋଗ ହେଉଛି।

ମିଳିଥିବା ତଥ୍ୟ ଅନୁସାରେ, ଗତ ମେ ମାସରେ ମୋଟ ୬୪୮ ଜଣ ଡ୍ରାଇଭିଂ ଟେଷ୍ଟ ପାଇଁ ଆବେଦନ କରିଥିବା ବେଳେ ୩୯୦ ଜଣ ପାସ୍ କରିଥିଲେ ଏବଂ ୨୩୦ ଜଣ ଫେଲ୍ ହୋଇଥିଲେ। ତେବେ ଟେଷ୍ଟ ସମୟରେ ସମ୍ପୃକ୍ତ ଅଧିକାରୀ ଅଧିକାଂଶ ସମୟ ନିଜ ଅଫିସ୍ ଏ ସି ଗାଡ଼ିରେ ବସି ନିରୀକ୍ଷଣ କରୁଥିବାରୁ ପ୍ରକୃତରେ କିପରି ମୂଲ୍ୟାଙ୍କନ ହେଉଛି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ସବୁଠାରୁ ଗୁରୁତର ଅଭିଯୋଗ ହେଉଛି, କେନ୍ଦ୍ର ପରିସରରେ ସକ୍ରିୟ ଥିବା କେତେକ ଦଲାଲ ଫେଲ୍ ହୋଇଥିବା ଆବେଦନକାରୀଙ୍କଠାରୁ ଟଙ୍କା ଆଦାୟ କରି ପୁନଃ ଟେଷ୍ଟ ଦେବା ଓ ପାସ୍ କରାଇବାର ପ୍ରଲୋଭନ ଦେଉଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। ଏଭଳି ପରିସ୍ଥିତି ମଧ୍ୟରେ କୋରାପୁଟ ଡ୍ରାଇଭିଂ ଟେଷ୍ଟିଂ କେନ୍ଦ୍ରର କାର୍ଯ୍ୟପ୍ରଣାଳୀ ଓ ଏମଭିଆଇଙ୍କ ଭୂମିକାକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ



ସୁନ୍ଦରଗଡ,୨।୬ (ସଂଚାର ବ୍ୟୁରୋ): ହେମଗିର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଦିନ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଗଣ ଧାରଣା ମଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବି ପତ୍ର ହେମଗିର ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ହେମଗିର ବ୍ଲକଟି ଖଣି ଖନନରେ ପରିପୂର୍ଣ୍ଣ ଥିବା ବେଳେ ଅଞ୍ଚଳର ସାଧାରଣ ଜନସାଧାରଣ ବିଭିନ୍ନ ମୌଳିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକରେ ବେଦାନ୍ତ, ଆଦାନୀ, ଏନଟିପିସି, ଓପିଜିସି,ଏମସିଏଲ, ଜିଏମଡିସି ଭଳି ଅନେକ କମ୍ପାନୀ ଥିବା ସତ୍ତ୍ୱେ ମଧ୍ୟ ଅଞ୍ଚଳର ଲୋକେ ଅଭିଶପ୍ତ ଜୀବନ ଯାପନ କରୁଥିବା ଅଭିଯୋଗ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବୀ ପତ୍ର ପ୍ରଦାନ କରାଯାଇଛି।

ଏଥିରେ ଖଣି ପ୍ରଭାବିତ ସମସ୍ତ ଗ୍ରାମରେ ନିରବଚ୍ଛିନ୍ନ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା,ଖଣି ଓ ଶିଳ୍ପାଞ୍ଚଳରେ ସ୍ଥାନୀୟ ବେକାର ଯୁବକ-ଯୁବତୀଙ୍କ ପାଇଁ ନିଯୁକ୍ତିରେ ସଂରକ୍ଷଣ ବ୍ୟବସ୍ଥା କରିବା ସହ ସେମାନଙ୍କୁ ପ୍ରାଥମିକତା ଭିତ୍ତିରେ ନିଯୁକ୍ତି ଦିଆଯାଉ,ବ୍ୟାଙ୍କ ମାଧ୍ୟମରେ ଦିଆଯାଉଥିବା ସାମାଜିକ ସୁରକ୍ଷା ଭତ୍ତା ପାଇଥିବା ହିତାଧିକାରୀ ମାନଙ୍କୁ ହାତରେ ନଗଦ ଭରା ଟଙ୍କା ପ୍ରଦାନ କରାଯାଉ,ଭତ୍ତା ପାଇଁ ଆବେଦନ କରିଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରାଯାଉ ଏବଂ ସମସ୍ତ ପ୍ରକାର ସାମାଜିକ ସୁରକ୍ଷା ଭତ୍ତାର ପରିମାଣ ବୃଦ୍ଧି କରି ମାସିକ ୩୫୦୦ ଟଙ୍କା କରାଯାଉ,ରାସନ୍ କାର୍ଡରୁ ବଞ୍ଚିତ ଥିବା ଗରିବ ଓ ଯୋଗ୍ୟ ପରିବାରମାନଙ୍କୁ ରାସନ୍ କାର୍ଡ ପ୍ରଦାନ ପାଇଁ ପଞ୍ଚାୟତ ସ୍ତରରେ ସରଳ, ସ୍ୱଚ୍ଛ ଓ ଶୀଘ୍ର ବ୍ୟବସ୍ଥା କରାଯାଉ ବୋଲି ଦାବି କରାଯାଇଛି।

### ୧୩ ବର୍ଷ ଧରି ଓଏଚ୍‌ପିସି ଏଚ୍‌ଆର୍‌ଡିଙ୍କ ବଦଳି ନ ହେବା ଘଟଣା

# ଖବର ପ୍ରକାଶିତ ପରେ ବି ଏଯାଏଁ ହେଲାନି କାର୍ଯ୍ୟାନୁଷ୍ଠାନ




ମାଲକାନଗିରି,୨।୬ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ରରେ ଆଜକୁ ୧୩ ବର୍ଷ ଧରି ଏଚଆରଡି ଦୁର୍ଗା ପ୍ରସାଦ ନାୟକ କୋଳି ଖାଇ ମଞ୍ଜି ପୋତିବା ପରି ଏଠି କାର୍ଯ୍ୟ କରି ଆସୁଥିବା ବେଳେ ଏଯାଏଁ ହେଲାନି ବଦଳି। ଏନେଇ ଗତ ୪ ଦିନ ତଳେ ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ମଧ୍ୟ ଏଯାଏଁ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ।

ମିଳିଥିବା ସୂଚନା ମୁତାବକ ଆଜିକୁ ଦୀର୍ଘ ୧୩ ବର୍ଷ ହେବ ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ରର ଏଚଆରଡି ଭାବେ ଦୁର୍ଗା ପ୍ରସାଦ ନାୟକ କାର୍ଯ୍ୟ କରି ଆସୁଥିବା ବେଳେ ଏଯାଏଁ ହେଲାନି ବଦଳି। ତେବେ ଭୁବନେଶ୍ୱର ସ୍ଥିତ ଓଏଚପିସି ମୁଖ୍ୟ କାର୍ଯ୍ୟାଳୟରେ ଏଚଆରଡି ଶ୍ରୀ ନାୟକ ସଲାସୁତୁରା ଭାବେ କିଛି ଅଧିକାରୀଙ୍କୁ ହାତଗୁଂଜା ଦେଇ ନିଜ ଅତିଆରରେ ରଖିଥିବା ହେତୁ ନିଜର ବଦଳି ହେଉ ନଥିବା ଅଭିଯୋଗ ହେଉଛି।

ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଗତ ୫ ମାସ ତଳେ ଓଏଚପିସି ଅଧିକାରୀଙ୍କ ମନ ମୁତାବକ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ଉଦ୍ଦେଶ୍ୟରେ ୬ଟି ଡାଟା ଏଣ୍ଟ୍ରି ଅପରେଟର ଏବଂ ୧୪ଟି ଆଟେନଡାଂଟ ପୋଷ୍ଟ ବେଆଇନ ଭାବେ ବାହାର କରିଥିଲେ ପୂର୍ବତନ ଏସଜିଏମ ଦିଲ୍ଲୀପ ସ୍ୱାଇଁଙ୍କ ସମେତ ଏଚଆରଡି ଶ୍ରୀ ନାୟକ। ତେବେ ବର୍ତ୍ତମାନ ନିୟୋଜିତ ଥିବା ଏହି ୨୦ ଗୋଟି ପୋଷ୍ଟ ବାବଦକୁ ସ୍ଥାନୀୟ ଅଞ୍ଚଳର ଯୁବକ ଯୁବତୀଙ୍କ ଠାରୁ ୨ ଲକ୍ଷରୁ ଉର୍ଦ୍ଧ୍ୱ ଲେଖାଏଁ ଟଙ୍କା ଲାଞ୍ଚ ନେଇ ଏହି ପଦବୀ ଗୁଡିକ ପୂରଣ କରିଥିବା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି। ପାଖାପାଖି ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଏହି ୨ ଅଧିକାରୀ ଆତ୍ମସାତ କରିଥିବା ବେଳେ କେଉଁ ପରିସ୍ଥିତିରେ ଏଭଳି ନିଜ ମନ ମୁତାବକ ବେଆଇନ ଭାବେ ପଦବୀରେ ନିଯୁକ୍ତି କଲେ ଓଏଚପିସିରେ ବରିଷ୍ଠ ଅଧିକାରୀ ତାକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନବାଚି ସୃଷ୍ଟି ହେଉଛି।

ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ଏଚଆରଡି ଶ୍ରୀ ନାୟକଙ୍କ ବିରୁଦ୍ଧରେ ବହୁ ଅଭିଯୋଗ ପରେ ମଧ୍ୟ କେଉଁ ପରିସ୍ଥିତିରେ ସଂସ୍ଥାରେ ଦୀର୍ଘ ୧୩ ବର୍ଷ ହେବ ଏଠି କାର୍ଯ୍ୟରତ ଅଛନ୍ତି ତାକୁ ନେଇ ବୁଦ୍ଧିଜୀବୀ ମହଲରେ ବହୁ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତେଣୁ ତୁରନ୍ତ ଏଭଳି ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ବଦଳି ନିମନ୍ତେ ସାଧାରଣରେ ଦାବି ହେଉଛି।

# ପଞ୍ଚାୟତରେ ମହିଳା ଭୋଟରଙ୍କୁ ନେଇ ଟଣାଓଟରା




### ବୁଥ୍ ଜଗୁଛି ବିଜେପି

### ମହିଳାଙ୍କ ସହ ବିଜେଡି, କଂଗ୍ରେସର ବୁଝାମଣା ରଣନୀତି

କାକଟପୁର/ଅସ୍ତରଙ୍ଗ,୨।୬ (ସଂଚାର ବ୍ୟୁରୋ): ମାସ ୬ଟା ପରେ ପଞ୍ଚାୟତ ଭୋଟ। ତା ପୂର୍ବରୁ ସବୁ ଦଳ ବଳ କଷୁଛନ୍ତି। ସମାବେଶ କରି ନିଜ ତାକତ ଦେଖାଉଛନ୍ତି। ଆମେ ମହିଳାଙ୍କ ବଳ ବୋଲି କହି ମନ ଜିଣି ସଂଗଠନ ମଜବୁତ ପାଇଁ ଅଣ୍ଟା ଭିଡ଼ିବା ଆରମ୍ଭ କରିଛନ୍ତି। ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀରେ ପଂଚାୟତ ଭୋଟକୁ ନେଇ ପ୍ରତି ପଂଚାୟତରେ ଛକାପଞ୍ଝା ଆରମ୍ଭ ହୋଇଛି। ଅସ୍ତରଙ୍ଗ ଓ କାକଟପୁରର ବ୍ଲକର ବିଭିନ୍ନ ପଂଚାୟତରେ ବିଜେଡି ଓ ବିଜେପି ସହ କଂଗ୍ରେସ ଆଗାମୀ ନିର୍ବାଚନ ପାଇଁ ରଣନୀତି ପାଇଁ ଅଣ୍ଟା ଭିଡ଼ିଛନ୍ତି।

ପଞ୍ଚାୟତ ସଂଗଠନ ଗଢିବାରେ ଶାସକ ବିଜେପି ବେଶୀ ତତ୍ପରତା ଦେଖାଇଛି। ବିଜେପିର ଆଗ ଧାଡ଼ିର ଛାମୁଆ ନେତାମାନେ ବିଭିନ୍ନ ପଂଚାୟତକୁ ଯାଇ କାର୍ଯ୍ୟକର୍ତ୍ତାଙ୍କୁ ଭେଟି ନିର୍ବାଚନୀ ମନ୍ତ୍ର ଫୁଙ୍କୁଛନ୍ତି। କାକଟପୁର ବ୍ଲକ ହେଉ କି ଅସ୍ତରଙ୍ଗ ବ୍ଲକରେ ବିଭିନ୍ନ ଦଳର ଜନ ପ୍ରତିନିଧିଙ୍କୁ ଦଳ ସପକ୍ଷରେ ନେବା ସହ ପଦ୍ମ ଟୋପି ପିନ୍ଧାଇ ବିଜେପି ନିଜ ଶକ୍ତି ସମ୍ପୃକ୍ତ ପଂଚାୟତ ଗୁଡିକରେ ବଢ଼ାଇଛି। ସେପଟେ କାକଟପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ତୁଷାର କାନ୍ତି ବେହେରା ଓ ପୁରୀ ଜିଲ୍ଲାପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ଥିବାରୁ ବିଜେଡି ପଂଚାୟତ ନିର୍ବାଚନ ପାଇଁ କ୍ରମଶଃ ସଶକ୍ତ ହେଉଛି। ଏବେ ବି କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଧୀନ ବିଭିନ୍ନ ପଂଚାୟତରେ ସରପଞ୍ଚ ବିଜେଡି ସମର୍ଥିତ ରହିଛନ୍ତି। ଏହା ସହ ଦୁଇ ବର୍ଷର ବିଜେପି ସରକାର ପ୍ରତି ଜନ ଅସନ୍ତୋଷ ତେଜିଥିବାରୁ ଲୋକେ ପୁଣି ନବୀନଙ୍କ ସୁଶାସନ ପ୍ରତି ଜନମତ ଦେବେ ବୋଲି ବିଜେଡି ସମର୍ଥିତ ଜନ ପ୍ରତିନିଧି ଖୁଲମ ଖୁଲ୍ଲା କହୁଛନ୍ତି।

କାକଟପୁର ପଂଚାୟତ ଅଭୟ ସେଠୀ ଓ ଛୁରୀଆନା ପଂଚାୟତ ଖିରୋଦ କାଣ୍ଡି ପ୍ରମୁଖ ପଂଚାୟତ ନିର୍ବାଚନରେ କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଦଖଲର ଦୃଢୋକ୍ତି ଦେଖାଇ ପଂଚାୟତ ରାଜନୀତିକୁ ଉଷ୍ମ କରିଛନ୍ତି। ଆଗାମୀ ପଂଚାୟତ ଲଢେଇର କଂଗ୍ରେସ ଏକ ନିର୍ଣ୍ଣାୟକ ଭୂମିକା ନେଉଛି। ଦୀର୍ଘ ବର୍ଷ ପରେ ବହୁ ପୁରୁଖା ତଥା ସତ୍ୟବ୍ରତ ପାତ୍ର ଓରଫ ରମୁ ପୁନର୍ବାର କଂଗ୍ରେସ ଆଡ଼େ ଢଳିଛନ୍ତି। ଅନ୍ୟ ପଟେ ସଂଗଠନକୁ ମଜଭୁତ କରି ରଖିଛନ୍ତି ବିଶ୍ୱଭୂଷଣ ଦାସ। ଯାହା ଦଳ ପାଇଁ ଶୁଭ ସଂକେତ ବୋଲି କୁହାଯାଉଛି। ହେଲେ ଅନେକ ପଂଚାୟତରେ କଂଗ୍ରେସ ଅତି ଦୁର୍ବଳ ସ୍ଥିତିରେ ଥିବାରୁ ବିଜେଡି ସହ ବୁଝାମଣା କରି ପାର୍ଥି ଦେବାକୁ ପଂଚାୟତସ୍ତରର ଛାମୁଆ ନେତା ରଣନୀତି କରୁଛନ୍ତି। ଏହି ମିଶନ ଯଦି ସଫଳ ହୁଏ, ଶାସକ ବିଜେପି ଦଳ ଲାଗି କାକଟପୁର ଓ ଅସ୍ତରଙ୍ଗ ବ୍ଲକ ରାଜନୀତି କାଠିକର ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha
ଜଟଣୀ ପୌର ପରିଷଦ, ଜଟଣୀ
OFFICE OF THE MUNICIPAL COUNCIL: JATANI
ସ୍ଥାନ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist- Khordha (Odisha), Pin-752050
E-mail-municipalityjatni@gmail.com, Phone. No. 0674-2490826

No. 3096 /Jatni, Date- 30/05/2026

**Expression of Interest**

Sealed quotations are invited from registered Architectural Firms/ Reputed Firms having valid Income Tax, GST Registration Certificates and Company Registered Certificate for **"O & M of Park light & Open Space Development light in respect of Jatni Municipality"** in two cover bid. The cover 1 will contains technical bids and the cover 2 will contains the price bid. After evaluation of technical bid the financial bid of qualified bidders will be opened. The rate should be inclusive of all taxes, conveyance etc. complete in all respect. The tender paper will be available in Jatni Municipality Office on payment of Rs.1000/- (Rupees One Thousand) and EMD of Rs.3,000/- (Rupees Three Thousand) in shape of Bank Draft/Cheque/Card transaction in favour of Executive Officer, Jatni Municipality payable at Jatni. The Quotation will be received on or before **dt.09.06.2026** at **11:00 am** and the bid will be opened on **dt.10.06.2026** at **11:00 am** in the presence of the bidders or their authorized representative. The details of quotation schedule available in office of undersigned or downloaded from www.khordha.nic.in / www.jatnimunicipality.in.

The undersigned reserves all rights to accept / reject any or all EOI without assigning any reason thereof.

30/05/26
**Executive Officer**
**Jatni Municipality**

## ପଞ୍ଜୀକରଣ କାର୍ଯ୍ୟାଳୟରେ ସ୍ମାର୍ଟ ନିରୀକ୍ଷଣ ବ୍ୟବସ୍ଥାର ସମୀକ୍ଷା

# ସ୍ୱଚ୍ଛ ଏବଂ ମଧ୍ୟସ୍ଥିମୁକ୍ତ ପଞ୍ଜୀକରଣ ପାଇଁ ନିର୍ଦ୍ଦେଶ

### ଲୋକଙ୍କ ସରକାର ଏବଂ ଲୋକମାନଙ୍କ ମଧ୍ୟରେ ରହିବେନି ମିଡିଲମ୍ୟାନ



ଭୁବନେଶ୍ୱର,୨।୬(ସଂଚାର ବ୍ୟୁରୋ): ଲୋକସେବା ଭବନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଇଜିଆର୍ ନିରୀକ୍ଷଣ ବ୍ୟବସ୍ଥା ସଂକ୍ରାନ୍ତରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ରାଜସ୍ୱ ମନ୍ତ୍ରୀ କହିଲେ ଯେ, ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ବାଦ୍ ଦେଇ ପଞ୍ଜୀକରଣ କାର୍ଯ୍ୟାଳୟକୁ ବିନା କୌଣସି କାରଣରେ ପ୍ରତ୍ୟହ ବାରମ୍ବାର ଆସୁଥିବା ମଧ୍ୟସ୍ଥିମାନଙ୍କ ଦ୍ୱାରା ହିଁ ଦୁର୍ନୀତି ହେବାର ସମ୍ଭାବନା ଥାଏ। ଏଥିନିମନ୍ତେ ସିସିଟିଭି କ୍ୟାମେରା ମାଧ୍ୟମରେ ସ୍ମାର୍ଟ ସର୍ଭେଲାନ୍ସ ସିଷ୍ଟମର ବ୍ୟବସ୍ଥା କରାଯାଇ ଏଇ ତଥାକଥିତ ମଧ୍ୟସ୍ଥିମାନଙ୍କୁ ଚିହ୍ନଟ କରାଯିବ। ସ୍ମାର୍ଟ ସର୍ଭେଲାନ୍ସ ସିଷ୍ଟମକୁ ଏଆଇର ଉପଯୋଗ କରି ଅଧିକ ସୁଦୃଢ଼ ଏବଂ ପ୍ରଭାବଶାଳୀ କରାଯିବା ସହ ଏଇ ମଧ୍ୟସ୍ଥିମାନଙ୍କୁ ଚିହ୍ନଟ କରି ଦଣ୍ଡିତ କରାଯିବ। ଜମି କିଣାବିକା ଏବଂ ପଞ୍ଜିକରଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ମଧ୍ୟସ୍ଥିଙ୍କ ପ୍ରଭାବରୁ ଦୂରରେ ରଖାଯିବ ଏବଂ ଦୁର୍ନୀତିକୁ କୌଣସିମତେ ପ୍ରଶ୍ରୟ ଦିଆଯିବ ନାହିଁ। ସ୍ୱଚ୍ଛ, ଦୁର୍ନୀତିମୁକ୍ତ ଏବଂ ପାରଦର୍ଶୀ ରାଜସ୍ୱ ପ୍ରଶାସନକୁ ସୁନିଶ୍ଚିତ କରିବା ଦିଗରେ ସର୍ବାଧିକ ଗୁରୁତ୍ୱ ଦିଆଯାଇ ପ୍ରଥମେ ପଞ୍ଜୀକରଣ ବ୍ୟବସ୍ଥାକୁ ମଧ୍ୟସ୍ଥିଙ୍କ ଠାରୁ ମୁକ୍ତ କରାଯିବ। ସେହିପରି ଆଗକୁ ମଧ୍ୟ ରାଜସ୍ୱ ବିଭାଗର ସମସ୍ତ କାର୍ଯ୍ୟାଳୟ, ତହସିଲ୍ ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ମଧ୍ୟ ସ୍ମାର୍ଟ ସର୍ଭିଲାନ୍ସ ବ୍ୟବସ୍ଥା ଗ୍ରହଣ କରାଯିବ।

ସେହିପରି ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟାଳୟରେ ଅଧିକାରୀ ଏବଂ କର୍ମଚାରୀମାନଙ୍କ କାର୍ଯ୍ୟାଳୟରେ ଉପସ୍ଥିତି ଏବଂ କାର୍ଯ୍ୟରତ ସମୟ ସମ୍ପର୍କରେ ବିଶଦ ଦୃଷ୍ଟି ରଖାଯିବା ସହ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ ଟ୍ରାକିଂ ମଧ୍ୟ କରାଯିବ। ରାଜ୍ୟ ମୁଖ୍ୟାଳୟରେ ରାଜସ୍ୱ ମନ୍ତ୍ରୀ ଏବଂ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସ୍ତରରେ ସମୟାନୁକ୍ରମେ ଏହାର ନିରୀକ୍ଷଣ କରାଯିବ।

# ଓଡ଼ିଶାକୁ 'ପିଏସ ସୂର୍ଯ୍ୟଘର ପୁରସ୍କାର'




ଭୁବନେଶ୍ୱର,୨।୬ (ସଂଚାର ବ୍ୟୁରୋ) : ସୌର ଶକ୍ତିର ଉପଯୋଗ ଓ ସ୍ଥାୟୀ ବିକାଶ ଦିଗରେ ଓଡ଼ିଶା ସାରା ଦେଶ ପାଇଁ ଏକ ଦୃଷ୍ଟାନ୍ତ ପାଲଟିଛି। ମେ' ମାସରେ ଆୟୋଜିତ 'ସୌର ଶକ୍ତିର ମାସ' ଅଭିଯାନରେ ରାଜ୍ୟର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଥିବା ନେଇ ସୂଚନା ମିଳିଛି। ଓଡ଼ିଶାକୁ 'ପିଏସ ସୂର୍ଯ୍ୟ ଘର ଏକ୍ସିଲେନ୍ସ ପୁରସ୍କାର' ପାଇଁ ଚୟନ କରାଯାଇଛି। ଯେଉଁଥିରେ ସର୍ବାଧିକ ଗ୍ରାହକଙ୍କ ଆବେଦନ, ସର୍ବାଧିକ ସୌର ସ୍ଥାପନ ଏବଂ ସର୍ବାଧିକ ବଣ୍ଟନ କମ୍ପାନୀ ଯାଞ୍ଚ କ୍ଷେତ୍ରରେ ମଧ୍ୟମ ଧରଣର ଗ୍ରାହକ ସଂଖ୍ୟା ଥିବା ରାଜ୍ୟମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି ଓଡ଼ିଶା।

ଏତଦ୍‌ବ୍ୟତୀତ, 'ସର୍ବାଧିକ ଭେଣ୍ଡର ପଞ୍ଜିକରଣ' ବର୍ଗରେ ରାଜ୍ୟ ତୃତୀୟ ସ୍ଥାନ ହାସଲ କରିଛି। ଏହି ଅଭିଯାନ ସହ ସମ୍ପୃକ୍ତ ସମସ୍ତ ବିଭାଗ, ଅଧିକାରୀ ଓ ଅଂଶୀଦାରମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ନବୀନ ଶକ୍ତି କ୍ଷେତ୍ରରେ ପରିବେଶ ଅନୁକୂଳ ବିକାଶ ପାଇଁ ସଂକଳ୍ପବଦ୍ଧ ଏବଂ ଏହି ସଫଳତା ଆଗାମୀ ଦିନରେ ରାଜ୍ୟର ଶକ୍ତି କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବା ସହ ଏକ ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନରେ ମୂଳଦୁଆ ପକାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ଘଟଣା

# ଅଭିଯୁକ୍ତ ପୁଲିସ୍‌ଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଉ




ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ବହିଷ୍କାର ଦାବି କଲା ବିଜେଡି

ଭୁବନେଶ୍ୱର,୨।୬(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାରେ ଜଣେ ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କ ସନ୍ଦେହଜନକ ହାଜତ ମୃତ୍ୟୁ ଘଟଣା କେବଳ ଗଞ୍ଜାମ ଜିଲ୍ଲା ନୁହେଁ, ସମଗ୍ର ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଏହି ଘଟଣା ରାଜ୍ୟର ଆଇନଶୃଙ୍ଖଳା ବ୍ୟବସ୍ଥା ଏବଂ ପୁଲିସ୍ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସରକାରଙ୍କୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ।

ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଥିଲେ ଯେ, ମେ ୨୧ ତାରିଖରେ କବିସୂର୍ଯ୍ୟନଗର ଥାନାରେ ଏକ ବେଆଇନ ଖଣି ଖନନ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ଶାସକ ଦଳର କିଛି ବ୍ୟକ୍ତିଙ୍କ ନାମ ରହିଥିଲା। କିନ୍ତୁ ପୁଲିସ ସେମାନଙ୍କୁ ପଚାରିବାକୁ ସାହାସ ଜୁଟାଇ ନପାରି ନିରୀହ ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କୁ ଥାନାକୁ ଡକାଇ ଦୀର୍ଘ ୬ ଦିନ ଧରି ଅମାନବୀୟ ନିର୍ଯାତନା ଦେଇଥିଲା। ମୃତ ସୁଶାନ୍ତ ସାହୁଙ୍କ ପରିବାର ସଦସ୍ୟଙ୍କ ବୟାନ ଅନୁଯାୟୀ, ସୁଶାନ୍ତଙ୍କ ନାମରେ କୌଣସି ଏଫ୍‌ଆଇଆର ନଥିବା ସତ୍ତ୍ୱେ ଥାନାରେ ତାଙ୍କୁ ପ୍ରବଳ ମାଡ଼ ମାରି ତାଙ୍କ ଶରୀର ଉପରେ ଲଙ୍କାଗୁଣ୍ଡ ଓ ଗରମ ପାଣି ପକାଇ ଥାର୍ଡଡିଗ୍ରୀ ପ୍ରୟୋଗ କରିଥିଲା ପୁଲିସ୍ । ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇଥିଲା ଓ ଏମକେସିଜି ମେଡିକାଲରେ ପହଞ୍ଚିବା ପୂର୍ବରୁ ତାଙ୍କ ମୃତ୍ୟୁ ହୋଇଥିଲା। ଘଟଣାକୁ ଦୁଇ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ପୋଲିସ୍ ଅଧିକାରୀଙ୍କ ବିରୋଧରେ କୌଣସି ଏଫ୍‌ଆଇଆର ରୁଜୁ କରାଯାଇନାହିଁ । କିଛି କର୍ମଚାରୀଙ୍କୁ ନିଲମ୍ବନ ଓ ବଦଳି କରିଦେଇ ଚୁପ୍ ହୋଇ ବସିରହିଛନ୍ତି ରାଜ୍ୟ ସରକାର।

ଲଗାତାର ଭାବେ ରାଜ୍ୟତମାମ ପୁଲିସର ଏଭଳି କାର୍ଯ୍ୟ ଦର୍ଶାଉଛି ଯେ, ଡିଜିଙ୍କ କଥାକୁ କେହି ଖାତିର କରୁନାହାନ୍ତି, ତେଣୁ ତୁରନ୍ତ ତାଙ୍କୁ ବହିଷ୍କାର କରାଯାଉ ବୋଲି ଭୃଗୁ ଦାବି କରିଛନ୍ତି।

### ଅନଲାଇନରେ ମହାପ୍ରସାଦ ବିକ୍ରି ଘଟଣା

# ପୁରୀ ସାଇବର ଥାନାରେ ଏତଲା ଦେଲା ଶ୍ରୀମନ୍ଦିର ପ୍ରଶାସନ



ପୁରୀ,୨।୬(ସଂଚାର ବ୍ୟୁରୋ): ଅନଲାଇନରେ ମହାପ୍ରସାଦ ବିକ୍ରି ଘଟଣାକୁ ଗୁରୁତର ସହ ନେଇ ପୁରୀ ସାଇବର ଥାନାରେ ଶ୍ରୀମନ୍ଦିର ପ୍ରଶାସନ ଏତଲା ଦେଇଛି। ମଙ୍ଗଳବାର ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ଏନେଇ ସାଇବର ଥାନାରେ ଏତଲା ଦେଇଛନ୍ତି। ଏତଲା ପରେ ସାଇବର ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ଅନ୍‌ଲାଇନରେ ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପୋଲିସ ନିକଟରେ ଅଭିଯୋଗ କରିଛି। ଅନ୍‌ଲାଇନରେ ମହାପ୍ରସାଦ ବିକ୍ରି କରିବା ସମ୍ପୂର୍ଣ୍ଣ ବେଆଇନ ବୋଲି ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି। ଆଗାମୀ ଦିନରେ ଏଭଳି କର୍ମ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିବା ସହ ଭକ୍ତମାନେ ଅନଲାଇନରେ ମହାପ୍ରସାଦ ନକିଣିବାକୁ ପରାମର୍ଶ ଦେଇଛନ୍ତି।

ସୂଚନାଥାଉକି, ଅନଲାଇନରେ ଜଗନ୍ନାଥ ମହାପ୍ରସାଦ ବିକ୍ରି ନେଇ ବ୍ରଜ ମେଳା ନାମକ ଏକ ସଂସ୍ଥା ସୋସିଆଲ ମିଡ଼ିଆରେ ବିଜ୍ଞାପନ ଦେଇଥିଲା। ଶୁଖିଲା ମହାପ୍ରସାଦ ଓ ଖଜା ପ୍ରସାଦ ବିକ୍ରି ନେଇ ବିଜ୍ଞାପନ ଦେଇଥିଲା। ହରେକୃଷ୍ଣ ଟେଲିଭିଜନ ନାମକ ଏକ ଇନଷ୍ଟାଗ୍ରାମ ଆଇଡିରୁ ଏହି ବିଜ୍ଞାପନ ଦିଆଯାଇଥିଲା। ମହାପ୍ରସାଦ ବରାଦ ପାଇଁ ଯୋଗାଯୋଗ ନମ୍ବର ମଧ୍ୟ ଦିଆଯାଇଥିଲା। ମହାପ୍ରଭୁଙ୍କ ପ୍ରସାଦକୁ ଏଭଳି ଅପମାନକୁ ନେଇ ସେବାୟତ ଓ ଜଗନ୍ନାଥ ପ୍ରେମୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୁରୀ ସାଇବର ଥାନାରେ ଏତଲା ଦିଆଯାଇଛି।

# ବନବିଭାଗ ଦ୍ୱାରା ଉଦ୍ଧାର ହେଲା ହରିଣର ମୃତଦେହ



ବୈଶିଙ୍ଗା, ୨।୬(ସଂଚାର ବ୍ୟୁରୋ): ବେତନଟୀ ଫରେଷ୍ଟ ରେଞ୍ଜ ଅଧିନ ବିଭିନ୍ନ ସଂରକ୍ଷିତ ଜଙ୍ଗଲ ମାନଙ୍କରେ ଏକାଧିକ ହରିଣ ଆସି ରହିଥିବା ଅନୁମାନ କରାଯାଉଛି। ଗତ ଚାରିଦିନ ପୂର୍ବେ ନଡପୁର ଜଙ୍ଗଲରୁ ବାହାରି ଗାଁକୁ ପଶିଆସିଥିବା ଏକ ହରିଣକୁ ଉଦ୍ଧାର କରି ବନବିଭାଗ ଜଙ୍ଗଲରେ ଛାଡିଥିବା ବେଳେ ମଙ୍ଗଳବାର ବାଲକା ଗ୍ରାମରେ ଆଉ ଏକ ହରିଣ କୁ ଉଦ୍ଧାର କରିଛି ବନବିଭାଗ। ପ୍ରାପ୍ତ ସୂଚନା ମୁତାବକ ମଙ୍ଗଳବାର ଦିନ ଦ୍ୱିପ୍ରହର ସମୟରେ ଏକ ହରିଣ ବୈଶିଙ୍ଗା ବିଟ୍ ଅଧିନ ବାଲକା ଗ୍ରାମ ଭିତରକୁ ଦ୍ରୁତଗତିରେ ଗାଁ ଦୌଡି ଆସିଥିଲା।ତେବେ ହରିଣଟି ଦୌଡି ଆସୁଥିବା ବେଳେ ଗ୍ରାମର ଜଣଙ୍କ ଲୁହା ଗ୍ରୀଲରେ ପିଟି ହୋଇ ଆହତ ହୋଇ ସେଠାରେ ପଡ଼ିଯାଇଥିଲା। ଏତିକି ବେଳେ ଗ୍ରାମର କିଛି ଲୋକ ଆହତ ହରିଣକୁ ଉଦ୍ଧାର କରି ଗ୍ରାମରେ ଥିବା ଏକ କ୍ଲବ ଘରେ ରଖି ପ୍ରଚଣ୍ଡ ଖରା ଯୋଗୁଁ ଏହିପରି ହୋଇଥିବା ଅନୁମାନ କରି ଓଦା ଗାମୁଛାରେ ମୁଣ୍ଡକୁ ଢାଙ୍କି ଫ୍ୟାନ ଚଲାଇ ହାୱା ଦେବା ସହିତ ବନବିଭାଗକୁ ଖବର ଦେଇଥିଲେ। ତେବେ ବନ ବିଭାଗ ଖବର ପାଇ ସଙ୍ଗେ ସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି ଥିଲେ ହେଁ ଆହତ ହରିଣଟିର ସେତେବେଳକୁ ମୃତ୍ୟୁ ଘଟିଥିଲା। ତେବେ ମୃତ ହରିଣଟିକୁ ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟକୁ ନେଇ ବ୍ୟବଚ୍ଛେଦ କରା ଯାଇଥିବାର ଜଣାପଡ଼ିଛି। ତେବେ ଏହି ହରିଣ ମାନେ ଜଙ୍ଗଲ ଛାଡି ଜନ ବସତି ଆଡେ କେମିତି ଆସୁଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ମୁଣ୍ଡିଆ ମାରି ମନ୍ଦିର ହୁଣ୍ଡିରୁ ଚୋରି



ରାଉରକେଲା,୨।୬(ସଂଚାର ବ୍ୟୁରୋ): ମନ୍ଦିରରୁ ଲୁଟ ଏବେ ହୁଏତ ଏକ ସାଧାରଣ ଘଟଣା ପାଲଟିଗଲାଣି। ତଥାପି ଯେତେବେଳେ ଏଭଳି କୌଣସି ଘଟଣା ସାମ୍ନାକୁ ଆସେ ଲୋକେ କୁହନ୍ତି, 'ଯୁଗ କ'ଣ ହେଲାଣି, ଚୋରମାନେ ଭଗବାନଙ୍କୁ ବି ଛାଡୁନାହାଁନ୍ତି।' ହେଲେ ଏବେ ମନ୍ଦିରରୁ ଲୁଟର ଯେଉଁ ଘଟଣା ସାମ୍ନାକୁ ଆସିଛି, ତାହା ଦେଖିଲେ ଯେକେହି ନିଶ୍ଚୟ ଭାବିବେ ଆଶ୍ଚର୍ଯ୍ୟ ହେବେ। ଘଟଣା ଘଟିଛି ରାଉରକେଲା ଉଦିତନଗର ଜଗନ୍ନାଥ ମନ୍ଦିରରେ। ଏଠାରେ ଦେଖିବାକୁ ମିଳିଛି ଏକ ଭିନ୍ନ ଧରଣର ଚୋରି। ଠାକୁରଙ୍କୁ ପ୍ରଣାମ କରି ଚୋରି କରୁଛି ଚୋର। ଆଉ ଏହି ଚୋରିର ସମ୍ପୂର୍ଣ୍ଣ ଭିଡିଓ ସିସିଟିଭିରେ କଏଦ ହୋଇଛି। ସିସିଟିଭିରେ ରେକର୍ଡ ହୋଇଥିବା ଦୃଶ୍ୟରେ, ଜଣେ ଯୁବକଙ୍କ ରାତିରେ ମନ୍ଦିର ଭିତରକୁ ପଶୁଛନ୍ତି। ପ୍ରଥମେ ଯୁବକ ଜଣକ ଅରୁଣ ସ୍ତମ୍ଭ ନିକଟରେ ମୁଣ୍ଡିଆ ମାରିଥିଲା। ଏହାପରେ ଶିବଙ୍କ ନିକଟରେ ମଧ୍ୟ ମୁଣ୍ଡିଆ ମାରି ବାହାର ଦାନ ବାକ୍ସକୁ ମନ୍ଦିର ପଛ ପାଖକୁ ଟାଣିନେଇଥିଲା। ଆଉ ସେଠାରେ ଦାନହୁଣ୍ଡି ଭାଙ୍ଗି ସେଥିରୁ ଦାନ ଅର୍ଥ ଲୁଟ୍ କରିଥିଲା। ଏହାପରେ ପୁଣି ଜଗନ୍ନାଥ ମନ୍ଦିର ଗର୍ଭ ଗୃହ ଯିବା ପାଇଁ କବାଟକୁ ଭାଙ୍ଗି ସେଠାରୁ ମଧ୍ୟ ଏକ ଦାନ ବାକ୍ସକୁ ଚୋରି କରିଛି ଚୋର। ତେବେ ଏହି ଚୋର ଜଣଙ୍କ ମନ୍ଦିର ହୁଣ୍ଡିରେ ପ୍ରାୟ ୩୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଥିବା ଅନୁମାନ କରୁଛନ୍ତି ମନ୍ଦିର କର୍ତ୍ତୃପକ୍ଷ। ଉଦିତନଗର ଥାନାରେ ଏନେଇ ଅଭିଯୋଗ ପରେ ବର୍ତ୍ତମାନ ସିସିଟିଭି ଫୁଟେଜ ଆଧାରରେ ଯାଞ୍ଚ କରୁଛି ରାଉରକେଲା ପୁଲିସ।

### ଫୁଟବଲ ଏକାଡେମୀ ଦର୍ଶକ ଗ୍ୟାଲେରୀର ଉନ୍ନତିକରଣ

# କ୍ରୀଡ଼ାମନ୍ତ୍ରୀଙ୍କୁ ଦାବିପତ୍ର ଦେଲେ ଜଗନ୍ନାଥ ପ୍ରଧାନ



## ଦର୍ଶକ ଗ୍ୟାଲେରୀରେ ଲାଗିବ ଷ୍ଟେନସିଲ ଫାବ୍ରିକ ଷ୍ଟ୍ରକଚର

ଭୁବନେଶ୍ୱର, ୨।୬(ସଂଚାର ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରର କ୍ରୀଡ଼ା ଭିତ୍ତିଭୂମି ବିକାଶ ଆଉ ଏକ ପଦକ୍ଷେପ ନେବାକୁ ଯାଉଛନ୍ତି ସରକାର। ୟୁନିଟ-ୱାନ ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଦର୍ଶକଙ୍କ ସୁବିଧା ପାଇଁ ଦର୍ଶକ ଗ୍ୟାଲେରୀରେ ଲାଗିବ ଟେନସିଲ ଫାବ୍ରିକ ଷ୍ଟ୍ରକଚର। ଏନେଇ ମଧ୍ୟ-ଭୁବନେଶ୍ୱର ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଭେଟି ଦାବିପତ୍ର ଦେଇଥିଲେ।

ଆଲୋଚନା ପରେ ମନ୍ତ୍ରୀ ଦର୍ଶକ ଗ୍ୟାଲେରୀର ଉନ୍ନତି ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଭୁବନେଶ୍ୱର ଫୁଟବଲ ଏକାଡେମୀର ଦର୍ଶକମାନଙ୍କ ପାଇଁ ଗ୍ୟାଲେରୀ ଖୋଲା ଥିଲେ ମଧ୍ୟ ବର୍ଷା ଓ ଖରା ଦିନରେ ଖେଳ ଉପଭୋଗ କରିବାରେ ଅସୁବିଧା ହେଉଥିଲା। ଏହି ସମସ୍ୟା ସମ୍ପର୍କରେ ଜାଣିବା ପରେ କ୍ରୀଡାମନ୍ତ୍ରୀ କ୍ରୀଡାପ୍ରେମୀଙ୍କ ପାଇଁ ଗ୍ୟାଲେରୀର ଉନ୍ନତିକରଣ ପାଇଁ ଆଶ୍ୱାସନା ଦେଇଛନ୍ତି। ଏହା ସହିତ ସେହି ପଡ଼ିଆ ପ୍ରାଙ୍ଗଣରେ ସ୍ଥାନୀୟ ପିଲାମାନଙ୍କ କବାଡି ଶିକ୍ଷା ଓ ନିୟମିତ ଅଭ୍ୟାସ ପାଇଁ ଏକ ଆଧୁନିକ କବାଡି କୋର୍ଟ ନିର୍ମାଣ କରିବାକୁ ମଧ୍ୟ କ୍ରୀଡାମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

କ୍ରୀଡ଼ା କ୍ଷେତ୍ରରେ ଯୁବପିଢ଼ିଙ୍କୁ ଅଧିକ ସୁଯୋଗ ଓ ଉନ୍ନତ ଭିତ୍ତିଭୂମି ଯୋଗାଇବା ଦିଗରେ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ଜନହିତକର ନିଷ୍ପତ୍ତି ପାଇଁ କ୍ରୀଡ଼ାମନ୍ତ୍ରୀଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ଜଗନ୍ନାଥ ପ୍ରଧାନ। ଏଥିସହିତ ସେ କହିଛନ୍ତି ଯେ, ଖେଳ, ଖେଳାଳି ଓ ଯୁବଶକ୍ତିର ବିକାଶ ପାଇଁ ଆମର ପ୍ରୟାସ ସଦା ଜାରି ରହିବ।

# ଅଗ୍ନିକାଣ୍ଡରେ ନାବାଳକ ଜୀବନ୍ତ ଦଗ୍ଧ

ଭଞ୍ଜନଗର,୨।୬(ସଂଚାର ବ୍ୟୁରୋ): ମଙ୍ଗଳବାର ଗ୍ୟାସ୍ ସିଲିଣ୍ଡର ଫାଟି ଜଣେ ନାବାଳକର ମୃତ୍ୟୁ ଘଟିଛି। ସୋରଡ଼ା ଥାନା ଅନ୍ତର୍ଗତ ସାମନ୍ତରାଘାଇ ଛକଠାରେ ଘଟଣା ଘଟିଛି। ମୃତ ନାବାଳକ ଜଣକ ନିଜ ମାମୁଘରକୁ ବୁଲିବାକୁ ଆସିଥିଲେ। ପୋଲିସ ମାମଲାରେ ତଦନ୍ତ ଆରମ୍ଭ କରିଛି। ମୃତକ ହେଲେ ଦୁଲାଡ଼ ଗ୍ରାମର ବାଦଲ ମୂଳି । ସୂଚନା ଅନୁସାରେ, ଦୁଲାଡ଼ ଗ୍ରାମର ବାଦଲ ମୂଳି (୧୩) ଖରାଛୁଟି ଥିବାରୁ ସାମନ୍ତରାଘାଇରେ ଥିବା ମାମୁଘରକୁ ବୁଲିବାକୁ ଆସିଥିଲେ। ମଙ୍ଗଳବାର ଖରାବେଳେ ସାମନ୍ତରାଘାଇରେ ଥିବା ମାମୁଙ୍କ ତେଜରାତି ଦୋକାନକୁ ଯାଇଥିଲେ। ଦୋକାନରେ କୌଣସି କାରଣରୁ ନିଆଁ ଲାଗି ସେଠାରେ ଥିବା ଗ୍ୟାସ ସିଲିଣ୍ଡର ଫାଟିଯାଇଥିଲା। ବାଦଲ ନିଆଁ ଭିତରୁ ବାହାରି ନପାରି ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଦୋକାନରେ କେଉଁ କାରଣରୁ ନିଆଁ ଲାଗିଲା ତାହା ଜଣାପଡ଼ିନାହିଁ। ଘଟଣାସ୍ଥଳରେ ସୋରଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସୋରଡ଼ା ପୁଲିସ ପହଞ୍ଚି ଅଧିକ ତଦନ୍ତ କରୁଛି।

# ସରିଲା ମୃତ ସୁଶାନ୍ତ ସାହୁଙ୍କ ପୋଷ୍ଟମର୍ଟମ୍



ଗଞ୍ଜାମ,୨।୬(ସଂଚାର ବ୍ୟୁରୋ): ଗଞ୍ଜାମ କବିସୂର୍ଯ୍ୟନଗର ଥାନାରେ ଥାର୍ଡ ଡିଗ୍ରୀ ମାମଲାରେ ମୃତ ସୁଶାନ୍ତ ସାହୁଙ୍କ ପୋଷ୍ଟମର୍ଟମ ଶେଷ ହୋଇଛି। ଏମକେସିଜି ମେଡିକାଲ ଫୋରେନ୍ସିକ୍ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସୁଦୀପା ଦାସ, ଫୁଲବାଣୀ ମେଡିକାଲ କଲେଜ ଫୋରେନ୍ସିକ୍ ବିଭାଗୀୟ ଡାକ୍ତର ହେମନ୍ତ ପାଣିଗ୍ରାହୀ ଏବଂ ଏମକେସିଜି ମେଡିକାଲ କଲେଜ ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଦୀପାଳି ପୃଷ୍ଟିଙ୍କୁ ନେଇ ଗଠନିତ ତିନିଜଣିଆ ଡାକ୍ତରୀଦଳ ଶବ ବ୍ୟବଚ୍ଛେଦ କରିଛନ୍ତି। ମୃତ ସୁଶାନ୍ତ ସାହୁଙ୍କ ଶରୀରର ବିଭିନ୍ନ ଅଂଶରେ ଆଘାତକୁ ଚିହ୍ନଟ କରାଯିବା ସହିତ ସୁଶାନ୍ତଙ୍କ ଭିସେରା ସଂଗ୍ରହ କରାଯାଇଛି। ସୂଚନାଯୋଗ୍ୟ ଯେ, ମୃତ ସୁଶାନ୍ତ ସାହୁଙ୍କ ନାଁ ଅଭିଯୁକ୍ତ ତାଲିକାରେ ନଥିବା ସତ୍ତ୍ୱେ ତାଙ୍କୁ ପୁଲିସ ଉଠାଇ ଆଣି ଥାନାରେ ଟର୍ଚ୍ଚର କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଆଇପିଏସ୍ ନୀତେଶ କୁମାର ମିଶ୍ରଙ୍କୁ ଗଞ୍ଜାମ ମୁଖ୍ୟାଳୟକୁ ବଦଳି କରାଯାଇଛି। କବିସୂର୍ଯ୍ୟନଗର ଥାନାର ୩ ପୁଲିସ କର୍ମଚାରୀ ନିଲମ୍ବିତ ହୋଇଛନ୍ତି।

# ୪ରେ ରାଜ୍ୟସ୍ତରୀୟ ଉପକୂଳ ସୁରକ୍ଷା ସମ୍ମିଳନୀ



ଭୁବନେଶ୍ୱର,୨।୬(ସଂଚାର ବ୍ୟୁରୋ): ଓଡ଼ିଶା ପୁଲିସର ଉପକୂଳ ସୁରକ୍ଷା ଶାଖା ପକ୍ଷରୁ ଜୁନ୍ ୪ ତାରିଖରେ ଭୁବନେଶ୍ୱର ପୋଲିସ ଭବନଠାରେ 'ରାଜ୍ୟସ୍ତରୀୟ ଉପକୂଳ ସୁରକ୍ଷା ସମ୍ମିଳନୀ-୨୦୨୬' ଆୟୋଜନ କରାଯିବ। 'ଉପକୂଳ ସୁରକ୍ଷା ବ୍ୟବସ୍ଥା: ସମସ୍ୟା, ସମାଧାନ ଓ ଆଗାମୀ ପଦକ୍ଷେପ' ଶୀର୍ଷକକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥାର ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଯୋଗଦେଇ ଉପକୂଳ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ପୁଲିସର ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସମ୍ମିଳନୀର ଉଦ୍‌ଘାଟନ କରିବେ। ଏହି ଅବସରରେ ଓଡ଼ିଶା ପୋଲିସ, ଭାରତୀୟ ତଟରକ୍ଷୀ ବାହିନୀ, ଗୃହ ମନ୍ତ୍ରଣାଳୟ, ଇଣ୍ଟେଲିଜେନ୍ସ ବ୍ୟୁରୋ, ସିଆଇଏସଏଫ୍ ଓ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିବେ। ସମାପନୀ ଅଧିବେଶନରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଯୋଗଦେଇ ଉପକୂଳ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ମତ ରଖିବେ। ଏହି କାର୍ଯ୍ୟକ୍ରମରେ ଇଣ୍ଟେଲିଜେନ୍ସ ବ୍ୟୁରୋ, ଗୃହ ମନ୍ତ୍ରଣାଳୟ, ଭାରତୀୟ ତଟରକ୍ଷୀ ବାହିନୀ, ସିଆଇଏସଏଫ୍, କେରଳ ପୋଲିସ ଏବଂ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀମାନେ ବକ୍ତା ଭାବେ ଯୋଗଦେବେ।

# ହାଜତ ମୃତ୍ୟୁ ଓ ପୋଲିସ ବର୍ବରତା ଉଦବେଗଜନକ: କଂଗ୍ରେସ

- କେବଳ ଗଞ୍ଜାମ ଜିଲ୍ଲାରେ ୨୦ ଦିନରେ ୧୦ ହତ୍ୟା
- ଅପରାଧୀ କର୍ମଚାରୀଙ୍କ ବଦଳି ଓ ନିଲମ୍ବନ ସମାଧାନ ନୁହେଁ




ଭୁବନେଶ୍ୱର,୨।୬(ସଂଚାର ବ୍ୟୁରୋ): ରାଜ୍ୟରେ ପୁଲିସ ପ୍ରଶାସନର ବର୍ବରତା ସବୁ ସୀମା ଟପି ସାରିଲାଣି। ଥାନା ଭିତରେ ନିର୍ଯାତନା ଏବଂ ହାଜତ ମୃତ୍ୟୁ ମାମଲା ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟରେ ଘଟୁଥିବା ହିଂସା ଘଟଣାରେ ପୀଡ଼ିତଙ୍କୁ ନ୍ୟାୟ ଦେବାରେ ପୁଲିସ ପ୍ରଶାସନ ବିଫଳ ହୋଇ ଥିବାବେଳେ ସାଧାରଣ ଲୋକଙ୍କୁ ହାଜତରେ ନିର୍ଯାତନା ଦେବା ନିନ୍ଦନୀୟ ବୋଲି ପୂର୍ବତନ ସାଂସଦ ନଗେନ୍ଦ୍ର ପ୍ରଧାନ ଏବଂ ମୁଖପାତ୍ର ଡ. ମନିଷା ଦାସ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି।

ରାଜ୍ୟରେ ଆଇନଶୃଙ୍ଖଳା ସରକାରଙ୍କ ଆୟତ୍ତରେ ନାହିଁ। ଦିନକୁ ଦିନ ରାଜ୍ୟରେ ଅରାଜକତା, ହିଂସା, ହତ୍ୟା, ଧର୍ଷଣ, ସାଧାରଣ ଲୋକଙ୍କ ଉପରେ ନିର୍ଯ୍ୟାତନା, ପୋଲିସ ବର୍ବରତା ବଢ଼ି ଚାଲିଥିବା ନେଇ ଶ୍ରୀ ପ୍ରଧାନ ଉଦବେଗ ପ୍ରକାଶ କରିଥିଲେ। କବିସୂର୍ଯ୍ୟ ନଗରରେ ଘଟିଥିବା ହାଜତ ହତ୍ୟା ପାଇଁ ସରକାରଙ୍କ ଗୃହ ବିଭାଗ ଏବଂ ପୋଲିସର ଅପାରଗତା ଦାୟୀ ବୋଲି ସେ କହିଥିଲେ ଏବଂ ଉପଯୁକ୍ତ ତଦନ୍ତ ପାଇଁ ଦାବୀ କରିଥିଲେ । ସେହିପରି ମୁଖପାତ୍ର ଡ. ମନିଷା କହିଥିଲେ; ପୁଲିସ ମହାନିର୍ଦ୍ଦେଶକ ଗତ ୧୦ ଦିନ ଭିତରେ ଦୁଇଥର କହିସାରିଲେଣି ଓଡ଼ିଶାରେ ଅପରାଧୀଙ୍କୁ କୌଣସି ପରିସ୍ଥିତିରେ ଛଡ଼ାଯିବ ନାହିଁ। ଏହାସତ୍ତ୍ୱେ ଅପରାଧୀ ଅପରାଧ ଘଟାଇ ଚାଲିଛନ୍ତି। ଅପରପକ୍ଷରେ ପୁଲିସ ସାଧାରଣ ଲୋକଙ୍କୁ ଥାନାକୁ ଡକାଇ ଅକଥନୀୟ ନିର୍ଯାତନା ଦେଉଛି। ବାରଙ୍ଗ ଥାନାରେ ରାକେଶ ବେହେରାଙ୍କୁ ପୁଲିସ ଅଟକ ରଖି ନିର୍ଯାତନା ଦେବା ପରେ ସେ ଜୀବନ- ମରଣ ସହ ସଂଘର୍ଷ କରୁଛନ୍ତି। ରାଜନଗର ତାଳଚୁଆ ସାମୁଦ୍ରିକ ଥାନା ଭିତରେ ଆଇଆଇସି ଜଣେ ଗରିବ ମା' ଓ ପୁଅଙ୍କୁ ଅମାନୁଷିକ ଭାବେ ମାଡ଼ ମାରିଥିଲେ। ଆଇଆଇସିଙ୍କୁ ବଦଳି କରି ପୁଲିସ ପ୍ରଶାସନ ଲୋକଙ୍କ ପ୍ରତିବାଦ ଯୋଗୁଁ ଉଭୟ ଥାନାର ଚୁପ୍ ହୋଇ ବସି ରହିଛି। ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନାର ଆଇଆଇସି ଜଣେ ନିରୀହ ଭିନ୍ନକ୍ଷମ ଯୁବକଙ୍କୁ ଉଠାଇ ଆଣି ଦୀର୍ଘ ୩ ଦିନ ଧରି ହାଜତ ଭିତରେ ଅକଥନୀୟ ନିର୍ଯାତନା ଏୱଂ ପ୍ରବଳ ମାଡ ଦେବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି। ଗତ ୨୦ ଦିନ ଭିତରେ ଗଞ୍ଜାମ ଜିଲାରେ ୧୦ଟି ହତ୍ୟାକାଣ୍ଡ ହେଲାଣି।

### ଥାନାରେ ଥାର୍ଡ ଡିଗ୍ରି ନେଇ ଏନ୍‌ଏଚ୍‌ଆରସିଙ୍କ କଠୋର ଆଭିମୁଖ୍ୟ

# କଟକ ଓ ଗଞ୍ଜାମ ପୁଲିସକୁ ରିପୋର୍ଟ ତଲବ



ଭୁବନେଶ୍ୱର,୨।୬(ସଂଚାର ବ୍ୟୁରୋ): ଥାନାରେ ଥାର୍ଡ ଡିଗ୍ରି ପ୍ରୟୋଗ ଓ ଅକଥନୀୟ ନିର୍ଯାତନା ଘଟଣାକୁ ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆରସି) ଅତ୍ୟନ୍ତ ଗୁରୁତର ସହ ନେଇଛନ୍ତି। ବାରଙ୍ଗ ଘଟଣାର ଠିକ୍ ପରେପରେ କବିସୂର୍ଯ୍ୟନଗର ଥାନାରେ ସମାନ ଘଟଣା ଘଟିବା ଖାକୀରେ କଳାଦାଗ ବୋଲି ଦେଇଥିବା ବେଳେ ଉଭୟ ସମ୍ବେଦନଶୀଳ ମାମଲାରେ କଠୋରତା ଅବଲମ୍ବନ କରିଛି ଏନଏଚଆରସି। ବାରଙ୍ଗ ଥାନା ନିର୍ଯାତନା ମାମଲାରେ ୧୫ ଦିନରେ ରିପୋର୍ଟ ଦେବାକୁ କଟକ ପୁଲିସକୁ ଜାତୀୟ ମାନବାଧିକାର କମିଶନଙ୍କ ନୋଟିସ ନିର୍ଦ୍ଦେଶ ଦେଇଥିବା ବେଳେ କବିସୂର୍ଯ୍ୟନଗର ଥାନା ହାଜତ ମୃତ୍ୟୁ ମାମଲାରେ ବି ଜାତୀୟ ମାନବାଧିକାର କମିଶନ୍ ଗଂଜାମ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ରିପୋର୍ଟ ମାଗିଛନ୍ତି।

ବାରଙ୍ଗ ଥାନା ନିର୍ଯାତନା ମାମଲାରେ ୧୫ ଦିନରେ ରିପୋର୍ଟ ଦେବାକୁ କଟକ ପୋଲିସକୁ ଜାତୀୟ ମାନବାଧିକାର କମିଶନଙ୍କ ନୋଟିସ ନିର୍ଦ୍ଦେଶ ଦେଇଛନ୍ତି। କଟକ କମିଶନରେଟ୍ ପୋଲିସ ଅଧୀନରେ ଥିବା ବାରଙ୍ଗ ଥାନାରେ ନିରୀହ ଯୁବକଙ୍କୁ ବେଆଇନ ଭାବେ ଅଟକ ରଖି ଥାର୍ଡ-ଡିଗ୍ରୀ ଅଭିଯୋଗକୁ ଜାତୀୟ ମାନବାଧିକାର କମିଶନ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛନ୍ତି।

ମାନବାଧିକାର କର୍ମୀ ଭଜମନ ବିଶ୍ୱାଳଙ୍କ ଅଭିଯୋଗ ଆଧାରରେ ଜାତୀୟ ମାନବାଧିକାର କମିଶନ କଟକ ଡିସିପିଙ୍କୁ ଏକ ସ୍ପେଶାଲ୍ ନୋଟିସ୍ ଜାରି କରିଛି। ୧୫ ଦିନ ମଧ୍ୟରେ ଆକ୍ସନ ଟେକେନ୍ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନୋଟିସର ଏକ କପି ପୋଲିସ ଡିଜିଙ୍କୁ ମଧ୍ୟ ପଠାଯାଇଛି। ଅଭିଯୋଗ ଅନୁଯାୟୀ, ଗତ ମେ ୧୫ ତାରିଖରୁ ରାକେଶ କୁମାର ବେହେରାଙ୍କ ପତ୍ନୀ ନିଖୋଜ ହୋଇଯାଇଥିଲେ। ପୋଲିସ ସନ୍ଦେହରେ ରାକେଶଙ୍କୁ ଉଠାଇ ନେଇ ବାରଙ୍ଗ ଥାନାରେ ୪ ଦିନ ଧରି ଅଟକ ରଖିଥିଲା। ପତ୍ନୀଙ୍କୁ ହତ୍ୟା କରିଥିବା କଥା ଜବରଦସ୍ତି ସ୍ୱୀକାର କରାଇବା ପାଇଁ ପୋଲିସ ତାଙ୍କୁ ନିର୍ମମ ଭାବେ ପିଟିବା ସହ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା, ରାକେଶଙ୍କ ପତ୍ନୀ ଜୀବିତ ଅଛନ୍ତି ଏବଂ ସେ ଦିଲ୍ଲୀରେ ରହୁଛନ୍ତି। ଏହି ଖୁଲାସା ପରେ ପୋଲିସର କାର୍ଯ୍ୟାନୁଷ୍ଠାନ ସମ୍ପୂର୍ଣ୍ଣ ଭୁଲ୍ ଏବଂ କ୍ଷମତାର ଅପବ୍ୟବହାର ବୋଲି ପ୍ରମାଣିତ ହୋଇଛି।

ସେହିପରି କବିସୂର୍ଯ୍ୟନଗର ଥାନା ହାଜତ ମୃତ୍ୟୁ ମାମଲାରେ ବି ଜାତୀୟ ମାନବାଧିକାର କମିଶନ୍ ରିପୋର୍ଟ ମାଗିଛନ୍ତି। ୧୪ଟି ଦିଗ ଉପରେ ଉତ୍ତର ରଖିବାକୁ ଗଂଜାମ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଜବାବ ତଲବ କରାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ୩୨% ଗ୍ରାହକଙ୍କ ପସନ୍ଦ ସିଏନ୍‌ଜି, ଇଭି



ନୂଆଦିଲ୍ଲୀ, ୨।୬ଃ ଦେଶରେ ତୈଳ ଦର ବଢ଼ିବା ସହ କାର୍ ଗ୍ରାହକଙ୍କ ପସନ୍ଦରେ ମଧ୍ୟ ପରିବର୍ତ୍ତନ ଘଟିଛି। ଗତ ମେ ମାସର ଗାଡ଼ି ବିକ୍ରି ତଥ୍ୟ ଅନୁଶୀଳନରୁ ଏକ ଭିନ୍ନ ଚିତ୍ର ସାମନାକୁ ଆସିଛି। ଏବେ ଅଧିକରୁ ଅଧିକ ଗ୍ରାହକ ସିଏନ୍‌ଜି, ଇଭି ଓ ହାଇବ୍ରିଡ୍ ଗାଡ଼ି ପସନ୍ଦ କରୁଛନ୍ତି। ତେଲ ଦର ବଢ଼ିବା ପରେ ଇଭି ଅଧିକ ଚାହିଦାରେ ରହିଥିବା ନେଇ ସାଧାରଣରେ ଯେଉଁ ଧାରଣା ରହିଛି ତାହା ସମ୍ପୂର୍ଣ୍ଣ ସତ ନୁହେଁ। ଗ୍ରାହକମାନେ ସିଏନ୍‌ଜି ଚାଳିତ ଗାଡ଼ିକୁ ଅଧିକ ପସନ୍ଦ କରୁଛନ୍ତି।

ଗତ ମେରେ ବିକ୍ରି ହୋଇଥିବା ଗାଡ଼ି ମଧ୍ୟରୁ ୩୨.୧ ପ୍ରତିଶତ ଗାଡ଼ି ଥିଲା ସିଏନ୍‌ଜି, ଇଭି ଓ ହାଇବ୍ରିଡ୍। ଏହି ଗାଡ଼ିଗୁଡ଼ିକର ଅଂଶ ମୋଟ୍ ବିକ୍ରିରେ ୨୭.୨ ପ୍ରତିଶତରୁ ବଢ଼ି ୩୨.୧ ପ୍ରତିଶତ ହୋଇଛି। ସେହି ସମୟରେ ପେଟ୍ରୋଲ୍ ଓ ଡିଜେଲ୍ ଚାଳିତ ଗାଡ଼ିର ଅଂଶ ୭୨.୯ ପ୍ରତିଶତରୁ ୬୭.୯ ପ୍ରତିଶତକୁ ହ୍ରାସ ପାଇଛି। ଯଦିଓ ଏବେବି ପେଟ୍ରୋଲ ଓ ଡିଜେଲ ଗାଡ଼ି ସର୍ବାଧିକ ସଂଖ୍ୟାରେ ବିକ୍ରି ହେଉଛି, କିନ୍ତୁ ସିଏନ୍‌ଜି ଓ ଇଭିର ଚାହିଦା ଦ୍ରୁତ ଗତିରେ ବଢ଼ୁଛି। ଭାରତରେ ବିକ୍ରି ହେଉଥିବା ପ୍ରତି ତୃତୀୟ ଗାଡ଼ି ସିଏନ୍‌ଜିରେ ଚାଲୁଛି। ଇନ୍ଧନ ଦର ଓ ପରିଚାଳନା ଖର୍ଚ୍ଚ ବିଚାରକୁ ନେଇ ଅଧିକାଂଶ ଗ୍ରାହକ ସିଏନ୍‌ଜିକୁ ପସନ୍ଦ କରୁଛନ୍ତି। ମୋଟ୍ ଗାଡ଼ି ବିକ୍ରିରେ ସିଏନ୍‌ଜି ଗାଡ଼ିର ଭାଗ ୨୩.୫ ପ୍ରତିଶତକୁ ବୃଦ୍ଧି ପାଇଛି। ବର୍ଷକ ପୂର୍ବରୁ ଉକ୍ତ ହାର ୧୯.୯ ପ୍ରତିଶତ ରହିଥିଲା। ଇଭିର ଭାଗ ୬.୬ ପ୍ରତିଶତକୁ ବଢ଼ିଛି ଏବଂ ହାଇବ୍ରିଡ୍‌ର ଭାଗ ୨ ପ୍ରତିଶତକୁ ଖସିଆସିଛି। ଗତ ମେ ମାସରେ ଦେଶରେ ୩.୯୬ ଲକ୍ଷ କାର୍ ବିକ୍ରି ହୋଇଥିଲା ଯାହା ଏପ୍ରିଲ୍‌ର ୪.୨୨ ଲକ୍ଷ ତୁଳନାରେ ୬.୩ ପ୍ରତିଶତ କମ୍। କ୍ରିସିଲ୍‌ର ବରିଷ୍ଠ ନିର୍ଦ୍ଦେଶକ ହେମଲ ଠକରଙ୍କ ମତରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଓ ଇନ୍ଧନ ଦରବୃଦ୍ଧି ଗ୍ରାହକଙ୍କ ଆଚରଣରେ ପରିବର୍ତ୍ତନ ଆଣିଛି। ପରିଚାଳନା ଖର୍ଚ୍ଚ କମ୍ ରହୁଥିବା ଗାଡ଼ି କିଣିବାକୁ ଅଧିକ ଗ୍ରାହକ ପସନ୍ଦ କରୁଛନ୍ତି। ଇଭି ଡିଲରସିପ୍‌ରେ ଗ୍ରାହକମାନଙ୍କ ଅନୁସନ୍ଧାନରେ ୩୦-୪୦ ପ୍ରତିଶତ ବୃଦ୍ଧି ହୋଇଛି।

ଗାଡ଼ି ଡିଲର ସଂଘ ଏଫ୍‌ଏଡିଏର ପୂର୍ବତନ ସଭାପତି ଭିଙ୍କେଶ ଗୁଲାଟିଙ୍କ ମତରେ ଗାଡ଼ିର ଦାମ୍ ଗ୍ରାହକଙ୍କ ନିଷ୍ପତ୍ତିକୁ ପ୍ରଭାବିତ କରୁଛି। କାରଖାନାରୁ ବାହାରୁଥିବା ସିଏନ୍‌ଜି ଗାଡ଼ିଗୁଡ଼ିକର ଦାମ୍ ସେହି ଭାରିଆଣ୍ଟର ପେଟ୍ରୋଲ ମଡେଲ୍ ତୁଳନାରେ ୯୫ ହଜାର ଟଙ୍କା ପର୍ଯ୍ୟନ୍ତ ଅଧିକ ରହୁଛି। ସେହି ତୁଳନାରେ ହାଇବ୍ରିଡ୍ ମଡେଲ୍ ଦାମ୍ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅଧିକ ମହଙ୍ଗା ରହୁଛି। ଅର୍ଥାତ ସିଏନ୍‌ଜି ଗାଡ଼ିକୁ ଗ୍ରାହକମାନେ ହାଇବ୍ରିଡ୍ ଗାଡ଼ି ତୁଳନାରେ ୩ ଲକ୍ଷ ଟଙ୍କା କମ୍‌ରେ କିଣିପାରୁଛନ୍ତି। ଗ୍ରାହକଙ୍କ ଆଚରଣରେ ହୋଇଥିବା ପରିବର୍ତ୍ତନର ସର୍ବାଧିକ ଲାଭ ମାରୁତି ସୁଜୁକିକୁ ମିଳିଛି। ଟାଟା ମୋଟର୍ସ ଓ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଏସ୍‌ୟୁଭି ଓ ଇଭିରେ ଭଲ ପ୍ରଦର୍ଶନ କରିଛନ୍ତି। ହାଇବ୍ରିଡ୍ ଗାଡ଼ି ବିକ୍ରିରେ ଟୟୋଟା ଆଗରେ ରହିଛି ଏବଂ ଇଭିରେ ଜେଏସ୍‌ଡବ୍ଲ୍ୟୁ ଏମ୍‌ଜି ମୋଟର ମଧ୍ୟ ଦ୍ରୁତ ଗିରେ ଆଗକୁ ବଢ଼ୁଛି।

## ୧୨ ଟଙ୍କା ଯାଏଁ ବଢ଼ିପାରେ ପେଟ୍ରୋଲ-ଡିଜେଲ ଦାମ!




ନୂଆଦିଲ୍ଲୀ,୨।୬ଃ ଯଦି ଆପଣ ପେଟ୍ରୋଲ ଏବଂ ଡିଜେଲର ବୃଦ୍ଧିରୁ ଶୀଘ୍ର ମୁକ୍ତି ପାଇବା ପାଇଁ ଆଶା କରୁଛନ୍ତି, ତେବେ ଏଠାରେ କିଛି ଚିନ୍ତାଜନକ ଖବର ଅଛି। ଗତ ମାସରେ ତେଲ ମୂଲ୍ୟରେ ଲଗାତାର ଚାରିଥର ବୃଦ୍ଧି ସତ୍ତ୍ୱେ, ସାଧାରଣ ଜନତା ଆଗାମୀ ଦିନରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟ ବୃଦ୍ଧିର ସମ୍ମୁଖୀନ ହୋଇପାରନ୍ତି। ବଜାର ବିଶ୍ଳେଷକ ଏବଂ ମୂଲ୍ୟାଙ୍କନ ସଂସ୍ଥା ଆଇସିଆରଏ ଅନୁଯାୟୀ, ସରକାରୀ ତେଲ ମାର୍କେଟିଂ କମ୍ପାନୀଗୁଡ଼ିକ ସେମାନଙ୍କର କ୍ଷତି ପୂରଣ ପାଇଁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ପ୍ରତି ଲିଟର 12ଟଙ୍କା ପର୍ଯ୍ୟନ୍ତ ଯଥେଷ୍ଟ ବୃଦ୍ଧି କରିବାକୁ ପଡ଼ିପାରେ। ଯଦିଓ ଗତ ମାସରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧି ପାଇଛି, ତଥାପି ଭାରତରେ ଇନ୍ଧନ ଅନ୍ତର୍ଜାତୀୟ ବଜାର ତୁଳନାରେ ଶସ୍ତାରେ ବିକ୍ରି ହେଉଛି। ବିଶ୍ଳେଷକଙ୍କ ଅନୁଯାୟୀ, ସରକାରୀ ତେଲ କମ୍ପାନୀଗୁଡ଼ିକ (ଯେପରିକି ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ) ବର୍ତ୍ତମାନ ପେଟ୍ରୋଲରେ ପ୍ରତି ଲିଟର ଏବଂ ଡିଜେଲରେ ୪.୫ ପ୍ରତି ଲିଟର ନିଟ ମାର୍କେଟିଂ କ୍ଷତି ସହୁଛନ୍ତି। ପଶ୍ଚିମ ଏସିଆ (ମଧ୍ୟପ୍ରାଚ୍ୟ)ରେ ଇରାନ ଯୁଦ୍ଧ ଏବଂ ଉତ୍ତେଜନା ନିରନ୍ତର ବୃଦ୍ଧି ପାଉଛି, ଯାହା ବିଶ୍ୱ ଅଶୋଧିତ ତୈଳ ଯୋଗାଣ ଶୃଙ୍ଖଳାକୁ ପ୍ରଭାବିତ କରୁଛି। ଏହି ସଂଘର୍ଷ ଯୋଗୁଁ, ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ ଅଶୋଧିତ ତେଲ ମୂଲ୍ୟ ବ୍ୟାରେଲ ପ୍ରତି ୧୦୦ ଡଲାର ଉପରେ ରହିଛି। ସରକାରୀ ତଥ୍ୟ ଅନୁଯାୟୀ, ଉଚ୍ଚ ମୂଲ୍ୟରେ ଅଶୋଧିତ ତୈଳ କିଣି ଘରୋଇ ବଜାରରେ କମ ମୂଲ୍ୟରେ ବିକ୍ରୟ କରିବା ଯୋଗୁଁ ତିନୋଟି ପ୍ରମୁଖ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ପ୍ରତିଦିନ ୫୫୦ କୋଟିର ଏକ ବଡ଼ କ୍ଷତି ସହୁଛନ୍ତି। ଆଇସିଆରଏର ବରିଷ୍ଠ ଉପାଧ୍ୟକ୍ଷ ପ୍ରଶାନ୍ତ ବଶିଷ୍ଠଙ୍କ ଅନୁଯାୟୀ, କମ୍ପାନୀଗୁଡ଼ିକର ମାର୍କେଟିଂ ମାର୍ଜିନ ବର୍ତ୍ତମାନ ପେଟ୍ରୋଲରେ ୫.୫ ପ୍ରତି ଲିଟର ଏବଂ ଡିଜେଲରେ ୪.୫ ପ୍ରତି ଲିଟର। ତେଣୁ, ଯଦି ତେଲ କମ୍ପାନୀଗୁଡ଼ିକ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଲିଟର ପ୍ରତି 12 ପର୍ଯ୍ୟନ୍ତ ବୃଦ୍ଧି କରନ୍ତି, ତେବେ ସେମାନେ ଲାଭ-ମୁକ୍ତ, କ୍ଷତି-ମୁକ୍ତ, ବ୍ରେକ-ଇଭେନ ପରିସ୍ଥିତିରେ ପହଞ୍ଚିପାରିବେ। ଜୁନ ୧ ତାରିଖରେ, ପେଟ୍ରୋଲିୟମ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ରିପୋର୍ଟ କରିଥିଲେ ଯେ ବିଶ୍ୱବ୍ୟାପୀ ମୂଲ୍ୟ ବୃଦ୍ଧି ଯୋଗୁଁ କମ୍ପାନୀଗୁଡ଼ିକ କେବଳ ଅଟୋ ଇନ୍ଧନ ଉପରେ ନୁହେଁ ବରଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଇନ୍ଧନ ଉପରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଣ୍ଡର-ରିକଭରୀର ସମ୍ମୁଖୀନ ହେଉଛନ୍ତି। ଘରୋଇ ରନ୍ଧନ ଗ୍ୟାସ ବିକ୍ରୟ ଉପରେ କମ୍ପାନୀଗୁଡ଼ିକ ପ୍ରତି ସିଲିଣ୍ଡର ୬୫୦ କ୍ଷତି ସହୁଛନ୍ତି। ସେମାନେ ଜେଟ ଇନ୍ଧନ ଉପରେ ପ୍ରତି ଲିଟର ୩୦ କ୍ଷତି ମଧ୍ୟ କରୁଛନ୍ତି। ନୂଆଦିଲ୍ଲୀରେ ବର୍ତ୍ତମାନ ପେଟ୍ରୋଲ ଦର ୧୦୨.୧୨ ଟଙ୍କା ଥିବାବେଳେ କୋଲକାତା ୧୧୩.୪୭ ଭୁବନେଶ୍ୱର ୧୦୮.୮୧ ରହିଛି।

## ଦକ୍ଷିଣ କୋରିଆ ଭାରତକୁ ଆହୁରି ଗୋଟିଏ ପାହାଚ ପଛକୁ ଠେଲି ଦେଇଛି

ନୂଆଦିଲ୍ଲୀ, ୨।୬ଃ ବିଶ୍ୱ ଷ୍ଟକ୍ ବଜାର ର୍‍ୟାଙ୍କିଂରେ ଭାରତକୁ ଗତ ସପ୍ତାହରେ ତାଇୱାନ ପଛରେ ପକାଇଥିଲା। ଆଜି ଦକ୍ଷିଣ କୋରିଆ ମଧ୍ୟ ଭାରତକୁ ଆହୁରି ଗୋଟିଏ ପାହାଚ ପଛକୁ ଠେଲି ଦେଇଛି। ଫଳରେ ବିଶ୍ୱର ବୃହତ୍ ଷ୍ଟକ ବଜାର ତାଲିକାରେ ଭାରତ ସପ୍ତମ ସ୍ଥାନକୁ ଖସିଯାଇଛି। ଭାରତ ବିଶ୍ୱର ଅନ୍ୟତମ ପ୍ରମୁଖ ଅଭିବୃଦ୍ଧି ହାସଲକାରୀ ରାଷ୍ଟ୍ର ହୋଇଥିଲେ ମଧ୍ୟ ଷ୍ଟକ ବଜାରର ନିବେଶକଙ୍କୁ ଆକର୍ଷିତ କରିବା ଏବଂ ସେମାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇନାହିଁ। ବିଶ୍ୱରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ରେ ଏବେ ଯେଉଁ କ୍ରାନ୍ତି ଦେଖାଦେଇଛି ସେ କ୍ଷେତ୍ରରେ ଭାରତ ଅପେକ୍ଷାକୃତ ଭାବେ ପଛରେ ପଡ଼ିଯାଇଛି। ଏ କ୍ଷେତ୍ରରେ ତାଇୱାନ ଓ ଦକ୍ଷିଣ କୋରିଆ ହାସଲ କରିଥିବା ଅଗ୍ରଗତି ସେମାନଙ୍କ ଷ୍ଟକ ମାର୍କେଟ ପାଇଁ ସହାୟକ ହେଉଛି। ରଏଟର୍ସର ସୂଚନା ଅନୁଯାୟୀ, ଦକ୍ଷିଣ କୋରିଆର ଷ୍ଟକ୍ ମାର୍କେଟର ବଜାରପୁଞ୍ଜି ଆଜି ୫ ଟ୍ରିଲିଅନ ଡଲାର ଅତିକ୍ରମ କରିଛି। ଦକ୍ଷିଣ କୋରିଆର କୋସ୍‌ପି, କୋସଡାକ୍ ଏବଂ କୋନେକ୍ସ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାରପୁଞ୍ଜି ୫.୦୧ ଟ୍ରିଲିଅନ ଡଲାରରେ ପହଞ୍ଚିଛି। ଭାରତର ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକ ବଜାରପୁଞ୍ଜି ଏହି ସମୟରେ ୪.୮୫ ଟ୍ରିଲିଅନ ଡଲାର ରହିଥିବା କୁହାଯାଇଛି। ୧୮ ମାସ ପୂର୍ବେ ଭାରତର ଇକ୍ୱିଟି ମାର୍କେଟର ବଜାରପୁଞ୍ଜି ଦକ୍ଷିଣ କୋରିଆ ତୁଳନାରେ ପ୍ରାୟ ୩.୫ ଗୁଣା ଏବଂ ତାଇୱାନ ତୁଳନାରେ ଦୁଇଗୁଣା ଅଧିକ ଥିଲା। କିନ୍ତୁ ୨୦୨୬ର ଗତ ୫ ମାସ ମଧ୍ୟରେ ଭାରତର ସେହି ସ୍ଥିତି ବଦଳି ଯାଇଛି। ରଏଟର୍ସର ରିପୋର୍ଟ ଅନୁଯାୟୀ, ନିଫ୍‌ଟି ୫୦ ଏବଂ ସେନସେକ୍ସ ଚଳିତବର୍ଷ ଯଥାକ୍ରମେ ୧୦.୧ ପ୍ରତିଶତ ଏବଂ ୧୨.୫ ପ୍ରତିଶତ ହ୍ରାସ ପାଇଛି। ବିଦେଶୀ ନିବେଶକମାନେ ମଧ୍ୟ ଭାରତର ଇକ୍ୱିଟି ବଜାରରୁ ମୁହଁ ଫେରାଉଛନ୍ତି। ଚଳିତବର୍ଷ ସେମାନେ ୨୬.୪ ବିଲିଅନ ଡଲାର ପ୍ରତ୍ୟାହାର କରି ନେଲେଣି। ୨୦୨୫ ମସିହାରେ ସେମାନେ ୧୮.୯୧ ବିଲିଅନ ଡଲାର ପ୍ରତ୍ୟାହାର କରିଥିବାବେଳେ ଚଳିତବର୍ଷର ୫ ମାସରେ ତାଠାରୁ ବହୁ ଅଧିକ ରାଶି ଉଠାଇ ନେଇଛନ୍ତି। ଏଆଇ, ଡାଟା ସେଣ୍ଟର ଏବଂ କ୍ଲାଉଡ ଭିତ୍ତିଭୂମିରେ ପ୍ରମୁଖ ଭୂମିକା ରଖିଥିବା ସେମିକଣ୍ଡକ୍ଟର ନିର୍ମାତାଙ୍କ ପ୍ରତି ନିବେଶକମାନେ ଆକୃଷ୍ଟ ହେଉଛନ୍ତି। ତାଇୱାନ ଓ ଦକ୍ଷିଣ କୋରିଆର କେତେକ କମ୍ପାନି ଏ କ୍ଷେତ୍ରରେ ଆଗରେ ରହିଛନ୍ତି। ତାଇୱାନର ତାଇୱାନ ସେମିକଣ୍ଡକ୍ଟର ମ୍ୟାନୁଫାକ୍‌ଚରିଂ କମ୍ପାନି (ଟିଏସ୍‌ଏମ୍‌ସି) ପାଇଁ ସେ ଦେଶର ଷ୍ଟକ ମାର୍କେଟ ବହୁମାତ୍ରାରେ ଆଗକୁ ବଢ଼ିଯାଇଛି। ସେହିଭଳି ସାମସଙ୍ଗ ଇଲେକ୍ଟ୍ରୋନିକ୍ସ ଏବଂ ଏସ୍‌କେ ହାଇନିକ୍ସ ଭଳି ସେମିକଣ୍ଡକ୍ଟର କମ୍ପାନି ଦକ୍ଷିଣ କୋରିଆର ଷ୍ଟକ ବଜାରକୁ ଉପରକୁ ଉଠାଉଛନ୍ତି। ପ୍ରାୟ ୮୦ ଟ୍ରିଲିଅନ ଡଲାର ବଜାରପୁଞ୍ଜି ସହ ଆମେରିକାର ଷ୍ଟକ ମାର୍କେଟ ବିଶ୍ୱର ପ୍ରଥମ ସ୍ଥାନରେ ଥିବାବେଳେ ଦ୍ୱିତୀୟ ସ୍ଥାନରେ ଚୀନ, ତୃତୀୟ ସ୍ଥାନରେ ଜାପାନ, ଚତୁର୍ଥ ସ୍ଥାନରେ ହଂକଂ ରହିଛନ୍ତି। ସେହିଭଳି ତାଇୱାନ ପଞ୍ଚମ, ଦକ୍ଷିଣ କୋରିଆ ଷଷ୍ଠ, ଭାରତ ସପ୍ତମ, କାନାଡା ଅଷ୍ଟମ, ବ୍ରିଟେନ ନବମ ଏବଂ ଫ୍ରାନ୍ସ ଦଶମ ସ୍ଥାନରେ ରହିଥିବା ଜଣାଯାଇଛି।




## ଘରୋଇ ଏଲ୍‌ପିଜିରେ ୬୫୦ ଟଙ୍କାର କ୍ଷତି ସହୁଛନ୍ତି କମ୍ପାନି



ନୂଆଦିଲ୍ଲୀ, ୨।୬ଃ ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଓ ଗ୍ୟାସ ଦର ବଢ଼ିଯାଇଛି। ଏହାର ପ୍ରଭାବ ଘରୋଇ ବଜାରରେ ପଡ଼ିଛି। ରାଷ୍ଟ୍ରାୟତ୍ତ କମ୍ପାନିଗୁଡ଼ିକ ଘରୋଇ ସିଲିଣ୍ଡର ପିଛା ସଂପ୍ରତି ୬୫୦ ଟଙ୍କାର କ୍ଷତି ସହୁଛନ୍ତି। ସେହିଭଳି ବିମାନ ଇନ୍ଧନ (ଏଭିଏସନ୍ ଟର୍ବାଇନ୍ ଫୁଏଲ୍)ରେ ଲିଟର ପିଛା ୩୦ ଟଙ୍କାର କ୍ଷତି କମ୍ପାନିଗୁଡ଼ିକୁ ସହିବାକୁ ପଡୁଛି। ପେଟ୍ରୋଲିୟମ ମନ୍ତ୍ରାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଏହି ସୂଚନା ଦେଇଛନ୍ତି। ତେବେ ଅନ୍ତର୍ଜାତୀୟ ବଜାରର ଦର ତୁଳନାରେ ଏହି କ୍ଷତି ରାଶି ବଦଳିଥାଏ। ମଧ୍ୟପ୍ରାଚ୍ୟ ଯୁଦ୍ଧ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିଯାଇଛି। ୯୦ ଦିନରୁ ଅଧିକ ସମୟ ହେଲା ସେଠାରେ ଉତ୍ତେଜନା ଲାଗି ରହିଛି। ଏଥିସହିତ ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱ ବଜାରକୁ ପ୍ରାୟ ଏକ ପଞ୍ଚମାଂଶ ତେଲ ଓ ଗ୍ୟାସ ଆସିଥାଏ। କିନ୍ତୁ ଅବରୋଧ ଯୋଗୁ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥରେ ଜାହାଜ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଭାରତ ଏହାର ମୋଟ ଅଶୋଧିତ ତେଲ ଆବଶ୍ୟକତାର ପ୍ରାୟ ୮୮ ପ୍ରତିଶତ ଆମଦାନି ମାଧ୍ୟମରେ ପୂରଣ କରିଥାଏ। ମଧ୍ୟପ୍ରାଚ୍ୟରୁ ଯୋଗାଣ ବ୍ୟାହତ ହେବା ପରେ ଭାରତ ବିଶ୍ୱର ଅନ୍ୟାନ୍ୟ ବଜାରରୁ ଅଶୋଧିତ ତେଲ କିଣୁଛି। ଏଥିପାଇଁ ଭାରତକୁ ମାଲ ପରିବହନ ଓ ବୀମା ବାବଦରେ ଅଧିକ ବ୍ୟୟ କରିବାକୁ ପଡୁଛି। ସରକାର ଗତମାସରେ ୪ଟି ପର୍ଯ୍ୟାୟରେ ପେଟ୍ରୋଲ ଓ ଡିଜେଲ ଦର ପାଖାପାଖି ୮ ଟଙ୍କା ବଢ଼ାଇଛନ୍ତି। ଏହା ସତ୍ତ୍ୱେ ତୈଳ କମ୍ପାନିଗୁଡ଼ିକ ଦୈନିକ ୬୫୦ କୋଟି ଟଙ୍କାର କ୍ଷତି ସହୁଛନ୍ତି ବୋଲି କୁହାଯାଉଛି।

## ଜୁନ ୩ରେ ଲଞ୍ଚ୍ ହେବ ଦେଶର ପ୍ରଥମ ୧୦୦% ଇଥାନଲ ଚାଳିତ ବାଇକ୍





ନୂଆଦିଲ୍ଲୀ,୨।୬ଃ ଯଦି ଆପଣ ପେଟ୍ରୋଲର ଆକାଶଛୁଆଁ ଦରକୁ ନେଇ ଚିନ୍ତିତ ଏବଂ ପ୍ରତିଦିନର ଯାତ୍ରା ଖର୍ଚ୍ଚ କମାଇବାକୁ ଚାହୁଁଛନ୍ତି, ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର ଆସିଛି। ଭାରତର ସବୁଠାରୁ ବଡ଼ ଦୁଇଚକିଆ ଯାନ ପ୍ରସ୍ତୁତକାରୀ କମ୍ପାନୀ ହିରୋ ମୋଟୋକର୍ପ ଆସନ୍ତା ଜୁନ ୩ ତାରିଖରେ ଦେଶର ପ୍ରଥମ ୧୦୦ ପ୍ରତିଶତ ଇଥାନଲ ଦ୍ୱାରା ଚାଳିତ ଫ୍ଲେକ୍ସ-ଫ୍ୟୁଲ ମୋଟରସାଇକେଲ ଲଞ୍ଚ କରିବାକୁ ଯାଉଛି। ଏହି ବାଇକ କେବଳ ପରିବେଶକୁ ସ୍ୱଚ୍ଛ ରଖିବାରେ ସାହାଯ୍ୟ କରିବ ନାହିଁ, ବରଂ ଗ୍ରାହକଙ୍କ ପକେଟ ଉପରୁ ପେଟ୍ରୋଲର ମହଙ୍ଗା ବୋଝକୁ ସାରା ଜୀବନ ପାଇଁ ହଟାଇ ଦେବ। ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନିତିନ ଗଡ଼କରୀ ଏବଂ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ଉପସ୍ଥିତିରେ ଏହି ବାଇକ୍‌କୁ ଲଞ୍ଚ କରିବେ।

ବର୍ତ୍ତମାନ ଭାରତୀୟ ବଜାରରେ ଚାଲୁଥିବା ଗାଡ଼ିଗୁଡ଼ିକରେ ସର୍ବାଧିକ ୨୦% ଇଥାନଲ ମିଶ୍ରିତ ପେଟ୍ରୋଲ ବ୍ୟବହାର କରାଯାଉଛି। କିନ୍ତୁ ହିରୋର ଏହି ନୂଆ ବାଇକ ସମ୍ପୂର୍ଣ୍ଣ ରୂପେ ଶୁଦ୍ଧ ଇଥାନଲରେ ଚାଲିବ। ବଜାରରେ ପୂର୍ବରୁ ସୁଜୁକି ଏବଂ ହୋଣ୍ଡା କମ୍ପାନୀର କିଛି ଫ୍ଲେକ୍ସ-ଫ୍ୟୁଲ ଗାଡ଼ି ଅଛି, କିନ୍ତୁ ସେଗୁଡ଼ିକ କେବଳ ୮୫% ଇଥାନଲ ସପୋର୍ଟ କରନ୍ତି। ହିରୋ ପ୍ରଥମ କମ୍ପାନୀ ଭାବେ ୧୦୦% ଇଥାନଲ ବାଇକ ଆଣି ବଜାରରେ ଇତିହାସ ସୃଷ୍ଟି କରିବାକୁ ଯାଉଛି। ପେଟ୍ରୋଲ ତୁଳନାରେ ଇଥାନଲର ଦାମ ଯଥେଷ୍ଟ କମ ହୋଇଥିବାରୁ ଏହା ଦ୍ୱାରା ଗାଡ଼ି ଚଲାଇବା ଖର୍ଚ୍ଚ ପ୍ରାୟ ଅଧା ହୋଇଯିବ। ହିରୋ କମ୍ପାନୀ ପକ୍ଷରୁ ଏପର୍ଯ୍ୟନ୍ତ ଏହି ନୂଆ ମୋଟରସାଇକେଲର ନାମ କିମ୍ବା ଦାମ ସମ୍ପର୍କରେ ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। କିନ୍ତୁ ସୂତ୍ର ଅନୁଯାୟୀ, କମ୍ପାନୀର ଦୁଇଟି ସବୁଠାରୁ ଜନପ୍ରିୟ ଏବଂ ଭରସାଯୋଗ୍ୟ ମଡେଲ 'ହିରୋ ସ୍ପ୍ଲେଣ୍ଡର' (Splendor) କିମ୍ବା 'ଏଚଏଫ ଡିଲକ୍ସ'ର ପ୍ଲାଟଫର୍ମ ଉପରେ ଆଧାର କରି ଏହାକୁ ବଜାରକୁ ଅଣାଯାଇପାରେ। ଯଦି ଏହି ମଧ୍ୟବିତ୍ତ ଶ୍ରେଣୀର ବାଇକରେ ଏହି ଟେକ୍ନୋଲୋଜି ଆସେ, ତେବେ ଦେଶର କୋଟି କୋଟି ସାଧାରଣ ଜନତା ଏବଂ ଗ୍ରାମାଞ୍ଚଳର ଗ୍ରାହକମାନେ ସବୁଠାରୁ ଅଧିକ ଲାଭବାନ ହେବେ। କେନ୍ଦ୍ର ସରକାର ଗାଡ଼ି ଗୁଡ଼ିକରେ ଇଥାନଲ ବ୍ୟବହାରକୁ କ୍ରମାଗତ ଭାବେ ପ୍ରୋତ୍ସାହନ ଦେଉଛନ୍ତି। ଏହା ଦ୍ୱାରା ବିଦେଶରୁ ମହଙ୍ଗା ଅଶୋଧିତ ତେଲ (Crude Oil) ଆମଦାନୀ ହ୍ରାସ ପାଇବ ଏବଂ ଭାରତର ବୈଦେଶିକ ମୁଦ୍ରା ସଞ୍ଚୟ ହେବ। ଏଥିସହିତ ଇଥାନଲ ସମ୍ପୂର୍ଣ୍ଣ କୃଷିଜାତ ଦ୍ରବ୍ୟ (ଯେପରିକି ଆଖୁ ଓ ମକା) ରୁ ପ୍ରସ୍ତୁତ ହେଉଥିବାରୁ ଏହାଦ୍ୱାରା ଦେଶର ଚାଷୀମାନଙ୍କର ମଧ୍ୟ ବଡ଼ ଆର୍ଥିକ ଉନ୍ନତି ହେବ। କମ୍ପାନୀର ସିଇଓଙ୍କ କହିବା ଅନୁଯାୟୀ, କେବଳ ଇଲେକ୍ଟ୍ରିକ ଗାଡ଼ି ଉପରେ ନିର୍ଭର ନକରି ଫ୍ଲେକ୍ସ-ଫ୍ୟୁଲ ଭଳି ବିକଳ୍ପ ଉପରେ କାମ କରିବା ଭାରତ ପାଇଁ ଅଧିକ ସହଜ ଏବଂ ବ୍ୟବହାରିକ ଅଟେ।



## ଆଜିର ସୁନା ଦର

ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୦୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୦୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୫,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୦୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୨୧୦ ଟଙ୍କା ଓ ୨୨ କ୍ୟାରଟେ ୧,୪୫,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୦,୬୯୦ ଟଙ୍କା ଥିବାବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୭,୩୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୦୬୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୫,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୮୫,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରର ପେଟ୍ରୋଲ ଲିଟର ୧୦୮ ଟଙ୍କା ୯୭ ଟଙ୍କା ଓ ଡିଜେଲ ୧୦୦ ଟଙ୍କା ୬୮ଟଙ୍କା ଛୁଇଁଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୮ ଟଙ୍କା ୬୪ ପଇସା ଓ ଡିଜେଲ ଦର ୯୧ ଟଙ୍କା ୫୮ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୫୯ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୪.୦୮ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୯.୭୦ ଟଙ୍କା ଥିବାବେଳେ ଡିଜେଲ ଦର ୯୬ ଟଙ୍କା ୦୭ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୪ ଟଙ୍କା ୫୭ ପଇସା ଥିବା ବେଳେ ଡିଜେଲ ଦାମ ୯୬ ଟଙ୍କା୨୧ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ।

# ଗୋଖାଦ୍ୟର ବ୍ୟାପକ ଅପମିଶ୍ରଣ

## ହେଉନି ଯାଞ୍ଚ, ଦୁଗ୍ଧ ଚାଷୀ ହନ୍ତସନ୍ତ

## କ୍ଷୀର ଷ୍ଟୋର ମାଧ୍ୟମରେ ଅପମିଶ୍ରିତ ଗୋଖାଦ୍ୟ ଚାଷୀଙ୍କୁ ଯୋଗାଉଛନ୍ତି



କାକଟପୁର/ଅସ୍ତରଙ୍ଗ,୨।୬ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଂଚଳରେ ବିଭିନ୍ନ ଗ୍ରାମରେ ଗୋଖାଦ୍ୟ ଦୋକାନ ଖୋଲାଯାଉଥିବା ବେଳେ ଗୋଖାଦ୍ୟ ଯଥା ଚୋକଡ, ଚୁନିର ବ୍ୟାପକ ଅପମିଶ୍ରଣ ଏଓ୍ୱେ ଦୁଗ୍ଧ ଚାଷୀଙ୍କ ଚିନ୍ତାର କାରଣ ପାଲଟିଛି। ଗୋପାଳନ ତଥା ଦୁଗ୍ଧ ଚାଷୀଙ୍କ ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିବା ସହ ରାଜକୋଷରୁ ବ୍ୟାପକ ଅର୍ଥ ବିନିଯୋଗ କରୁଛନ୍ତି। କିଛି ଅସାଧୁ ବ୍ୟବସାୟୀ ଓ କିଛି କ୍ଷୀର ଷ୍ଟୋର କରିଥିବା ବ୍ୟକ୍ତିବିଶେଷ ଘୃଣ୍ୟ ମନୋବୃତ୍ତି ପାଇଁ ଗୋ ସଂମ୍ପଦ ଦିନକୁ ଦିନ ଅଞ୍ଚଳରୁ ଲୋପ ହେବାକୁ ବସିଲାଣି।

ପୁରୀ ଜିଲ୍ଲାର କାକଟପୁର ଓ ଅସ୍ତରଙ୍ଗ ବ୍ଲକ ରେ ଗୋପାଳନ ଏକ ପ୍ରମୁଖ ଜୀବିକା ତଥା ବ୍ୟବସାୟୀକ ପନ୍ଥା। କାକଟପୁର ବ୍ଲକର ୧୬ଟି ଓ ଅସ୍ତରଙ୍ଗ ବ୍ଲକର ୧୫ଟି ପଂଚାୟତ ରେ ପାଖାପାଖି ୨୦ହଜାର ରୁ ଉର୍ଦ୍ଧ ଗୋପାଳନ କରୁଥିବା ବ୍ୟକ୍ତି ଥିବା ବେଳେ ସେମାନଙ୍କ ମଧ୍ୟରୁ ଅନେକଙ୍କ ଘରବାଡ଼ି ବ୍ୟତୀତ କୌଣସି ଜମିବାଡ଼ି ନଥିବା ସତ୍ତ୍ୱେ ଏହି ବ୍ୟକ୍ତି ମାନେ ଦୁଗ୍ଧ ଚାଷକୁ ସେମାନଙ୍କ ଜୀବିକା ନିର୍ବାହ ମୁଖ୍ୟପନ୍ଥା ଭାବେ ଗ୍ରହଣ କରିଛନ୍ତି। ଗୋଖାଦ୍ୟର ଅତ୍ୟାଧିକ ମୂଲ୍ୟବୃଦ୍ଧି ଯୋଗୁଁ ଗୋପାଳନ ଉପରୁ ଦୁଗ୍ଧଚାଷୀମାନେ ଆଶା ଓ ଭରସା ତୁଟାଇବାକୁ ବସିଲେଣି। ବଜାରରେ ଚୋକଡ଼ ବସ୍ତା ୫୦କିଗ୍ରାକୁ ୧୫୦୦ଟଙ୍କା। ରହିଥିବା ବେଳେ ଚୁନି ୪୦କିଗ୍ରାକୁ ୧୩୩୦ଟଙ୍କା ରହିଛି।

କାକଟପୁର ଓ ଅସ୍ତରଙ୍ଗ ବ୍ଲକରେ କିଛି ବ୍ୟବସାୟୀ ଓ କିଛି କ୍ଷୀର ଷ୍ଟୋର କରିଥିବା ବ୍ୟକ୍ତି ବିଶେଷ ରାଜ୍ୟ ତଥା ରାଜ୍ୟ ବାହାରୁ ଗୋଖାଦ୍ୟ ମଗାଇଥାନ୍ତି। କେତେକ ବ୍ୟବସାୟୀ ଏହି ଚୋକଡରେ କୁଣ୍ଡା ଏବଂ ଖଡ଼ି ପଥର ଗୁଣ୍ଡ ମିଶାଇ ଅପମିଶ୍ରଣ କରୁଥିବା ଅଭିଯୋଗ ଉଠିଛି। ଏପରିକି ରାତି ଅଧରେ ଚୋକଡ ବ୍ୟବସାୟୀମାନେ ନିଜର ଗହମ ମିଲି ନଥିଲେ ମଧ୍ୟ ଅପମିଶ୍ରିତ ଚୋକଡକୁ ନୂଆ ବ୍ରାଣ୍ଡ ଅଖାରେ ସିଲେଇ ମେସିନ ସହାୟତାରେ ପ୍ୟାକିଂ କରି ବଜାରକୁ ଛାଡୁଛନ୍ତି।

ଚୋକଡର ଅତ୍ୟଧିକ ମୂଲ୍ୟବୃଦ୍ଧି ସମ୍ପର୍କରେ ଜଣେ ବ୍ୟବସାୟୀ କହିଛନ୍ତି ଗହମର ଅତ୍ୟଧିକ ମୂଲ୍ୟବୃଦ୍ଧି ଏହାର ମୁଖ୍ୟ କାରଣ। ତେଣୁ ଏହାର ମୂଲ୍ୟ କିଣିବା ଉପରେ ନିର୍ଭର କରେ। ତେବେ ଯାହା ହେଉନା କାହିଁକି ଚୋକଡ଼ ଭଳି ଏକ ମୁଖ୍ୟ ଗୋଖାଦ୍ୟକୁ ଅପମିଶ୍ରିତ କରି ବିକ୍ରି କରୁଥିବା ଅସାଧୁ ବ୍ୟବସାୟୀଙ୍କ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବାକୁ ସାଧାରଣରେ ଦାବୀ ହେଉଛି।

## ବଢ଼ାପାଳ ସେବା ସମବାୟ ସମିତିର ଧାନ ମଣ୍ଡି ଉଦ୍‌ଘାଟିତ



ବାଲିଆପାଳ,୨।୬ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଅସ୍ତି ଗ୍ରାମ ପଞ୍ଚାୟତର ବଢ଼ାପାଳ ସେବା ସମବାୟ ସମିତି ପକ୍ଷରୁ ସୋମବାର ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ସମବାୟ ସମିତିର ସଭାପତି ତଥା ବରିଷ୍ଠ ସମବାୟବିତ ଦୟାନିଧି ମହାପାତ୍ର ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବରେ କାର୍ଯ୍ୟନିର୍ବାହୀ ଅଧିକାରୀ କରୁଣାକର ଜେନା ମଣ୍ଡିର ଶୁଭ ଉଦ୍‌ଘାଟନ କରି ଏହି ଧାନମଣ୍ଡି ଦ୍ୱାରା ଚାଷୀ ମାନେ ସିଧା ସଳଖ ଲାଭବାନ୍ ହୋଇପାରିବେ ବୋଲି କହିଥିଲେ । ପ୍ରଥମ ଦିନରେ ୩୦୦କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିବା ବେଳେ ସମିତି ପକ୍ଷରୁ ୩୦୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ କରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ସଭାପତି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ। ମିଲର ବାବା ଏ ଗ୍ରି ଟେକ୍ ପକ୍ଷରୁ ଧାନର ଗୁଣବତ୍ତା, ମାନ ନିରୂପଣ, କ୍ରୟ ବିକ୍ରୟ ପାଇଁ ଉଦ୍ଦିଷ୍ଟ ସରକାରୀ ନିୟମ ବାବଦରେ ଚାଷୀ ମାନଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମିତିର ସମ୍ପାଦକ ରାକେଶ କୁମାର ଦାସ, ସହ ସମ୍ପାଦକ ସୁବ୍ରତ କୁଆର ଦାସ, ଡାଟା ଅପେରେଟର ଅରୁଣ କୁମାର ଦାସ ,କରୁଣାକର ଜେନା, ଗୌରାଙ୍ଗ ଜେନା, ନିର୍ଦ୍ଦେଶକ ଗଣେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସମିତିର ବରିଷ୍ଠ ଚାଷୀ ରାଜକୃଷ୍ଣ ପାତ୍ର,ବିଜୟ ପାତ୍ର,ରଜନୀ ଜେନା,ରବୀନ୍ଦ୍ର ପ୍ରଧାନ, ଧନଞ୍ଜୟ ଜେନା ସମେତ ବହୁ ଚାଷୀ ଯୋଗ ଦେଇଥିଲେ।

## ଯୁକ୍ତ ଦୁଇ କଳା ଓ ବିଜ୍ଞାନରେ କୃତୀ ଛାତ୍ରୀ ସମ୍ବର୍ଦ୍ଧିତ



ନାଳଗିରି,୨।୬ (ସଂଚାର ବ୍ୟୁରୋ): ବରହମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ନୂତନ ଅଧ୍ୟକ୍ଷ ପ୍ରାଧ୍ୟାପକ ହୃଷିକେଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆଜି ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭା ରେ ପ୍ରାକ୍ତନ ଅଧ୍ୟକ୍ଷ ଡ଼. ଅମରନାଥ ସ ଙ୍କ ସମେତ ଅଧ୍ୟାପକ ବିଜୟ କୁମାର ଜେନା, ଅଧ୍ୟାପକ ପ୍ରଭାତ କୁସୁମ ଆଚାର୍ଯ୍ୟ, ଅଧ୍ୟାପକ ତାପସ ରଞ୍ଜନ ବେହେରା, କିଶୋର ଚନ୍ଦ୍ର ପାତ୍ର, ରତ୍ନାକର ବୁଗୁଡ଼ାଇ ଓ କଳ୍ପନା ପୃଷ୍ଟି ଯୋଗଦାନ କରିଥିଲେ। ବିଜ୍ଞାନରେ ଭାଗ୍ୟଲକ୍ଷ୍ମୀ ବେହେରା ସର୍ବୋଚ୍ଚ ୫୩୬ ନମ୍ବର ରଖିଥିବା ବେଳେ କଳାରେ ଅନିମା ଚୌଧୁରୀ ମଧ୍ୟ ୫୩୬ ନମ୍ବର ରଖି ବିଦ୍ୟାଳୟର ଟେକ ରଖିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ଦୁଇ କୃତୀଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ମିଷ୍ଟାନ ବଣ୍ଟନ କରିଥିଲେ।

## ଡଗରା ସେବା ସମିତିରେ ଚିନାବାଦାମ ମଣ୍ଡି ଉଦ୍‌ଘାଟିତ



ବାଲିଆପାଳ,୨।୬ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଅନ୍ତଗତ ଡଗରା ସେବା ସମବାୟ ସମିତି ପକ୍ଷରୁ ଚଳିତ ବର୍ଷ ପାଇଁ ଚିନାବାଦାମ ସନେଟ ଡାଲି ଓ ତୈଳ ବୀଜ ଜାତୀୟ ଶସ୍ୟ ସଂଗ୍ରହ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ମାର୍କଫେଡ଼ ବାଲେଶ୍ୱର ସହାୟତାରେ ଏହି ମଣ୍ଡିରେ ସିନାବାଦାମ, ମୁଗ, ବିରି, ସୂର୍ଯ୍ୟମୁଖୀ, ସୋରିଷ ପ୍ରଭୃତି ରବି ଫସଲ ସଂଗ୍ରହ କରାଯିବ। ଚଳିତ ବର୍ଷ ଉନ୍ନତ ମାନର ଚିନବାଦାମ କେଜିପ୍ରତି ୭୨ଟଙ୍କା ୬୩ପଇସା, ମୁଗ ୮୭. ୬୮ ଟଙ୍କା, ବିରି ୭୮ ଟଙ୍କା, ସୂର୍ଯ୍ୟମୁଖୀ ୭୭. ୨୧ଟଙ୍କା, ସୋରିଷ ୬୨ଟଙ୍କା ରହିଛି। ବାଲିଆପାଳ ବ୍ଲକର ଚାଷୀମାନେ ସେମାନଙ୍କର ନାମ ପଞ୍ଜିକରଣ କରି ଏହି ମଣ୍ଡିରେ ଆସନ୍ତା ଜୁଲାଇ ୧୩ତାରିଖ ମଧ୍ୟରେ ଦେଇପାରିବେ ବୋଲି ସମିତିର ସମ୍ପାଦକ ରାମଚନ୍ଦ୍ର କର କହିଛନ୍ତି। ଆଜି ଏହି ମଣ୍ଡି ଉଦଘାଟନ ସମୟରେ ସମିତିର ସଭାପତି ରବୀନ୍ଦ୍ର ନାଥ ବିଶ୍ୱାଳ, ସମ୍ପାଦକ ରାମଚନ୍ଦ୍ର କର, ତୀର୍ଥ କୁମାର ନାଗ, ଅର୍ଜୁନ ଭାରିକ, ମାନସ ପାତ୍ର, ଅଭିଜିତ ସେଠି, ପ୍ରକାଶ ମହାନ୍ତି, ନିତ୍ୟାନନ୍ଦ ଦତ୍ତ, ସୁଶାନ୍ତ ଜେନା, ଅମିତା ବେହେରା, ସୁଲୋଚନା ଦାସ, ବସନ୍ତ ବାଗ, ପାର୍ଥ ଅତିମ ଦାସ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଦିହୁଡିପୁରରେ ମୁଗ ମଣ୍ଡି ଉଦ୍‌ଘାଟିତ



ପଟ୍ଟାମୁଣ୍ଡାଇ,୨।୬ (ସଂଚାର ବ୍ୟୁରୋ): ରାଜ୍ୟ ସରକାର କୃଷକ କଲ୍ୟାଣ ଉପରେ ଗୁରୁତ୍ୱାରୋପ କରୁଥିବାରୁ ଏ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଏଇ ପରିପ୍ରେକ୍ଷୀରେ ବଡ଼ ପଡା, ବଡ଼ମୋହନପୁର, ସାନ ଜରିଆ, ଅରଡ଼ପଲ୍ଲୀ ଓ ଦିହୁଡିପୁର ସମେତ ବିଭିନ୍ନ ପଂଚାୟତର କୃଷକ ମାନଙ୍କ କଲ୍ୟାଣ ପାଇଁ ଉପରୋକ୍ତ ପଂଚାୟତର କୃଷକମାନଙ୍କୁ ନେଇ ଗଠିତ ସିଦ୍ଧବଟ କୃଷକ ଉତ୍ପାଦକ ସଂସ୍ଥା ପକ୍ଷରୁ ଦିହୁଡିପୁର ପଂଚାୟତରେ ମୁଗ ମଣ୍ଡି ଖୋଲା ଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉଦଘାଟନ ଉତ୍ସବରେ ଦିହୁଡିପୁର ସରପଞ୍ଚ ନରେଶ ମଲିକ, ସିଦ୍ଧବଟ କୃଷକ ଉତ୍ପାଦକ ସଂସ୍ଥା ନିର୍ଦ୍ଦେଶକ ପ୍ରାକ୍ତନ କ୍ୟାପଟେନ ବାଣୀଭୂଷଣ ନାୟକ, ପୂର୍ବତନ ନିରୀକ୍ଷକ ଶରତ ରାଉତ,ନିର୍ଦ୍ଦେଶକ ସୁକାନ୍ତ ରାଉତ,ତ୍ରିଲୋଚନ ସ୍ୱାଇଁ ଗଣେଶ ନାୟକ, ବିଜୟ ଖଟୁଆ ଶାନ୍ତନୁ ଦୁଲାଲ ଜେନା ନିମାଇଁ ନାୟକ ନରହରି ମହାପାତ୍ର ଅନୁସୂୟା ସ୍ୱାଇଁ ପୁଷ୍ପଲତା ଜେନାଙ୍କ ସମେତ ସମସ୍ତ ନିର୍ଦ୍ଦେଶକ ସମ୍ମାନିତଅତିଥି ଭାବେ ଯୋଗ ଦେଇ କୃଷକମାନଙ୍କ ବିଭିନ୍ନ ସମସ୍ୟା,ସରକାରଙ୍କ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରି କୃଷକ ଉତ୍ପାଦକ ସଂସ୍ଥା ଦ୍ୱାରା ଖୋଲା ଯାଇଥିବା ମୁଗ ମଣ୍ଡିରେ ଉପଲବ୍ଧ ଉନ୍ନତମାନର ମୁଗ ବିହନ, ଧାନ ବିହନ ଓ ସାର ପ୍ରୟୋଗ କରି ଆଧୁନିକ ଜ୍ଞାନ କୌଶଳ ମାଧ୍ୟମରେ ଚାଷ କରି ଲାଭବାନ ହେବା ସହିତ ଆର୍ଥିକ ସଶକ୍ତ ହେବାକୁ ପରାମର୍ଶ ଦେଇଥିଲେ । ଶେଷରେ ନିର୍ଦ୍ଦେଶକ ବାଣୀଭୂଷଣ ନାୟକ ଧନ୍ୟବାଦ ଦେଇଥିଲେ । ଏହି ଉଦଘାଟନ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଂଚାୟତର ଶତାଧିକ କୃଷକ ଯୋଗ ଦେଇଥିଲେ ।

## ଗ୍ରୀନ୍ ମେମୋରୀ କ୍ୟାମ୍ପେନ୍ ମାଧ୍ୟମରେ ପକ୍ଷୀ ସଂରକ୍ଷଣର ଅଭିନବ ପ୍ରୟାସ



ସୁନ୍ଦରଗଡ,୨।୬ (ସଂଚାର ବ୍ୟୁରୋ) : ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ଉତ୍ତାପ ଓ ଜଳସଙ୍କଟ ମଧ୍ୟରେ ମଣିଷଙ୍କ ସହିତ ପକ୍ଷୀ ଓ ବନ୍ୟଜୀବମାନେ ମଧ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜଙ୍ଗଲ ଓ ପ୍ରାକୃତିକ ଜଳାଶୟଗୁଡ଼ିକ ଶୁଖିଯିବା ଫଳରେ ଅସଂଖ୍ୟ ପକ୍ଷୀ ପାଣି ପାଇଁ ଏପଟ ସେପଟ ଭ୍ରମଣ କରୁଛନ୍ତି। ଏପରି ପରିସ୍ଥିତିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ" ପକ୍ଷରୁ ଚାଲିଥିବା "ଗ୍ରୀନ୍ ମେମୋରୀ କ୍ୟାମ୍ପେନ୍" ପକ୍ଷୀ ସଂରକ୍ଷଣ କ୍ଷେତ୍ରରେ ଏକ ପ୍ରଶଂସନୀୟ ଓ ମାନବିକ ପଦକ୍ଷେପ ଭାବେ ସାମ୍ନାକୁ ଆସିଛି।

ଅନୁଷ୍ଠାନର କର୍ମଚାରୀ, ସ୍ୱେଚ୍ଛାସେବୀ, କ୍ୟାଡର, ଗ୍ରାମ୍ୟ ସ୍ତରୀୟ ସଂଗଠନ ଏବଂ ଗୋଷ୍ଠୀର ସକ୍ରିୟ ସହଯୋଗରେ ସୁନ୍ଦରଗଡ଼ ଜିଲ୍ଲା ସମେତ ଝାରସୁଗୁଡ଼ା, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ସୋନପୁର ଓ ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏ ପର୍ଯ୍ୟନ୍ତ ମୋଟ ୧୪୫୬ଟି ଜଳପାତ୍ର ସ୍ଥାପନ କରାଯାଇଛି। ଗାଁ, ବିଦ୍ୟାଳୟ, ଅନୁଷ୍ଠାନ, ସାର୍ବଜନିକ ସ୍ଥାନ, ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ଓ ପକ୍ଷୀଙ୍କ ଆଗମନ ଅଧିକ ଥିବା ସ୍ଥାନ ଗୁଡ଼ିକରେ ଏହି ଜଳପାତ୍ରଗୁଡ଼ିକ ରଖାଯାଇଛି। ଏହି ଅଭିଯାନ କେବଳ ପକ୍ଷୀମାନଙ୍କୁ ପାଣି ଯୋଗାଇବାରେ ସୀମିତ ନୁହେଁ, ବରଂ ପରିବେଶ ସଂରକ୍ଷଣ, ଜୈବ ବିବିଧତାର ସୁରକ୍ଷା ଓ ବନ୍ୟଜୀବ ଙ୍କ ପ୍ରତି ମାନବୀୟ ସମ୍ବେଦନଶୀଳତା ସୃଷ୍ଟି କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ। ଅଭିଯାନ ମାଧ୍ୟମରେ ହଜାର ହଜାର ଲୋକଙ୍କ ମଧ୍ୟରେ ଏହି ସଚେତନତା ସୃଷ୍ଟି ହୋଇଛି ଯେ, ଘର ବାହାରେ ଏକ ଛୋଟ ଜଳପାତ୍ର ରଖିବା ମଧ୍ୟ ଅନେକ ନିରୀହ ପକ୍ଷୀଙ୍କ ଜୀବନ ବଞ୍ଚାଇପାରେ। ଗ୍ରୀଷ୍ମ ଋତୁରେ ଯେତେବେଳେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରହୁଛି, ସେତେବେଳେ ଜଳର ଅଭାବ ପକ୍ଷୀମାନଙ୍କ ପାଇଁ ବଡ଼ ବିପଦ ସୃଷ୍ଟି କରେ। ଅନେକ ସମୟରେ ପାଣି ଅଭାବରୁ ପକ୍ଷୀମାନଙ୍କ ମୃତ୍ୟୁ ମଧ୍ୟ ଘଟୁଥିବା ଦେଖାଯାଏ। ଏଭଳି ସମୟରେ "ଗ୍ରୀନ୍ ମେମୋରୀ କ୍ୟାମ୍ପେନ୍"ର ଏହି ଅଭିନବ ପ୍ରୟାସ ପକ୍ଷୀମାନଙ୍କ ପାଇଁ ଜୀବନଦାୟୀ ସାବ୍ୟସ୍ତ ହୋଇଛି। ଅଭିଯାନର ଆଉ ଏକ ବିଶେଷତା ହେଉଛି ଗୋଷ୍ଠୀ ସମୁଦାୟର ସକ୍ରିୟ ଅଂଶଗ୍ରହଣ। ବହୁ ସ୍ଥାନରେ ସ୍ଥାନୀୟ ଯୁବକ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଛାତ୍ରଛାତ୍ରୀ ଓ ପରିବେଶପ୍ରେମୀମାନେ ସ୍ୱତଃପ୍ରବୃତ୍ତ ଭାବେ ଜଳପାତ୍ରରେ ନିୟମିତ ପାଣି ଭରିବା ଓ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛନ୍ତି।

## ବିଜେପିର ମାସିକ ବୃତ୍ତ ବୈଠକ ଅନୁଷ୍ଠିତ



ସୁନ୍ଦରଗଡ଼,୨।୬ (ସଂଚାର ବ୍ୟୁରୋ): ଭାରତୀୟ ଜନତା ପାର୍ଟି, ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲାର ମାସିକ ବୃତ୍ତ ବୈଠକ ଜିଲ୍ଲା ସଭାପତି ଗିରିଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଭାଜପା ଜିଲ୍ଲା କାର୍ଯ୍ୟାଳୟ, ଭୋଜପୁରଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ, ଆଗାମୀ କାର୍ଯ୍ୟପନ୍ଥା ଏବଂ ନିର୍ବାଚନୀ ପ୍ରସ୍ତୁତିକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

ବୈଠକରେ ଜିଲ୍ଲା ପ୍ରଭାରୀ ରାମଚନ୍ଦ୍ର ହାଁସଦା, ଜିଲ୍ଲା ସଭାପତି ଗିରିଶ ଚନ୍ଦ୍ର ସାହୁ ଏବଂ ପୂର୍ବତନ ଜିଲ୍ଲା ସଭାପତି ତଥା ରାଉରକେଲା ସାଙ୍ଗଠନିକ ଜିଲ୍ଲା ପ୍ରଭାରୀ ବଟକିଶୋର ମିଶ୍ର ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ୧୨ ବର୍ଷର ସଫଳତା ଏବଂ ରାଜ୍ୟ ସରକାରଙ୍କ ୨ ବର୍ଷର ବିକାଶମୂଳକ କାର୍ଯ୍ୟକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଆୟୋଜିତ ହେବାକୁ ଥିବା ବିଭିନ୍ନ ଜନସମ୍ପର୍କ କାର୍ଯ୍ୟକ୍ରମ ଓ ସାଙ୍ଗଠନିକ ଅଭିଯାନ ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

ବୈଠକରେ ପୂର୍ବତନ ସୁନ୍ଦରଗଡ଼ ବିଧାୟିକା, ରାଜ୍ୟ ଉପସଭାନେତ୍ରୀ ତଥା ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀର ବିଏଲଏ୧ ସଂଯୋଜିକା କୁସୁମ ଟେଟେ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି ତଥା ରାଜଗଙ୍ଗପୁର ନିର୍ବାଚନମଣ୍ଡଳୀର ବିଏଲଏ୧ ସଂଯୋଜକ କୁଳଦୀପ ସିଂହ, ଜିଲ୍ଲା ସାଧାରଣ ସମ୍ପାଦକ ତଥା ତଳସରା ନିର୍ବାଚନମଣ୍ଡଳୀର ବିଏଲଏ୧ ସଂଯୋଜକ ଅମୀର ନାଏକ ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ତଥା ଏସଆଇଆର ଟୋଲୀର ଜିଲ୍ଲା ସଂଯୋଜକ ସୁରେନ୍ଦ୍ର ଦେହୁରୀ ଭୋଟର ତାଲିକାର ସଠିକତା, ବୁଥ୍ ସ୍ତରର ସାଙ୍ଗଠନିକ ସମନ୍ୱୟ ଓ ସ୍ୱତନ୍ତ୍ର ସଂଘନ ସଂଶୋଧନ (ଏସଆଇଆର) କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ବିସ୍ତୃତ ଆଲୋଚନା କରିଥିଲେ।

ବକ୍ତାମାନେ ମତ ପ୍ରକାଶ କରିଥିଲେ ଯେ, ଦଳର ଶକ୍ତି ବୁଥ୍ ସ୍ତରର କାର୍ଯ୍ୟକର୍ତ୍ତାଙ୍କ ନିଷ୍ଠା ଓ ସକ୍ରିୟତା ଉପରେ ନିର୍ଭରଶୀଳ। ତେଣୁ ପ୍ରତ୍ୟେକ ବୁଥ୍‌ରେ ସଂଗଠନକୁ ଅଧିକ ସୁଦୃଢ଼ କରିବା, ନୂତନ ଭୋଟରଙ୍କୁ ଯୋଡ଼ିବା ଏବଂ ଭୋଟର ତାଲିକାର ତ୍ରୁଟି ସଂଶୋଧନ କାର୍ଯ୍ୟକୁ ପ୍ରାଥମିକତା ଦେବାକୁ ଆହ୍ୱାନ ଦିଆଯାଇଥିଲା। ଏହାସହ ଆଗାମୀ ଦିନରେ ଦଳର ବିଭିନ୍ନ ସାଙ୍ଗଠନିକ, ସେବାମୂଳକ ଓ ଜନଜାଗରଣ କାର୍ଯ୍ୟକ୍ରମକୁ ସଫଳ ରୂପେ କାର୍ଯ୍ୟକାରୀ କରିବା ପାଇଁ ଏକ ସୁସଂଗଠିତ ଓ ସୁସ୍ପଷ୍ଟ କାର୍ଯ୍ୟଯୋଜନା ପ୍ରସ୍ତୁତି ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା।

## ବ୍ଲକ୍‌ସ୍ତରୀୟ ବ୍ରାହ୍ମଣ ମହାସଙ୍ଘର ବୈଠକ



କେନ୍ଦ୍ରାପଡ଼ା,୨।୬ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲା ବ୍ରାହ୍ମଣ ମହାସଂଘର କେନ୍ଦ୍ରାପଡା ବ୍ଲକସ୍ତରୀୟ ଆଳିକ ବ୍ରାହ୍ମଣ ମହାସଙ୍ଘ ବୈଠକ କଂସାର ପଂଚାୟତ କାର୍ଯ୍ୟାଳୟ ନିକଟସ୍ଥ ଶ୍ରୀରାମ ମନ୍ଦିର ପରିସରରେ ଜିଲ୍ଲା ସଭାପତି ମାନସଭୂଷଣ ପଣ୍ଡିତ ହୃଷୀକେଶ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ପଣ୍ଡିତ ଦୁର୍ଗାପ୍ରସାଦ ତ୍ରିପାଠୀ ବେଦପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓସ୍ତପୁର, କଂସାର, ପୁରୁଷୋତ୍ତମପୁର, ଆୟବା ପ୍ରଭୃତି ପାୟତ ଗୁଡିକରୁ ରବୀନ୍ଦ୍ର ମୋହନ ପଣ୍ଡା, ଭାଗିରଥୀ ପଣ୍ଡା, ଦାମୋଦର ପଣ୍ଡା, କମଳେଶ ପଣ୍ଡା, ଭୁବନମୋହନ କର, ଲକ୍ଷ୍ମୀକାନ୍ତ ଦାଶ ପ୍ରମୁଖଙ୍କ ସମେତ ଜିଲ୍ଲା ଯୁବବାହିନୀ ସମ୍ପାଦକ ଜିତେନ୍ଦ୍ର କୁମାର ଦାଶ, ବ୍ଲକ ସଭାପତି ଜଗବନ୍ଧୁ କର, ଅକ୍ଷୟ କୁମାର ପତି, ପ୍ରଦୀପ କୁମାର ତ୍ରିପାଠୀ, ଧନେଶ୍ୱର ତ୍ରିପାଠୀ ପ୍ରମୁଖ ଯୋଗଦେଇ ବ୍ରାହ୍ମଣ ମହାସଂଘର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ଜିଲ୍ଲା ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି ଯୋଗଦେଇ ବୈଦିକ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ମାନବ ସମାଜକୁ ବ୍ରାହ୍ମଣମାନଙ୍କ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ । ଉପରୋକ୍ତ ୪ଟି ପାୟତର ଆଳିକ ସ୍ତରୀୟ ସଂଯୋଜକ ଭାବେ ଦୀପକ କୁମାର ପାଢୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଜିଲ୍ଲା ସଂଗଠନ ସମ୍ପାଦକ ପଣ୍ଡିତ ତପନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମାଜସେବୀ ଶିବ ବିଶ୍ୱାଳଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୨।୬ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ତରଡ଼ିପାଳ ପଂଚାୟତ ତରଡ଼ିପାଳ ଗ୍ରାମର ବିଶିଷ୍ଟ ସମାଜସେୱୀ ସ୍ୱର୍ଗତ ଭିକାରୀ ଚରଣ ବିଶ୍ୱାଳଙ୍କ ସାନଭାଇ ଶିବ ଚରଣ ବିଶ୍ୱାଳ(୯୧) ଙ୍କର ପରଲୋକ ହୋଇଯାଇଛି। ସେ ଗତ କିଛିଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ । ତାଙ୍କ ମର ଶରୀର ଭୁବନେଶ୍ୱରରୁ ଗ୍ରାମକୁ ଆସିବା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ଶିଳ୍ପଦ୍ୟୋଗୀ ଇଂ ସରୋଜ ବିଶ୍ୱାଳ, ଜଳସେଚନ ବିଭାଗ ପ୍ରାକ୍ତନ ଯନ୍ତ୍ରୀ ଇଂ ଗଗନ କୁମାର ବିଶ୍ୱାଳ, ଶିକ୍ଷା ବିତ ଅରୂପାନନ୍ଦ ବିଶ୍ୱାଳ ସୁଶୀଲ ବିଶ୍ୱାଳ,ଅଜିତ ବିଶ୍ୱାଳ ସଚ୍ଚିଦାନନ୍ଦ ବିଶ୍ୱାଳ ବିଶ୍ୱାଳ,ଦେବାଶିଷ ବିଶ୍ୱାଳ, ସୁଭାଶିଷ ବିଶ୍ୱାଳ, ଅଜିତ ବିଶ୍ୱାଳ, ରାଜେଶ ବିଶ୍ୱାଳ ପ୍ରମୁଖ ଶବ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଗାଁ ସ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି । ପୁତ୍ର ମନୋରଞ୍ଜନ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପ୍ରଫେସର ନିର୍ମଳ ଚନ୍ଦ୍ର ବିଶ୍ୱାଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ମାନସ ରଞ୍ଜନ ସାମଲ ଡ଼ଃ ସୁନୀଲ ପ୍ରଧାନ,ଯୁବନେତା ମଣ୍ଟୁ ସ୍ୱାଇଁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।

## ମନ ମୋହୁଛି କେମିକାଲ୍ ମୁକ୍ତ ଆମ୍ବ ବଜାର




ମାଲକାନାଗିରି,୨।୬ (ସଂଚାର ବ୍ୟୁରୋ): ମାଲକାନଗିରି ସହରର ପୁରୁଣା ମେଡିକାଲ ପଡ଼ିଆରେ ୨ଦିନ ଧରି ଆରମ୍ଭ ହୋଇଥିବା ଆମ୍ବ ମେଳା ଏବେ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଜିଲ୍ଲା ପ୍ରଶାସନ ଓ ଓର୍ମାସ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମେଳା କେବଳ ସୁଆଦିଆ ଆମ୍ବ ବିକ୍ରିର ମଞ୍ଚ ନୁହେଁ, ବରଂ ଜିଲ୍ଲାର ଆଦିବାସୀ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସ୍ୱାବଲମ୍ବନର ଏକ ସଫଳ କାହାଣୀ ହୋଇ ଉଭା ହୋଇଛି।

ଗତ ୩୦ ମେରୁ ଆରମ୍ଭ ହୋଇଥିବା ଏହି ମେଳା ଆସନ୍ତା ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାକୁ ଉଦଘାଟନ କରି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ କହିଥିଲେ ଯେ, ମାଲକାନଗିରିର ପ୍ରାକୃତିକ ପରିବେଶରେ ଉତ୍ପାଦିତ ଆମ୍ବର ଚାହିଦା ବେଶ୍ ଅଧିକ। ଏହି ମେଳା ମାଧ୍ୟମରେ ସ୍ଥାନୀୟ ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦର ଯଥାର୍ଥ ମୂଲ୍ୟ ମିଳିବା ସହ ସିଧାସଳଖ ବଜାର ସହ ଯୋଡ଼ି ହେବାର ସୁଯୋଗ ମିଳୁଛି।

ଜିଲ୍ଲା ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ କହିଛନ୍ତି ଯେ, ଏହି ମେଳା ଗ୍ରାମୀଣ ମହିଳା ଓ ଚାଷୀଙ୍କ ପରିଶ୍ରମକୁ ସମ୍ମାନ ଦେବାର ଏକ ସୁନ୍ଦର ପ୍ରୟାସ। ବୈଜ୍ଞାନିକ ପ୍ରଣାଳୀରେ ଆମ୍ବ ପଚାଇ ଗ୍ରାହକଙ୍କୁ ବିଶୁଦ୍ଧ ଓ ସୁସ୍ଥ ଫଳ ଯୋଗାଇବାରେ ଓର୍ମାସ୍ ଏବଂ ଚାଷୀମାନଙ୍କ ଭୂମିକା ପ୍ରଶଂସନୀୟ ବୋଲି ସେ ମତ ରଖିଥିଲେ।

ଏହି ମେଳାରେ 'ମଲ୍ଲୀକେଶ୍ୱର' ଓ 'ଗ୍ରାମଦେବୀ' କୃଷକ ଉତ୍ପାଦକ ସଂଗଠନର ଚାଷୀମାନେ ନିଜ ବଗିଚାରୁ ସଂଗ୍ରହ କରାଯାଇଥିବା ଆମ୍ରପାଲୀ, ବାଇଗଣପାଲୀ, ଟୋଟାପୁରୀ, ଜାମକୋଳି, ଦାଶରୀ ଓ ମଲ୍ଲିକା ଭଳି ବିଭିନ୍ନ କିସମର ଆମ୍ବ ବିକ୍ରି ପାଇଁ ଆଣିଛନ୍ତି। ଫଳରେ ଦଲାଲଙ୍କ ହସ୍ତକ୍ଷେପ କମିବା ସହ ଚାଷୀମାନେ ସିଧାସଳଖ ଲାଭବାନ ହେଉଛନ୍ତି।

ମେଳାର ଆଉ ଏକ ବିଶେଷ ଆକର୍ଷଣ ହେଉଛି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ଆମ୍ବ ପଣା ଓ ମ୍ୟାଙ୍ଗୋ ସେକ୍। ଗ୍ରୀଷ୍ମ ଋତୁରେ ଏହି ସ୍ୱାଦିଷ୍ଟ ପାନୀୟ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରୁଥିବା ବେଳେ ମହିଳାମାନଙ୍କ ପାଇଁ ଏହା ଏକ ନୂତନ ରୋଜଗାର ଓ ସ୍ୱାବଲମ୍ବନର ମାଧ୍ୟମ ପାଲଟିଛି।

ଓର୍ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱସ୍ତିକା ପ୍ରଧାନଙ୍କ ତତ୍ତ୍ୱାବଧାନରେ ମେଳା ପରିଚାଳିତ ହେଉଥିବା ବେଳେ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଏହାକୁ ସଫଳ କରିବାରେ ସହଯୋଗ କରୁଛନ୍ତି।

ଜିଲ୍ଲା ପ୍ରଶାସନ ପକ୍ଷରୁ ମାଲକାନଗିରିବାସୀଙ୍କୁ କେମିକାଲ୍ ମୁକ୍ତ, ବିଶୁଦ୍ଧ ଓ ସ୍ୱାଦିଷ୍ଟ ଆମ୍ବ କିଣିବା ସହ ସ୍ଥାନୀୟ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଆହ୍ୱାନ କରାଯାଇଛି।

### ଅଡଙ୍ଗ ପ୍ରିମିୟର ଲିଗ୍ ସିଜନ-୩ ଉଦ୍‌ଯାପିତ

## ଯୁବଶକ୍ତି, ଏକତା ଓ କ୍ରୀଡ଼ା ଉତ୍ସାହର ଅନନ୍ୟ ଉଦାହରଣ



ଯାଜପୁର ଟାଉନ,୨।୬ (ସଂଚାର ବ୍ୟୁରୋ): ଯାଜପୁର ବ୍ଲକ ଅନ୍ତର୍ଗତ ଖଇରାବାଦ ଗ୍ରାମ ପଞ୍ଚାୟତର ଅଡଙ୍ଗ ଗ୍ରାମରେ ଆୟୋଜିତ (ଏସିସି) ଅଡଙ୍ଗ ପ୍ରିମିୟର ଲିଗ୍ ସିଜନ-୩, ୨୦୨୬ର ଫାଇନାଲ୍ ମ୍ୟାଚ୍ ଏକ ଜାକଜମକପୂର୍ଣ୍ଣ ଓ ରୋମାଞ୍ଚଭରା ପରିବେଶ ମଧ୍ୟରେ ସଫଳତାର ସହ ସମାପ୍ତ ହୋଇଛି। ଗ୍ରାମାଞ୍ଚଳର କ୍ରୀଡ଼ାପ୍ରେମୀଙ୍କ ଉତ୍ସାହ, ଖେଳାଳିଙ୍କ ଅଦମ୍ୟ ପ୍ରଦର୍ଶନ ଏବଂ ଆୟୋଜକଙ୍କ ସୂଚାରୁ ପରିଚାଳନା ଏହି ଟୁର୍ଣ୍ଣାମେଣ୍ଟକୁ ଏକ ସ୍ମରଣୀୟ ଅଧ୍ୟାୟରେ ପରିଣତ କରିଛି। ଗ୍ରାମୀଣ ଅଞ୍ଚଳରେ କ୍ରିକେଟ୍ ପ୍ରତି ବଢ଼ୁଥିବା ଆକର୍ଷଣ ଓ ଯୁବଶକ୍ତିର ସକାରାତ୍ମକ ଉଦ୍ୟମର ଏକ ଉଜ୍ଜ୍ୱଳ ଉଦାହରଣ ଭାବେ ଏହି ଲିଗ୍ ନିଜସ୍ୱ ପରିଚୟ ସୃଷ୍ଟି କରିଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏହି ଟୁର୍ଣ୍ଣାମେଣ୍ଟ ଅଞ୍ଚଳରେ କ୍ରୀଡ଼ା ଉତ୍ସବର ପରିବେଶ ସୃଷ୍ଟି କରିଥିଲା।

ଫାଇନାଲ୍ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ସଂଗ୍ରାମ କେଶରୀ ପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସେହିପରି ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଅବିନାଶ ନାୟକ, କମଳାକାନ୍ତ ବେହୁରିଆ ଏବଂ ଯାଜପୁର ସାଂସଦଙ୍କ ପ୍ରତିନିଧି ମାନସ ରଞ୍ଜନ ତ୍ରିପାଠୀ,ଯୁବ ସମାଜସେବୀ ଇଫତେଖାର ଆଲମ ଖାନ ଉପସ୍ଥିତ ରହି ଆୟୋଜକ ଓ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଚଳିତ ସଂସ୍କରଣରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଯାଜପୁର ରୋଡ଼, ଯାଜପୁର ସଦର, ବରୀ, ବିଞ୍ଝାରପୁର, ଯାଜପୁର, ଅଙ୍ଗୁଲା, ଚଇନିପୁର, ବାହାବଳପୁର ସମେତ ବିଭିନ୍ନ ଅଞ୍ଚଳରୁ ଆସିଥିବା ଦଳମାନେ ନିଜ ନିଜର ଦକ୍ଷତା ଓ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ଦର୍ଶକଙ୍କ ହୃଦୟ ଜିତିଥିଲେ। ଫାଇନାଲ୍ ମୁକାବିଲା ଦେଖିବା ପାଇଁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା।

ଏହି ଅବସରରେ ଅତିଥିମାନେ ନିଜ ଅଭିଭାଷଣରେ କହିଥିଲେ ଯେ, "ଖେଳ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ଶୃଙ୍ଖଳା, ଏକତା, ନେତୃତ୍ୱ, ଆତ୍ମବିଶ୍ୱାସ ଓ ଯୁବଶକ୍ତିର ପ୍ରତୀକ।" କ୍ରୀଡ଼ା ଯୁବପିଢ଼ୀଙ୍କୁ ନିଶା, ଅସାମାଜିକ କାର୍ଯ୍ୟକଳାପ ଓ ଅବକ୍ଷୟରୁ ଦୂରେଇ ସୁସ୍ଥ ଜୀବନଶୈଳୀ ପ୍ରତି ଆକର୍ଷିତ କରିଥାଏ। ଏହା ଅଞ୍ଚଳର ଯୁବପିଢ଼ୀଙ୍କ ପ୍ରତିଭା ବିକାଶ, ସାମାଜିକ ସମ୍ପ୍ରୀତି ଓ ଏକତାର ଏକ ବଡ଼ ମଞ୍ଚରେ ପରିଣତ ହୋଇଛି। ଏଭଳି ପ୍ରୟାସ ଆଗାମୀ ଦିନରେ ଅଞ୍ଚଳରୁ ନୂତନ କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବା ସହ ଜିଲ୍ଲା ଓ ରାଜ୍ୟସ୍ତରରେ ଅଡଙ୍ଗର ପରିଚୟକୁ ଆହୁରି ସୁଦୃଢ଼ କରିବ ବୋଲି ମତ ପ୍ରକାଶ ପାଇଛି।

ଶେଷରେ, ଏହି ସଫଳ ଆୟୋଜନ ପାଇଁ ଆଜାଦ କ୍ରିକେଟ୍ କ୍ଲବ୍, ଅଡଙ୍ଗର ସମସ୍ତ ସଦସ୍ୟ, ଆୟୋଜକ, ସହଯୋଗୀ, ପୃଷ୍ଠପୋଷକ ଓ କ୍ରୀଡ଼ାପ୍ରେମୀଙ୍କୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ।

## କ୍ଷେତ ବଞ୍ଚାଅ ଅଭିଯାନ ଉପରେ କୃଷକ ପ୍ରଶିକ୍ଷଣ ଶିବିର




ଢେଙ୍କାନାଳ,୨।୬ (ସଂଚାର ବ୍ୟୁରୋ): ଓଡାପଡା ବ୍ଲକ୍ ଅନ୍ତର୍ଗତ ସଦାଶିବପୁର ପଂଚାୟତର ବଉଳପୁର ଗ୍ରାମରେ ଏକ କ୍ଷେତ ବଂଚାଅ ଅଭିଯାନ ଉପରେ କୃଷକ ପ୍ରଶିକ୍ଷଣ ଶିବିର କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଓ ଭଉଣୀମାନେ ପ୍ରଶିକ୍ଷଣ ନେଇଥିଲେ। ଗବେଷଣା ଅନୁଷ୍ଠାନ ତରଫରୁ ଡଃ ସୁଶାନ୍ତ କୁମାର ଦାଶ, ଡଃ ସୁଶାନ୍ତ କୁମାର ନାୟକ, ଡଃ ସୁଧାମୟ ମଣ୍ଡଳ ପ୍ରଧାନ ବୈଜ୍ଞାନିକଗଣ ସନ୍ତୁଳିତ ତଥା ଜୈବସାର ବ୍ୟବହାର କରି ଜଳବାୟୁ ପରିବର୍ତ୍ତନ ସହନଶୀଳ କିସମର ଧାନଚାଷ ଗୁଡିକ ଉପରେ ଆଲୋକପାତ କରିଥିଲେ ।

ଡଃ ନାୟକ ସି.ଆର୍.ଆର୍.ଆଇ ଉଦ୍ଭାବିତ ଏଣ୍ଡୋ-ଏନ୍ ଓ ଏଣ୍ଡୋ-ଏନ୍.ପି.କେ ର ବ୍ୟବହାର ଉପରେ ବିସ୍ତୃତ ଭାବରେ ବୁଝାଇ କହିଲେ, ଯେଉଁଥିରେ ପ୍ରାୟ ୨୫% ଯବକ୍ଷାରଯାନ ଓ ଫସ୍‌ଫରସ୍ ତଥା ପଟାସ୍ ବ୍ୟବହାର କମ୍ କରାଯାଇପାରିବ । ସେହିଭଳି ଧଣିଚା, ଜିଆଖତ, ଆଜୋଲା ଓ ନିଳହରିତ ଶୈବାଳ କିଭଳି ଭାବରେ ୨୫% ରାସାୟନିକ ଯବକ୍ଷାରଯାନର ହ୍ରାସ କରାଯାଇପାରିବ, ତା ଉପରେ ମଧ୍ୟ ଆଲୋଚନା କଲେ । ଏତଦ୍ ବ୍ୟତୀତ ଡଃ ସୁଧାମୟ ମଣ୍ଡଳ ଧାନର ରୋଗ ଓ ପୋକର ନିରାକରଣ ବିଷୟରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ଜୀବାଣୁ କଲ୍‌ଚର 'ଟ୍ରାଇକୋଡରମା' କିଭଳି ଭାବରେ ଧାନ ଫସଲରେ ଅଧିକା ପିଲ୍ ଦିଏ ଓ ଅଧିକା ପତ୍ର ହୁଏ ଏବଂ ତାହା ଯୋଗୁ ଅଧିକ ଅମଳ ହେବା ସଙ୍ଗେ ସଙ୍ଗେ ରୋଗ ଓ ପୋକ ଠାରୁ ସୁରକ୍ଷା ପ୍ରଦାନ କରେ, ସେ ବିଷୟରେ ବୁଝାଇ କହିଲେ। ଡଃ ସୁଶାନ୍ତ ଦାଶ ଚାଷୀମାନଙ୍କୁ ଜଳବାୟୁ ପରିବର୍ତ୍ତନ ପ୍ରତିରୋଧ ବିହନ କେତେ ପରିମାଣର ବଢ଼ି ଓ ମରୁଡ଼ି ସହନ କରିପାରିବ ତାହା ଚାଷୀମାନଙ୍କୁ ବୁଝାଇ କହିଲେ।



# ମଉଳା ମାଳତୀ

## ଡମ୍ବରୁଧର ଘଣା



ଏଇ କେଇ ମାସ ତଳର କଥା। ଗାଁକୁ ଆସିଥାଏ। ବଗିଚାରେ କିଛି କାମ ଥାଏ। ସେଦିନ କାମ ସରିବା ବେଳକୁ ସଞ୍ଜ ନଇଁ ଆସିଥିଲା। ସମୟ ମୁହଁ ସଞ୍ଜା ସଙ୍ଗରେ ଥାଏ ଗାଁର ତୁଷାର। ସମ୍ପର୍କରେ ସାନ ଭାଇ ହେବ। ତୁଷାର ମୋ ଉଦ୍ଦେଶ୍ୟରେ କହିଲା - ଭାଇ ! ଏ' ବୋଧେ ତୁମ ପାଖକୁ ଆସିଛି। ମୁଁ ଅନାଇ ଦେଖିଲି - ଜଣେ ମହିଳା ବଗିଚାର ଫାଟକ ପାର ହୋଇ ଭିତରକୁ ଆସୁଛି।

ଧିରେ ଧିରେ ନିକଟତର ହେଲା। ଚେହେରା, ବେଶ ଭୂଷାରୁ ଲାଗୁଥାଏ ଜଣେ ଆଦିବାସୀ ମହିଳା। ପୂର୍ବରୁ କେଉଁଠି ଦେଖିଥିବା ପରି ମନେ ହେଉଥାଏ। ତୁଷାର କହିଲା - ଏ' ଏଇ ପଡିଶା କୁଣ୍ଢେଇ ଗାଁର। ସାନ୍ତାଳ ଜାତିର।

ପାଖକୁ ଆସି ଛିଡ଼ା ହେଲା। ତା' ଆଚରଣରୁ ଲାଗୁଥାଏ ସତେ ଯେମିତି ଏ' ବଗିଚା , ବଗିଚାର ମାଲିକ ସହିତ ତା'ର ବେଶ୍ ପରିଚିତି। ଆଗରୁ ସେ ଜାଣଛି , ଚିହ୍ନଛି। ମୋର କିଛି ପଚାରିବାକୁ ଅପେକ୍ଷା ନ କରି, କହି ଚାଲିଲା - "ତୁମ ପାଖକୁ ଆସିଛି। କାଗଜ ସବୁ ଆଣିଛି। ଦେଖିଦିଅ। କୋଡିଏ ହଜାର ଟଙ୍କା ଭତ୍ତାଟା କରାଇ ଦିଅ। ବୁଝିଲି-ସେ ଜାତୀୟ ପରିବାର ସହାୟତା ଯୋଜନା କଥା କହୁଥାଏ। ମୁଁ କହିଲି - " ମୁଁ ଲେଖି ପାରିବି। ତୁମ ପାଇଁ ଲଢିବି। ସରକାର ଦେବେ କି ନାହିଁ, ମୁଁ କେମିତି କହିବି? " ସଙ୍ଗେ ସଙ୍ଗେ ସେ କହି ଉଠିଲା - " ତୁମେ ଲେଖିଦେଲେ ଭତ୍ତା ମିଳିଯାଏ। ଆମ ଗାଁର କେତେ ଲୋକ ଏମିତି ପାଇଛନ୍ତି। ଖାଲି ଆମ ଗାଁ କି , ଆଖ ପାଖ ଗାଁର କେତେ ଲୋକ ପାଇଛନ୍ତି। ବହୁତ ଚେଷ୍ଟା କରିବି ଆଗରୁ ପାଇନଥିଲେ। ତୁମେ ଲେଖି ଦିଅ ତା ଦେଖିବ ହେଇଯିବ। "

ମନେପଡ଼ିଲା। ଏ ମାଳତୀ ମାଝି। ବିଧବା। ୨୦୧୪ ମସିହାରୁ ସେ ତା' ସ୍ୱାମୀକୁ ହରାଇଛି। ଚାଷ ବୋଲି କିଛି ନାହିଁ। ପର ଘରେ ମଜୁରୀ କରି ପରିବାର ପାଳେ। ବିଧବା ଭତ୍ତାଟା ଯେ ତା'ର ହକ୍ , ଏ କଥା କେହି ତାକୁ କହି ନାହାଁନ୍ତି। କେହି ଏହା ଦେଲେ ନାହିଁ। ୨୦୨୨ ମସିହାରେ ମୁଁ ତା'ର ବିଧବା ଭତ୍ତା ମଞ୍ଜୁର କରାଇ ଦେଇଥିଲି। ଅଫିସ୍ ଆଦେଶନାମା ପ୍ରକାଶ ପାଇଲା। ମୁଁ ଖୁସି ହେଇଥିଲି ସେଦିନ। କିନ୍ତୁ, ଦୁଃଖ ଓ ପରିତାପର ବିଷୟ, ଏ ଅଫିସ୍ ଆଦେଶନାମା ବାହାରିବାର ଆଠ ମାସ ପର୍ଯ୍ୟନ୍ତ ତାକୁ ଭତ୍ତା ମିଳିଲା ନାହିଁ। ମାଳତୀ ମୋତେ ଆଉଥରେ ଭେଟି କହିଲା - " ଅନ୍ୟମାନେ ଭତ୍ତା ପାଇଲେଣି। ମୋର କି ପାଇଁ ଆସୁ ନାହିଁ" ମୁଁ ଆଶ୍ଚର୍ଯ୍ୟ ହେଲି। ପରଦିନ ଯାଇ ସମ୍ପୃକ୍ତ ଉପ ଜିଲ୍ଲାପାଳଙ୍କୁ ଭେଟି ଏ' କଥା ଜଣାଇଲି। ତାଙ୍କ ଦସ୍ତଖତରେ ପ୍ରକାଶିତ ଆଦେଶନାମା ଦେଖାଇଲି। ସେ ବି ଆଶ୍ଚର୍ଯ୍ୟ ହେଲେ। ସମ୍ପୃକ୍ତ ବ୍ଲକ୍ ଅଧିକାରୀଙ୍କ ସହିତ ଆଲୋଚନା କଲେ। ସେହିଦିନ ରାତିରେ ପଞ୍ଚାୟତ ଅଧିକାରୀ ନେଇ ପୁରା ଆଠ ମାସର ଭତ୍ତା ଚାରି ହଜାର ଟଙ୍କା ଦେଇ ଆସିଲେ।

ତା'ର ଭାଷାରେ ଟାଣ ଥିଲା। ଭାବିଲି - ଏ ସରଳ, ଅପାଠୁଆ , ଆଦିବାସୀ ମହିଳା, ଶାସନର ଜଟିଳତା, ଅଧିକାରୀ ମାନଙ୍କ ହାକିମ ଗିରି, ଜନସେବା ଠାରୁ ଦୂରେଇ ଯାଇଥିବା ବିଧାୟକ, ସାଂସଦଙ୍କ ଉଦାସୀନତା କୁ ବୁଝିବ କେମିତି ? ଭାଷା ଅପେକ୍ଷା ମୋ ଉପରେ ତା'ର ଭରଷା ଢେର୍ ଅଧିକ ଥିଲା। ସେ ଭୋଟ ଦେଇଛି। ସାଂସଦ, ବିଧାୟକ, ସରପଞ୍ଚ ବାଛିଛି। କିନ୍ତୁ କେବେ କାହାରିକୁ ଦେଖି ନାହିଁ। ଚିହ୍ନିବା ତ ଦୂରର କଥା। ଲୋକେ କହୁଥିବାର କେବଳ ଏତିକି ଜାଣିଛି ଯେ ତା' ବିଧାୟକ ଟା ବଡ ମନ୍ତ୍ରୀ ବନି ଯାଇଛି। କିନ୍ତୁ ଏ କଥା ବି ତାକୁ ଜଣା ନାହିଁ - ବିଧାୟକଟା ବେଶି ପାରିବା ପଣିଆର , ନା ମନ୍ତ୍ରୀ !

ପୁଳାଏ କାଗଜ ମୋ ହାତକୁ ବଢାଇ ଦେଲା। ଦେଖିଲି ଜାତୀୟ ପରିବାର ସହାୟତା ଯୋଜନା ପାଇଁ ଆବଶ୍ୟକ ସବୁ କାଗଜ ଆଣିଛି। ସେସବୁ ନକଲ ଥିଲା। ଝାପସା, ଝାପସା ଲାଗୁଥାଏ। କହିଲି କାଗଜ ଠିକ୍ ଅଛି। କିନ୍ତୁ, ଏସବୁର ମୂଳ କାଗଜ ଆଣିବା। ମୁଁ ନିଜେ ଫୋଟୋ ଉଠାଇ ନେବି। କହିଲା - "ହଁ। କାଲି ଆଣିବି। କେତେବେଳେ ଆଣିବି? " ବେଳା ବେଳି ଆସିବାକୁ କହିଲି। ପରଦିନ ଅପରାହ୍ନରେ ପହଞ୍ଚି ଗଲା ସେଇ ବଗିଚାରେ। କେଡେ ତତ୍ପରା। ପର ଘରେ ମଜୁରୀ କରି ଫେରିବା ପରେ ବି ସମୟ କାଢି ଆସୁଛି ଠିକ୍ ସମୟରେ। ସଂଯୋଗ ବସତଃ ସେତେବେଳେ ବି ତୁଷାର ମୋ ପାଖରେ ଥାଏ। ଏମାନଙ୍କୁ ଦେଖି ତୁଷାର କହିଲା - କାଲି କହିଥିଲା। ଆଜି ଠିକ୍ ସମୟରେ ଆସିଗଲା। ମୂଳ କାଗଜ ସବୁର ଫୋଟୋ ଉଠାଇ ନେଲି। କହିଲି - ଏବେ ଯାଅ। ମୁଁ ଦରଖାସ୍ତ କରିଦେବି। ସେ ଚାଲିଗଲା ଢେର ସାରା ଭରଷା ନେଇ।

ପରଦିନ ଏସବୁକୁ ପଠାଇ ଦେଲି ଝିଅ ପାଖକୁ। ସେ ଦିଲ୍ଲୀରେ ରହେ। ସମୟ କାଢି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସାଇଟ୍ ରେ ଜାତୀୟ ପରିବାର ସହାୟତା ଯୋଜନାରୁ ସହାୟତା ପାଇଁ ଦରଖାସ୍ତ କରିଦେବାକୁ କହିଲି। ସମୟ କାଢି ସେ ବିଭାଗର ର ସାଇଟ୍ ରେ କାଗଜ ଭରିବା ଆରମ୍ଭ କରିଦେଲା। ସବୁ ଠିକ୍ ଠିକ୍ ଚାଲି ଥିବା ବେଳେ, ସାଇଟ୍ ଟି ଏ' ମହିଳାର ସ୍ୱର୍ଗତ ସ୍ୱାମୀ ର ମୃତ୍ୟୁ ତାରିଖକୁ ଗ୍ରହଣ କଲା ନାହିଁ। କାରଣ ଖୋଜି ବାହାର କଲୁ - ୨୦୧୬ ବର୍ଷ ପୂର୍ବର ମୃତ୍ୟୁକୁ ସାଇଟ୍ ଗ୍ରହଣ କରିବ ନାହିଁ। ଏହାହିଁ ଆଇନ୍ ବୋଲି, ପରଦିନ ସମ୍ପୃକ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କହିଲେ। ଏହାର ଅର୍ଥ - ଏ ମହିଳାଙ୍କ ଜାତୀୟ ପରିବାର ସହାୟତା ଯୋଜନାରେ ସହାୟତା ରାଶି ମଞ୍ଜୁର ହେବ ନାହିଁ।

୨୦୧୪ ରେ ମାଳତୀ ତା' ସ୍ୱାମୀକୁ ହରାଇଲା। ସେଦିନ ଦୁଇ ଝିଅ, ଗୋଟିଏ ପୁଅ କୁ ନେଇ ତା'ର ସଂସାର। ଏବେ ଝିଅ ମାନଙ୍କ ବାହାଘର ସରିଛି। ସେମାନେ ପରଘରୀ। ପୁଅ ତା' ସଂସାର ଅଲଗା କରିଛି। ମାଳତୀ ଏବେ ଏକାଟିଆ। ୨୦୨୨ ମସିହାରେ ଯେଉଁ ଭତ୍ତା କରାଇ ଦେଇଥିଲି, ସେତିକି ହିଁ ତା'ର ସମ୍ବଳ।

ମାଳତୀର ବୟସ ଆଜି ଷାଠିଏ। ପାଖରେ କେହି ନାହିଁ। ବଳ ବି ନାହିଁ ରୋଜଗାର କରିବାକୁ। ଗେରସ୍ତ ଆରପାରିକୁ ଚାଲିଗଲା। ଝିଅ ବାହା ହୋଇ ପରଘରୀ ହୋଇଗଲେ। ପୁଅ ଅଲଗା ସଂସାର କଲା। ଏ ଯୋଜନା ବାବଦରେ ତାକୁ କେହି କହିଲେ ନାହିଁ। ସେ ନିରକ୍ଷର ମହିଳା। ସେ ବି ଜାଣି ନାହିଁ। ସର୍ବାଙ୍ଗୀନ ଉନ୍ନତିର ନାରା ଦେଇ ନିର୍ବାଚନ ଜିତିଥିବା ସରପଞ୍ଚ ଟି ବି ଭୋଟ ପରେ ଆଉ ଇଆଡେ ଆସୁନାହିଁ। ବିଧାୟକ କେବେ ଆସନ୍ତି ନାହିଁ। ଏବେତ ମାନ୍ୟବର ସହଜେ ବଡ ମନ୍ତ୍ରୀ। ବଡ ବଡ କାମରେ ବ୍ୟସ୍ତ। ଏ ମଳି ମୁଣ୍ଡିଆ, ଗରିବ ଆଦିବାସୀ ଙ୍କ କଥା ବୁଝିବାକୁ ତାଙ୍କର ସମୟ ନାହିଁ !!

ଯେତେବେଳେ ମାଳତୀ ର ବୟସ ଥିଲା, ସାଥିରେ ଗେରସ୍ତ ଥିଲା। ଝିଅ ମାନେ ସାନ ଥିଲେ, ମା' ପାଖରେ ଥିଲେ। ଘର କାମରେ ସହଯୋଗ କରୁଥିଲେ। ମା' ସହିତ ଛାଇ ପରି ଥିଲେ। ପୁଅ କହୁଥାଏ - ମା' ମୁଁ ତ ଅଛି। ତୋ ସାଥିରେ ଅଛି। ମୁଁ ତୋର ସବୁ କଥା ବୁଝିବି। କିଛି ବ୍ୟସ୍ତ ହେବୁ ନାହିଁ। ପୁଅ ବଡ ହେଲା। କନିଆଁ ଆଣିଲା। ମା' କୁ ଦେଇଥିବା କଥା ଭୁଲିଗଲା। ମା' ଠୁ ଦୂରେଇ ଗଲା। ଅଲଗା ସଂସାର କଲା। ଖାଲି ପୁଅ, ଝିଅ ଦୂରେଇ ଗଲେ, ତା' ନୁହେଁ। ଶେଷରେ ସରକାର ମଧ୍ୟ ତା' ସହିତ ଛଳନା କଲେ। ଏକ ଅଭାବୀ, ଅସହାୟ, ଗରିବ ଆଦିବାସୀ ମହିଳାକୁ ତା' ହକ୍ ରୁ ବଞ୍ଚିତ କଲେ।

ମାଳତୀ ଆଜି ବୟସର ଅପରାହ୍ନରେ। ରଙ୍ଗ ହୀନ ଜୀବନ। ଭୋଗର ବାସନା ବି ହରାଇଛି। ମାଳତୀର ବଞ୍ଚିବାର ଇଚ୍ଛା ବି ଆଜି ମଉଳା। ଅଲୋଡା ପାଲଟି ଯାଇଛି। କେମିତି ଚାଲିବ ଆଗକୁ ଏତେ ସବୁ ବାଟ ? କାହା ପାଖରେ ଏହାର ଉତ୍ତର ଅଛି ?

ଭୁବନେଶ୍ୱର, ମୋବାଇଲ୍:୭୯୭୮୨୧୦୮୨୧



## ଅଂଶୁଘାତ

### ଡଃ ତାନଶ୍ରୀ ପାଣିଗ୍ରାହୀ

ବୈଶାଖ ଜ୍ୟେଷ୍ଠ ନିଦାଘ ତାତିରେ
ଧରା ହୁଏ ଦଗ୍ଧୀଭୂତ
ଅଂଶୁମାନଙ୍କର ପ୍ରଚଣ୍ଡ କିରଣେ
ହୋଇଥାଏ ଅଂଶୁଘାତ ...

ବଢ଼ି ବଢ଼ି ଯାଏ ସୂର୍ଯ୍ୟଙ୍କର ତେଜ
ଆଉ ରହି ହେଉ ନାହିଁ
ଉତ୍ତପ୍ତ ଧରଣୀ ସହି ପାରୁନାହିଁ
ଖରାର ତତଲା ଭୂଇଁ...

ଅଂଶୁଘାତ ଅଟେ ନିଷ୍ଠୁର ଦାନବ
ବୁଝେ ନାହିଁ ଧନୀ ଦୀନ
ସତର୍କ ନ ହେଲେ ନିର୍ଦ୍ଦୟରେ ସେ
ନେଇ ଯିବଟି ଜୀବନ...

ସକାଳ ଦଶରୁ ବର୍ଷୁଅଛି ଅଗ୍ନି
ରାସ୍ତାଘାଟ ଶୂନଶାନ
ଜନସାଧାରଣ ଖଟିଖିଆ ଲୋକ
ହେଉଛନ୍ତି ହଇରାଣ...

ଡହଳ ବିକଳ ସଭିଏଁ ହୁଅନ୍ତି
ଗରମ ସହି ନ ପାରି
କ୍ଷଣିକ ଭିତରେ ଚେତା ବୁଡି ଯାଏ
ଦେହ କଷ୍ଟ ହୁଏ ଭାରି...

ପ୍ରବଳ ତାତିରେ ମୁଣ୍ଡ ବିନ୍ଧା ସାଥେ
ହୁଏ କେବେ କେବେ ବାନ୍ତି
ପଣା ଘୋଳ ଦହି ପଖାଳ ତୋରାଣି
ଖାଇଲେ ମିଳିବ ଶାନ୍ତି...

ଗୁଳୁ ଗୁଳି ଆଉ ଝାଞ୍ଜି ପବନରେ
ଜଳି ଯାଏ ଦେହ ମନ
ବଣ ଜଙ୍ଗଲର ସୁରକ୍ଷା ଅଭାବେ
କମିଲାଣି ଅମ୍ଳଜାନ...

ଗଛ ଲଗାଇବା ଭାଷଣ ବାଜିରେ
କରିଛନ୍ତି ଅଣଦେଖା
ଅଂଶୁଘାତ ଆଜି ଅନ୍ଧ ମାନବକୁ
ଦେଉଅଛି ମହାଶିକ୍ଷା...

ପରିବେଶ ସଦା ସବୁଜ ରହିଲେ
ଉତ୍ତାପ ପାଇବ ହ୍ରାସ
ଅଂଶୁଘାତ ଆଉ ଆସିବନି ମାଡି
ତାର ଖେଳ ହେବ ଶେଷ ।।

ଆଚାର୍ଯ୍ୟା, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର
ବାଲିଆ, ବାଲେଶ୍ୱର
ମୋବାଇଲ୍: ୯୩୩୭୩୦୪୨୯୫



## ହରଣ

### ଡଃ ନାରାୟଣ ଚନ୍ଦ୍ର ସେନାପତି

ତୁମେ ଏମିତି ଏକ ଗାଣିତିକ ପ୍ରକ୍ରିୟା
ମହାଦ୍ରୁମ ବି ହୋଇଯାଏ ଗୁଳ୍ମ
ତୁମ କୁହୁକୀ ମନ୍ତ୍ରରେ
କେତେବେଳେ ବି କା ଦର୍ପକୁ କର ଚୂର୍ଣ୍ଣ
କାହାକୁ ସରାଗେ ଉପହାର ଦିଅ ଶୂନ୍ୟ
କାହାକୁ ବି କହିଥାଅ ତୁ ଅବିଭାଜ୍ୟ ଅମୀମାଂସିତ
ତୁମ ବିଶାଳ ମହାନତାରେ
ଆଉ ବଜ୍ର ବ୍ୟକ୍ତିତ୍ୱରେ।

ସାହିତ୍ୟ ଯେବେ ବଦଳାଇ ଦିଏ ତୁମ ସ୍ୱରୂପ
ତୁମେ ଫୁରି ଖେଳ ସମାଜର ଛାତିରେ
କେବେ ଦ୍ରୌପଦୀର କର ବସ୍ତ୍ର ହରଣ
କେବେ ତୁଳସୀ ଅହଲ୍ୟାଙ୍କ ସତୀତ୍ୱ ହରଣ
ଆଉ କେବେ ଶିଶୁପାଳକୁ ଉପହାସ କରି
କର ରୁକ୍ମିଣୀ ହରଣ
ପ୍ରଭୁଙ୍କ କର କମଳରେ।

ଯେବେ ଅର୍ଜୁନର ବଢ଼ି ଯାଇଥିଲା ଅହଙ୍କାର
ଶ୍ରୀକୃଷ୍ଣ କଳା ସହ ତୁମକୁ ଯୋଡ଼ି
କରିଥିଲେ କଳାହରଣ
ମହାଜ୍ଞାନୀ ମହାବୀର ରାବଣ ଯେବେ ସାଜିଥିଲା
ଦୁର୍ମତି
କରିଥିଲା ସୀତା ହରଣ
ଏଇ ହରଣ କାହାକୁ ଦେଇଥିଲା ଶିକ୍ଷା
ଆଉ କେବେ ନେଇଥିଲା ଜୀବନ ଭିକ୍ଷା
କରି ଅଭିନନ୍ଦନ
ପୁଣି କରି ଉଗ୍ରରୂପ ଧାରଣ।

ଆତ୍ମା ଯେବେ ପରମାତ୍ମଙ୍କୁ କରେ ସର୍ବସ୍ୱ ସମର୍ପଣ
ପ୍ରଭୁ ଆଗ୍ରହରେ କରି ନିଅନ୍ତି ହରଣ
ପାରୁଛ ଯଦି ସୁଗୁଣରେ ଭରୁନ ନିଜକୁ
ସଭିଏଁ ପାଇବେ ସୁଯୋଗ କରିବାକୁ କିଛି ହରଣ
ନିଜ ଭିତରେ ଥିବା ଷଡରିପୁକୁ କରୁନ ହରଣ
ପାଇବ ସବୁଠି ଆଦର ସମ୍ମାନ
କଦାପି ଲୋଭ ମୋହରେ କାହା ଜିନିଷ କରନା ହରଣ
ଅତିଷ୍ଟ ହୋଇ ତୁମକୁ ବି ହରଣ କରିନେବେ
ସ୍ୱୟଂ ନାରାୟଣ।

ଜମ୍ବିରା,କେନ୍ଦୁଝର






## ଖରା ଆସେ ମାଡ଼ି ମାଡ଼ି

### ଜୟଶ୍ରୀ ପଟ୍ଟନାୟକ

ସୂରୁଜ ତେଜ ତ ପ୍ରଖର ହେଲାଣି
ଖରା ଆସେ ମାଡ଼ି ମାଡ଼ି
ଗଛ ପତ୍ର ଝାଉଁଳି ଶୁଷ୍କ ଦିଶନ୍ତି
ତାପ ବଢ଼େ ଘଡ଼ି ଘଡ଼ି.. ୧
ଝାଞ୍ଜି, ଗୁଳୁ ଗୁଳି ଦିନରେ ହୁଅଇ
ଅସ୍ଥିର ଲାଗେ ଜୀବନ
ଶୁଖିଲାଣି ନଦୀ, ପୋଖରୀ, ଗାଡ଼ିଆ
ଦେହୁ ଛାଡ଼ିଯାଏ ପ୍ରାଣ.. ୨
ଅଂଶୁଘାତ ହୋଇ ନେଲାଣି ଜୀବନ
ଘରେ ରୁହ ଖରାବେଳ
ଦହି, ତୋରାଣି ଲେମ୍ବୁପାଣି ପିଇ
କାଟୁଥାଅ ଗ୍ରୀଷ୍ମକାଳ..୩
ନିଜର ସୁବିଧା ପାଇଁକି ମଣିଷ
ଜଙ୍ଗଲ କରଇ ପଦା
ନ ଥିଲେ ଜଙ୍ଗଲ ପଡ଼େନା ବରଷା
ମନେ ରଖ କଥା ସଦା.. ୪
ଯେତେ ପାର ସେତେ ଗଛକୁ ଲଗାଇ
ପରିବେଶ କର ଶାନ୍ତ
ସଚେତନ ହୁଅ, କରାଅ ସଭିଙ୍କୁ
ପାଇବ ତାପରୁ ମୁକ୍ତ.. ୫
ଗଛ ଥିଲେ ସିନା ଜୀବନ ବଞ୍ଚିବ
ପରିବେଶ ହସୁଥିବ
ନ ହେଲେ ଉତ୍ତାପ ବଢ଼ିବ ମହୀରେ
ପ୍ରାଣ କଲବଲ ହେବ... ୬
ଏ ସି, କୁଲର ଫ୍ୟାନ ଲଗାଇଲେ
ବିଜୁଳି ସଙ୍କଟ ହେବ
ଗଛ ଲଗାଇଲେ,ଛାଇ ତଳେ ବସି
ଖରାଦିନ କଟିଯିବ.. ୭
ଧରଣୀ ହୋଇଲେ ଉତ୍ତପ୍ତ ଜାଣ
ଥଳ କୂଳ ନ ମିଳିବ
ବେଳ ଥାଉଣୁ ହେଲେ ସାବଧାନ
ଦୁଃଖ ଯେତେ ଘୁଞ୍ଚିଯିବ.. ୮

ଗଙ୍ଗନଗର
ଭୁବନେଶ୍ୱର





## ଇଚ୍ଛାମତୀ

### ଡ. ଶୁଭେନ୍ଦୁ ମେହେର

ତା' ସୁନ୍ଦରତାର ଚର୍ଚ୍ଚା କରିବାପାଇଁ
ଆମ ଘର ଉପରେ
ପକ୍ଷୀ ସମୂହ ମିଟିଙ୍ଗ କରନ୍ତି ପ୍ରତ୍ୟହ !
ତା'କୁ ଦେଖିଲେ ଜହ୍ନ ଫିକା ହୁଏ
ତା' ଓଠରୁ ବାହାରୁଥିବା ମିଠାକଥାରେ
ମୋ'ର ମଧୁମେହ ଦୂରହୁଏ,
ସେ' ଓଠ ନ ଖୋଲି ଘୁଙ୍ଗା ପାହାଡକୁ
ପ୍ରେମର ଗଜଲ ଶୁଣାଇପାରେ,
ଛଳଛଳ ନଇଟିଏ ବୁହାଇ ପାରେ
ଗୋପନ ଛାତିରେ ।
ଦ୍ୱିତୀୟା ଜହ୍ନର ଭ୍ରମ ସୃଷ୍ଟି କରୁଥିବା
ଦୁଇ ଭୂଲତା ତଳେ
ଆଖି ଦୁଇ ତାର ପାଖାପାଖି ଗୋଲ,
ଓଠ ତଳ କଳାଯାଇ
କପାଳର ବିନ୍ଦିପରି ଗୋଲ ଦିଶେ,
ଡୋଳା ଦୁଇଟି ସମ୍ପୂର୍ଣ୍ଣ ଗୋଲ !
ଦେହ ଦେଉଳ ଗୋଲ
ମୁଖମଣ୍ଡଳ ଗୋଲ
କଟି, ଉରୁ, ଆଙ୍ଗୁଠି
ନଖ, ଦାନ୍ତ ସମୂହ
କେବଳ ଗୋଲ ଆଉ ଗୋଲ ।
ତା'କୁ ଦେଖିଲେ ମୋ' ଖାଣ୍ଡବ ବନ ଧ୍ୱଂସହୁଏ,
କେତେବେଳେ ବି
ମାପି ହୁଏନି ତା'ର ମନ
ଜହ୍ନପରି ଛନଛନିଆଁ ତା' ରୂପ ଆଉ ଯୌବନ,
ତା' ଦେହ ଦେଖିଲେ କଦମ୍ବିତ ହୁଏ ପ୍ରେମ ।
ଚୁମ୍ବନ ରଙ୍ଗର ଶାଢ଼ିରେ ଥାଏ ବୋଲି
ଚୁମ୍ବନ ଚୁମ୍ବନ ବାସେ ତା' ଚଉପାସ,
ଆଖିରେ ଲେଖି ହେଉନଥିବା କଥା ସବୁ
ହୃଦୟରେ ଲେଖେ ବସନ୍ତର ମଧୁର ରାସ !
ପ୍ରେମର ବଳୟ ଟାଣେ ନୀରବ ହୃଦୟରେ,
ଚଇତି ପରବରେ
ଧାଙ୍ଗଡ଼ି ନନିର ପ୍ରେମପରି
ସଲପ ନିଶାରେ ନିଶାଖୋର କରେ ।
ନୀଳ ଆକାଶରେ ସ୍ୱପ୍ନ ଦେଖାଏ
ସାତରଙ୍ଗ ନଥାଇ ବି ଇନ୍ଦ୍ରଧନୁ ଆଙ୍କେ
ତା'ର କବିତାର ପ୍ରତିଟି ପଙ୍କ୍ତିରେ,
ବନ୍ଦୀକରେ କଳ୍ପନାର ନିଛାଟିଆ ମୁହୂର୍ତ୍ତ ମାନଙ୍କୁ
ବ୍ୟସ୍ତତାର ବନ୍ଧନୀ ଭିତରୁ
ସ୍ମୃତି ସବୁ ସମାଧିସ୍ଥ କରେ କାଉଁରୀ ବିଦ୍ୟାରେ ।
ଯାତନା, ଜ୍ୱାଳା ଓ ସଂଘାତ ସବୁ ମଧୁର ହୁଏ
ତା' ପାଇଁ ମୋ' କବର ଜିଇଁ ଉଠେ,
ଖରସ୍ରୋତା ସ୍ତବ୍ଧ ହୁଏ,
ଲକ୍ଷେ ଇଚ୍ଛା ମାରି ତା' ସହ ବାଟ ଚାଲିବାର
ଗଜାଟିଏ ଗଜୁରି ଉଠେ ।
ଇଚ୍ଛାମତୀ.......
ଅଷ୍ଟରତ୍ନ ଆଭରଣ ମାଗେନି
ଅଦୃଶ୍ୟ ଘୁଙ୍ଗୁରର ତାଳେ ତାଳେ
ପାପୁଲିଏ ଆୟୁଷ ନେଇ ଉତୁରି ଆସେ
ମୋ' ସ୍ୱପ୍ନର ସହରେ ।।

ଯାଲୋଏ, ସୁବର୍ଣ୍ଣପୁର
ମୋବାଇଲ୍: ୯୯୩୮୪୩୩୬୬୪



## ସଫା କରିବା କି ମନ ମଇଳା

### ଡ଼ଃ ଅନୁପମା ବିଶ୍ୱାଳ

ମନେ ଆବିଳତା ରହିଥିବା ଯାଏଁ
ନ ଦିଶେ ଭକତି ବାଟ
ଚାଲୁଥିଲା ପଥେ ଝୁଣ୍ଟି ହେବ ପାଦ
ହେବ ଖାଲି ଛଟପଟ।
ଯା ହୃଦ ସତତ ଅଟେ ନିରିମଳ
ସତେ କି ସ୍ଫଟିକ ମଣି
ଅମା ଅନ୍ଧକାରେ ଉଜ୍ଜ୍ୱଳ ମୂର୍ତ୍ତି କି
ଦିଶେ ତା'ର ଶୋଭା ଠାଣି।
ମନରେ ମଇଳା ଅଶାନ୍ତିର ଘର
ହରାଇଦିଏ ସ୍ୱ ରୂପ
ଉପରକୁ କେବେ ଦିଶିଲେ ସୁନ୍ଦର
ଭିତରେ ପାପର ତାପ।



ବାହ୍ୟ ଆଭୂଷଣ ବରକୋଳି ସମ
କେବଳ ସେ ମନଲୋଭା
ନାରିକେଳେ ଥାଏ ବିପରୀତ ଗୁଣ
ଅନ୍ତରେ ବିକଚ ଶୋଭା।
ଶବରୀ ହୃଦୟେ ନିରିମଳ ଭକ୍ତି
ବହୁଥିଲା ନିରନ୍ତର
ପ୍ରଭୁ ରାମଙ୍କର ଲଭିଲା ଦର୍ଶନ
ଚକ୍ଷୁ ପୁଣ୍ୟ ହେଲା ତା'ର।
ଗୋଳିଆ ଜଳରେ ଦିଶେ ନାହିଁ ଦ୍ରବ୍ୟ
ଦୃଶ୍ୟ ସିନା ପରିଷ୍କାରେ
ସ୍ନେହ ପ୍ରେମ ଭାବ ବାସ୍ତବେ ପ୍ରକାଶ
ଶୁଦ୍ଧମୟ ଚରିତ୍ରରେ।
ସଫା ହୋଇଥିଲେ ମନର ମଇଳା
ପ୍ରଭୁ ହୋଇଥିବେ ସାହା
ବିପଦେ ଆପଦେ ନ ଥାଏ ଯେ ଭୟ
ମିଳୁ ଜୀବନରେ ଯାହା।

ସମ୍ବଲପୁର

## ସପନ ସୁନ୍ଦରୀ

### ସ୍ୱାଗତିକା ସାହୁ



ଫଗୁଣ ଭୋର୍‌ର ସ୍ୱପ୍ନରେ ଆସିଲା
ଚେତନାର ସ୍ରୋତସ୍ୱିନୀ
ଖିଲି ଖିଲି ହସ ସପନ ସୁନ୍ଦରୀ
ଗୋରି କଅଁଳି ଯାମିନୀ

ହାର ମନିଲାନି ସାହସ ମୋହର
ତା ପଛରେ ଧାଇଁବାକୁ
ବଞ୍ଚିବାକୁ ଲୋଡ଼େ ଆତ୍ମୀୟତା ତାର
ଉପମଶ ମିଳିବାକୁ

କ୍ୟାଲେଣ୍ଡର ନୂଆଁ ଫର୍ଦ୍ଦରେ ଯୋଡ଼ିବ
ଦର ଫୁଟା ମୃଦୁ୍ୟ ହସ
ନୂଆଁ ନୂଆଁ ପୃଷ୍ଠା ତା ପାଇଁ ଲେଖିବି
ପ୍ରତି ପୃଷ୍ଠା ରେ ତା ଶ୍ୱାସ ।

ସିନ୍ଦୂର ପିନ୍ଧାଇ ପରିଚୟ ଦେବି
ସୌଭାଗ୍ୟବତୀ କରିବି
ତା ମୁକୁଳା ଛାତି ଉପରେ ଆଉଜି
ଅଦିନେ ରଙ୍ଗ ବୋଳିବି।

ମୋ ନୀରବତାକୁ ପଢ଼ି ନିଏ ପରା
ତା ଓଠର ମଧୁ ଧାରା
ତା କୋମଳ ସ୍ପର୍ଶ ଗୋଲାପ ମହକ
କରାଏ ଯେ ଆତ୍ମହରା ।

ପାହାନ୍ତି ପ୍ରହରୁ ସଜେଇ ସେ ହୁଏ
ଶୃଙ୍ଗାର ରସରେ ଭରି
ଅତି ଚକ୍ ଚକ୍ ଦିଶଇ ସତେ ଲୋ
ତାକୁ ଦେଖି ଯାଏ ମରି ।

ଅହଂକାରର ଉଡ଼ାଣକୁ ଛାଡେ
ତୁମ ସଂରଚନା ପାଇଁ
ରାତିକୁ ଯନ୍ତ୍ରଣା ଦେଇ ବସିଥାଏ
ସଂସାର ତୋଳିବା ପାଇଁ ।

ବନ୍ଦ ଆଖିର ବି କଳ କଳ ନାଦ
ସେ ନାଦରେ ବନ୍ଦୀ ଆମେ
କେମିତି କହିବି ତୁମେ କ'ଣ ମୋର
ଅନାଦି ସ୍ପର୍ଶଟେ ତୁମେ ।

ସଂପୂର୍ଣ୍ଣତା ଲଭେ କ୍ଷଣିକ ଜୀବନ
ତା ସ୍ୱପ୍ନ ର ମଧୁ ହସ
ସକାଳ ହୋଇଲା ନିଦ୍ରା ଭଗ୍ନ ହେଲା
ଆଖି ହଳେ କଲା ରୋଷ ।

ଆଖି ମଳୁ ମଳୁ ବାସ୍ତବ ଚେହେରା
ପାସୋରିଲି ସବୁ ଶବ୍ଦ
ସପନ ବଦଳି ହୁଏ ସତ୍ୟ ପ୍ରାୟ
ପ୍ରେମରେ ଗର୍ଜେ ବଉଦ ।

ଉମରକୋଟ, ନବରଙ୍ଗପୁର

